# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୧/୨୦୨୪ (୨୦ ପୃଷ୍ଠା) | Bhubaneswar, Thursday, February 1/2024 | Page 20 | ₹ 7.00

୫୦ଶ ଭାଗ ୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 69 | ମୂଲ୍ୟ ₹୭/-







# ହେମନ୍ତଙ୍କୁ ଗିରଫ କଲା ଇଡି

ରାଞ୍ଚି,୩୧।୧

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏକ ଜମି ଦୁର୍ନୀତି ମାମଲାରେ ବୁଧବାର ୭ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଜେରା ପରେ ଗିରଫ କରିଛି। ହେମନ୍ତ ରାତିରେ ରାଜଭବନ ଯାଇ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ୍‌ଙ୍କୁ ନିଜ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ପରିବହନ ମନ୍ତ୍ରୀ ଚମ୍ପାଇ ସୋରେନ୍ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍)ର ବିଧାୟକ ଦଳ ନେତା ନିର୍ବାଚିତ ହୋଇଛନ୍ତି। ଏଥିସହ ଚମ୍ପାଇ ଝାଡ଼ଖଣ୍ଡର ଷଷ୍ଠ ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେବାକୁ ଯାଉଛନ୍ତି।

ଜମି ଡିଲ୍ ଦୁର୍ନୀତି ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ଇଡି ପକ୍ଷରୁ ୪୮ ବର୍ଷୀୟ ହେମନ୍ତ ସୋରେନ୍‌ଙ୍କୁ ଜାନୁଆରୀ ୨୦ରେ ଜେରା କରାଯାଇଥିଲା। ଏହା ପରେ ହେମନ୍ତଙ୍କ ବୟାନ ରେକର୍ଡ ପାଇଁ ଇଡି ତାଙ୍କୁ ଦଶମ ଥର ଲାଗି ସମନ କରିଥିଲା। କିନ୍ତୁ ହେମନ୍ତଙ୍କ ପତ୍ତା ନ ମିଳିବାରୁ ସୋମବାର ନୂଆଦିଲ୍ଲୀସ୍ଥିତ ତାଙ୍କ ୫/୧ ଶାନ୍ତି ନିକେତନ ବାସଭବନରେ ଇଡି ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ସେମାନେ ୩୬ ଲକ୍ଷ ଟଙ୍କା ଏବଂ ଏକ ବିଏମ୍‌ଡବ୍ଲ୍ୟୁ ଏସ୍‌ୟୁଭି ସମେତ କେତେକ ଆପତ୍ତିଜନକ ଦସ୍ତାବିଜ ଜବତ କରିଥିଲେ। ସେଠାରେ ପ୍ରାୟ



ହେମନ୍ତ ସୋରେନ୍



ଚମ୍ପାଇ ସୋରେନ୍

## ଚମ୍ପାଇ ସୋରେନ୍ ହେବେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ

୧୩ ଘଣ୍ଟା ଧରି ଅପେକ୍ଷା କରିବା ପରେ ଜେଏମ୍ଏମ୍ କାର୍ଯ୍ୟକାରୀ ସଭାପତିଙ୍କୁ ଠାବ କରାଯାଇ ପାରୁନାହିଁ ବୋଲି ମଙ୍ଗଳବାର ଇଡି ଅଧିକାରୀମାନେ କହିବାବେଳକୁ ସୋରେନ୍ ରାଞ୍ଚିସ୍ଥିତ ନିଜ ସରକାରୀ ବାସଭବନରେ ପହଞ୍ଚିଥିଲେ। ଇତିମଧ୍ୟରେ ସୋରେନ୍ ଇଡି ନିକଟକୁ ଏକ ଇ-ମେଲ୍ ପଠାଇ ରାଞ୍ଚିସ୍ଥିତ ସରକାରୀ ବାସଭବନରେ ବୁଧବାର ତାଙ୍କ ବୟାନ ରେକର୍ଡ କରାଇବା ପାଇଁ ଉଲ୍ଲେଖ କରିଥିଲେ। ସୋରେନ୍ ଚଢ଼ାଉ ପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ବରିଷ୍ଠ ☞ପୃଷ୍ଠା-୨


SIKSHA 'O' ANUSANDHAN
SAAT-2024
Empowering students for a brighter future

B.TECH PROGRAMMES IN COMPUTER SCIENCE
- Computer Science & Engineering (Artificial Intelligence & Machine Learning)
- Computer Science & Engineering (Cyber Security)
- Computer Science & Engineering (Data Science)
- Computer Science & Engineering (Internet of Things)
- Computer Science & Engineering
- Computer Science & Information Technology

APPROVAL & RECOGNITIONS
- Approved by UGC & AICTE
- Re-accredited by NAAC with A++ Grade
- Accredited by NBA
- Ranked in QS World Rankings 2024

NIRF INDIA RANKINGS 2023
- 15th Best in University Category
- 27th Best in Engineering Category

To apply for admission through SAAT, Please visit: www.soa.ac.in


# ୬ରେ ଓଡ଼ିଶା ଆସୁଛନ୍ତି ରାହୁଲ

### ୭, ୮ରେ ରାଉରକେଲା, ସୁନ୍ଦରଗଡ଼, ଝାରସୁଗୁଡ଼ାରେ କାର୍ଯ୍ୟକ୍ରମ



ଭୁବନେଶ୍ୱର,୩୧।୧(ସୁନିତ୍ ମିଶ୍ର)

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଆସନ୍ତା ୬ତାରିଖରେ ଓଡ଼ିଶାରେ ପ୍ରବେଶ କରିବ। ପୂର୍ବରୁ ରାହୁଲ ୧୪ ତାରିଖରେ ଓଡ଼ିଶାରେ ପହଞ୍ଚିବେ ବୋଲି କୁହାଯାଉଥିବାବେଳେ ଏହି କାର୍ଯ୍ୟକ୍ରମରେ ପରିବର୍ତ୍ତନ ଘଟିଥିବା ଜଣାପଡ଼ିଛି। ବୁଧବାର କଂଗ୍ରେସ ଭବନଠାରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଏବଂ ରାଜ୍ୟ ପ୍ରଭାରୀ ଅଜୟ କୁମାରଙ୍କ ନେତୃତ୍ୱରେ କେତେଜଣ ବରିଷ୍ଠ ନେତାଙ୍କୁ ନେଇ ରାହୁଲଙ୍କ ରାଜ୍ୟ ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଛି। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ପିସିସି ସଭାପତି କହିଛନ୍ତି, ବୀରମିତ୍ରପୁରଠାରେ ରାହୁଲଙ୍କୁ ସ୍ୱାଗତ କରିବା ପାଇଁ ପ୍ରଦେଶ କଂଗ୍ରେସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ରାହୁଲ ୬ରେ ବୀରମିତ୍ରପୁରଠାରେ ପହଞ୍ଚି ସେଠାରୁ ରାଉରକେଲା ଅଭିମୁଖେ ଯାତ୍ରା କରିବେ। ରାଉରକେଲାଠାରେ ସେ ସେଦିନ ରାତ୍ରିଯାପନ କରିବେ। ଏହାପରେ ୭ ତାରିଖରେ ରାଉରକେଲାରୁ ରାହୁଲଙ୍କ ନ୍ୟାୟ ଯାତ୍ରା ବାହାରି ରାଜଗାଙ୍ଗପୁର ଏବଂ ସୁନ୍ଦରଗଡ ହୋଇ ଝାରସୁଗୁଡ଼ାରେ ପହଞ୍ଚିବ। ବେଦବ୍ୟାସଠାରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ୨୦୨୪: ସମ୍ଭାବନା ନିରାଶାଜନକ







# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୧/୨୦୨୪ Bhubaneswar, Thursday, February 1/2024



DSPL-600

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର

## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୨୦୨୪

ଓଡ଼ିଆ ଭାଷା ହିଁ ଭବିଷ୍ୟତ

୩ରୁ ୫ ଫେବୃଆରୀ | ଜନତା ମଇଦାନ, ଭୁବନେଶ୍ୱର



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**

କରକମଳରେ

**ଶୁଭାରମ୍ଭ**

ଫେବୃଆରୀ ୩ ତାରିଖ, ପୂର୍ବାହ୍ନ ୧୧ଟା ୩୦
ଜନତା ମଇଦାନ, ଭୁବନେଶ୍ୱର

OIPR-15001/13/0315/2324

### ବିଶାଳ ଭାଷା ମହାକୁମ୍ଭର ଆକର୍ଷଣ

- ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ପର୍ବ
- ୫ ବରପୁତ୍ରଙ୍କ ନାମରେ ସମ୍ମିଳନୀ କକ୍ଷ
- ୧୬ଟି ବିଶେଷ ଆଲୋଚନଚକ୍ର
- ଯୋଗଦେବେ ଅନ୍ତର୍ଜାତୀୟ ଭାଷାବିତ୍
- ଶତାଧିକ ଲେଖକ-ସାହିତ୍ୟିକଙ୍କ ସମାଗମ
- ବିଶିଷ୍ଟ ସାହିତ୍ୟିକ ଓ ଲେଖକଙ୍କୁ ସମ୍ବର୍ଦ୍ଧନା
- କଳାକୃତି ଓ ଫଟୋଚିତ୍ର ପ୍ରଦର୍ଶନୀ

## ଭାଷା ଅତୀତର ଅସ୍ତିତ୍ୱ
## ଭାଷା ହିଁ ଭବିଷ୍ୟତ

www.worldodiaconference.org
wolc_2024 wolc2024 wolc2024

ଆୟୋଜକ: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୧/୨୦୨୪ Bhubaneswar, Thursday, February 1/2024

# ଫେବୃଆରୀ ସୁଦ୍ଧା ସବୁ ଜିଲାରେ ଗଡ଼ିବ 'ଲକ୍ଷ୍ମୀ'

ଭୁବନେଶ୍ୱର,୩୧।୧(ଅନିଲ ଦାସ)

- ଦେବଗଡ଼, ଅନୁଗୋଳ, ଢେଙ୍କାନାଳରେ ଲକ୍ଷ୍ମୀ ବସ୍
- ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ୩ ଜିଲାର ୪୪୦ ପଞ୍ଚାୟତରେ ୧୦୧ ବସ୍
- ଗାଁ ଅର୍ଥନୀତିକୁ ମଜଭୁତ କରିବ: ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍ଫରେନ୍ସ ଜରିଆରେ ଦେବଗଡ଼, ଅନୁଗୋଳ ଓ ଢେଙ୍କାନାଳ ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ୩ ଜିଲାର ୪୪୦ ପଞ୍ଚାୟତରେ ୧୦୧ ବସ୍ ଚାଲିବ। ଏହାଦ୍ୱାରା ୨୭ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ। ଦେବଗଡ଼ର ୬୯ ପଞ୍ଚାୟତରେ ୧୭ ବସ୍ ଚାଲିବ ଏବଂ ୩ ଲକ୍ଷ ଲୋକ ଉପକୃତ ହେବେ। ଅନୁଗୋଳର ୧୭୬ଟି ପଞ୍ଚାୟତରେ ୨୯ ବସ୍ ଚାଲିବ ଏବଂ ୧୧ ଲକ୍ଷ ୫୦ ହଜାର ଲୋକ ଉପକୃତ ହେବେ। ସେହିପରି ଢେଙ୍କାନାଳର ୧୯୫ ପଞ୍ଚାୟତରେ ୫୫ ବସ୍ ଚାଲିବ ଏବଂ ୧୩ ଲକ୍ଷ ଲୋକ ଉପକୃତ ହେବେ। ଫେବୃଆରୀ ଶେଷସୁଦ୍ଧା ରାଜ୍ୟର ସବୁ ଜିଲାରେ ଲକ୍ଷ୍ମୀ ବସ୍ ଚାଲିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲକ୍ଷ୍ମୀ ବସ୍ ଆମ ଜୀବନକୁ ସହଜ କରିଛି। ଗାଁର ଅର୍ଥନୀତିକୁ ମଜଭୁତ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ☞ପୃଷ୍ଠା-୨



# ପେଟିଏମ୍‌କୁ ଆର୍‌ବିଆଇ ଝଟକା

## ଫେବୃଆରୀ ୨୯ ପରଠାରୁ କାରବାର ଉପରେ ରୋକ୍

ନୂଆଦିଲ୍ଲୀ, ୩୧।୧

Paytm

ପେଟିଏମ୍ ପେମେଣ୍ଟସ୍ ବ୍ୟାଙ୍କ ଲିମିଟେଡ୍ (ପିପିବିଏଲ୍) ବିରୋଧରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ୨୦୨୪ ଫେବୃଆରୀ ୨୯ ପରଠାରୁ ପେଟିଏମ୍ କୌଣସି ଗ୍ରାହକଙ୍କ ଆକାଉଣ୍ଟ, ପ୍ରିପେଡ୍ ଇନ୍‌ଷ୍ଟ୍ରୁମେଣ୍ଟ, ୱାଲେଟ୍ସ ଏବଂ ଫାସ୍‌ଟ୍ୟାଗ୍ ମାଧ୍ୟମରେ କୌଣସି ଜମା କିମ୍ବା ଟପ୍ ଅପ୍ ଗ୍ରହଣ କରିପାରିବ ନାହିଁ। କମ୍ପ୍ରେହେନ୍‌ସିଭ୍ ଅଡିଟ୍ ରିପୋର୍ଟ ଏବଂ ଏକ୍ସଟରନାଲ ଅଡିଟରଙ୍କ ରିପୋର୍ଟକୁ ଆଧାର କରି ରିଜର୍ଭ ବ୍ୟାଙ୍କ ବୁଧବାର ଏହି ପଦକ୍ଷେପ ଗ୍ରହଣ କରିଛି। ଆର୍‌ବିଆଇର ନିୟମକୁ ପେଟିଏମ୍ କ୍ରମାଗତ ବ୍ୟାଙ୍କରେ ଅନୁପାଳନ ନ କରିବା ଅଡିଟ ରିପୋର୍ଟରେ ଉଲ୍ଲେଖ ରହିଛି। ଫେବୃଆରୀ ୨୯ ପରଠାରୁ ପେଟିଏମ୍‌କୁ କୌଣସି ଗ୍ରାହକ ଆକାଉଣ୍ଟ, ପ୍ରିପେଡ୍ ଉପକରଣ, ୱାଲେଟ୍, ଫାସ୍ ଟାଗ୍, ନ୍ୟାଶନାଲ କମନ୍ ମୋବିଲିଟି କାର୍ଡ ଇତ୍ୟାଦିରେ ଆଉ କୌଣସି ଜମା କିମ୍ବା କ୍ରେଡିଟ୍ କାରବାର କିମ୍ବା ଟପ୍ ଅପ୍ ଅନୁମତି ଦିଆଯିବ ନାହିଁ। ତେବେ କୌଣସି ସୁଧ, କ୍ୟାଶ ବ୍ୟାକ୍ କିମ୍ବା ଟଙ୍କା ଫେରସ୍ତ କରିହେବ। ଏଥିସହିତ ଗ୍ରାହକମାନେ ସେମାନଙ୍କ ସେଭିଙ୍ଗ୍ସ ବ୍ୟାଙ୍କ ଆକାଉଣ୍ଟ, କରେଣ୍ଟ ଆକାଉଣ୍ଟ, ପ୍ରିପେଡ୍ ଉପକରଣ, ଫାସ୍‌ଟ୍ୟାଗ୍, ନ୍ୟାଶନାଲ କମନ୍ ମୋବିଲିଟି କାର୍ଡରେ ଥିବା ବାଲାନ୍ସକୁ ଶେଷ ପର୍ଯ୍ୟନ୍ତ ବ୍ୟବହାର କରିବାକୁ ଅନୁମତି ଦିଆଯାଇପାରିବ। ପୂର୍ବରୁ ୨୦୨୨ ମାର୍ଚ୍ଚରେ ଆର୍‌ବିଆଇ ପିପିବିଏଲ୍‌କୁ ନୂଆ ଗ୍ରାହକ ଅନ୍‌ବୋର୍ଡ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲା।

# କାଳିଆ ଛାତ୍ରବୃତ୍ତି ଆବେଦନ ସମୟସୀମା ବୃଦ୍ଧି

ଭୁବନେଶ୍ୱର, ୩୧।୧ (ଅସମାପିକା ସାହୁ)

ରାଜ୍ୟ ସରକାର ଅନ୍‌ଲାଇନ ମାଧ୍ୟମରେ କାଳିଆ ଛାତ୍ରବୃତ୍ତି ଆବେଦନ ସମୟସୀମା ଫେବୃଆରୀ ୮କୁ ବୃଦ୍ଧି କରିଛନ୍ତି। ପୂର୍ବରୁ ଆବେଦନର ଶେଷ ଦିନ ଜାନୁୟାରୀ ୩୧ ରହିଥିଲା। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ସମୟସୀମା ବୃଦ୍ଧି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ସୂଚନାଯୋଗ୍ୟ, ପରିବର୍ଦ୍ଧିତ କାଳିଆ ଛାତ୍ରବୃତ୍ତି ମାର୍ଗଦର୍ଶିକା ଅନୁଯାୟୀ ଜାନୁଆରୀ ୯ରୁ ୩୧ ତାରିଖ ପର୍ଯ୍ୟନ୍ତ କମନ ସ୍କଲାରଶିପ ପୋର୍ଟାଲ(http://scholarship.odisha.gov.in) ଖୋଲା ରଖିବା ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ମାତ୍ର କାଳିଆ ଛାତ୍ରବୃତ୍ତି ନିମନ୍ତେ ପିଲାଙ୍କ ମଧ୍ୟରେ ଆଗ୍ରହ ଦେଖାଯିବା ସହ ଆବେଦନ ସମୟସୀମା ବୃଦ୍ଧି ନିମନ୍ତେ ବହୁ ଛାତ୍ରୀଛାତ୍ର ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପରାମର୍ଶକ୍ରମେ ଅନ୍‌ଲାଇନ ଆବେଦନ ସମୟସୀମା ବୃଦ୍ଧି ପାଇଁ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ, ରାଜ୍ୟରେ କାଳିଆ ଛାତ୍ରବୃତ୍ତି ୨୦୨୧-୨୨ରୁ କାର୍ଯ୍ୟକାରୀ ହୋଇଆସୁଛି। ଏହି ଯୋଜନାରେ ସରକାରୀ ଶିକ୍ଷାନୁଷ୍ଠାନରେ ବୃତ୍ତିଗତ/ବୈଷୟିକ ଶିକ୍ଷାଲାଭ କରୁଥିବା କାଳିଆ ହିତାଧିକାରୀଙ୍କ ପିଲାମାନଙ୍କୁ କାଳିଆ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ୨୦୨୧-୨୨ ଏବଂ ୨୦୨୨-୨୩ରେ ରାଜ୍ୟରେ ୧,୮୩୯ଜଣ ଛାତ୍ରୀଛାତ୍ରଙ୍କୁ ମୋଟ ୩.୮୮କୋଟି ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି।

# ଆଇଆଇଏମ୍‌ସିକୁ ଡିମ୍ଡ ୟୁନିଭର୍ସିଟି ମାନ୍ୟତା

ଭୁବନେଶ୍ୱର, ୩୧।୧ (ଅସମାପିକା ସାହୁ)

ଗଣମାଧ୍ୟମ ଶିକ୍ଷାନୁଷ୍ଠାନ ଭାରତୀୟ ଜନସଞ୍ଚାର ସଂସ୍ଥାନ ବା ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍‌ଅଫ୍‌ମାସ୍‌କମ୍ୟୁନିକେଶନ (ଆଇଆଇଏମ୍‌ସି)କୁ ଡିମ୍ଡ ୟୁନିଭର୍ସିଟି ମାନ୍ୟତା ମିଳିଛି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ପରାମର୍ଶକ୍ରମେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଏହି ମାନ୍ୟତା ପ୍ରଦାନ କରିଛି। ଏ ନେଇ ବୁଧବାର ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଇଆଇଏମ୍‌ସି ଦିଲ୍ଲୀ ସହ ଏହାର ୫ଟି ଆଞ୍ଚଳିକ କ୍ୟାମ୍ପସକୁ ଏହି ମାନ୍ୟତା ଦିଆଯାଇଛି। ଏହାର ୫ ଆଞ୍ଚଳିକ କ୍ୟାମ୍ପସ ମଧ୍ୟରେ ଓଡ଼ିଶାର ଢେଙ୍କାନାଳରେ ଏକ କ୍ୟାମ୍ପସ ରହିଛି। ଏଣିକି ଆଇଆଇଏମ୍‌ସିରେ ଡିଗ୍ରୀ ଓ ପିଏଚ୍‌ଡି ପାଠ୍ୟକ୍ରମ ଉପଲବ୍ଧ ହେବ।

# ଗଙ୍ଗୱାର ପୋଲିସ ଆଧୁନିକୀକରଣ ଏଡିଜି

ଭୁବନେଶ୍ୱର,୩୧।୧(ଅନିଲ ଦାସ)

ରାଜ୍ୟ ସରକାର ଆଇପିଏସ୍ ଅଫିସର ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ବୁଧବାର ଏ ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ୧୯୯୮ ବ୍ୟାଚ୍ ଆଇପିଏସ୍ ଅଫିସର ତଥା ରେଳୱେ ଏବଂ ଉପକୂଳ ସୁରକ୍ଷା ଏଡିଜି ଦୟାଲ ଗଙ୍ଗୱାରଙ୍କୁ ପୋଲିସ ଆଧୁନିକୀକରଣ ଏଡିଜି ଭାବେ ବଦଳି କରାଯାଇଥିବା ବେଳେ ପୋଲିସ ଆଧୁନିକୀକରଣ ଏଡିଜି ଥିବା ରାଜେଶ କୁମାରଙ୍କୁ ରେଳୱେ ଏବଂ ଉପକୂଳ ସୁରକ୍ଷା ଏଡିଜି ଭାବେ ବଦଳି କରାଯାଇଛି। ସେହିପରି ୨୦୦୭ ବ୍ୟାଚ୍ ଆଇପିଏସ୍ ଅଫିସର ତଥା ଏସ୍‌ଏପି ଡିଆଇଜି ଅବିନାଶ କୁମାରଙ୍କୁ ଭୁବନେଶ୍ୱର-କଟକ ଅତିରିକ୍ତ ପୋଲିସ କମିଶନର ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ୨୦୦୯ ବ୍ୟାଚ୍ ଆଇପିଏସ୍ ଅଫିସର ତଥା ଭୁବନେଶ୍ୱର-କଟକ ଅତିରିକ୍ତ ପୋଲିସ କମିଶନର ବ୍ରିଜେଶ କୁମାରଙ୍କୁ ସିକ୍ୟୁରିଟି ୱିଙ୍ଗ୍‌ର ଡିଆଇଜି ଭାବେ ବଦଳି କରାଯାଇଛି। ସେହିପରି ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଥିବା ୧୯୮୯ ବ୍ୟାଚ୍ ଆଇପିଏସ୍ ଅଫିସର ବି. ରାଧିକାଙ୍କୁ ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ଏବେ ସେ ପୋଲିସ ରିକ୍ରୁଟମେଣ୍ଟ ବୋର୍ଡର ଅଧ୍ୟକ୍ଷ ଅଛନ୍ତି।

**ଆଇପିଏସ୍ ଅଫିସର ସ୍ତରରେ ଅଦଳବଦଳ**

- **ଅବିନାଶ କୁମାର ଭୁବନେଶ୍ୱର-କଟକ ଅତିରିକ୍ତ ପୋଲିସ କମିଶନର**
- **ବି. ରାଧିକାଙ୍କୁ ସ୍ୱେଚ୍ଛାକୃତ ଅବସର ଅନୁମତି ଦେଲେ ସରକାର**



**ଆଜିର ମନ୍ତବ୍ୟ**

ଅଯୋଧ୍ୟାରେ ଶତାବ୍ଦୀ ପୁରୁଣା ରାମମନ୍ଦିର ବର୍ତ୍ତମାନ ବାସ୍ତବତା ହୋଇଥିବାବେଳେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ନେଇ ଉପୁଜିଥିବା ଆଶଙ୍କା ଏକ ଇତିହାସ। –ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥୋଡ଼ିଆ ଦେଖିଲେ ମୁଣ୍ଡ ବୋଝିଆ ପଳାନ୍ତି।**

ବଳଦ ଦ୍ୱାରା ଭାର ବୁହାଉଥିବା ବ୍ୟକ୍ତିଙ୍କୁ ଥୋଡ଼ିଆ କୁହାଯାଇଥାଏ। ଆଗ କାଳରେ ଲୋକେ ଶଗଡ଼ ଗାଡ଼ିରେ ଯିବା ଆସିବା କରିବା ସହ ନିଜର ଆବଶ୍ୟକ ଜିନିଷପତ୍ର ନବା ଆଣିବା କରୁଥିଲେ। ସେତେବେଳେ ପରିବହନ ବ୍ୟବସ୍ଥା କଥା କହିଲେ ଶଗଡ଼ ଗାଡିକୁ ହିଁ ବୁଝାଉଥିଲା। ସେହିପରି ମୁଣ୍ଡରେ ବୋଝ ବୋହି ନବା ଅପେକ୍ଷା ଶଗଡ଼ ଗାଡ଼ିରେ ଜିନିଷ ନେବା ଅଧିକ ସୁବିଧାଜନକ ଓ ଏଥିରେ ସମୟ ମଧ୍ୟ ଖୁବ କମ ଲାଗିଥାଏ। ଏପରିସ୍ଥଳେ ମୁଣ୍ଡରେ ବୋଝ ବୋହୁଥିବା ବ୍ୟକ୍ତିଙ୍କ ଆବଶ୍ୟକତା ସେତେ ଅଧିକ ଉପଲବ୍ଧ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦାଣ୍ଡ ଲୋକ ଦାଣ୍ଡେ ଯାଉ; ଘର କଥା ଘରେ ଥାଉ।**

ଘର କଥାକୁ ଦାଣ୍ଡରେ ଗପିବା ଅନୁଚିତ। ଘରର ଗୁମର ଅନ୍ୟ ଆଗରେ ପ୍ରକାଶ କଲେ ଘରର ମର୍ଯ୍ୟାଦାହାନି ହେବା ସହ ସମୟ ଅସମୟରେ ଅନ୍ୟ ଆଗରେ ଅପଦସ୍ଥ ହେବାର ମଧ୍ୟ ସମ୍ଭାବନା ରହିଥାଏ। ସେ ଦୃଷ୍ଟିରୁ ଘରର ଗୁପ୍ତ କଥା ବାହାର ଲୋକଙ୍କ ଆଗରେ ପ୍ରକାଶ ନ କରିବା ଲାଗି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:






ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଡିଏସ୍‌ପି ସ୍ତରରେ ବଡ଼ଧରଣର ବଦଳି | ୧୦୨ ଅଧିକାରୀଙ୍କ ଦାୟିତ୍ୱରେ ପରିବର୍ତ୍ତନ

ଭୁବନେଶ୍ୱର,୩୧।୧(ସତ୍ୟଜିତ୍ ରାଉତ)

ଡିଏସ୍‌ପି ସ୍ତରରେ ବୁଧବାର ବଡ଼ଧରଣର ବଦଳି ହୋଇଛି। ଷ୍ଟେଟ୍ ପୋଲିସ ଏଷ୍ଟାବ୍ଲିଶ୍‌ମେଣ୍ଟ ବୋର୍ଡର ନିଷ୍ପତ୍ତିକ୍ରମେ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୦୨ ଅଧିକାରୀଙ୍କ ଦାୟିତ୍ୱରେ ପରିବର୍ତ୍ତନ ହୋଇଛି। ପାପଡ଼ାହାଣ୍ଡି ଏସ୍‌ଡିପିଓ ଥିବା ଆଦିତ୍ୟ ସେନ୍‌ଙ୍କୁ ମାଲ୍‌କାନଗିରି ପିସିଆର୍ ସେଲ୍ ଡିଏସ୍‌ପି ଭାବେ ବଦଳି କରାଯାଇଥିବାବେଳେ ଦେବଗଡ଼ ପିଏସିଆର୍ ସେଲ୍ ଡିଏସ୍‌ପି ଅଜୟ କୁମାର ତିର୍କୀଙ୍କୁ ବଲାଙ୍ଗୀର ଆଇୟୁସିଏଡବ୍ଲ୍ୟୁକୁ ବଦଳି କରାଯାଇଛି। ସେହିପରି ବ୍ରହ୍ମପୁର ଡିଏସ୍‌ପି ଅକ୍ଷୟ କୁମାର ନାୟକଙ୍କୁ ରାଜ୍ୟ ପୋଲିସ ମୁଖ୍ୟାଳୟ, କେନ୍ଦୁଝର ଡିଏସ୍‌ପି ଆଲୋକ କୁମାର ଜେନାଙ୍କୁ ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀ, ଅମିତ୍ ମହାନ୍ତିଙ୍କୁ ବୁର୍ଲା ଏସ୍‌ଡିପିଓ ତଥା ବୁର୍ଲା ଏଚ୍‌ଏସ୍‌ଏଫ୍ ଡିଏସ୍‌ପି ଭାବେ ବଦଳି କରାଯାଇଛି। ଅନିଲ କୁମାର ପ୍ରଧାନଙ୍କୁ ରାଉରକେଲାରୁ ଯାଜପୁର ଡିଆଇବି ଡିଏସ୍‌ପି, କମିଶନରେଟ୍ ପୋଲିସ ଏସିପି ଅନୁସୂୟା ନାୟକଙ୍କୁ ସ୍ୱେଶାଲ ବ୍ରାଞ୍ଚ ଡିଏସ୍‌ପି, ନବରଙ୍ଗପୁର ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ବବିତା ତ୍ରିପାଠୀଙ୍କୁ କଟକ ସିଗ୍‌ନାଲ୍ସ ଡିଏସ୍‌ପି, ରାଉରକେଲା ଡିଏସ୍‌ପି ବାଲେଶ୍ୱର ଗିଡ଼ିଙ୍କୁ ସମ୍ବଲପୁର ଡିଆଇବି ଡିଏସ୍‌ପି, ଝାରସୁଗୁଡ଼ା ଡିଆଇବି ଡିଏସ୍‌ପି ବନଶ୍ରୀ ରାଉତରାୟଙ୍କୁ ଭୁବନେଶ୍ୱର ସ୍ୱେଶାଲ ବ୍ରାଞ୍ଚ ଡିଏସ୍‌ପି, ରାଉରକେଲା ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ବନିତା ମାଝୀଙ୍କୁ ଝାରସୁଗୁଡ଼ା ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି, ପୁରୀ ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ବାସନ୍ତି କୁମାରୀ ନାୟକଙ୍କୁ କମିଶନରେଟ୍ ପୋଲିସ ଏସିପି, ରାଉରକେଲା ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ଭୀମସେନ୍ ନାଏକଙ୍କୁ ରାୟଗଡ଼ା ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି, ବ୍ରହ୍ମପୁର ଆଇଏଏଚ୍‌ଟିୟୁ ଡିଏସ୍‌ପି ବିମଳ କାନ୍ତ ନାୟକଙ୍କୁ ଭଦ୍ରକ ଆଇସିଏଡବ୍ଲ୍ୟୁ ଡିଏସ୍‌ପି, ଝାରସୁଗୁଡା ପିସିଆର୍ ସେଲ୍ ଡିଏସ୍‌ପି ବିନୋଦ ଲାକ୍ରାଙ୍କୁ ସମ୍ବଲପୁର ହୋମଗାର୍ଡସ ଡିଏସ୍‌ପି ଓ ବଲାଙ୍ଗୀର ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ବିପିନ ବିହାରୀ ମେହେରଙ୍କୁ କନ୍ଧମାଳ ଡିଏସ୍‌ପି ଭାବେ ବଦଳି କରାଯାଇଛି। ଅନ୍ୟପକ୍ଷରେ ଜଗତ୍‌ସିଂପୁର ଡିଏସ୍‌ପି ବିରଞ୍ଚି ବାଗ୍‌ଙ୍କୁ ଅନୁଗୋଳ ଆଇଏଏଚ୍‌ଟିୟୁ ଡିଏସ୍‌ପି, ବାଲେଶ୍ୱର ଡିଆଇବି ଡିଏସ୍‌ପି ବ୍ରଜେଶ୍ୱରୀ ବାଲାଙ୍କୁ ଇଓଡବ୍ଲ୍ୟୁ ଡିଏସ୍‌ପି, କମିଶନରେଟ୍ ପୋଲିସ ଏସିପି ଚନ୍ଦନ କୁମାର ଘଡ଼ାଇଙ୍କୁ କଟକ ସଦର ଏସ୍‌ଡିପିଓ, ନବରଙ୍ଗପୁର ପିସିଆର୍ ସେଲ୍ ଡିଏସ୍‌ପି ଚନ୍ଦ୍ର ଶେଖର ହୋତାଙ୍କୁ ଗଜପତି ଡିଆଇବି ଡିଏସ୍‌ପି ଏବଂ ଅନ୍ୟମାଙ୍କୁ ମଧ୍ୟ ବିଭିନ୍ନ ସ୍ଥାନକୁ ବଦଳି କରାଯାଇଛି।

### ବଦଳିଲେ ୫ ଅତିରିକ୍ତ ଏସ୍‌ପି ର୍‍ୟାଙ୍କ ଅଧିକାରୀ

**ସଞ୍ଜୀବ ଶତପଥୀ ଭୁବନେଶ୍ୱର ସିକ୍ୟୁରିଟି ୱିଙ୍ଗ୍ ଅତିରିକ୍ତ ଏସ୍‌ପି**

ଭୁବନେଶ୍ୱର,୩୧।୧(ସତ୍ୟଜିତ୍ ରାଉତ)

ଅତିରିକ୍ତ ଏସ୍‌ପି ସ୍ତରରେ ବୁଧବାର ଛୋଟ ଧରଣର ଅଦଳବଦଳ ହୋଇଛି। ପାରାଦୀପ ମୁଖ୍ୟାଳୟ ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ପଣ୍ଡାଙ୍କୁ ଜଗତ୍‌ସିଂହପୁର ଆଇୟୁସିଏଡବ୍ଲ୍ୟୁକୁ ବଦଳି କରାଯାଇଛି। ସେହିପରି ହେମନ୍ତ କୁମାର ପାଢ଼ୀଙ୍କୁ ସୋନପୁରରୁ ବଲାଙ୍ଗୀର, ସୀମା ରେଖା ପଣ୍ଡାଙ୍କୁ ବଡଗଡ ଆଇୟୁସିଏଡବ୍ଲ୍ୟୁରୁ ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀ, ସୁରେଶ କୁମାର ନାୟକଙ୍କୁ ବଲାଙ୍ଗୀରରୁ ବଡ଼ଗଡ଼ ଆଇୟୁସିଏଡବ୍ଲ୍ୟୁ ଏବଂ କମିଶନରେଟ୍ ପୋଲିସରେ ଅତିରିକ୍ତ ଡିସିପି ଥିବା ସଞ୍ଜୀବ କୁମାର ଶତପଥୀଙ୍କୁ ଭୁବନେଶ୍ୱର ସିକ୍ୟୁରିଟି ୱିଙ୍ଗ୍ ଅତିରିକ୍ତ ଏସ୍‌ପି ଭାବେ ଦାୟିତ୍ୱ ଦିଆଯାଇଛି।

# ବଡ଼ଚଣା ଅଞ୍ଚଳରେ କାଉ ମଡ଼କ, ବାର୍ଡ ଫ୍ଲୁ ଆଶଙ୍କା

ବଡ଼ଚଣା,୩୧।୧(ଦିଲୀପ କୁମାର ମହାନ୍ତି)

ଯାଜପୁର ଜିଲା ବଡ଼ଚଣା ବ୍ଲକ୍‌ର ପଶ୍ଚିମାଞ୍ଚଳରେ ଥିବା ସିହା ଏବଂ ଏହାର ପାଖ ପଞ୍ଚାୟତରେ କାଉ ମଡ଼କ ଦେଖାଯାଇଛି। ବୁଧବାର ସକାଳୁ ଆଇନଜୀବୀ ଉଦୟନାଥ ସାହୁଙ୍କ ବାଡ଼ିରେ ଦୁଇ କାଉ ମରି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏଭଳି ଅସ୍ୱାଭାବିକ ଭାବେ ଏକସଙ୍ଗେ ଦୁଇ କାଉ ମରିବା ବାର୍ଡ ଫ୍ଲୁ କାରଣ ହୋଇଥାଇ ପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ଏହା ଯଦି ବାର୍ଡ ଫ୍ଲୁ ହୋଇଥାଏ ତେବେ ଆଗକୁ ଅନେକ ପକ୍ଷୀ ପ୍ରଭାବିତ ହେବା ସମ୍ଭାବନା ରହିଛି। ତେଣୁ ପ୍ରାଣୀଧନ ବିଭାଗ ଅଧିକାରୀମାନେ ମଲା କାଉର ନମୁନା ସଂଗ୍ରହ କରି ପରୀକ୍ଷା କରିବାକୁ ସାଧାରଣରେ ଦାବି ହୋଇଛି। ଅନ୍ୟପକ୍ଷରେ ଦୀର୍ଘଦିନ ଧରି ପ୍ରାଣୀଧନ ଚିକିତ୍ସକ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିବା ଯୋଗୁ ଗୋରୁ, ଛେଳି, ମେଣ୍ଢା ଓ କୁକୁଡ଼ା ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି।

# କୋଲକାତା ଭାରତୀୟ ମ୍ୟାନେଜମେଣ୍ଟ କ୍ଷେତ୍ରରେ ନୂଆ ବେଞ୍ଚମାର୍କ ପ୍ରତିଷ୍ଠା କରିବ: ଧର୍ମେନ୍ଦ୍ର



ଭୁବନେଶ୍ୱର, ୩୧।୧(ସୁନିତ୍ ମିଶ୍ର)

ସବୁଠାରୁ ପୁରାତନ ଆଇଆଇଏମ୍(ଭାରତୀୟ ପ୍ରବନ୍ଧ ସଂସ୍ଥାନ) ମଧ୍ୟରେ ଆଇଆଇଏମ୍ କୋଲକାତା ହେଉଛି ଅନ୍ୟତମ। ଏହାର ଏକାଡେମିକ ଏବଂ ମ୍ୟାନେଜମେଣ୍ଟ ଉତ୍କର୍ଷର ଏକ ଅନନ୍ୟ ପରମ୍ପରା ରହିଛି। ଆଇଆଇଏମ୍, କୋଲକାତା ଆଗାମୀ ଦିନରେ ଭାରତୀୟ ମ୍ୟାନେଜମେଣ୍ଟ କ୍ଷେତ୍ରରେ ନୂଆ ବେଞ୍ଚମାର୍କ ପ୍ରତିଷ୍ଠା କରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ବୁଧବାର ନୂଆଦିଲ୍ଲୀରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଇଆଇଏମ୍, କୋଲକାତାର ଛାତ୍ରୀଛାତ୍ର ଓ ଅଧ୍ୟାପକମାନଙ୍କ ପାଇଁ ଅତ୍ୟାଧୁନିକ ସୁବିଧାର ଶିଳାନ୍ୟାସ କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ପ୍ରାୟ ୨୫୦ କୋଟି ଟଙ୍କା ବ୍ୟୟରେ ୭୨୬ଟି ରୁମ୍ ବିଶିଷ୍ଟ ଏକ ହଷ୍ଟେଲ, ଏକାଡେମିକ ବ୍ଲକ୍ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ଆଇଆଇଏମ୍ ହେଉଛି ଦେଶର ପ୍ରମୁଖ ଅନୁଷ୍ଠାନ ଏବଂ ଆମ ଗୌରବ। ଏକବିଂଶ ଶତାବ୍ଦୀର ଉଚ୍ଚଶିକ୍ଷାର ଆବଶ୍ୟକତା ଏବଂ ଅପେକ୍ଷା ଅନୁଯାୟୀ ଆଇଆଇଏମ୍ କୋଲକାତା କ୍ୟାମ୍ପସ ଭିତ୍ତିଭୂମିର ଉନ୍ନତୀକରଣ ଓ ପୁନର୍ବିକାଶ ହୋଇଛି। ଏପରି ଏକ ମହତ୍ତ୍ୱାକାଂକ୍ଷୀ ମାଷ୍ଟର ପ୍ଲାନ୍ ପାଇଁ ଅନୁଷ୍ଠାନର ଉଦ୍ୟମ ପ୍ରଶଂସନୀୟ। ଅତ୍ୟାଧୁନିକ ସୁବିଧା ସହ ନିର୍ମିତ ହେବାକୁ ଥିବା ହଷ୍ଟେଲ ଦ୍ୱାରା ଛାତ୍ରୀଛାତ୍ରମାନେ ବେଶ୍ ଉପକୃତ ହେବେ। କୋଲକାତା ୬୦ଦଶକରେ ଏକ ଐତିହାସିକ, ସଭ୍ୟତାସମ୍ପନ୍ନ ଓ ଶିଳ୍ପ ସମୃଦ୍ଧ ସହର ଥିଲା। କ୍ୟାମ୍ପସର ପୁନଃ ଉନ୍ନତୀକରଣ ଏହାର ଶିକ୍ଷାନୁଷ୍ଠାନ ମାନରେ ଉନ୍ନତି ଆଣିବ ଏବଂ ଆଇଆଇଏମ୍ କୋଲକାତାର ଶିକ୍ଷାଗତ ପରମ୍ପରାରେ ନୂଆ ଦିଗ ଯୋଡିବ। ଏହି ସମ୍ମାନଜନକ ଅନୁଷ୍ଠାନ ଭାରତୀୟ ମ୍ୟାନେଜମେଣ୍ଟରେ ନୂତନ ବେଞ୍ଚମାର୍କ ପ୍ରତିଷ୍ଠା କରିବ। ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ପାଇଁ ଆଇଆଇଏମ୍‌ଗୁଡ଼ିକ ମଧ୍ୟରେ ନେତୃତ୍ୱ ନେବା ସହିତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# କଳା, ଭାସ୍କର୍ଯ୍ୟ, ନୃତ୍ୟ, ସଙ୍ଗୀତ ପରମ୍ପରା ପ୍ରଦର୍ଶନ ହେବ




ଭୁବନେଶ୍ୱର,୩୧।୧(ଅନିଲ ଦାସ)

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆସନ୍ତା ଫେବୃଆରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ସ୍ଥାନୀୟ ଜନତା ମଇଦାନଠାରେ ଆୟୋଜନ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହେଉଥିବା ଏହି ବିଶ୍ୱସ୍ତରୀୟ ସମ୍ମିଳନୀକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ବୁଧବାର ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ରାଜ୍ୟ ଭିତରେ ଏବଂ ରାଜ୍ୟ ବାହାରେ ରହୁଥିବା ଓଡ଼ିଆ ବ୍ୟକ୍ତିବିଶେଷଙ୍କୁ ସହଯୋଗ ପାଇଁ ଅନୁରୋଧ କରିଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା ଆର. କାର୍ତ୍ତିକେୟନ ସମ୍ମିଳନୀର ରୂପରେଖ, ଉଦ୍ଦେଶ୍ୟ ଓ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ ଏହି ସମ୍ମିଳନୀରେ ଅନେକ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବିଦ୍ୱାନ-ପଦ୍ମଶ୍ରୀ ପ୍ରଫେସର ହରମାନ କୁଲ୍କେ, ପ୍ରଫେସର ଉୱେ ସ୍କୋଡା, ପ୍ରଫେସର ଆର୍ଲୋ ଗ୍ରିଫିଥ୍ସ, ପ୍ରଫେସର ଆଣ୍ଟେ ସ୍କିମେଡିଚେନ୍ ଏବଂ ବହୁ ଜାତୀୟସ୍ତରର ବିଦ୍ୱାନ ଅଂଶଗ୍ରହଣ କରିବେ। ଓଡ଼ିଆ ଭାଷା ଏବଂ ଭାଷା ବିଜ୍ଞାନରେ ଅନନ୍ୟ ଅବଦାନ ପାଇଁ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାରରେ ସମ୍ବର୍ଦ୍ଧିତ କରାଯିବ।

### ୩ରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪

**ବନ୍ଦେ ଉତ୍କଳ ଜନନୀ ଗାନ କରିବାକୁ ଦେଶ ବିଦେଶ ଓଡ଼ିଆଙ୍କୁ ଅନୁରୋଧ କଲେ ସରକାର**

ଏହି ପ୍ରଦର୍ଶନୀ ୩ଟି ବିସ୍ତୃତ ବିଷୟ ଏବଂ ସମୟସୀମା ଉପରେ ଆୟୋଜିତ ହୋଇଛି ଯଥା- ପ୍ରାଚୀନ, ମଧ୍ୟ ଏବଂ ଆଧୁନିକ। ପ୍ରଦର୍ଶନୀରେ ଓଡ଼ିଆ ଭାଷା ଏବଂ ଲିପିର ଉତ୍ପତ୍ତି ଓ ବିବର୍ତ୍ତନ, ପ୍ରାଚୀନ ପ୍ରସ୍ତର ଅଭିଲେଖ, ତାମ୍ରଫଳକ, ତାଳପତ୍ର ପୋଥି, କଳିଙ୍ଗଶୈଳୀର ମନ୍ଦିର ସ୍ଥାପତ୍ୟ, ଓଡ଼ିଶାର ନୌବାଣିଜ୍ୟ ସମ୍ପର୍କିତ କଳାକୃତିଗୁଡ଼ିକ ସୁଦୃଶ୍ୟ ଚିତ୍ରପଟ୍ଟ ମାଧ୍ୟମରେ ପ୍ରଦର୍ଶିତ ହେବ। ଓଡ଼ିଶାର କଳା ଏବଂ ଭାସ୍କର୍ଯ୍ୟ, ନୃତ୍ୟ ଏବଂ ସଙ୍ଗୀତ ପରମ୍ପରାଗୁଡ଼ିକ ପ୍ରଦର୍ଶିତ ହେବ। ପ୍ରିଣ୍ଟିଂ ପ୍ରେସ୍‌ର ଆଗମନ ଏବଂ ଓଡ଼ିଆ ଭାଷାର ପ୍ରସାରରେ ଏହାର ପ୍ରଭାବ ଉପଯୁକ୍ତ କଳାକୃତି ଏବଂ ଫଟୋ ସହିତ ପ୍ରଦର୍ଶିତ ହେବ। ସ୍କୁଲ ପିଲା ଏବଂ ଯୁବକଙ୍କ ମଧ୍ୟରେ ପଠନ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ଏକ ମୋବାଇଲ ଲାଇବ୍ରେରି, ବସ୍ ଏବଂ ମୋବାଇଲ୍ ବୁକ୍‌ଆର୍ଟ ମାଧ୍ୟମରେ ଆସ ପଢ଼ିବାର ଏକ ଧାରଣା ପ୍ରଦର୍ଶିତ ହେବ। କିଟ୍‌ରେ ଏକ ଆନ୍ତର୍ଜାତିକ କବିତା ମହୋତ୍ସବ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନ୍ତର୍ଜାତୀୟ ସାହିତ୍ୟ ମହୋତ୍ସବ ଅନୁଷ୍ଠିତ ହେବ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଦ୍ୱାରା ଓଡ଼ିଆ ଚଳଚ୍ଚିତ୍ର ଏବଂ ଥିଏଟର ମହୋତ୍ସବ ସହିତ ଓଡ଼ିଆ ସିନେମା ଓ ମଞ୍ଚର ଭୂମିକା ଉପରେ ଏକ ଆଲୋଚନାଚକ୍ର ଆୟୋଜନ ହେବ। ଏହାଛଡ଼ା ବିଡିଏ ଏବଂ ବିଏମ୍‌ସି ଦ୍ୱାରା ଭୁବନେଶ୍ୱର ମହାନଗରରେ ଏକାମ୍ର ଉତ୍ସବ ଆୟୋଜନ ହେବ। ଉକ୍ତ ସମ୍ମିଳନୀ ଓଡ଼ିଶାର ଲୋକମାନଙ୍କ ଏକ ସାମୂହିକ ପର୍ବ। ସମ୍ମିଳନୀ ସହିତ ସହଭାଗୀ ହେବା ପାଇଁ ଓଡ଼ିଆ ଭାଷା ଏବଂ ସାହିତ୍ୟିକ କାର୍ଯ୍ୟକଳାପରେ ଆଗ୍ରହୀ ଥିବା ସମସ୍ତ ପଞ୍ଚାୟତରେ ଏକ ସ୍ୱତନ୍ତ୍ର 'ଗ୍ରାମ ସଭା' ଆୟୋଜନ ହେବ। ଏହି ସମ୍ମିଳନୀକୁ ସ୍ମରଣୀୟ କରିବା ପାଇଁ ଫେବୃଆରୀ ୩ ତାରିଖ ତଥା ଉଦ୍‌ଘାଟନୀ ଉତ୍ସବ ଅବସରରେ ପୂର୍ବାହ୍ନ ୧୧ଟା ୩୦ରେ ରାଜ୍ୟ ତଥା ଦେଶ ବିଦେଶରେ ରହୁଥିବା ଓଡ଼ିଆ ଭାଇଭଉଣୀମାନେ ଏକକାଳୀନ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଅନୁରୋଧ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଆନୁଷ୍ଠାନିକ କାମରେ ସଫଳତା ପାଇବାରେ କୌଣସି ଅସୁବିଧା ହେବ ନାହିଁ। କାମ ହାସଲ କ୍ଷେତ୍ରରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିବେ। ପାରିବାରିକ ଜୀବନରେ ବୁଝାମଣା ପ୍ରାୟତଃ ଭଲ ରହିବ। ସାଧାରଣ କଥାରେ ବୁଝାମଣାର ଅଭାବରୁ ଭ୍ରାତୃ ସମ୍ପର୍କ, ଯାତ୍ରା ଓ ଆଲୋଚନା ବାଧାପ୍ରାପ୍ତ ହୋଇପାରେ।

**ବୃଷ** – ଅନ୍ୟମାନଙ୍କୁ ମନେଇ ନିଜ ଆଡକୁ ଆକର୍ଷିତ କରିବା ପାଇଁ ଚେଷ୍ଟା କଲେ ଅବଶ୍ୟ ଉପକୃତ ହେବେ। ନିକଟ ଅତୀତରେ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାର ସମ୍ଭାବନା ରହିଛି। ବନ୍ଧୁଙ୍କ ଆସିବା ବାଟକୁ ଚାହିଁରହି ବିରକ୍ତି ପ୍ରକାଶ କରିପାରନ୍ତି।

**ମିଥୁନ** – ମାନସିକ ଅସ୍ଥିରତା ଲାଗିରହିଥିଲେ ମଧ୍ୟ କାର୍ଯ୍ୟ ହାସଲରେ ଅସୁବିଧା ରହିବ ନାହିଁ। ବନ୍ଧୁଙ୍କ ସାହାଯ୍ୟରୁ ଆର୍ଥିକ ଅନଟନ ସୁଧୁରିଯିବ। ଭ୍ରମଣ ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା, ଯାତ୍ରା ପାଇଁ ଦିନଟି ବହୁତ ଭଲ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**କର୍କଟ** – କର୍ମକ୍ଷେତ୍ରରେ ସାଧାରଣ କଥାରୁ କଳହ କିମ୍ବା ମନାନ୍ତର ଘଟିବାର ଆଶଙ୍କା ରହିଛି। ଟିକିଏ ଟିକିଏ କଥାରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ, ଯାହାକି ପାରିବାରିକ ସମସ୍ୟାକୁ ବଢ଼ାଇ ଦେଇପାରେ। ବନ୍ଧୁଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ହିତୈଷୀଙ୍କ ପରାମର୍ଶ ନେଇ କାମ କଲେ ଉପକୃତ ହେବେ।

**ସିଂହ** – ଆତ୍ମୀୟ ଓ ପଡ଼ୋଶୀଙ୍କ ସହ ସମ୍ପର୍କ ମଧ୍ୟ ଭଲ ରହିବ ନାହିଁ। ସମସ୍ୟାର ସରଳ ସମାଧାନ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନାରମ୍ଭ କିମ୍ବା ଚୁକ୍ତିପତ୍ର ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି। ମନୋବଳ ବୃଦ୍ଧି ପାଇବା ପଛରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷ ସାହାଯ୍ୟ ରହିବ।

**କନ୍ୟା** – କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବନାହିଁ। ପ୍ରତିବେଶୀଙ୍କ ସହ ସୁସମ୍ପର୍କ ରଖିପାରିଲେ ସାହାଯ୍ୟ ସହଯୋଗ ଅବଶ୍ୟ ମିଳିବ। ଶତ୍ରୁତା କରୁଥିବା ବ୍ୟକ୍ତି ପଛରେ ନାନାଦି କଥା କହିପାରନ୍ତି। ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ଡାକ୍ତରଙ୍କ ପରାମର୍ଶ ପାଇଁ ଆପଣଙ୍କୁ ଦୌଡ଼ିବାକୁ ପଡ଼ିପାରେ।

**ତୁଳା** – କୌଣସି ଆଲୋଚନାରେ ସହକର୍ମୀ କିମ୍ବା ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ସ୍ଥଗିତ ରହିଥିବା କାର୍ଯ୍ୟହାସଲ ସକାଶେ ଅର୍ଥ ବ୍ୟୟ କରି ଦୁଃଖିତ ହେବେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଲେଖାପଢ଼ା, ନିର୍ମାଣ, ଗବେଷଣା, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ବିଛା** – ଦୀର୍ଘଦିନରୁ ଅଟକି ରହିଥିବା କାମରେ ଅଳ୍ପ ସମୟ ଅପେକ୍ଷା କରନ୍ତୁ, ଦେଖିବେ ସବୁ ଠିକ୍ ହୋଇଯିବ। ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସକାଳୁ ସକାଳୁ ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଅଲୋଚନାରୁ ମନ ଖୁସି ହୋଇଯିବ।

**ଧନୁ** – ସାମୟିକ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ସୁସ୍ଥ ମାନସିକତା କାରଣରୁ ଅନ୍ୟମାନଙ୍କୁ ଆକର୍ଷିତ କରାଇ କାମ ହାସଲ କରିପାରିବେ। ଫେରିବା ରାସ୍ତାରେ ଜଣେ ବନ୍ଧୁଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଝଗଡ଼ା ଲାଗିପାରେ।

**ମକର** – କୌଣସି ଅପରିଚିତ ବ୍ୟକ୍ତି ଦ୍ୱାରା ସ୍ଥଗିତ ରହି ଯାଇଥିବା କାମଟିକୁ ଝିନଝଟ୍ ମଧ୍ୟରେ ସମ୍ପୂର୍ଣ୍ଣ କରିବେ। ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବ। ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ମନେ ମନେ ଭାବୁଥିବା କାମଟି ସକାଶେ କିଛି ସହଯୋଗ ସକାଶେ ବନ୍ଧୁଙ୍କ ଆଗରେ ପ୍ରକାଶ କରିପାରିବେ ନାହିଁ।

**କୁମ୍ଭ** – ପଡ଼ୋଶୀଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ୍ୟ ସେମାନଙ୍କ ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆଦାୟ ଅପେକ୍ଷା ଖର୍ଚ୍ଚ ବୃଦ୍ଧି ଚିନ୍ତାର କାରଣ ହେବ। ପାରିବାରିକ, ବ୍ୟବସାୟିକ, ସାମାଜିକ, ନୂତନ ପ୍ରକଳ୍ପ, ସମ୍ପର୍କୀୟ ଯୋଜନାକୁ କାର୍ଯ୍ୟକାରୀ କରାଇନେବେ। ସମସ୍ୟାକୁ ଆଲୋଚନା ନ କରି ଆଗକୁ ମାଡ଼ିଚାଲିଲେ ସଫଳତା ପାଇବେ।

**ମୀନ** – କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସମସ୍ତ ପ୍ରକାରର ସାହାଯ୍ୟ ଲାଭ କରି ସହଜ ଓ ସୁବିଧାରେ କାମ ହାସଲ କରିବେ। ବନ୍ଧୁମାନଙ୍କ ସହାୟତାରେ ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବେ। ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା ମନକୁ ବିଚଳିତ କରିପାରେ।

ଆଜି ଫେବୃଆରୀ ୧ ତାରିଖ, ମାଘ କୃଷ୍ଣ ଷଷ୍ଠୀ ଯୁକ୍ତ ସପ୍ତମୀ ଗୁରୁବାର, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ଷଷ୍ଠୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ, ଗୃହାରମ୍ଭ, ଗୃହପ୍ରବେଶ ଏବଂ ବିଦ୍ୟାରମ୍ଭ ପାଇଁ ଶୁଭ ଦିନ। ଦିବା. ଘ.୦୬।୨୫ ମି. ଗତେ ଘ. ୦୭।୫୪ ମଧ୍ୟେ, ଘ. ୧୦।୫୩ ଗତେ ଘ. ୦୧।୦୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧।୨୩ ଗତେ ଘ.୦୨।୪୭ ମଧ୍ୟେ ରାହୁ କାଳ।

# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୧/୨୦୨୪ | Bhubaneswar, Thursday, February 1/2024


## ଟିପୁ ସୁଲତାନଙ୍କ ଚିତ୍ରରେ ଚପଲମାଳ

### ରାୟଚୁର ଜିଲାର ସିରୱାର ସହରରେ ଉତ୍ତେଜନା ପରିସ୍ଥିତି



ରାୟଚୁର(କର୍ଣାଟକ), ୩୧।୧

କର୍ନାଟକର ରାୟଚୁର ଜିଲାର ସିରୱାର ସହରରେ ମହୀଶୂରର ପୂର୍ବତନ ଶାସକ ଟିପୁ ସୁଲତାନଙ୍କ ଏକ ଚିତ୍ରରେ ଚପଲମାଳ ପିନ୍ଧାହୋଇଥିବା ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ବିରୋଧକରି ସହରର ମୁସଲିମ ସମ୍ପ୍ରଦାୟର ବ୍ୟକ୍ତିମାନେ ରାସ୍ତା ଉପରେ ଧାରଣାରେ ବସିରହିଥିଲେ, ଫଳରେ ଟ୍ରାଫିକ ଜାମ୍ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିପରି ସହରର ବିଭିନ୍ନ ସ୍ଥାନରେ ଟାୟାର ଜାଳି ପ୍ରତିବାଦ କରାଯାଇଥିଲା। ପରିସ୍ଥିତି ବିଗୁଡ଼ୁଥିବାର ଦେଖି ଟିପୁ ସୁଲତାନଙ୍କ ଚିତ୍ରରୁ ତୁରନ୍ତ ଉକ୍ତ ଚପଲମାଳକୁ ହଟାଇ ଦେଇଥିଲା ପୋଲିସ। ଏଭଳି କାଣ୍ଡ ଘଟାଇଥିବା ବ୍ୟକ୍ତିଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରାଯିବା ନେଇ ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା।ସେହିପରି ଏହି ଘଟଣାନେଇ ସିରୱାର ଥାନା ପୋଲିସ ଏକ ମାମଲା ରୁଜୁ କରିଛି।

# ଜ୍ଞାନବାପିରେ ପୂଜା ଅନୁମତି

ପ୍ରୟାଗରାଜ,୩୧।୧

ଉତ୍ତର ପ୍ରଦେଶର ବାରାଣସୀସ୍ଥିତ ଜ୍ଞାନବାପି ମସ୍‌ଜିଦ୍ ପରିସରରେ ହିନ୍ଦୁ ଆବେଦନକାରୀମାନେ ପୂଜା କରିପାରିବେ ବୋଲି ବୁଧବାର ଏକ ସ୍ଥାନୀୟ ଅଦାଲତ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଥିସହ ସପ୍ତାହେ ମଧ୍ୟରେ ସେଠାରୁ ବ୍ୟାରିକେଡ୍ ହଟାଇ ପୂଜାର୍ଚ୍ଚନା ବ୍ୟବସ୍ଥା କରାଇବା ପାଇଁ ମଧ୍ୟ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। କାଶୀ ବିଶ୍ୱନାଥ ମନ୍ଦିରର ପୂଜକମାନେ ଉକ୍ତ ପ୍ରକୋଷ୍ଠରେ ହିନ୍ଦୁ ଦେବଦେବୀଙ୍କ ପୂଜା କରିବା ଉଚିତ ବୋଲି କୋର୍ଟ କହିଛନ୍ତି। ଅନ୍ୟପକ୍ଷେ ମୁସଲମାନ ପକ୍ଷ ଏହି ରାୟ ବିରୋଧରେ ଉଚ୍ଚ ଅଦାଲତରେ ଅପିଲ କରିପାରନ୍ତି।

ଜ୍ଞାନବାପି ମସ୍‌ଜିଦ୍‌ରେ ଥିବା 'ବ୍ୟାସ୍ କା ତେଖାନା' ପ୍ରକୋଷ୍ଠ ଦୀର୍ଘ ବର୍ଷ ଧରି ବନ୍ଦ ରହିଛି। ୧୯୯୩ରେ ଭୂଗର୍ଭକୁ ବନ୍ଦ କରାଯିବା ପର୍ଯ୍ୟନ୍ତ ସେଠାରେ ସୋମନାଥ ବ୍ୟାସ ପୂଜାରୀ ପୂଜାର୍ଚ୍ଚନା କରୁଥିଲେ। ଇତିମଧ୍ୟରେ ସୋମନାଥ ବ୍ୟାସଙ୍କର ପରଲୋକ ହୋଇସାରିଛି। ତାଙ୍କ ନାତି ଶୈଳେନ୍ଦ୍ର କୁମାର ପାଠକ ସେଠାରେ ପୂଜା ଅଧିକାର ପ୍ରଦାନ ପାଇଁ ବାରାଣସୀ ଜିଲା କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଚାରପତି ଏ.କେ.ବିଶ୍ୱେଶ ଏହାର ଶୁଣାଣିକରି ରାୟ ପ୍ରକାଶ କରିଛନ୍ତି। ବିଚାରପତି କହିଛନ୍ତି, ଜିଲାପାଳ ୭ ଦିନ ମଧ୍ୟରେ ମସ୍‌ଜିଦ ପ୍ରକୋଷ୍ଠ ମଧ୍ୟରେ ପୂଜା ପାଇଁ ଆବଶ୍ୟକ ବ୍ୟବସ୍ଥା କରନ୍ତୁ। ମୁସଲମାନମାନଙ୍କ ନମାଜ ପାଠ ପୂର୍ବରୁ ପାଦ, ହସ୍ତ ଓ ମୁଖ ପ୍ରକ୍ଷାଳନ ପାଇଁ ଉଦ୍ଦିଷ୍ଟ 'ୱଜୁଖାନା' ସାମ୍ନାରେ ଥିବା ନନ୍ଦୀ ମୂର୍ତ୍ତି ସମ୍ମୁଖ ବ୍ୟାରିକେଡ୍‌କୁ ହଟାଇ ସେଠାରେ ପୂଜା ବ୍ୟବସ୍ଥା କରାଯିବ। ପୂଜାର୍ଚ୍ଚନା ଦାୟିତ୍ୱ କାଶୀ ବିଶ୍ୱନାଥ ଟ୍ରଷ୍ଟକୁ ଦିଆଯାଇଛି।



ହିନ୍ଦୁ ମହିଳା ଆବେଦନକାରୀମାନଙ୍କ ଓକିଲ ବିଷ୍ଣୁ ଶଙ୍କର ଜୈନଙ୍କ ମତରେ ଉତ୍ତର ପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ମୁଲାୟମ୍ ସିଂ ଯାଦବଙ୍କ ଅମଳରେ ଜ୍ଞାନବାପି ପରିସରରେ ପୂଜାକୁ ବନ୍ଦ କରାଯାଇଥିଲା। ଅନ୍ୟପକ୍ଷେ 'ବ୍ୟାସ୍ କା ତେଖାନା' ନାମରେ ପରିଚିତ ପ୍ରକୋଷ୍ଠ ହେଉଛି ମସ୍‌ଜିଦର ଏକ ଅଂଶ ହୋଇଥିବାରୁ ସେଠାରେ ପୂଜା ପାଇଁ ଅନୁମତି ଦେବା ଅନୁଚିତ ବୋଲି ମୁସଲିମ୍ ପକ୍ଷ ଯୁକ୍ତି ବାଢ଼ିଥିଲେ। ଗତବର୍ଷ ଜୁଲାଇ ୨୧ରେ କୋର୍ଟ ଏହାର ବିଚାରକରି ଭାରତର ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ)କୁ ବିସ୍ତୃତ ବୈଜ୍ଞାନିକ ସର୍ବେକ୍ଷଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କାଶୀ ବିଶ୍ୱନାଥ ମନ୍ଦିର ନିକଟସ୍ଥ ଜ୍ଞାନବାପି ମସ୍‌ଜିଦ ଏକ ମନ୍ଦିରର ଭଗ୍ନାବଶେଷ ଉପରେ ନିର୍ମାଣ କରାଯାଇଛି କି ନାହିଁ ତାହା ସ୍ପଷ୍ଟ କରିବା ପାଇଁ ଆବଶ୍ୟକ ସ୍ଥଳେ ଏଏସ୍‌ଆଇ ଖନନ କରିପାରିବ ବୋଲି ଅଦାଲତ କହିଥିଲେ। ହିନ୍ଦୁ ପକ୍ଷଙ୍କ ମତ ହେଲା, ସାଇଣ୍ଟିଫିକ୍ ସର୍ଭେ ଅନୁସାରେ ମସ୍‌ଜିଦ ଥିବା ସ୍ଥାନରେ ପୂର୍ବରୁ ଏକ ମନ୍ଦିର ଥିଲା। ମସ୍‌ଜିଦ ପରିସରରେ ବର୍ତ୍ତମାନ ୪ଟି ତେହଖାନା ରହିଛି। ତହିଁରୁ ଗୋଟିଏ ପ୍ରକୋଷ୍ଠ ଏବେ ମଧ୍ୟ ପୂଜକମାନଙ୍କ ଉତ୍ତରାଧିକାରୀ ପରିବାର ଦଖଲରେ ରହିଛି। ତେଣୁ ଉତ୍ତରାଧିକାରୀ ସୂତ୍ରରେ ଉକ୍ତ ସ୍ଥାନରେ ହିନ୍ଦୁ ଦେବଦେବୀଙ୍କୁ ପୂଜା କରିବା ଅଧିକାର ତାଙ୍କ ପରିବାରର ରହିଛି। ସେପଟେ ୪ ହିନ୍ଦୁ ମହିଳା ୱଜୁଖାନାରେ ଥିବା ଶିବଲିଙ୍ଗର ବୈଜ୍ଞାନିକ ସର୍ବେକ୍ଷଣ ବା କାର୍ବନ୍ ଡେଟିଂ ଏବଂ ସମ୍ପୃକ୍ତ ଅଞ୍ଚଳରେ ଖନନ ପାଇଁ ମଙ୍ଗଳବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାର ଦିନକ ପରେ ବାରାଣସୀ ଜିଲା କୋର୍ଟଙ୍କ ସଦ୍ୟ ରାୟ ଆସିଛି। ଏହି ରାୟକୁ ଅଞ୍ଜୁମନ୍ ଇନ୍ତେଜାମିଆ ମସ୍‌ଜିଦ୍ କମିଟି ଏବଂ ୱାକଫ୍ ବୋର୍ଡ ଆଲ୍ଲାହାବାଦ ହାଇକୋର୍ଟରେ ଚ୍ୟାଲେଞ୍ଜ କରିପାରନ୍ତି।

> **ବାରାଣସୀ ଜିଲା କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**
>
> **ମସ୍‌ଜିଦ ପରିସରରେ ଥିବା 'ବ୍ୟାସ୍ କା ତେଖାନା' ପ୍ରକୋଷ୍ଠରେ ପୂଜାର୍ଚ୍ଚନା କରିପାରିବେ ହିନ୍ଦୁ ପକ୍ଷ।**

## କେଜ୍‌ରିୱାଲ୍‌ଙ୍କୁ ଇଡିର ୫ମ ସମନ

ନୂଆଦିଲ୍ଲୀ, ୩୧।୧ (ପି.ଟି.)

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା ବୁଧବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ୍‌ଙ୍କୁ ପୁଣି ସମନ କରାଯାଇଛି। ଦିଲ୍ଲୀର ତଥାକଥିତ ଅବକାରୀ ଦୁର୍ନୀତି ମାମଲାରେ ପଞ୍ଚମ ଥର ପାଇଁ କେଜ୍‌ରିୱାଲ୍‌ଙ୍କୁ ସମନ୍ ଜାରି କରିଛି ଇଡି। ଏହି ମାମଲାରେ ପଚରାଉଚରା ପାଇଁ ଆସନ୍ତା ଫେବୃଆରୀ ୨ ତାରିଖରେ ଇଡି କାର୍ଯ୍ୟାଳୟରେ ହାଜର ହେବାକୁ ତାଙ୍କୁ ସମନ୍ ହୋଇଛି। କେଜ୍‌ରିୱାଲ୍‌ଙ୍କୁ ମିଳିଥିବା ଏହି ନୂତନ ସମନକୁ ନେଇ ପ୍ରତିକ୍ରିୟା କରିଛି ଆମ୍ ଆଦମୀ ପାର୍ଟି (ଏଏପି)। ଆଇନ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛି ଦଳ। ପୂର୍ବରୁ ଚଳିତ ବର୍ଷର ଜାନୁଆରୀ ୧୮ ଓ ଜାନୁଆରୀ ୩ ଏବଂ ଗତବର୍ଷର ଡିସେମ୍ବର ୨୧ ଓ ନଭେମ୍ବର ୨, ଏହିପରି ୪ ଥର ଜେରା ନିମନ୍ତେ ହାଜର ହେବାକୁ କେଜ୍‌ରିୱାଲ୍‌ଙ୍କୁ ସମନ କରିଥିଲା ଇଡି। ତେବେ ଇଡି ଦ୍ୱାରା ଜାରି କରାଯାଇଥିବା ଏହି ସମନଗୁଡ଼ିକୁ ବିଭିନ୍ନ ଆଳ ଦେଖାଇ ଟାଳିବା ସହ ଏଭଳି ସମନ୍‌କୁ ବେଆଇନ କହିଥିଲେ କେଜ୍‌ରିୱାଲ୍। ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ଇଡି ତାଙ୍କୁ ଗିରଫ କରିବାକୁ ଚାହୁଁଥିବା କହିବର୍ଷିଥିଲେ କେଜ୍‌ରିୱାଲ୍ । ସୂଚନାଯୋଗ୍ୟ, ଏହି ମାମଲାରେ ଇଡି ପୂର୍ବରୁ ଆମ୍ ଆଦମୀ ପାର୍ଟିର ବରିଷ୍ଠ ନେତା ମନୀଷ ସିସୋଡିଆ ଓ ସଞ୍ଜୟ ସିଂଙ୍କୁ ଗିରଫ କରିଛି।

## ଭିଡ଼ରେ ଭାଙ୍ଗିଲା ରାହୁଲଙ୍କ କାର୍

ମାଲଦା, ୩୧।୧ (ପି.ଟି.)

ରାହୁଲ ଗାନ୍ଧୀଙ୍କ ଦ୍ୱାରା ଚାଲିଥିବା ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ବୁଧବାର ବିହାରରୁ ପୁନର୍ବାର ପଶ୍ଚିମବଙ୍ଗକୁ ପ୍ରବେଶ କରିଛି। ତେବେ ବିହାର ସୀମାବର୍ତ୍ତୀ ପଶ୍ଚିମବଙ୍ଗର ମାଲଦା ଜିଲାର ହରିଶ୍ଚନ୍ଦ୍ରପୁରରେ ରାହୁଲଙ୍କ କାର ପ୍ରବେଶ କରିଥିବା ବେଳେ କାର୍‌ର ପଛପଟୁ କାଚ ଭାଙ୍ଗିଯାଇଥିବା ନଜରକୁ ଆସିଥିଲା। ଉକ୍ତ କାରରେ ରାହୁଲଙ୍କ ସହ ପଶ୍ଚିମବଙ୍ଗ କଂଗ୍ରେସ ସଭାପତି ଅଧୀର ରଞ୍ଜନ ଚୌଧୁରୀ ଉପସ୍ଥିତ ଥିଲେ। ତେବେ ଏହି ଘଟଣାକୁ ନେଇ ସ୍ପଷ୍ଟୀକରଣ ରଖିଛି ଅଲ୍ ଇଣ୍ଡିଆ କଂଗ୍ରେସ କମିଟି



(ଏଆଇସିସି)। ରାହୁଲଙ୍କ ନ୍ୟାୟ ଯାତ୍ରାରେ ବହୁ ଜନସମାଗମ ଦେଖାଦେଇଥିବା ବେଳେ ଜଣେ ମହିଳା ସମର୍ଥକ ରାହୁଲଙ୍କୁ ଭେଟିବା ପାଇଁ ହଠାତ ତାଙ୍କ କାର୍ ସମ୍ମୁଖକୁ ଚାଲିଆସିବାରୁ କାର୍‌କୁ ରୋକିବାକୁ ପଡ଼ିଥିଲା। ସେହି ସମୟରେ ଦୁର୍ଘଟଣା ଘଟି କାର୍‌ର ପଛପଟ କାଚ ଭାଙ୍ଗିଯାଇଥିବା ସୂଚନା ଦେଇଛି ଏଆଇସିସି।




ପରିପୂର୍ଣ୍ଣ ବିଶ୍ୱଜନୀନ ଦୃଷ୍ଟି ଓ ବିଶ୍ୱଜନୀନ ଭାବ ହେଲା ସବୁକିଛି ଭ୍ରାନ୍ତି ଓ ଦୁଃଖ ବେଦନାରୁ ଆରୋଗ୍ୟର ମାର୍ଗ। କିନ୍ତୁ ଅଧିକାଂଶ ମଣିଷ କେବଳ ସେମାନଙ୍କର ଅହଂକାରକୁ ପ୍ରସାରିତ କରି ଚାଲିଥାନ୍ତି। **-ଶ୍ରୀଅରବିନ୍ଦ**



# ୨୦୨୪: ସମ୍ଭାବନା ନିରାଶାଜନକ



ମାର୍କ ଜନ୍ସ

୩୦ ଜାନୁଆରୀ ୧୯୩୩ରେ ଆଡ୍‌ଲଫ୍ ହିଟ୍‌ଲରଙ୍କୁ ଜର୍ମାନୀର ଚାନ୍‌ସେଲର ଭାବରେ ନିଯୁକ୍ତ କରାଯାଇଥିଲା। ତାଙ୍କ ସମର୍ଥକଙ୍କ ପାଇଁ ଏହା ଥିଲା ଏକ ଜାତୀୟ ବିପ୍ଲବ ଏବଂ ପୁନର୍ଜନ୍ମର ଦିନ। ଉଦାରବାଦ ଗଣତାନ୍ତ୍ରିକ ୱିମାର ସରକାର( ୧୯୧୮ ରାଜତନ୍ତ୍ର ଶେଷରୁ ନାଜି ଜର୍ମାନୀ ଶାସନ ଆରମ୍ଭ ମଧ୍ୟରେ ଥିବା ଜର୍ମାନୀ ସରକାର)ର ୧୪ ବର୍ଷ ପରେ ଜର୍ମାନୀ ଜଣେ ଏକଚ୍ଛତ୍ରବାଦୀ ଶକ୍ତିଶାଳୀ ବ୍ୟକ୍ତି ଆବଶ୍ୟକ କରେ ବୋଲି ସେମାନେ ବିଶ୍ୱାସ କରୁଥିଲେ। ସେହିଦିନ ରାତିରେ କେନ୍ଦ୍ରୀୟ ବର୍ଲିନ ଦେଇ ହିଟ୍‌ଲରଙ୍କ ନାଜିସେନାର ମଶାଲ ଶୋଭାଯାତ୍ରା ଏକ ନୂତନ ଯୁଗର ପ୍ରଭାତକୁ ସୂଚିତ କରିଥିଲା। ପ୍ରାରମ୍ଭରୁ ୱିମାର ରିପବ୍ଲିକ୍‌ର ରାଜନୀତି ଅପପ୍ରଚାର ଅଭିଯାନ ଉପରେ ପର୍ଯ୍ୟବସିତ ଥିଲା। ତେବେ ହିଟ୍‌ଲରଙ୍କ ଆଗମନ ବିଶ୍ୱ ଇତିହାସରେ ଏକ ମୋଡ଼ ଥିଲା ଓ ଏକ ରାଜନୈତିକ ପ୍ରକ୍ରିୟା ଆରମ୍ଭ ହୋଇଥିଲା ଯାହା ଦ୍ୱିତୀୟ ବିଶ୍ୱଯୁଦ୍ଧ ଏବଂ ଇହୁଦୀ ଗଣହତ୍ୟା ଭଳି ସ୍ଥିତି ସୃଷ୍ଟି କରିଥିଲା, ଯାହାକୁ ନେଇ ଏବେ ଖୁବ୍ କମ୍ ଲୋକଙ୍କ ମଧ୍ୟରେ ମତଭେଦ ରହିଛି। କିନ୍ତୁ ହିଟ୍‌ଲର କ୍ଷମତା ଦଖଲ କରି ନ ଥିଲେ ବୋଲି ନାଜିମାନେ ପରେ ଦାବି କରିଥିଲେ। ଏହା ପରିବର୍ତ୍ତେ ତାଙ୍କ ଜୀବନୀର ଲେଖକ କେର୍‌ଶ ଉଲ୍ଲେଖ କରିଛନ୍ତି ଯେ,ପ୍ରଭାବଶାଳୀ ବ୍ୟକ୍ତିଙ୍କ ଏକ କ୍ଷୁଦ୍ର ଗୋଷ୍ଠୀ ହିଟ୍‌ଲରଙ୍କୁ କ୍ଷମତାକୁ ଆଣିଥିଲେ।

ସେହି ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ଥିଲେ ଫ୍ରାଞ୍ଜ ଭନ୍ ପାପେନ, ଯିଏ ୧୯୩୨ରେ ଚାନ୍‌ସେଲାର ଭାବରେ କାର୍ଯ୍ୟ କରିଥିଲେ। ସେ ଭାବିଥିଲେ ଯେ ହିଟ୍‌ଲର ଏବଂ ନାଜି ପାର୍ଟି ୧୯୩୨ର ନିର୍ବାଚନ ପରେ ସବୁଠୁ ବଡ଼ ଦଳ ଭାବେ ଏକ ରକ୍ଷଣଶୀଳ ଏଜେଣ୍ଡାକୁ ଆଗେଇନେବେ। ସେହିଭଳି ଜର୍ମାନୀର ରାଷ୍ଟ୍ରପତି ତଥା ପୂର୍ବତନ ଫିଲ୍ଡ ମାର୍ଶାଲ ପଲ୍ ଭନ୍ ହିଣ୍ଡେନ୍‌ବର୍ଗ ରାଜତନ୍ତ୍ରର ପୁନରୁଦ୍ଧାର ପାଇଁ ହିଟ୍‌ଲରଙ୍କୁ ବ୍ୟବହାର କରିବାକୁ ଚାହୁଁଥିଲେ। କିନ୍ତୁ ଏହି ରକ୍ଷଣଶୀଳ ଯୋଜନାଗୁଡିକ ହିଟ୍‌ଲରଙ୍କ କଠୋର ନେତୃତ୍ୱ, ନାଜି ହିଂସା ଏବଂ ଜର୍ମାନୀ ଜନସାଧାରଣଙ୍କ ଶାସନ ପ୍ରତି ଆଗ୍ରହ କାରଣରୁ ଧୂଳିସାତ ହୋଇଗଲା। ହିଟ୍‌ଲରଙ୍କୁ ବିରୋଧ କରୁଥିବା ଉଦାରବାଦୀ ତଥା ସାମାଜିକ ଗଣତାନ୍ତ୍ରିକ ବ୍ୟକ୍ତିମାନେ ହିଂସାର ଶିକାର ହୋଇଥିଲେ। ସ୍ଥିତି ଏତେ ଖରାପ ହେଲା ଯେ,ହିଟ୍‌ଲରଙ୍କ ନୀତି ଧ୍ୱଂସହେବ ବୋଲି ସେମାନେ ନିଶ୍ଚିତ ହୋଇଗଲେ ଏବଂ ନାଜିମାନଙ୍କ ମଧ୍ୟରେ ଅନ୍ତର୍ବିବାଦ ନିଶ୍ଚିତ ଭାବରେ ନୂତନ ସରକାରର ପତନ ଘଟାଇବ। ଉଦାରବାଦୀ ତଥା ସମାଜବାଦୀଙ୍କ ବ୍ୟତୀତ ଜର୍ମାନ ସମାଜର ଏକ ବଡ଼ ଅଂଶ ଅନୁମାନ କରୁଥିଲା ଯେ



ହିଣ୍ଡେନ୍‌ବର୍ଗ ଜର୍ମାନୀର ରାଷ୍ଟ୍ରପତି ହେବାକୁ ପ୍ରତିଜ୍ଞା କରିଛନ୍ତି ଓ ସେ ହିଟ୍‌ଲରଙ୍କୁ ପଛରେ ପକାଇବେ। ଅନ୍ୟମାନେ ଆଶା ରଖିଥିଲେ ଯେ, ସେନା ଏପରି କରିବ। କିନ୍ତୁ ୱିମାର ରିପବ୍ଲିକ୍‌ର ଶେଷ ବର୍ଷରେ ହିଟ୍‌ଲରଙ୍କ ଦକ୍ଷତା ଗ୍ରହଣୀୟ ହେବା ଯୋଗୁ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

ଐତିହାସିକ ପିଟର ଫ୍ରିଜ୍ ଦର୍ଶାଇଛନ୍ତି, ହିଟ୍‌ଲର ଚାନ୍‌ସେଲର ହେବାର ୧୦୦ ଦିନ ମଧ୍ୟରେ କ୍ଷମତା ପାଇଁ ନାଜିମାନଙ୍କ କଠୋର ଅଭିଯାନ ସ୍ପଷ୍ଟ ହୋଇଗଲା। ୧୯୩୩ର ଗ୍ରୀଷ୍ମ ଶେଷ ସୁଦ୍ଧା ଜର୍ମାନୀରେ ଆଉ ସ୍ୱାଧୀନ ରାଜନୈତିକ ଦଳ, ଟ୍ରେଡ୍ ୟୁନିୟନ କିମ୍ବା ସାଂସ୍କୃତିକ ସଂଗଠନ ନ ଥିଲେ। କେବଳ ଖ୍ରୀଷ୍ଟିଆନ ଚର୍ଚ୍ଚଗୁଡ଼ିକର କିଛି ମାତ୍ରାରେ ସ୍ୱାଧୀନତା ଥିଲା। ବର୍ଷେ ପରେ ୧୯୩୪ରେ ହିଟ୍‌ଲର ତାଙ୍କ ଦଳ ଭିତରେ ଥିବା ଶତ୍ରୁଙ୍କୁ ହତ୍ୟା କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଅଗଷ୍ଟ ୨ରେ ହିଣ୍ଡେନ୍‌ବର୍ଗଙ୍କ ମୃତ୍ୟୁ ପରେ ସେ ନିଜକୁ ଜର୍ମାନୀର ଶୀର୍ଷନେତା ଭାବେ ଘୋଷଣା କରିଥିଲେ। ତାଙ୍କର ଏକଚ୍ଛତ୍ରବାଦୀ ଶାସନ ଆଶା ପୂର୍ଣ୍ଣ ହୋଇଥିଲା। ସେତେବେଳକୁ ବନ୍ଦୀ ଶିବିରଗୁଡ଼ିକ କାର୍ଯ୍ୟକ୍ଷମ ହୋଇ ଚାଲୁଥିଲା ଏବଂ ଅର୍ଥନୀତିକୁ ଯୁଦ୍ଧ ଅନୁଯାୟୀ ନିୟନ୍ତ୍ରଣରେ ରଖାଯାଇଥିଲା। ଇତିହାସର ଏହି ଅବଧିର ଆଜି ମଧ୍ୟ ବହୁ ପ୍ରାସଙ୍ଗିକତା ଅଛି। ଚଳିତ ବର୍ଷ ପ୍ରମୁଖ ନିର୍ବାଚନଗୁଡ଼ିକରେ ଅନେକ ଶହ କୋଟି ଲୋକ ଭୋଟ ଦେବେ। କିଛି ସମାଲୋଚକ କହିଲେଣି ଯେ, ୨୦୨୪ ହୁଏତ ନୂଆ ୧୯୩୩ ହୋଇପାରେ ଓ ଏଭଳି ବିପଦର ସଙ୍କେତ ମଧ୍ୟ ଦେଖାଯାଉଛି। ବିଭ୍ରାନ୍ତି ତଥା ବିଚ୍ଛିନ୍ନତା ଗଣତାନ୍ତ୍ରିକ ପ୍ରାଧାନ୍ୟତାକୁ ଗୌଣ କରିଦେଇଛି। ୟୁକ୍ରେନ୍ ପାଇଁ ଆମେରିକାର ସମର୍ଥନକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶେଷ କରିବାକୁ କହିଛନ୍ତି। ଭ୍ଲାଡିମିର ପୁଟିନଙ୍କ ପୂର୍ବ ୟୁରୋପରେ ଏକ ନୂତନ ରୁଷିଆ ସାମ୍ରାଜ୍ୟ ଗଠନ କରିବାର ସ୍ୱପ୍ନରେ ନାଟୋ ଆଉ ପ୍ରତିବନ୍ଧକ ହୋଇ ରହିନାହିଁ। ୟୁରୋପୀୟ ସଂସଦରେ ଅତ୍ୟଧିକ ଦକ୍ଷିଣପନ୍ଥୀ ଦଳଗୁଡ଼ିକ ୟୁରୋପୀୟ ଏକତାର ପଥରୋଧ କରନ୍ତି। ପୋଲାଣ୍ଡ, ଇଷ୍ଟୋନିଆ, ଲିଥୁଆନିଆ ଏବଂ ଲାଟଭିଆ ସ୍ୱତନ୍ତ୍ର ଅଛନ୍ତି। ଗାଜାରେ ଯୁଦ୍ଧ ଏକ ଆଞ୍ଚଳିକ ବିବାଦ ସୃଷ୍ଟି କରିଛି। ପୁଟିନ ଦୂରଗାମୀ କ୍ଷେପଣାସ୍ତ୍ର ସହିତ ବୋମାବର୍ଷଣର ସୁଯୋଗ ନେଇଛନ୍ତି। ଏହି ବିଶୃଙ୍ଖଳା ମଧ୍ୟରେ ଚାଇନା ତାଇୱାନକୁ ଦଖଲ କରିବାକୁ ନିଷ୍ପତ୍ତି ନେଇଛି।

୨୦୨୪ର ସମ୍ଭାବନା ଅତ୍ୟନ୍ତ ନିରାଶାଜନକ ଓ ଅସ୍ପଷ୍ଟ। ସ୍ଥିତି ମଧ୍ୟ ଖରାପ। ୧୯୩୩ରେ ଉଦାରବାଦୀମାନେ ଯେଭଳି ପୂର୍ବାନୁମାନ କରିଥିଲେ ଯେ ହିଟ୍‌ଲର ଶୀଘ୍ର ବିଫଳ ହେବେ, ସେହିଭଳି ଆଜିର ଆମର ଚିନ୍ତାଧାରା ଆମ ବିଚାରକୁ ଅନ୍ଧକାରମୟ କରୁଛି। ତାହା ଘଟିବାର ଆଜିର ବିଶ୍ୱ ସଙ୍କଟର ସମ୍ମୁଖୀନ ହେଉଛି। ଏହି ସମୟରେ ଭବିଷ୍ୟତ ଅନୁକୂଳ ହେବ ବୋଲି ଆଶାବାଦୀ ହୋଇପାରିବା ନାହିଁ। ଆମେ ସମ୍ଭବତଃ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷରେ ଅଛୁ। ଯଦି ଉଦାରବାଦୀମାନେ ବର୍ତ୍ତମାନ କାର୍ଯ୍ୟ କରନ୍ତି, ତଥାପି ସେମାନେ ବିଜୟୀ ହୋଇପାରିବେ। ଏକ ବଡ଼ ସଙ୍କେତ ପ୍ରକାଶ ପାଇଛି। ଅନେକ ହଜାର ଜର୍ମାନ ନାଗରିକ ଗଣତନ୍ତ୍ର ଏବଂ ବିବିଧତାକୁ ସମର୍ଥନ କରିବା ଏବଂ ଚରମ ଦକ୍ଷିଣପନ୍ଥୀଙ୍କୁ ନିନ୍ଦା କରିବା ପାଇଁ ଆନ୍ଦୋଳନ କରିଥିଲେ। କିନ୍ତୁ ଗୋଟିଏ ଦେଶରେ ପ୍ରଦର୍ଶନ ପର୍ଯ୍ୟାପ୍ତ ନୁହେଁ। ଜର୍ମାନୀର ଉଦାରବାଦୀମାନେ ଉପମହାଦେଶରେ ଅନ୍ୟମାନଙ୍କ ସହ ଯୋଗଦେବା ଜରୁରୀ। ବିଭିନ୍ନ ଦେଶରେ ବ୍ୟାପକ ପ୍ରଦର୍ଶନ ଏକ ଶକ୍ତିଶାଳୀ ବାର୍ତ୍ତା ଦେବ। ଏହାର ଅତ୍ୟାବଶ୍ୟକତା ରହିଛି ଓ ଏହାକୁ ବିସ୍ତାର କରିବା ଦରକାର।

କିଛିଦିନ ପୂର୍ବରୁ ୟୁରୋପୀୟ ନେତାମାନେ ଏକତ୍ରିତ ହୋଇ ୟୁରୋକୁ ବଞ୍ଚାଇବା ପାଇଁ ଯାହା ଆବଶ୍ୟକ ତାହା ହିଁ କଲେ। କାରଣ ସେମାନେ ଜାଣିଥିଲେ ଯେ ଏକକ ମୁଦ୍ରାର ବିଫଳତା ୟୁରୋପୀୟ ୟୁନିୟନ(ଇୟୁ)କୁ ଶେଷ କରିଦେବ। ଏହି ବର୍ଷର ବିପଦକୁ ମୁକାବିଲା କରିବା ପାଇଁ ୟୁରୋପୀୟମାନେ ବର୍ତ୍ତମାନ ସମାନ ଦାବି କରିବା ଜରୁରୀ। ନାଟୋ ବିନା ଏକ ବିଶ୍ୱ ପାଇଁ ଇୟୁ ଯୋଜନା ଆବଶ୍ୟକ କରେ। ହଙ୍ଗେରୀ ପ୍ରଧାନମନ୍ତ୍ରୀ ଭିକ୍ଟର ଓର୍ବାନ ଏବଂ ସ୍ଲୋଭାକିଆର ପ୍ରଧାନମନ୍ତ୍ରୀ ରବର୍ଟ ଫିକୋଙ୍କ ପରି ସଦସ୍ୟ ରାଷ୍ଟ୍ରର ନେତାଙ୍କ ସହ ମୁକାବିଲା କରିବା ପାଇଁ ନୂତନ ସାଧନ ଆବଶ୍ୟକ। ଉଭୟ ନେତା ଗଣତନ୍ତ୍ରକୁ ରକ୍ଷା କରିବା ବଦଳରେ ପୁଟିନଙ୍କ ପ୍ରତି କୃତଜ୍ଞ ରହିଛନ୍ତି। ଓର୍ବାନ ଇୟୁର ନିଷ୍ପତ୍ତି ନେବା ଉପରେ ଏକ ଭିଟୋ ପ୍ରୟୋଗ କରିଛନ୍ତି ଯାହା ଗ୍ରହଣୀୟ ନୁହେଁ। ଆମେରିକାରେ ରାଜନୈତିକ ଆନ୍ଦୋଳନ ପରିବର୍ତ୍ତନଶୀଳ। ଟ୍ରମ୍ପଙ୍କ ବିରୋଧୀମାନେ ସେମାନଙ୍କ ମତଭେଦକୁ ଅଲଗାକରି ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସପକ୍ଷରେ ଏକଜୁଟ ହେବା ଜରୁରୀ।

**ସହକାରୀ ପ୍ରାଧ୍ୟାପକ( ଇତିହାସ),**
**ୟୁନିଭର୍ସିଟି କଲେଜ ଡବ୍‌ଲିନ୍**

## ଆମ ଭାଷାଭାବନା



ବିଜୟଲକ୍ଷ୍ମୀ ଦାଶ

'ଭାଷା' ହେଉଛି ଗୋଟିଏ ଜାତିର ପରିଚୟ ଓ ଗୌରବ। ଭାଷାର ସୁଦୃଢ଼ ଭିତ୍ତିଭୂମି ଉପରେ ଜାତିର ଅସ୍ମିତା ନିର୍ଭର କରିଥାଏ। ଆମ ଭାଷାଭାବନା ଜାତି ଗଠନ ଓ ବିକାଶରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। ପଣ୍ଡିତ ଗୋପବନ୍ଧୁ ଦାସ ମଧ୍ୟ ଏହା ଉପରେ ଗୁରୁତ୍ୱ ଦେଇ 'ଭାଷା ଓ ଜାତୀୟତା' ପ୍ରବନ୍ଧରେ ଉଲ୍ଲେଖ କରିଥିଲେ, 'ଭାବ ଓ ସଭ୍ୟତାର ମୂଳରେ ଭାଷା'। ଭାଷାର ଏକତା ଥିଲେ ଭାବର ଏକତା ସୁନିଶ୍ଚିତ। ସୁତରାଂ ସଭ୍ୟତା ଏକ ନ ହୋଇ ଅନ୍ୟଥା ହୋଇ ନ ପାରେ। ପୃଥିବୀର ଆଧୁନିକ ସମସ୍ତ ସଭ୍ୟ ଦେଶ ଏହି ନୀତି ଗ୍ରହଣ କରୁଛନ୍ତି। ତେଣୁ ନିଜ ମାତୃଭାଷାକୁ ନେଇ ଗର୍ବ ଅନୁଭବ କରିବା, ଏହାର ଉତ୍ତରୋତ୍ତର ଉନ୍ନତି କାମନା କରିବା ପ୍ରତ୍ୟେକ ନାଗରିକର ପ୍ରମୁଖ କର୍ତ୍ତବ୍ୟ ହେବା ଉଚିତ।

ଆମେ ଓଡ଼ିଆ ଭାଷା ପ୍ରସଙ୍ଗରେ ଆମ ଜାତୀୟ ଅସ୍ମିତା କଥା ଯେତେବେଳେ ଆଲୋଚନା କରୁଛେ, ସେତେବେଳେ ମୁଖ୍ୟତଃ ଭାଷା ସୁରକ୍ଷା ଆନ୍ଦୋଳନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ବାହ୍ୟଜଗତ ପ୍ରତି ଗବାକ୍ଷ ନ ଥିବା ଯୋଗୁ ଓଡ଼ିଶାର ରୁଦ୍ଧ ପରିବେଷ୍ଟନୀ ମଧ୍ୟରେ ରହି ଚିନ୍ତାଶୀଳ ଓଡ଼ିଆମାନେ ଓଡ଼ିଆ ଅସ୍ମିତାକୁ ବଞ୍ଚାଇବା ପାଇଁ ଯେଉଁ ଉଦ୍ୟମ ଆରମ୍ଭ କରିଥିଲେ ତା'ର ଫଳ ଥିଲା 'ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ'। ଭାଷାଭିତ୍ତିକ ପ୍ରଦେଶ ଗଠନ ନିମନ୍ତେ ଭାଷା ଆନ୍ଦୋଳନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା।

୧୮୭୦ରେ ବାଲେଶ୍ୱର ହାଇସ୍କୁଲର କାନ୍ତିଚନ୍ଦ୍ର ଗୋଟିଏ ବହି ବାହାର କରିଥିଲେ। ଏ ବହିରେ ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ନାହିଁ। ଏହା ବଙ୍ଗଳାର ଏକ ଉପଭାଷା ମାତ୍ର ବୋଲି କହି ବିବିଧ ଯୁକ୍ତି ବାଢ଼ିଥିଲେ। ତାଙ୍କ ଯୁକ୍ତିକୁ ସମର୍ଥନ କରିଥିଲେ ଐତିହାସିକ ରାଜେନ୍ଦ୍ରଲାଲ ମିତ୍ର। ଅନ୍ୟପକ୍ଷରେ ଓଡ଼ିଶାରେ ସ୍ଥାୟୀ ଅଧିବାସୀ ଥିବା କେତେକ ଶିକ୍ଷିତ ସଚେତନ ବଙ୍ଗାଳୀ ଭଦ୍ରବ୍ୟକ୍ତି ଓଡ଼ିଆ ଭାଷାର ଅସ୍ମିତା ଦର୍ଶାଇ ସପକ୍ଷରେ ଯୁକ୍ତି ବାଢ଼ିଲେ। ସେମାନଙ୍କ ମଧ୍ୟରେ ଥିଲେ ଭୂଦେବ ମୁଖୋପାଧ୍ୟାୟ। ଜନ୍ ବିମ୍ସଙ୍କର ଭାଷାଭିତ୍ତିକ ଅନୁଶୀଳନ ଓଡ଼ିଆ ଭାଷାର ପ୍ରାଚୀନତା ପ୍ରମାଣ କରିଥିଲା। ଭାଷାଭିତ୍ତିକ ବାଦବିବାଦ ଆହୁରି ସୁହାଇଲା କାଳିପଦ ବନ୍ଦୋପାଧ୍ୟାୟଙ୍କ 'ଉତ୍କଳ ହିତୈଷିଣୀ' ସାପ୍ତାହିକ ପତ୍ରିକାର ଭାଷା ବିରୋଧୀ ଲେଖା। ଏହା ପରିସ୍ଥିତିକୁ ଆହୁରି ଜଟିଳ କରିଦେଲା। 'ଉତ୍କଳ ହିତୈଷିଣୀ' ପତ୍ରିକାର ଭାଷା ବିରୋଧ ପ୍ରଚାରର ପ୍ରତିବାଦ କରିଥିଲେ 'ଉତ୍କଳ ଦୀପିକା' ର ସମ୍ପାଦକ ଗୌରୀଶଙ୍କର ରାୟ ଓ 'ସମ୍ବାଦବାହିକା'ର ପୃଷ୍ଠପୋଷକ ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ'। ଏମାନଙ୍କ ସହ ଯୋଡ଼ିହେଲେ ରାମଶଙ୍କର ରାୟ, ରାଧାନାଥ ରାୟ, ପ୍ୟାରୀମୋହନ ଆଚାର୍ଯ୍ୟ, ମଧୁସୂଦନ ଦାସ, ଗୋପାଳବଲ୍ଲଭ ଦାସ, ଗୋବିନ୍ଦ ରଥ, ବିଶ୍ୱନାଥ କର, ଫକୀରମୋହନ ସେନାପତି, ଗୋପବନ୍ଧୁ ଦାସ, ନନ୍ଦକିଶୋର ବଳ ପ୍ରମୁଖ।

ଓଡ଼ିଶାକୁ ଭାଷାଭିତ୍ତିକ ରାଜ୍ୟରେ ପରିଣତ କରିବା ସହ ଓଡ଼ିଶାବାସୀଙ୍କ ତଥା ଆର୍ଥନୀତିକ ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଉନବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶନ୍ଧିରେ(୧୯୦୩-୧୯୨୦) ଉତ୍କଳ ସମ୍ମିଳନୀ ଥିଲା ଓଡ଼ିଶାର ମୁଖ୍ୟ ସଂଘବଦ୍ଧ ଅନୁଷ୍ଠାନ। ଉତ୍କଳ ସମ୍ମିଳନୀ ଗଠନ ହେବା ପୂର୍ବରୁ ୧୯୦୩ ରେ ରମ୍ଭା ରାଜପ୍ରାସାଦର ସାମ୍ନାରେ ଏକ ବନ୍ଧୁ ମିଳନର ଆୟୋଜନ କରାଯାଇଥିଲା। ସମ୍ମିଳିତ ଉଦ୍ୟମରେ ପ୍ରଜାବନ୍ଧୁ ନାମକ ସାପ୍ତାହିକ ପତ୍ରିକା ପ୍ରକାଶ ପାଇଲା। ରାଜା ହରିହର ମର୍ଦ୍ଦରାଜ ମଧ୍ୟ ଏ କ୍ଷେତ୍ରରେ ଆଉ ପାଦେ ଆଗକୁ ଯାଇ ୧୯୦୩ ଏପ୍ରିଲ ୧୧ ଓ ୧୨ ତାରିଖରେ ବ୍ରହ୍ମପୁରଠାରେ ଓଡ଼ିଆ ସମ୍ମିଳନୀର ଆୟୋଜନ କରିଥିଲେ। ଓଡ଼ିଆ ଅସ୍ମିତା ସନ୍ଧାନ ଦୃଷ୍ଟିରୁ ଏସବୁର ସ୍ୱାତନ୍ତ୍ର୍ୟ ରହିଛି।

ବର୍ତ୍ତମାନ ଆମେ ମାତୃଭାଷାର ଗୁରୁତ୍ୱକୁ ଉପଲବ୍ଧି କରି ଜାତୀୟ ଶିକ୍ଷା ଓ ସରକାରୀ ସ୍ତରରେ ବିଭିନ୍ନ ଉଦ୍ୟମମାନ ପ୍ରଣୟନ କରାଯାଉଛି। ଏହି ସ୍ୱପ୍ନ ୧୯୧୮ରେ ପଣ୍ଡିତ ଗୋପବନ୍ଧୁ ଦେଖିଥିଲେ। ପଣ୍ଡିତ ଗୋପବନ୍ଧୁଙ୍କର ଭାଷା ଚିନ୍ତନ ଆଜି ଆମ ପାଇଁ ଓଡ଼ିଆ ଭାଷାର ଗୌରବ ପ୍ରତିଷ୍ଠାରେ ସହାୟକ ହେଉ।

**ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,**
**ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ**

## ଏଇ ଭାରତରେ

ପ୍ଲାଷ୍ଟିକ ବର୍ଜ୍ୟର ପୁନଃ ଉପଯୋଗ କରି ପ୍ରଦୂଷଣ ହ୍ରାସ କରିବା ପାଇଁ ଯେଉଁମାନେ ପ୍ରୟାସ କରୁଛନ୍ତି, ସେମାନଙ୍କ ମଧ୍ୟରେ ରହିଛନ୍ତି ଗୁଜରାଟର ମନୀଷ କୋଠାରି । ରିନୋ ମେଶିନ ପ୍ରାଇଭେଟ ଲିମିଟେଡ ପ୍ରତିଷ୍ଠା କରି ସେ ଏହି କାର୍ଯ୍ୟ କରୁଛନ୍ତି। ୧୦୦ ପ୍ରତିଶତ ବର୍ଜ୍ୟ ବ୍ୟବହାର କରି ସେଥିରୁ ଇଟା ପ୍ରସ୍ତୁତ କରାଯାଉଛି, ଯାହା ସାଧାରଣ ଇଟାଠାରୁ ଅଢ଼େଇଗୁଣ ମଜଭୁତ। କେବଳ ଏତିକି ନୁହେଁ, ଏହି ଇଟା ମଧ୍ୟ ସାଧାରଣ ଇଟା ଓଜନର ୩ଭାଗରୁ ୧ ଭାଗ, ଅର୍ଥାତ୍ ଖୁବ୍ ହାଲୁକା। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଏହି ଇଟା ତିଆରି କରିବାରେ ପାଣି ଆବଶ୍ୟକ ହେଉନାହିଁ। ପ୍ଲାଷ୍ଟିକ ବର୍ଜ୍ୟ ସହ ଦିଳିକା ପାଉଡର ମିଶାଯାଇ ଏହି ଇଟା ତିଆରି ହେଉଛି। ୮୦:୨୦ ଭାଗରେ ଏହା କରାଯାଉଛି। ଏହି ଇଟା ପ୍ରସ୍ତୁତିରେ କୌଣସି କାର୍ବନ ନିର୍ଗମନ ହେଉନାହିଁ, ଯାହା ପରିବେଶ ପାଇଁ ଉପଯୋଗୀ ହେଉଛି। ଯେଉଁ ମେଶିନରେ ଇଟା ତିଆରି ହେଉଛି ତାହାର ନାମ ରିନୋ ।

## ୫୦ ବର୍ଷ ତଳର ଧରିତ୍ରୀ

୧ ଫେବୃଆରୀ ୧୯୭୫

- ରାଜ୍ୟରେ ୧୬ଟି ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ପାଇଁ ଶିଳ୍ପ ଅର୍ଥ ଯୋଗାଣ କର୍ପୋରେସନ ପକ୍ଷରୁ ୧୨ କୋଟି ୪୧ ଲକ୍ଷ ଟଙ୍କା ଋଣ ପ୍ରଦାନ।
- ଭାରତ ବାହାରେ ହିନ୍ଦୀ ସାହିତ୍ୟର ପ୍ରସାର ପାଇଁ ୟୁନେସ୍କୋ ପକ୍ଷରୁ ବ୍ୟାପକ ଅନୁବାଦ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।
- ଇସ୍ତାନବୁଲ ବିମାନଘାଟିଠାରେ ଇରାକର ଏକ ବିମାନ ଦୁର୍ଘଟଣାର ସମ୍ମୁଖୀନ ହେବା ଫଳରେ ୪୦ ଯାତ୍ରୀଙ୍କ ମୃତ୍ୟୁ।
- ତୁର୍କୀୟ ଜେଟ ବିମାନ ଦୁର୍ଘଟଣାରେ ୩୮ ଜଣ ଯାତ୍ରୀଙ୍କ ମୃତ୍ୟୁ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | | | | 5 | |
| | | | | | 4 | | | 9 |
| 6 | 9 | | 5 | | | | | 3 |
| | | | | | 5 | | 4 | |
| 5 | | 1 | 9 | | | | 7 | |
| | | 3 | | 2 | | 8 | | |
| 3 | | | | | | 1 | 6 | |
| 1 | | | 6 | 7 | | 2 | | |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 5 | 8 | 1 | 9 | 2 | 6 | 7 |
| 7 | 9 | 1 | 5 | 2 | 6 | 3 | 4 | 8 |
| 8 | 6 | 2 | 4 | 7 | 3 | 1 | 9 | 5 |
| 2 | 7 | 8 | 9 | 3 | 5 | 4 | 1 | 6 |
| 9 | 4 | 6 | 1 | 8 | 2 | 5 | 7 | 3 |
| 1 | 5 | 3 | 6 | 4 | 7 | 8 | 2 | 9 |
| 6 | 8 | 4 | 7 | 5 | 1 | 9 | 3 | 2 |
| 5 | 2 | 9 | 3 | 6 | 4 | 7 | 8 | 1 |
| 3 | 1 | 7 | 2 | 9 | 8 | 6 | 5 | 4 |

ଗତକାଲିର ଉତ୍ତର

# ଉତ୍କଳ ଦଧୀଚି ଭଗବତୀ



ଡ. ହୃଷୀକେଶ ମଲ୍ଲିକ

ଭଗବତୀ ଚରଣ ପାଣିଗ୍ରାହୀ ୧୯୦୮ ମସିହା ଫେବୃଆରୀ ପହିଲାରେ ଅବିଭକ୍ତ ପୁରୀ ଜିଲାର ବାଲିପାଟଣା ଥାନା ଅନ୍ତର୍ଗତ ବିଶ୍ୱନାଥପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ସ୍ୱପ୍ନେଶ୍ୱର ପାଣିଗ୍ରାହୀ ଓ ମାତାଙ୍କ ନାମ ସରସ୍ୱତୀ ଦେବୀ। ଭଗବତୀଙ୍କ ସ୍ୱଳ୍ପ ଜୀବିତ ଜୀବନୀକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ସତେ ଯେପରି ସେ ତାଙ୍କ ନିଜ ପାଇଁ ବା ପରିବାର ପାଇଁ ଜନ୍ମି ନଥିଲେ, ଜନ୍ମିଥିଲେ ଦେଶ ପାଇଁ। ଦୀନ ନିପୀଡ଼ିତର ମୁକ୍ତି ପାଇଁ ସାରା ଜୀବନ ସେ ଥିଲେ ସଂଗ୍ରାମଶୀଳ। ସେ ଆଗ ଥିଲେ ମଣିଷ, ପରେ ନେତା। ତାଙ୍କର ସ୍ନେହଦ ଆଚରଣ ଦ୍ୱାରା ସେ ସମସ୍ତ ବନ୍ଧୁ ଓ ସତୀର୍ଥମାନଙ୍କୁ ଆପଣାର କରିପାରିଥିଲେ। ଜନଦୁଃଖ ନିବାରଣରେ ଭଗବତୀ ଥିଲେ ଦ୍ୱିତୀୟ ଗୋପବନ୍ଧୁ। କୁଶଭଦ୍ରା, ଧନୁଆଁ ନଦୀର ବନ୍ୟା ବେଳେ ସେ ନିଜ ଘରୁ, ମାମୁ ଘରୁ ଓ ସମ୍ବଳବାନ ବନ୍ଧୁବାନ୍ଧବଙ୍କ ଘରୁ ଖାଦ୍ୟଶସ୍ୟ ଓ ପିନ୍ଧାଲୁଗା ସଂଗ୍ରହ କରି ଦୁର୍ଗତ ଲୋକଙ୍କ ପାଖରେ ପହଞ୍ଚି ଯାଉଥିଲେ। ସେ ସବୁବେଳେ କହୁଥିଲେ- "ଲୋକ ବଞ୍ଚିଲେ ସିନା ବିପ୍ଳବ ହେବ, ଲୋକ ଯଦି ନାରଖାର ହୋଇ ମରିବେ, ବିପ୍ଳବ କାହା ପାଇଁ?"

ବିପ୍ଳବ ଏକ ବାୟବୀୟ, ଉଡ଼ାକାଣ୍ଡିଆ ଜିନିଷ ନୁହେଁ, ଦୈନନ୍ଦିନ କାର୍ଯ୍ୟଧାରା ଭିତରୁ ସ୍ୱତଃ ଏହା ଜନ୍ମ ନେଇଥାଏ ବ୍ୟକ୍ତି-ମାନସିକତାର ଆଧାରରେ ଓ ତା'ରି ଭିତରେ ପ୍ରତିନିୟତ ପଜା ହେଉଥାଏ। ଚାଇନା ଚିନ୍ତକ ଲି-ସାଓ-ଚି ତାଙ୍କ ପୁସ୍ତକ "How to be a good communist"ରେ ଏହି ପ୍ରକ୍ରିୟାକୁ 'Revolutionary tempering' ବୋଲି କହିଛନ୍ତି। ଭଗବତୀଙ୍କ ପାଇଁ କଥାଟି ବିଶେଷ ଅର୍ଥ ରଖେ। ତାଙ୍କ ମତରେ ଗରିବ, ଖଟିଖିଆଙ୍କ ପାଇଁ ବାଚନିକ ଦରଦର କିଛି ମୂଲ୍ୟ ନାହିଁ। ଯିଏ ସତ୍ ବିପ୍ଳବୀ, ତା'ର ଏକ ଅଙ୍ଗୀକାର ଥାଏ। ସଂସ୍କୃତି କହିଲେ ଭଗବତୀ ବୁଝୁଥିଲେ କର୍ମ ସଂସ୍କୃତି (work culture)।

ଭଗବତୀଙ୍କ ବିପ୍ଳବ ବହୁମୁଖୀ ଥିଲା। ଅର୍ଥନୈତିକ ଓ ସାମାଜିକ ସାମ୍ୟ ପାଇଁ ସେ କେବଳ ଲଢୁ ନ ଥିଲେ, ଜାତିଭେଦ ଓ ଅସ୍ପୃଶ୍ୟତାର ମଧ୍ୟ ଘୋର ବିରୋଧୀ ଥିଲେ। ଏହି କାରଣରୁ ଥିଲେ ଅଧା ଗାନ୍ଧୀ ଓ ଅଧା ମାର୍କ୍ସ। ସେ ପିଲାଟି ଦିନରୁ ଭାବୁଥିଲେ ଯେ ନିଖିଳ ବ୍ରହ୍ମାଣ୍ଡରେ ଏକା ହାତଗୋଡ଼, ଏକା ଶରୀର ନେଇ ଜନ୍ମିତ ମଣିଷ ଭାତିଭେଦର ଜଘନ୍ୟ ବିଚାରରେ ଉଚ୍ଚନୀଚ ହୋଇ ସମାଜରେ ରହିବେ କାହିଁକି? ଏକ ଅଛବ କ'ଣ ମଣିଷ ନୁହେଁ? ପୁରୀ ମ୍ୟୁନିସିପାଲିଟିର ପରିମଳ କର୍ମଚାରୀ ସଂଘ ସଭାରେ ବସିଥିବା ବେଳେ ସେମାନଙ୍କ ଦୁଃଖକଷ୍ଟ କଥା ଶୁଣି ସେ ଖୁବ୍ ବିଷଣ୍ଣ ହୋଇପଡୁଥିଲେ। ଧନୀଲୋକଙ୍କ ପାଇଖାନାର ବିଷ୍ଠା ବୋଝ ମୁଣ୍ଡରେ ମୁଣ୍ଡାଇ ମେହେନ୍ତର ଘରର ଝିଅବୋହୂମାନେ ନାକରେ ଲୁଗା ଦେଇ ଯାଉଥିବାର ଦୃଶ୍ୟ ତାଙ୍କ ପାଇଁ ଅସହ୍ୟ ଥିଲା। କଣ୍ଡରା, ବାଉରି, ଚମାର, ପାଣ ଓ ଡମ ଆଦି ଦଳିତଙ୍କ ସହ ସେ ନିଜକୁ ଏକାକାର କରିଦେଇଥିଲେ। ପୁରୀର ମାହାର ନେତ୍ରୀ ବେଙ୍ଗ ଦେଇ ଥିଲା ତାଙ୍କର ବେଙ୍ଗଖୁଡ଼ୀ ।

ଭଗବତୀ ତାଙ୍କର ବହୁ ପଠିତ ନିବନ୍ଧ 'ଅର୍ଥ ଓ ପରମାର୍ଥ'ରେ ଲେଖିଛନ୍ତି: "ଆମର ଧର୍ମ, ଆମର ନୀତିଶାସ୍ତ୍ର, ଯାହାକୁ ରାଷ୍ଟ୍ର ଶୃଙ୍ଖଳା ବୋଲି ଅନୁମୋଦନ କରେ, ତାହା ବିଶୃଙ୍ଖଳା; ଯାହାକୁ ନ୍ୟାୟ ବୋଲି ପ୍ରତିପାଦନ କରେ, ତାହା ଅନ୍ୟାୟ; ଯାହାକୁ ଚିରନ୍ତନ ବୋଲି ପ୍ରଚାର କରେ, ତାହା ଅନିତ୍ୟ; ଯାହାକୁ ସମଗ୍ର ମାନବ ସମାଜର ସ୍ୱାର୍ଥ ବୋଲି କହିଥାଏ, ତାହା କେବଳ ଗୋଟିଏ ଶ୍ରେଣୀର ସ୍ୱାର୍ଥ ଏବଂ ଯାହାକୁ ମୁକ୍ତି ବୋଲି ଘୋଷଣା କରିଥାଏ, ତାହା ଦାସତ୍ୱ।" ଭାଗ୍ୟ, ଅଦୃଷ୍ଟ ଓ କର୍ମଫଳ ଆଦି ଧାରଣା ଉପରେ ଶାଣିତ ଆଘାତ ହାଣି ସେ



ତାଙ୍କର " ଆମ ସମାଜର ମୂଳଦୁଆ" ପ୍ରବନ୍ଧରେ ଲେଖିଥିଲେ: "ଆମ ଦେଶର ରୟତ ମନେକରେ, ସେ ଜନ୍ମ ହୋଇଛି ସାରା ଜୀବନ ଖଟିଖଟି ଅନ୍ନ ସଂସ୍ଥାନ କରି ନ ପାରିବା, ତା'ର ତ୍ରୁଟି ଯୋଗୁ ନୁହେଁ କି ଅନ୍ୟର କର୍ତ୍ତୃତ୍ୱ ଯୋଗୁ ନୁହେଁ। ସେଥିପାଇଁ ପୂର୍ବ ଜନ୍ମର କର୍ମଫଳ ଦାୟୀ। ପୂର୍ବ ଜନ୍ମରେ ସେ ବୋଧେ କିଛି ପାପ କରିଥିଲା, ତା'ର ଦଣ୍ଡ ଏ ଜନ୍ମରେ ଭୋଗୁଛି।" ତାଙ୍କ ମତରେ କାମ ନ କରି ସମାଜ ଉପରେ ଯେଉଁମାନେ ପୋଷି ହୁଅନ୍ତି, ତାଙ୍କଠାରୁ ବଳି ଆଉ କେହି ଅପରାଧୀ ନାହିଁ। ନିଜର ପୋଲାଖିଆ ବୃତ୍ତିକୁ ଚାଲୁ ରଖିବା ପାଇଁ ଆଳସ୍ୟପରାୟଣତାକୁ ବଜାୟ ରଖିବା ପାଇଁ ତା'ର ସମାଜରେ ବଞ୍ଚି ରହିବାର ଅଧିକାର ନାହିଁ। ଅଥଚ ଏହି ଶ୍ରେଣୀ ହିଁ ସମାଜରେ ଭଲ ଭାବରେ ବଞ୍ଚେ ଏବଂ ଯେଉଁ ଶ୍ରେଣୀର ସମାଜରେ ବଞ୍ଚିବାର କଥା ସେହି ଶ୍ରମିକ ଶ୍ରେଣୀକୁ ଉପବାସରେ ରହିବାକୁ ହୁଏ। ଏହିପରି ଆତ୍ମବିରୋଧିତା ଉପରେ ପ୍ରତିଷ୍ଠିତ ହୋଇ ଏ ସମାଜ ଆଉ କେତେ କାଳ ତିଷ୍ଠିପାରିବ?"

ସାଧାରଣ ମାମୁଲି ମୂଲ୍ୟବୋଧଠାରୁ ବହୁ ଊର୍ଦ୍ଧ୍ୱରେ ଥିଲା ଭଗବତୀଙ୍କର ସକାରାତ୍ମକ ମୂଲ୍ୟବୋଧ। ଉପେକ୍ଷିତ, ବଞ୍ଚିତ ଓ ଦୁର୍ଗତ ଲୋକଙ୍କୁ ବିକାଶର ଶୀର୍ଷ ସୋପାନରେ ପହଞ୍ଚାଇବା ଥିଲା ତାଙ୍କର ପ୍ରତିବଦ୍ଧ ପ୍ରତିଜ୍ଞା। ଭଗବତୀ ଚରଣଙ୍କ ଜୀବଦ୍ଦଶାରେ ଜାତୀୟ କବି ବୀରକିଶୋର ବ୍ରହ୍ମପୁର ଜେଲରେ ଏକ ବିରଳ ମୁହୂର୍ତ୍ତରେ ଚେତନା ଉଦ୍ଦୀପକ ଏକ କବିତା ଲେଖିଥିଲେ, ଯାହାକୁ କବି ମନମୋହନ ମିଶ୍ର ତାଙ୍କୁ ଜେଲ ଗେଟ୍‌ରେ ଦେଇଥିଲେ। ତା'ର ପ୍ରଥମ ପଦଟି ଥିଲା ଏହିପରି: "ଆମେ କେତେ ଜଣ ଜୀବନକୁ ପାଣି/ ଛଡ଼ାଇ ନ ଦେଲେ ଚଳିବ କି ?/ ଦଧୀଚିର ହାଡ଼ ଉଜାଡ଼ି ନ ଦେଲେ/ ଏ ଦେଶର ଭାଗ୍ୟ ଫେରିବ କି?" ଭଗବତୀ ନିଜର ସ୍ନେହାସ୍ପଦ ସତୀର୍ଥ ଯଦୁନନ୍ଦନ ବିଶ୍ୱାଳଙ୍କ ଦ୍ୱାରା କବିତାଟିକୁ ଛପେଇ ନିଜେ ବୋଲୁଥିଲେ ଓ ଅନ୍ୟ ସାଥୀମାନଙ୍କୁ ବୋଲିବାକୁ ଦେଇଥିଲେ। ଜଗତ ହିତରେ ମହର୍ଷି ଦଧୀଚି ନିଜର ଅସ୍ଥି ଦାନ କଲାପରି ନିଜ ଜୀବନକୁ ପାଣି ଛଡ଼େଇ ଆମୃତ୍ୟୁ ସେ ଦୁଃଖୀଜନର ସେବାରେ ସମର୍ପି ଦେଇଥିଲେ। କାରଣ ଏହି ମହାନୁଭବୀ ନେତାଙ୍କର ହୃଦ୍‌ବୋଧ ହୋଇଥିଲା ଯେ ଅଶେଷ ସ୍ୱାର୍ଥ ତ୍ୟାଗ ନ କଲେ ଦେଶରୁ ଓ ଓଡ଼ିଶାରୁ ଶୋଷଣକଷଣ ହଟିବ ନାହିଁ। ତାଙ୍କ ମଝିଆ ଭାଇ ବିଶିଷ୍ଟ ଲେଖକ କାଳିନ୍ଦୀଚରଣ ଲେଖିଛନ୍ତି: "ପାର୍ଟି କଥାଟା ତାଙ୍କଠାରୁ ଶୁଣାଗଲା। ତାଙ୍କର ନିଜର ହୋଇ କିଛି ନାହିଁ, ସବୁ ପାର୍ଟିର ଏହିପରି ଭାବ। ଏହି ଭାବ କ୍ରମେ ତାଙ୍କ ଭିତରେ ଏତେ ପ୍ରବଳ ବେଗରେ କାର୍ଯ୍ୟ କରୁଥିଲା ଯେ ଥରେ ସେ ପ୍ରସ୍ତାବ କଲେ ତାଙ୍କର ଯାହା ପୈତୃକ ଜମିବାଡ଼ି ସବୁ ପାର୍ଟିକୁ ଦାନ କରିବେ। ଯୁକ୍ତି ଛଳରେ କହିଲି ଯେ ସ୍ୱ-ଉପାର୍ଜିତ ସମ୍ପତ୍ତିକୁ ଘେନି ଏଭଳି ପ୍ରସ୍ତାବ କରାଯାଇପାରେ। ମାତ୍ର ପୈତୃକ ସମ୍ପତ୍ତି ଉପରେ ତାଙ୍କର ଯେଉଁ ଅଧିକାର, ତାଙ୍କ ସନ୍ତାନସନ୍ତତିମାନଙ୍କର ମଧ୍ୟ ସେହି ଅଧିକାର।" ମୃଦୁ ହସି ଭଗବତୀ କହିଲେ, ତାହେଲେ ପାର୍ଟି ସକାଶେ ତୁମକୁ କିଛି ଦେବାକୁ ହେବ। ଉତ୍ତର ଦେଲି-"ମୁଁ ଆଉ କ'ଣ ଦେବି। ମୋହର ଭାଇକୁ ଯେ ଦେଇସାରିଛି। ଯାହାର ମୂଲ୍ୟ କୌଣସି ଅର୍ଥ ଦ୍ୱାରା ନିରୂପଣ କରାଯାଇପାରିବ ନାହିଁ।"

୧୯୪୩ ଅକ୍ଟୋବର ୨୩ ତାରିଖ ପାହାନ୍ତାରେ ମାତ୍ର ୩୫ ବର୍ଷ ବୟସରେ ଭଗବତୀଙ୍କର ଜୀବନଦୀପ ଅକାଳରେ ଲିଭିଗଲା। କିନ୍ତୁ ମୃତ୍ୟୁର ୮୦ବର୍ଷ ପରେ ମଧ୍ୟ ତାଙ୍କର କାର୍ଯ୍ୟ ଓ ଆଦର୍ଶ ବଞ୍ଚିରହିଛି; ସେ ଜିଇ ଥିଲାବେଳେ ଯେପରି ଥିଲା ତତୋଽଧିକ ପ୍ରେରଣାଦାୟୀ ହୋଇ। ତାଙ୍କ ମୃତ୍ୟୁରେ ଅଧୀର କବି ମାୟାଧର ମାନସିଂହ ଲେଖିଥିଲେ: "ସବୁ ସୁଖ ଫିଙ୍ଗିଦେଇ ଦୁର୍ଗତଙ୍କ ପାଇଁ/ ଯେ ସାଧନା କରୁଥିଲ ନିଜ ରକ୍ତ ଦେଇ ,/ ସେ ବ୍ରତର ଉଦ୍‌ଯାପନ ହୋଇଛି କି ବନ୍ଧୁ?/ ଖସିଛି କି ଅତୀତର ବୋଝ ଶୂଦ୍ର ସ୍କନ୍ଧୁ ?/ ହେ ବ୍ରାହ୍ମଣ ଶୂଦ୍ର ଲାଗି ଫିଙ୍ଗି ଉପବୀତ/ ହୋଇଥିଲ ଯେ ଆଦର୍ଶ ସାଥେ ପରିମାତ।/ ଯେ ଯେ ଦୂରେ, ସେ ଯେ ଦୂରେ!/ ଆଣି ଅଧା ପଥେ/ ଛାଡ଼ି ଚାଲିଗଲ, ଆମେ ଚାହିଁଛୁ ସମସ୍ତେ।"

**ମୋ: ୯୮୫୩୨୮୭୭୫୫**

## ପାଠକ ଶ୍ରେଷ୍ଠ ବିଚାରକ

### ଆର୍ଥିକ ବୈଷମ୍ୟରେ ଭାରତ ଏକ ନମ୍ବର

ମହାଶୟ,

ବିଶ୍ୱରେ ଧନୀଙ୍କ ସଂଖ୍ୟା ଓ ସମ୍ପତ୍ତି ହ୍ରାସ ପାଉଥିବା ବେଳେ ଓଡ଼ିଶାରେ ଧନୀଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଫୋର୍ବସ ରିପୋର୍ଟ ଅନୁସାରେ ଭାରତରେ ୨୦୨୨ରେ ୧୬୬ଜଣ ଅରବପତି ଥିବାବେଳେ ସେମାନଙ୍କ ସଂଖ୍ୟା ୨୦୨୩ରେ ୧୬୯କୁ ବୃଦ୍ଧି ପାଇଛି। ମାତ୍ର ବିଶ୍ୱରେ ୨୦୨୨ରେ ମୋଟ ୨୬୬୮ଜଣ ଅରବପତି ଥିବାବେଳେ ୨୦୨୩ରେ ଏହି ସଂଖ୍ୟା ୨୬୪୦କୁ ହ୍ରାସ ପାଇଛି। କେବଳ ସେତିକିନୁହେଁ ଭାରତରେ ୧୬୯ଜଣ ଅରବପତିଙ୍କ ମୋଟ ସମ୍ପତ୍ତି ୬୭୫ ବିଲିୟନ ଡଲାର। ଭାରତରେ ଧନୀ ଓ ଗରିବଙ୍କ ମଧ୍ୟରେ ଥିବା ଆର୍ଥିକ ବୈଷମ୍ୟ ସର୍ବାଧିକ, ଯାହାଫଳରେ ବିଶ୍ୱର ଏ କ୍ଷେତ୍ରରେ ଭାରତ ପ୍ରଥମ ସ୍ଥାନରେ ରହିଛି। ୧ ପ୍ରତିଶତ ଧନୀଙ୍କ ପାଖରେ ଦେଶର ମୋଟ ସମ୍ପତ୍ତିର ୬୭ ପ୍ରତିଶତ ଥିବାବେଳେ ୯୯ ପ୍ରତିଶତ ଅବଶିଷ୍ଟ ଲୋକଙ୍କ ସମ୍ପତ୍ତିର ପରିମାଣ ମାତ୍ର ୨୩ ପ୍ରତିଶତ। ଧନୀ ଓ ଗରିବଙ୍କ ମଧ୍ୟରେ ଥିବା ଆର୍ଥିକ ବୈଷମ୍ୟ ଭାରତର ଏକ ପ୍ରମୁଖ ସମସ୍ୟା।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କେବଳ ଏଥି ନାଚଇ ଶୂନ୍ୟ
ପରାଣ ତହିଁ ରହଇ ଲାଖି,
ଯେତେ ମୁଁ ଚାହେଁ ଜୋଛନା ପଥେ
ତୃପତି ମୋର ନ ମାନେ ଆଖି।
-(ନିଜ ଭୁଲା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୧/୨୦୨୪ | Bhubaneswar, Thursday, February 1/2024 | ପୃଷ୍ଠା-୧


## ଦେବୀପ୍ରସନ୍ନ ପଟ୍ଟନାୟକ ପାଇବେ ବିଶ୍ୱ ଓଡ଼ିଆ ଭାଷା ସମ୍ମାନ

### ମାନପତ୍ର ସହ ୨୦ ଲକ୍ଷ ଟଙ୍କା ପୁରସ୍କାର ରାଶିରେ ସମ୍ମାନିତ କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୧।୧(ଅନିଲ ଦାସ)**



ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ବିଶିଷ୍ଟ ଭାଷାବିତ୍ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମାନରେ ସମ୍ମାନିତ କରାଯିବ। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶିଷ୍ଟ ଭାଷାବିତ୍ ଦେବୀପ୍ରସନ୍ନଙ୍କୁ ଓଡ଼ିଆ ଭାଷା ଉପରେ ତାଙ୍କର ଉଚ୍ଚକୋଟୀର ଗବେଷଣା ଦିଗରେ ଜୀବନବ୍ୟାପୀ ସାଧନାର ସ୍ୱୀକୃତି ସ୍ୱରୂପ ତାଙ୍କୁ ବିଶ୍ୱ ଓଡ଼ିଆ ଭାଷା ସମ୍ମାନରେ ସମ୍ମାନିତ କରିବେ। ପୁରସ୍କାର ବାବଦରେ ତାଙ୍କୁ ୨୦ ଲକ୍ଷ ଟଙ୍କା ଓ ମାନପତ୍ର ପ୍ରଦାନ କରାଯିବ। ଡକ୍ଟର ପଟ୍ଟନାୟକଙ୍କ ଗବେଷଣା ଓଡ଼ିଆ ଭାଷାକୁ ବହୁ ଭାବରେ ସମୃଦ୍ଧ କରିଛି। ଭାରତର ଜଣେ ବିଶିଷ୍ଟ ବିଦ୍ୱାନ ଓ ଭାଷାବିତ୍ ଭାବରେ ସେ ବେଶ୍ ସୁପରିଚିତ। ଭାରତୀୟ ଭାଷା ପ୍ରତିଷ୍ଠାନର ପ୍ରତିଷ୍ଠାତା ନିର୍ଦ୍ଦେଶକ ଭାବରେ ସେ ଅନେକ ସୁନାମ ଅର୍ଜନ କରିଛନ୍ତି।

ଭାରତୀୟ ଭାଷା ସମୂହର ବିକାଶ ଦିଗରେ ତାଙ୍କର ସମର୍ପିତ ଉଦ୍ୟମ ପାଇଁ ଡକ୍ଟର ପଟ୍ଟନାୟକ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ଦିଗରେ ତାଙ୍କ ବହୁମୂଲ୍ୟ ଅବଦାନ ସର୍ବଜନବିଦିତ।

ଭାରତୀୟ ଭାଷା ପରିଷଦର ସଭାପତି ତଥା ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ ଭାଷା ବିଭାଗର ପୂର୍ବତନ ପ୍ରଫେସର ଜି. ଉମା ମହେଶ୍ୱର ରାଓ, ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପି. କେ. ସ୍ୱାଇଁ ଏବଂ କେନ୍ଦ୍ର ଶିକ୍ଷା ବିଭାଗର ଶାସ୍ତ୍ରୀୟ ଓଡ଼ିଆ ଅଧ୍ୟୟନ ଉତ୍କର୍ଷ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ ପଣ୍ଡାଙ୍କୁ ନେଇ ଓଡ଼ିଶା ସରକାରଙ୍କ ଦ୍ୱାରା ଗଠିତ କମିଟି ସର୍ବସମ୍ମତି କ୍ରମେ ଡକ୍ଟର ଦେବୀପ୍ରସନ୍ନଙ୍କ ନାମକୁ ଏହି ସମ୍ମାନଜନକ ପୁରସ୍କାର ପାଇଁ ସୁପାରିସ କରିଥିଲା।

## ସୀମାନ୍ତରେ ମାଓବାଦୀଙ୍କ ବଡ଼ ବଙ୍କର

**ମାଲକାନଗିରି,୩୧।୧ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ନିକଟ ଛତିଶଗଡ଼ର ବିଜାପୁର ଓ ଦାନ୍ତେୱାଡ଼ା ଜିଲା ସୀମାନ୍ତରେ ମାଓବାଦୀଙ୍କ ଏକ ବଡ଼ ବଙ୍କର ଠାବ ହୋଇଛି। ମଙ୍ଗଳବାର ବିଜାପୁର ଜିଲାରେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ୩ ସୁରକ୍ଷା କର୍ମୀ ନିହତ ହୋଇଥିବା ବେଳେ ୧୫ ଆହତ ହୋଇଥିଲେ। ଅନ୍ୟପକ୍ଷରେ ଏହି ଗୁଳି ବିନିମୟରେ ୬ ମାଓବାଦୀଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣା ପରେ ସୁରକ୍ଷା କର୍ମୀମାନେ କୋମ୍ବିଂ ଜୋର୍‌ଦାର କରୁଥିବା ସମୟରେ ବୁଧବାର ସକାଳେ ମାଓବାଦୀଙ୍କ ଏକ ବଙ୍କର ଠାବ କରିଥିଲେ। ଏହି ବଙ୍କର ପ୍ରାୟ ୨୦ ଫୁଟ ଲମ୍ବ ଥିବାବେଳେ ଏହା ଜାଣିବା ବହୁ କଷ୍ଟକର ଥିଲା। ଖାଲି ସ୍ଥଳରେ ଚାଲୁଥିବାବେଳେ ଏହି ବଙ୍କରକୁ ଠାବକରିବା କଷ୍ଟକର। ତେବେ ସୁରକ୍ଷା କର୍ମୀ କୋମ୍ବିଂ ସମୟରେ ଗୋଟିଏ ସ୍ଥାନରେ ମାଟି ଓ ତଳେ କିଛି କାଠ ଗଣ୍ଡି ଥିବା ଦେଖିବାକୁ ପାଇଥିଲେ। ସୁରକ୍ଷା କର୍ମୀ ଉକ୍ତ ମାଟି ଓ କାଠ ଗଣ୍ଡିଗୁଡ଼ିକୁ କାଢ଼ିଲା ପରେ ତଳେ ବଙ୍କର ଥିବା ଜାଣିପାରିଥିଲେ। ଏହି ପରିପ୍ରେକ୍ଷୀରେ ମାଓବାଦୀମାନେ ବଙ୍କରରେ ଲୁଚି ରହି ପୋଲିସ ଉପରେ ଆକ୍ରମଣ କରିବା ନିମନ୍ତେ ଆଲୋଚନା ବୈଠକ ଇତ୍ୟାଦି କରିଥିବା ପୋଲିସ ଅନୁମାନ କରୁଛି। ରିପୋର୍ଟ ଲେଖାହେବା ସୁଦ୍ଧା ଉକ୍ତ ଅଞ୍ଚଳରେ କୋମ୍ବିଂ ଜାରି ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ।



ସୀମାନ୍ତରେ ଠାବ ହୋଇଥିବା ବଙ୍କର।

## ହାଇକୋର୍ଟରେ ରାୟ ସଂରକ୍ଷିତ

### କନିଷ୍ଠ ଶିକ୍ଷକ ନିଯୁକ୍ତି ଅନିୟମିତତା ମାମଲା

**କଟକ,୩୧।୧(କାର୍ତ୍ତିକ ସାହୁ)**

ରାଜ୍ୟର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ବୁଧବାର ଶେଷ ହୋଇଛି। ବିଚାରପତି ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ରାୟକୁ ସଂରକ୍ଷିତ ରଖିଛନ୍ତି। ଚୟନ ଓ ନିଯୁକ୍ତି ଉପରେ ହାଇକୋର୍ଟ ଦେଇଥିବା ପୂର୍ବର ଅନ୍ତରୀଣ ରହିତାଦେଶ ପୂର୍ବଭଳି ଜାରି ରହିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ଶୁଣାଣିରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟ ସରକାର ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଥିଲେ। କନିଷ୍ଠ ଶିକ୍ଷକ ନିଯୁକ୍ତି ନେଇ ଜିଲା ଅନୁଯାୟୀ ମେଧା ତାଲିକା ପ୍ରକାଶ କରାଯାଇଥିବା ସରକାର ସତ୍ୟପାଠରେ ଦର୍ଶାଇଥିଲେ। ପୂର୍ବରୁ ପ୍ରକାଶିତ ମେଧା ତାଲିକା ପ୍ରତ୍ୟାହାର ହୋଇଛି କି ନାହିଁ ସେନେଇ ସତ୍ୟପାଠ ଦାଖଲ କରିବାକୁ ପୁଣି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ହାଇକୋର୍ଟ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଓଡ଼ିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟି (ଓସେପା) ପକ୍ଷରୁ ୨୦,୦୦୦ କନିଷ୍ଠ ଶିକ୍ଷକ ନିଯୁକ୍ତି ନିମନ୍ତେ ଅନ୍‌ଲାଇନ୍ ଆବେଦନ ପାଇଁ ଗତବର୍ଷ ସେପ୍ଟେମ୍ବର ୧୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆବେଦନପତ୍ର ଦାଖଲର ଶେଷ ତାରିଖ ଅକ୍ଟୋବର ୧୦ ତାରିଖ ଦର୍ଶାଯାଇଥିଲା। ଆବେଦନ ପ୍ରକ୍ରିୟା ଶେଷ ପରେ ଚଳିତବର୍ଷ ଜାନୁଆରୀ ୧୫ ତାରିଖରେ ଓସେପା ପକ୍ଷରୁ ଡ୍ରାଫ୍ଟ ମେରିଟ ଲିଷ୍ଟ ପ୍ରକାଶିତ ହୋଇଥିଲା। ଏହି ମେଧା ତାଲିକାରେ ପ୍ରକାଶିତ ଆବେଦନକାରୀଙ୍କ ସାର୍ଟିଫିକେଟ ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରାଯିବ ବୋଲି ଓସେପା ପକ୍ଷରୁ ବିଜ୍ଞପ୍ତିରେ ଦର୍ଶାଯାଇଥିଲା। ଯାଞ୍ଚ ପାଇଁ ପ୍ରତି ଜିଲାରେ ନିର୍ଦ୍ଧାରିତ ହୋଇଥିବା ସ୍ଥାନ ସମ୍ପର୍କରେ ମଧ୍ୟ ବିଜ୍ଞପ୍ତିରେ ସୂଚନା ଦିଆଯାଇଥିଲା। ହେଲେ ଏହି ମେଧା ତାଲିକା ନିୟମ ଉଲ୍ଲଂଘନ କରି ପ୍ରସ୍ତୁତ କରାଯାଇଥିବା ଓ ଗଣଶିକ୍ଷା ବିଭାଗର ମୂଳ ନିଯୁକ୍ତି ବିଜ୍ଞପ୍ତିରେ ଥିବା ସର୍ତ୍ତାବଳୀକୁ ପାଳନ କରାଯାଇ ନ ଥିବା ଅଭିଯୋଗ ହୋଇଥିଲା। ଏହାଦ୍ୱାରା ବହୁ ଯୋଗ୍ୟ ପ୍ରାର୍ଥୀ ନିଯୁକ୍ତି ପ୍ରକ୍ରିୟାରୁ ବାଦ୍ ପଡିଛନ୍ତି। ଫଳରେ ଉକ୍ତ ମେଧା ତାଲିକାକୁ ରଦ୍ଦ କରିବା ନେଇ ଜେ. ଆର୍. ମହାରଣା ଓ ଅନ୍ୟମାନେ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ହାଇକୋର୍ଟ ଗତ ୧୯ ତାରିଖରେ ମାମଲାର ଶୁଣାଣି କରି ନିଯୁକ୍ତି ପ୍ରକ୍ରିୟା ଉପରେ ଅନ୍ତରୀଣ ଅଙ୍କୁଶ ଲଗାଇଥିଲେ। ସାର୍ଟିଫିକେଟ, କାଗଜପତ୍ର ଯାଞ୍ଚ ପ୍ରକ୍ରିୟା ଚାଲୁ ରହିବ, ମାତ୍ର ଚୟନ ଓ ନିଯୁକ୍ତି ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରିବ ନାହିଁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ଏବଂ ଓସେପାର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି।


DSPL-599

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା

କାଳିଆ ଛାତ୍ରବୃତ୍ତି
ପିଲାଙ୍କ ଉନ୍ନତ ଭବିଷ୍ୟତ

କାଳିଆ ହିତାଧିକାରୀ ପରିବାରର ପିଲାମାନଙ୍କ ପାଇଁ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ନୂଆବର୍ଷ ଭେଟି ପରିବର୍ଦ୍ଧିତ 'କାଳିଆ ଛାତ୍ରବୃତ୍ତି'

- ସମସ୍ତ ସରକାରୀ ଓ ବେସରକାରୀ AISHE ମାନର ଶିକ୍ଷାନୁଷ୍ଠାନ ସହ IIT, IIM, NIT, AIIMS ଏବଂ ICAR ଗୁଡିକରେ ବୃତ୍ତିଗତ ଓ ବୈଷୟିକ ଶିକ୍ଷା ପାଇଁ ମିଳିବ ଆର୍ଥିକ ସହାୟତା
- ସରକାରୀ ଶିକ୍ଷାନୁଷ୍ଠାନର ସମସ୍ତ ଖର୍ଚ୍ଚ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନର ନିର୍ଦ୍ଧାରିତ ହାରରେ ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର
- କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ କୃଷକ ପରିବାରର ମେଧାବୀ ଛାତ୍ର ଛାତ୍ରୀ ମାନଙ୍କ ପାଇଁ 'କାଳିଆ ଛାତ୍ରବୃତ୍ତି' ଆଣିଛି ଅପୂର୍ବ ସୁଯୋଗ

୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଅନ୍‌ଲାଇନ୍ ପଞ୍ଜିକରଣର ସମୟସୀମା:
ଫେବୃଆରୀ ୮ ତାରିଖ ପର୍ଯ୍ୟନ୍ତ ବୃଦ୍ଧି



ଯୋଗ୍ୟ ଶିକ୍ଷାର୍ଥୀ ଆବେଦନ କରନ୍ତୁ:
www.scholarship.odisha.gov.in
ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ:
୧୫୫୩୩୫, ୧୮୦୦-୩୪୫-୬୭୭୦



"କୃଷକ ପରିବାରର ପିଲାମାନଙ୍କୁ ବୃତ୍ତିଗତ ଓ ବୈଷୟିକ ଶିକ୍ଷା ପ୍ରଦାନ କରି ରାଜ୍ୟର କୃଷକମାନଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ମୋ ସରକାର ପ୍ରତିବଦ୍ଧ"

ମୁଖ୍ୟମନ୍ତ୍ରୀ, ଓଡ଼ିଶା

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା

OIPR-01510/13/0017/2324

# ନକଲି ଆଇଡି ଖୋଲି ଶିକ୍ଷୟିତ୍ରୀଙ୍କ ନଗ୍ନ ଫଟୋ ଅପ୍‌ଲୋଡ

## ପୂର୍ବତନ ଛାତ୍ର ଗିରଫ

ମାଲକାନଗିରି,୩୧।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଆଦର୍ଶ ଥାନା ଅଞ୍ଚଳରେ ଥିବା ଏକ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ନାମରେ ସୋସିଆଲ ମିଡିଆରେ ନକଲି ଆକାଉଣ୍ଟ ଖୋଲି ନଗ୍ନ ଫଟୋ ଅପ୍‌ଲୋଡ କରିଥିବା ପୂର୍ବତନ ଛାତ୍ରଙ୍କୁ ପୋଲିସ ବୁଧବାର ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ମାଲକାନଗିରି ସହର ରିକ୍ଲାମେଶନ କଲୋନୀର ରାହୁଲ ବିଶ୍ୱାସ (୧୯)। ମାଲକାନଗିରି ଅଞ୍ଚଳର ଏକ ବିଦ୍ୟାଳୟରେ ଛାତ୍ରଜଣକ ପଢୁଥିବା ସମୟରେ ସେଠାରେ ଜଣେ ଝିଅଙ୍କୁ ଭଲ ପାଉଥିଲେ। ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ଦୁଇ ଜଣଙ୍କୁ ବୁଝାଶୁଝା କରିବା ସହ ପାଠ ପଢିବା ପାଇଁ କହିଥିଲେ। ଯୁବକ ଜଣକ ବର୍ତ୍ତମାନ ସେଠାର ପଢୁ ନ ଥିବା ବେଳେ ଗତ କିଛି ଦିନ ତଳେ ସେହି ଶିକ୍ଷୟିତ୍ରୀଙ୍କ ଫଟୋକୁ ବ୍ୟବହାର କରି ଇନ୍‌ଷ୍ଟାଗ୍ରାମରେ ନକଲି ଆଇଡି ଖୋଲି ଥିଲେ। ସେଥିରେ ଶିକ୍ଷୟିତ୍ରୀଙ୍କ ଫଟୋକୁ ଏଆଇ ମାଧ୍ୟମରେ ଏଡିଟ୍ କରି ନଗ୍ନ ଫଟୋ ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଶିକ୍ଷୟିତ୍ରୀଙ୍କ ସହିତ ବିଦ୍ୟାଳୟର ଅନ୍ୟ ଛାତ୍ରୀମାନଙ୍କର ମଧ୍ୟ ସେଭଳି ନଗ୍ନ ଫଟୋ କରି ସେହି ଆଇଡିରେ ଛାଡ଼ିଥିଲେ। ଏଭଳି ନକଲି ଆଇଡିରେ ନଗ୍ନ ଫଟୋ ଦେଖି ଶିକ୍ଷୟିତ୍ରୀଜଣକ ମାଲକାନଗିରି ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା ରୁଜୁସହ ଘଟଣାର ତଦନ୍ତ କରିବା ପରେ ରାହୁଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ କହିଛନ୍ତି।

# ମା' ସମଲେଇ ପୀଠରେ ଯଜ୍ଞ ସମାପନ




ରଙ୍ଗିନ ଆଲୋକମାଳାରେ ଝଲସୁଛି ମନ୍ଦିର ପରିସର। ସମଲେଇ ପୀଠ ଯଜ୍ଞକୁଣ୍ଡରେ ପୂର୍ଣ୍ଣାହୁତି ପ୍ରଦାନ।

ସମ୍ବଲପୁର,୩୧।୧ (ପ୍ରମୋଦ ବହିଦାର)

- ପୂର୍ଣ୍ଣାହୁତି ଦେଲେ ଶତାଧିକ ଭକ୍ତ
- ଲେଜର ଶୋ, ମହାନଦୀ ଆଳତି ଦେଖିବାକୁ ଭିଡ଼

ମା' ସମଲେଇଙ୍କ ରୂପାନ୍ତରିତ ପୀଠର ଭବ୍ୟ ଲୋକାର୍ପଣ ସମାରୋହ ଉପଲକ୍ଷେ ଗତ ସୋମବାର ୨୭ ତାରିଖରୁ ମନ୍ଦିର ପରିସରରେ ଆରମ୍ଭ ହୋଇଥିବା ପଞ୍ଚକୁଣ୍ଡୀୟ ଯଜ୍ଞ ବୁଧବାର ସମାପନ ହୋଇଛି। ମାନବ କଲ୍ୟାଣ ଓ ବିଶ୍ୱଶାନ୍ତି ପାଇଁ ମନ୍ଦିର ପରିସରରେ ପଶ୍ଚିମ ଓଡ଼ିଶାର ୧୧ ଜିଲାରୁ ଆସିଥିବା ୩୦ଜଣ ଓ ୨୦ଜଣ ସ୍ଥାନୀୟ ପଣ୍ଡିତଙ୍କୁ ମିଶାଇ ମୋଟ ୫୦ଜଣ ପଣ୍ଡିତଙ୍କ ଦ୍ୱାରା ବିଗତ ୫ଦିନ ଧରି ୫ଟି ଯଜ୍ଞକୁଣ୍ଡରେ ଯଜ୍ଞ, ହୋମ ଓ ସପ୍ତ ଚଣ୍ଡୀପାଠ ସମ୍ପାଦିତ ହୋଇଥିଲା। ପ୍ରାତଃ ୭ଟାରୁ ଯଜ୍ଞ ଆରମ୍ଭ ହୋଇ ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ପୂର୍ଣ୍ଣାହୁତି ପଡ଼ିଥିଲା। ପୂର୍ଣ୍ଣାହୁତିରେ ସାମିଲ ହୋଇ ସମସ୍ତ ପଣ୍ଡିତ, ପୂଜକ, ଟ୍ରଷ୍ଟ ବୋର୍ଡ କର୍ମକର୍ତ୍ତା, ପ୍ରଶାସନିକ ଅଧିକାରୀ, କଳସଧାରୀ ମହିଳାଙ୍କ ସମେତ ଶତାଧିକ ଭକ୍ତ ହୁଳହୁଳି ଓ ହରିବୋଲ ଧ୍ୱନିର ଏକ ଧାର୍ମିକ ପରିବେଶରେ ଯଜ୍ଞକୁଣ୍ଡରେ ଆହୁତି ଓ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ମହିଳାମାନେ ଯଜ୍ଞମଣ୍ଡପରେ ସ୍ଥାପିତ ସମସ୍ତ କଳସକୁ ନେଇ ପୁନର୍ବାର ମହାନଦୀର ପବିତ୍ର ଜଳରେ ବିସର୍ଜନ କରିଥିଲେ।

ମୁଖ୍ୟ ଯଜ୍ଞକୁଣ୍ଡରେ ମୁଖ୍ୟ ପଣ୍ଡିତ ମହେନ୍ଦ୍ର ପୂଜାରୀଙ୍କ ନେତୃତ୍ୱରେ ସମ୍ପାଦିତ ଯଜ୍ଞ ଓ ଚଣ୍ଡୀପାଠରେ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିବା ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ ଓ ତାଙ୍କ ଧର୍ମପତ୍ନୀ ଅଞ୍ଜଳି ତ୍ରିପାଠୀଙ୍କ ସହିତ ଉତ୍ତରାଞ୍ଚଳ ଆର୍‌ଡିସି ଡ. ସୁରେଶ ଚନ୍ଦ୍ର ଦଳାଇ, ସମଲେଇ ପ୍ରକଳ୍ପ ଭାରପ୍ରାପ୍ତ ସ୍ୱତନ୍ତ୍ର ଅଧିକାରୀ ଉମାକାନ୍ତ ରାଜ, ଉପଜିଲାପାଳ ପ୍ରଭାସ ଦନସେନା, ସହକାରୀ ଦେବୋତ୍ତର କମିଶନର ରାଜେଶ ରୋଶନ ନନ୍ଦ, ସ୍ୱତନ୍ତ୍ର ଲୋକ ସମ୍ପର୍କ ଅଧିକାରୀ ବିନାୟକ ମିଶ୍ର, ମନ୍ଦିର ଟ୍ରଷ୍ଟବୋର୍ଡ କର୍ମକର୍ତ୍ତା ପ୍ରଫୁଲ୍ଲ ହୋତା, ମନ୍ଦିର ପୂଜକ ଅମ୍ବିକା ରାୟ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ପୂର୍ଣ୍ଣାହୁତିରେ ସାମିଲ ହେବା ପାଇଁ ମନ୍ଦିର ପରିସରରେ ଭକ୍ତଙ୍କ ଭିଡ଼ ଜମିଥିଲା। ଶ୍ରଦ୍ଧାଳୁମାନେ ମହାନଦୀ ଆଳତିରେ ସାମିଲହେବା ସହ ସମ୍ବଲପୁରର ଅଗ୍ରଣୀ ସାଂସ୍କୃତିକ ସଂଗଠନ ଲହରି ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। କଳାକାରମାନେ ନିର୍ଦ୍ଦେଶକ ଡ. ମୋହିତ ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ପାରମ୍ପରିକ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଭଞ୍ଜନଗର ବିଶ୍ୱ ଜନନୀ କଳା ପରିଷଦର କଳାକାରମାନେ ପଶୁମୁଖା ନୃତ୍ୟ ପ୍ରଦର୍ଶନକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିବ। ୫ଦିନ ଧରି ଏଠାରେ ଚାଲିଥିବା ଯଜ୍ଞ, ହୋମ, ଚଣ୍ଡୀପାଠ ଯୋଗୁ ମା'ଙ୍କ ପୀଠରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ମା'ଙ୍କ ପୀଠର ରୂପାନ୍ତରିତ ରୂପକୁ ପ୍ରତ୍ୟକ୍ଷ ଭାବେ ଦେଖିବାକୁ ପ୍ରତିଦିନ ମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗି ରହିଛି। ବିଶେଷକରି ସନ୍ଧ୍ୟାରେ ପୀଠ ସହିତ ମନ୍ଦିର ପରିପାର୍ଶ୍ୱରେ ଉଜ୍ଜ୍ୱଳ ଆଲୋକମାଳା ଓ ପ୍ରତିଦିନ ଆୟୋଜିତ ହେଉଥିବା ଲେଜର ଶୋ, ମହାନଦୀ ଆଳତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ଆକର୍ଷଣ ସାଜିଛି।

# ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ଦେବ 'ନ୍ୟାୟ ପାଇଁ ଲଢ଼େଇ ପରିବାର'

ଭୁବନେଶ୍ୱର,୩୧।୧ (ସତ୍ୟଜିତ୍ ରାଉତ)

ଆସନ୍ତା ଫେବୃଆରୀ ୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ବଲପୁର ଗସ୍ତ କାର୍ଯ୍ୟକ୍ରମ ରହିଛି। ତେବେ ଏହି ସମୟରେ 'ନ୍ୟାୟ ପାଇଁ ଲଢ଼େଇ ପରିବାର'ର ସଦସ୍ୟମାନେ ସମ୍ବଲପୁର ଯାଇ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ସହ ସମସ୍ତ ମାମଲାର ସିବିଆଇ ତଦନ୍ତ ପାଇଁ ଏକ ଦାବିପତ୍ର ପ୍ରଦାନ କରିବେ। ଏନେଇ ନ୍ୟାୟ ପାଇଁ ଲଢ଼େଇ ପରିବାର ପକ୍ଷରୁ ବୁଧବାର ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସଭାପତି ସୁବ୍ରତ ଦାସ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ ପାଇଁ ନୂଆଦିଲ୍ଲୀସ୍ଥିତ ଅଫିସକୁ ଚିଠି ପଠାଯାଇ ଅନୁମତି ଲୋଡାଯାଇଛି। ଏଥିସହ ପରିବାର ସଦସ୍ୟଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ସମ୍ବଲପୁର ଜିଲାପାଳ ଓ ଏସ୍‌ପିଙ୍କୁ ଚିଠି ପଠାଯାଇ ଅବଗତ କରାଯାଇଥିବା ସେ ସୂଚନା ଦେଇଛନ୍ତି।

## ହେମନ୍ତଙ୍କୁ ଗିରଫ... ପ୍ରଥମ ପୃଷ୍ଠାରୁ...

ଅଧିକାରୀମାନଙ୍କ ବିରୋଧରେ ଏଫ୍‌ଆଇଆର୍ ଦେଇଥିଲେ। ଇଡିର ଚଢ଼ାଉ ଯୋଗୁ ମୁଁ ଓ ମୋ ପରିବାର ସଦସ୍ୟମାନେ ଭୀଷଣ ମାନସିକ, ମନସ୍ତାତ୍ତ୍ୱିକ ଓ ଭାବଗତ ଆଘାତ ପାଇଛୁ। ଜବତ ହୋଇଥିବ କାର୍ ଓ ଟଙ୍କା ମଧ୍ୟ ମୋର ନୁହେଁ। ଇଡି ଅଧିକାରୀମାନେ ମୋ ସମେତ ଆଦିବାସୀମାନଙ୍କୁ ହଇରାଣ କରି ଛବି ମଳିନ କରିବା ଉଦ୍ଦେଶ୍ୟରେ ବୋଲି ସେ ଏଥିରେ ଉଲ୍ଲେଖ କରିଥିଲେ। ଏତଲା ଆଧାରରେ କେତେଜଣ ବରିଷ୍ଠ ଇଡି ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ରାଞ୍ଚି ଏସ୍‌ପି ଚନ୍ଦନ କୁମାର ସିହ୍ନା କହିଛନ୍ତି।

ହେମନ୍ତ ସୋରେନ୍‌ଙ୍କ ଇସ୍ତଫା ପରେ ଜେଏମ୍‌ଏମ୍ ନେତୃତ୍ୱାଧୀନ ଶାସକ ମେଣ୍ଟ ସରକାରର ମଙ୍ଗ ପରିବହନ ଏବଂ ଏସ୍‌ସି, ଏସ୍‌ଟି, ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ଚମ୍ପାଇ ସୋରେନ୍ ଧରିଛନ୍ତି। ଜେଏମ୍‌ଏମ୍-କଂଗ୍ରେସ-ଆର୍‌ଜେଡି ମେଣ୍ଟ ଚମ୍ପାଇଙ୍କୁ ନୂଆ ମୁଖ୍ୟମନ୍ତ୍ରୀ ଚୟନ କରିଥିବା ରାଜ୍ୟ କଂଗ୍ରେସ ସଭାପତି ରାଜେଶ ଠାକୁର ସୂଚନା ଦେଇଛନ୍ତି। ଝାଡ଼ଖଣ୍ଡ ବିଧାନସଭାର ୮୦ ବିଧାୟକଙ୍କ ମଧ୍ୟରୁ ୪୧ ଜଣ ଷଡେଇକଳା ବିଧାୟକ ଚମ୍ପାଇଙ୍କୁ ସମର୍ଥନ କରୁଥିବା କୁହାଯାଉଛି। ଅନ୍ୟପକ୍ଷେ ଚମ୍ପାଇ ନିଜ ସପକ୍ଷରେ ୪୭ ବିଧାୟକ ଥିବା ସରକାର ଗଠନ ପାଇଁ ଦାବି ସମୟରେ ରାଜ୍ୟପାଳଙ୍କୁ ଜଣାଇଛନ୍ତି। ଜେଏମ୍‌ଏମ୍ ମୁଖ୍ୟ ଶିବୁ ସୋରେନ୍ ଦଳ ଗଠନ କରିବା ସମୟରୁ ଚମ୍ପାଇ ତାଙ୍କ ସହିତ ରହିଆସିଛନ୍ତି। ୧୯୫୬ ନଭେମ୍ବରରେ ଷଢ଼େଇକଳା-ଖରସୁଆଁ ଜିଲା ଜିଲିଙ୍ଗୋରା ଗ୍ରାମର ଏକ ଚାଷୀ ପରିବାରରେ ଚମ୍ପାଇ ଜନ୍ମ ଗ୍ରହଣ କରିଥିଲେ। ସିମଲ ସୋରେନ୍‌ଙ୍କ ୭ ଝିଅପୁଅଙ୍କ ମଧ୍ୟରୁ ଚମ୍ପାଇ ହେଉଛନ୍ତି ସବାବଡ଼। ସେ ମାଟ୍ରିକ୍ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି। ୭ ଥର ବିଧାୟକ ନିର୍ବାଚିତ ହୋଇଥିବା ଚମ୍ପାଇ ଝାଡ଼ଖଣ୍ଡ ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ହୋଇଥିବା ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇଥିଲେ। ଏଥିପାଇଁ ସେ 'ଝାଡ଼ଖଣ୍ଡ ଟାଇଗର' ନାମରେ ଖ୍ୟାତି ଅର୍ଜନ କରିଛନ୍ତି। ଏହା ପୂର୍ବରୁ ହେମନ୍ତଙ୍କ ସ୍ତ୍ରୀ କଳ୍ପନା ସୋରେନ୍‌ଙ୍କ ନାମକୁ ନେଇ ମଧ୍ୟ ଚର୍ଚ୍ଚା ଜୋର୍ ଧରିଥିଲା। କିନ୍ତୁ ଶିବୁ ସୋରେନ୍‌ଙ୍କ ବଡ଼ବୋହୂ ତଥା ବିଧାୟିକା ସୀତା ସୋରେନ୍ କଳ୍ପନାଙ୍କୁ ବିରୋଧ କରିବାରୁ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଇବା ନେଇ ସହମତି ପ୍ରକାଶ ପାଇ ନ ଥିଲା।

## ୬ରେ ଓଡ଼ିଶା...

ମଧ୍ୟ ରୋଡ୍ ଶୋ କାର୍ଯ୍ୟକ୍ରମ ରହିଛି। ସେଦିନ ରାହୁଲଙ୍କର ଝାରସୁଗୁଡାଠାରେ ରାତ୍ରିଯାପନ କାର୍ଯ୍ୟକ୍ରମ ରହିଛି। ୮ ତାରିଖରେ ରାହୁଲଙ୍କ ଯାତ୍ରା ବ୍ରଜରାଜନଗର, ବେଲପାହାଡ଼ ହୋଇ କନକତରା ଦେଇ ଛତିଶଗଡ଼ ଭିତରେ ପ୍ରବେଶ କରିବ ବୋଲି ସେ କହିଛନ୍ତି। ଏହା ଭିତରେ ରାହୁଲ ରାସ୍ତାରେ ଲୋକଙ୍କ ସହ କଥାବାର୍ତ୍ତା ହେବା ସହ ଦୁଇଟି ସାଧାରଣ ସଭା କରିବେ ବୋଲି ଜଣାପଡିଛି। ତେବେ ଏନେଇ ପିସିସି ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇନାହିଁ। ପରବର୍ତ୍ତୀ ସମୟରେ ରାହୁଲଙ୍କର ଆହୁରି ମଧ୍ୟ କାର୍ଯ୍ୟକ୍ରମ ରହିଛି। ସେ ଭୁବନେଶ୍ୱରରେ ବିଶାଳ ସମାବେଶ ସହ ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ମଧ୍ୟ ତାଙ୍କର କାର୍ଯ୍ୟକ୍ରମ ରହିଥିବା ପିସିସି ସଭାପତି କହିଛନ୍ତି। ଅନ୍ୟପଟେ ରାହୁଲଙ୍କ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଓଡ଼ିଶାର କଂଗ୍ରେସ ନେତାମାନଙ୍କ ମଧ୍ୟରେ ଦାୟିତ୍ୱ ବାଣ୍ଟିଦିଆଯାଇଛି। ସେହିପରି କାର୍ଯ୍ୟକ୍ରମ କିପରି ସଫଳ ହେବ ସେନେଇ ପିସିସି ସଭାପତିଙ୍କ ସମେତ ଆଉ କେତେଜଣ ନେତା ଗୁରୁବାର ରାହୁଲ ଯିବାକୁ ଥିବା ସବୁ ସ୍ଥାନ ପରିଦର୍ଶନ କରିବେ।

## ଫେବୃଆରୀ ସୁଦ୍ଧା...

ପଞ୍ଚାୟତକୁ ବିକାଶର କେନ୍ଦ୍ର କରିବା ଓ ଗାଁର ଅର୍ଥନୀତିକୁ ମଜଭୁତ କରିବା ଆମର ଲକ୍ଷ୍ୟ। ଲକ୍ଷ୍ମୀ ବସ୍ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଯୋଜନାରେ ନିକଟରେ ଆରମ୍ଭ ହୋଇଥିବା ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ବିଷୟରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପାଇଁ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅନୁଭବ ନେବା ପାଇଁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ଆରମ୍ଭ କରାଯାଇଛି। ଗ୍ରାମାଞ୍ଚଳରେ ଗମନାଗମନର ବହୁ ସମସ୍ୟା ରହିଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତ ପରେ ଏ ବିଷୟରେ ଜାଣି ନିଷ୍ପତ୍ତିକ୍ରମେ ଏହି ଲକ୍ଷ୍ମୀ ବସ୍ ଯୋଜନା ଆରମ୍ଭ କରାଯାଇଛି। ଗ୍ରାମାଞ୍ଚଳ ଲୋକମାନେ ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ତାଙ୍କର ଦୈନନ୍ଦିନ କାର୍ଯ୍ୟ ପାଇଁ ଘର ପାଖରୁ ଏହି ବସ୍‌କୁ ବ୍ୟବହାର କରିପାରିବେ।

ଲକ୍ଷ୍ମୀ ବସ୍ ସେବା ଲୋକ ସହିତ ଚାଷୀଙ୍କୁ ମାର୍କେଟ ସହିତ ଯୋଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଦେବଗଡ଼ଠାରେ ଉପସ୍ଥିତ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଓ ଢେଙ୍କାନାଳରେ ଉପସ୍ଥିତ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ଆଜି ଗାଁର ଲୋକମାନେ ସହରର ସୁବିଧା ପାଉଛନ୍ତି।

କାର୍ଯ୍ୟକ୍ରମରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ଯେ ଲକ୍ଷ୍ମୀ ବସ୍ ହେଉଛି ଆପଣଙ୍କ ସମ୍ପତ୍ତି। ଆପଣମାନେ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରନ୍ତୁ। ଲୋକଙ୍କୁ ଉପଯୁକ୍ତ ସମ୍ମାନ ଦେଇ ସେମାନଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେବାକୁ ସେ ବସ୍ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଢେଙ୍କାନାଳରେ ବିଧାୟକ ସୁଧୀର କୁମାର ସାମଲ, ଅନୁଗୋଳରେ ରଜନୀକାନ୍ତ ସିଂ, ବ୍ରଜକିଶୋର ପ୍ରଧାନ ଏବଂ ଦେବଗଡ଼ରେ ଜିଲା ପରିଷଦ ସଭାପତି କୌଶିକ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ଜିଲାରେ ବହୁ ସଂଖ୍ୟାରେ ଜନସମାଗମ ହୋଇଥିଲା।

ସୂଚନାଯୋଗ୍ୟ ଯେ ଏହି ଯୋଜନା ପ୍ରଥମେ ମାଲକାନଗିରିରେ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ଗଜପତି ଓ କୋରାପୁଟ ଜିଲାବାସୀ ଲକ୍ଷ୍ମୀ ବସ୍ ସେବା ପାଇଥିଲେ। ଏହି ବ୍ୟବସ୍ଥାରେ ଆଉ ୩ ଜିଲା ଯୋଡ଼ି ହୋଇଛି।



# ଶିକ୍ଷା ମନ୍ତ୍ରଣାଳୟ-ଏଆଇସିଟିଇ ଇନ୍‌ଭେଷ୍ଟର ନେଟ୍‌ୱର୍କର ଶୁଭାରମ୍ଭ କଲେ ଧର୍ମେନ୍ଦ୍ର



ନୂଆଦିଲ୍ଲୀଠାରେ 'ଶିକ୍ଷା ମନ୍ତ୍ରଣାଳୟ-ଏଆଇସିଟିଇ ଇନ୍‌ଭେଷ୍ଟର ନେଟ୍‌ୱର୍କର ଶୁଭାରମ୍ଭ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନିକଟରେ ଅଛନ୍ତି ଅନ୍ୟ ଅତିଥିବୃନ୍ଦ।

ଭୁବନେଶ୍ୱର, ୩୧।୧ (ସୁନିତ୍ ମିଶ୍ର)

ଶିକ୍ଷା କ୍ଷେତ୍ରରେ ନବସୃଜନ ଏବଂ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବୁଧବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀଠାରେ 'ଶିକ୍ଷା ମନ୍ତ୍ରଣାଳୟ-ଏଆଇସିଟିଇ ଇନ୍‌ଭେଷ୍ଟର ନେଟ୍‌ୱର୍କର ଶୁଭାରମ୍ଭ କରିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଏବଂ ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ ବା ଏଆଇସିଟିଇ ଦ୍ୱାରା ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଆରମ୍ଭ ହୋଇଛି। ଛାତ୍ରୀଛାତ୍ର କିମ୍ବା ଅଧ୍ୟାପକଙ୍କ ନେତୃତ୍ୱାଧୀନ ଷ୍ଟାର୍ଟଅପ୍‌ଗୁଡ଼ିକୁ ଆର୍ଥିକ ସହାୟତା, ପରାମର୍ଶ ପ୍ରଦାନ କରିବା ଏହି ନେଟ୍‌ୱର୍କର ଲକ୍ଷ୍ୟ ରହିଛି। ଛାତ୍ରୀଛାତ୍ର, ଅଧ୍ୟାପକ, ନିବେଶକ ଏବଂ ବଜାରକୁ ଗୋଟିଏ ପ୍ଲାଟ୍‌ଫର୍ମରେ ଆଣି ନବସୃଜନ ସଂସ୍କୃତିକୁ ସୁଦୃଢ଼ କରିବ ଏବଂ ଷ୍ଟାର୍ଟ ଅପ୍ ପାଣ୍ଠି ସମସ୍ୟାକୁ ଦୂର କରିବାରେ ଏହି ପଦକ୍ଷେପ ବେଶ୍ ସହାୟକ ହେବ। ଜାତୀୟ ଶିକ୍ଷାନୀତିର କଳ୍ପନା ଅନୁସାରେ ଷ୍ଟାର୍ଟଅପ୍ ଦୃଶ୍ୟପଟକୁ ପ୍ରୋତ୍ସାହିତ କରିବା ତଥା ଇନୋଭେଶନ କ୍ଷେତ୍ରରେ ଭାରତକୁ 'ନ୍ୟୁମେରୋ ୟୁନୋ' ବା ୧ ନମ୍ବର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନକୁ ପୂରଣ କରିବା ଦିଗରେ ଏହା ଏକ ଅନ୍ୟତମ ପଦକ୍ଷେପ।

ଧର୍ମେନ୍ଦ୍ର କହିଛନ୍ତି, ଏମ୍‌ଓଇ-ଏଆଇସିଟିଇ ନେଟ୍‌ୱର୍କ ମାଧ୍ୟମରେ ଦକ୍ଷ ଉଦ୍ଭାବକଙ୍କ ପାଇଁ ଏକ ଇକୋସିଷ୍ଟମକୁ ସୁଦୃଢ଼ କରାଯାଉଛି। ଏହି ଇକୋସିଷ୍ଟମ ନୂଆ ଆଇଡିଆରୁ ଆରମ୍ଭ କରିବାଠାରୁ ବ୍ୟବସାୟରେ ଷ୍ଟାର୍ଟଅପ୍ ସଫଳ ରୂପାୟନ ହେବା ପର୍ଯ୍ୟନ୍ତ ସବୁପ୍ରକାର ସମର୍ଥନ ପ୍ରଦାନ କରିବ। ଶିଳ୍ପ ପୁଞ୍ଜିପତି କେବଳ ନିବେଶକ ନୁହନ୍ତି, ବରଂ ପରାମର୍ଶଦାତା ଏବଂ ଅଂଶୀଦାର ମଧ୍ୟ। ଏହି ଅବସରରେ ସେ ବିଦ୍ୟାଳୟ ଓ ଉଚ୍ଚ ଶିକ୍ଷାନୁଷ୍ଠାନର ଶ୍ରେଣୀଗୃହରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆସୁଥିବା ଆଇଡିଆର ସଫଳ ରୂପ ଦେବା ପାଇଁ ସହଯୋଗୀ ହେବାକୁ ଉପସ୍ଥିତ ପାର୍ଟନର୍ସ ଓ ପରାମର୍ଶଦାତାଙ୍କୁ ଆହ୍ୱାନ କରିଛନ୍ତି।

## ଆଇଆଇଏମ୍ ସମ୍ବଲପୁର ସ୍ଥାୟୀ କ୍ୟାମ୍ପସ୍ ଲୋକାର୍ପଣ କାର୍ଯ୍ୟକ୍ରମ

# ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୩୧।୧ (ସୁନିତ୍ ମିଶ୍ର)

ସମ୍ବଲପୁର ଆଇଆଇଏମ୍ ସ୍ଥାୟୀ କ୍ୟାମ୍ପସ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆସନ୍ତା ୩ ତାରିଖରେ ଲୋକାର୍ପଣ କରାଯିବ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ରାଜ୍ୟପାଳ ରଘୁବର ଦାସ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ନିମନ୍ତ୍ରଣ କରିଛନ୍ତି। ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ଆଇଆଇଏମ୍ ସମ୍ବଲପୁର ୨୦୧୫ ପରେ ଆରମ୍ଭ ହୋଇଛି। ଏହି ଶିକ୍ଷାନୁଷ୍ଠାନରେ ବର୍ତ୍ତମାନ ୩୬ ଫ୍ୟାକଲ୍ଟି, ୫୫ ଜଣ ନନ୍ ଫ୍ୟାକଲ୍ଟି ଏବଂ ମୋଟ୍ ୭୧୯ ଜଣ ପିଲା ଅଛନ୍ତି। ଏହି ଶିକ୍ଷାନୁଷ୍ଠାନର ସ୍ଥାୟୀ କ୍ୟାମ୍ପସ୍ ଆସନ୍ତା ୩ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପଣ କରାଯିବ। ତେଣୁ ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ନିମନ୍ତ୍ରଣ କରୁଛି। ନିମନ୍ତ୍ରଣ ରକ୍ଷାକରି ଆସିବାକୁ ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି।

# ଭୁବନେଶ୍ୱର ବିମାନବନ୍ଦରରୁ ଅନ୍ତର୍ଜାତୀୟ ଏୟାରକାର୍ଗୋ ସେବା ଆରମ୍ଭ

ଭୁବନେଶ୍ୱର, ୩୧।୧ (ଅସମାପିକା ସାହୁ)

- ଦୁବାଇ ଗଲା ୧୦୦ କେଜି କାଜୁ
- ସୁଇଡେନ୍‌କୁ ଉତ୍ପାଦ ପଠାଇଲା ଜିନ୍ଦଲ ଷ୍ଟିଲ୍

ବିଜୁପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ବୁଧବାର ସିଧାସଳଖ ଅନ୍ତର୍ଜାତୀୟ ଏୟାରକାର୍ଗୋ ସେବା ବା ଆମଦାନୀ-ରପ୍ତାନି ଅପରେଶନ ଆରମ୍ଭ ହୋଇଛି। ଇଣ୍ଡିଗୋ ଏୟାରକାର୍ଗୋରେ ପ୍ରଥମ ଦିନରେ ୧୦୦ କେଜି କାଜୁ ଦୁବାଇ ପଠାଯାଇଛି। ଏଥିସହିତ ଜିନ୍ଦଲ ଷ୍ଟିଲ୍ ତା'ର ଉତ୍ପାଦକୁ ସ୍ୱିଡେନ୍‌କୁ ପଠାଇଛି। ଜିନ୍ଦଲ ଷ୍ଟିଲ୍ ପ୍ରତିଦିନ କୋଲକାତା ବିମାନବନ୍ଦର ମାଧ୍ୟମରେ ଏହି କାରବାର କରିଆସୁଥିଲା। ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଏହି ସେବାର ଶୁଭାରମ୍ଭ କରି କହିଲେ, ରାଜ୍ୟ ବାଣିଜ୍ୟ କ୍ଷେତ୍ରରେ ଆଜି ଏକ ସ୍ମରଣୀୟ ମୁହୂର୍ତ୍ତ। ଆମର ରପ୍ତାନିକାରୀ ଓ ଆମଦାନିକାରୀ ସଂସ୍ଥାଗୁଡ଼ିକ ଦୀର୍ଘଦିନ ହେଲା ଅସୁବିଧାର ସମ୍ମୁଖୀନ ହେଉଥିଲେ। ବିଦେଶକୁ ରପ୍ତାନି ଏବଂ ବିଦେଶରୁ ଆମଦାନୀ ପାଇଁ ସେମାନେ ଭାଇଜାଗ, ଚେନ୍ନାଇ, ବିଶାଖାପାଟଣା ଓ କୋଲକାତା ବିମାନବନ୍ଦର ଉପରେ ନିର୍ଭର କରୁଥିଲେ। ବାଣିଜ୍ୟିକ ଫି' ଦେବା ସହ ବିଭିନ୍ନ କାରଣରୁ ଦିନ ଦିନ ଧରି ମାଲ ପରିବହନ ହୋଇପାରୁ ନ ଥିଲା। ଏବେ ଭୁବନେଶ୍ୱର ବିମାନବନ୍ଦରରୁ ସିଧାସଳଖ



ମନ୍ତ୍ରୀ ପ୍ରତାପ ଦେବ ପତାକା ଦେଖାଇ ଏୟାର କାର୍ଗୋ ସେବାର ଶୁଭାରମ୍ଭ କରୁଛନ୍ତି।

ରପ୍ତାନି ଆମଦାନୀରେ ଏସବୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଓଡ଼ିଶାରେ ରପ୍ତାନି ଉତ୍ପାଦର ଯଥେଷ୍ଟ ସମ୍ଭାବନା ରହିଛି। କେବଳ କାଜୁ କାହିଁକି, ଧାତବ ପଦାର୍ଥ, ହସ୍ତତନ୍ତ ଦ୍ରବ୍ୟ, କୃଷିଜାତ ଦ୍ରବ୍ୟ, ଉଦ୍ୟାନ କୃଷିଜାତ ଦ୍ରବ୍ୟ, ସାମୁଦ୍ରିକ ଦ୍ରବ୍ୟ, ଫାର୍ମାସ୍ୟୁଟିକାଲ ଆଦି ବିଭିନ୍ନ ଦ୍ରବ୍ୟର ରପ୍ତାନିର ମଧ୍ୟ ସୁବିଧା ହେବ। ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ଏହି ଅନ୍ତଃରାଷ୍ଟ୍ରୀୟ ରପ୍ତାନି-ଆମଦାନୀ ସେବା ଆରମ୍ଭ କରାଯାଇଛି। ସିଙ୍ଗାପୁର, ବ୍ୟାଙ୍କକ୍ ଓ ଦୁବାଇକୁ ସିଧାସଳଖ ବିମାନ ଚଳାଚଳ କରୁଛି। ପ୍ରତିବର୍ଷ ଓଡ଼ିଶା ୧୫ରୁ ୭୦ ହଜାର କୋଟି ଟଙ୍କାର ସମୁଦ୍ରଜାତ ଦ୍ରବ୍ୟ ଓ ହସ୍ତତନ୍ତ ରପ୍ତାନି କରୁଛି। ଏବେ ଏସବୁର ରପ୍ତାନି ଆହୁରି ବୃଦ୍ଧି ପାଇବ ବୋଲି ମନ୍ତ୍ରୀ କହିଛନ୍ତି। ଏମ୍‌ଏସ୍‌ଏମ୍‌ଇ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କହିଲେ, ଭୁବନେଶ୍ୱର ବିମାନବନ୍ଦରରୁ ସିଧାସଳଖ କାର୍ଗୋ ସେବା ଆରମ୍ଭ ଓଡ଼ିଶାର ଆମଦାନୀ-ରପ୍ତାନି କ୍ଷେତ୍ରରେ ଏକ ଐତିହାସିକ ଦିବସ। ଆଗାମୀ ଦିନରେ ଏସିଆ, ୟୁରୋପ, ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକୁ ରପ୍ତାନି ଲକ୍ଷ୍ୟ ରହିଛି। କରୋନା ସତ୍ତ୍ୱେ ଓଡ଼ିଶାର ୫୬ ପ୍ରତିଶତ ପରିବହନ ଏୟାରକାର୍ଗୋରେ ହୋଇଛି। ଏଥିପାଇଁ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ, କଷ୍ଟମ୍ ବିଭାଗ, ଏଏଆଇକ୍ଲାସ୍, ଆପେଡ଼ା, ଏମ୍‌ପେଡ଼ା, ପ୍ଲାଣ୍ଟ କ୍ୱାରାଣ୍ଟାଇନ୍, ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ, ଇଆଏ, ଉଦ୍ୟୋଗୀ, ରପ୍ତାନିକାରୀ ସମସ୍ତଙ୍କର ଅବଦାନ ରହିଛି ବୋଲି ସେ କହିଥିଲେ। ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଲେ, ଓଡ଼ିଶା ସରକାରଙ୍କ ଅନ୍ତର୍ଜାତୀୟ ଯୋଗାଯୋଗ ଏକ ଯୁଗାନ୍ତକାରୀ ପଦକ୍ଷେପ। ଇଣ୍ଡିଗୋର ବିଶ୍ୱସାରା ସଂଯୋଗୀକରଣ ରହିଛି। ଇଣ୍ଡିଗୋ ଏୟାରକାର୍ଗୋ ପ୍ରତିଦିନ ୨୧୦ ଟନ୍ ଓଜନ ପରିବହନ କ୍ଷମତା ରଖେ ବୋଲି ସେ କହିଥିଲେ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଧୀରେନ୍ଦ୍ରନାଥ ପଟ୍ଟନାୟକଙ୍କ ଜୟନ୍ତୀ, ସ୍ଥାନ: ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରିଜିଓନାଲ କାପାସିଟି ବିଲ୍ଡିଂ ୱାର୍କଶପ ଅନ ହେଲ୍ଥ ରାଇଟ୍ସ, ସ୍ଥାନ: ରେଡକ୍ରସ୍ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ରାଜ୍ୟସ୍ତରୀୟ ଭାସ୍କର୍ଯ୍ୟ କର୍ମଶାଳା ଉଦ୍‌ଯାପନୀ ସମାରୋହ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଏନ୍‌ଟିପିସି ପକ୍ଷରୁ ଗଣମାଧ୍ୟମ ଭାବ ବିନିମୟ, ସ୍ଥାନ: ସ୍ୱସ୍ତି ପ୍ରିମିୟମ୍, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ରାଜ୍ୟସ୍ତରୀୟ ଇଣ୍ଟର ୟୁନିଭର୍ସିଟି କଲ୍‌ଚରାଲ ଏବଂ ଲିଟେରାରି ମିଟ୍, ସ୍ଥାନ: ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।

## କଟକ

- ବଡ଼ମ୍ବା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବଡ଼ମ୍ବାର କୋଲେଶ୍ୱର, ଝାଳିଆ ଓ ଭଟାରିକା ଗ୍ରାମ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅଭାସି ମାଧ୍ୟମରେ ଟିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାଏଲେସିସ କେନ୍ଦ୍ରର ଲୋକାର୍ପଣ, ସ୍ଥାନ: ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ଅପରାହ୍ନ ୩ ଟା।

## ପୁରୀ

- ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର, ନୀଳାଚଳ ନାରାୟଣ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସ୍ଥାନ: ଲୋକନାଥ ରୋଡ୍, ସମୟ: ପୂର୍ବାହ୍ନ ୧୧ଟା।
- ଭଗବତୀ ଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ, ଭଗବତୀ ବିଦ୍ୟା ନିକେତନ, ସ୍ଥାନ: ଅଠରନଳା, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ବନ୍ଧୁ ମିଳନ ଓ ଗରିବଙ୍କୁ ଶୀତବସ୍ତ୍ର ପ୍ରଦାନ, ସ୍ଥାନ: ଭୋଗରାଇ ସରସ୍ୱତୀପୁର ପଡ଼ିଆ, ସମୟ- ସକାଳ ୯ଟା।
- ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର,ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏକ୍ସପୋ ଓଡ଼ିଶା ୨୦୨୪ର ତୃତୀୟ ସନ୍ଧ୍ୟା, ସ୍ଥାନ: ବାଲେଶ୍ୱର ଆଇଟିଆଇ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର

- ଜୟମା' ସମଲେଇ ସିନେମାର ଶୁଭ ମହୁରତ, ସ୍ଥାନ: ସମଲେଇ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା
- ଆନ୍ତଃ ଜିଲା ଫୁଟ୍‌ବଲ ପ୍ରତିଯୋଗିତା, ସ୍ଥାନ: ସମ୍ବଲପୁର ଭିଏସ୍‌ଏସ୍ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା
- ସମଲେଇ ମନ୍ଦିର ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମହାନଦୀ ଆଳତି ମଣ୍ଡପ, ସମୟ: ସନ୍ଧ୍ୟା ୫ଟା

## ବଲାଙ୍ଗୀର

- ମୁରିବାହାଲ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶତବାର୍ଷିକ ସମାରୋହର ଉଦ୍‌ଘାଟନୀ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଜୟ ଜଗନ୍ନାଥ ଫୁଟବଲ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: ମୁରିବାହାଲ ବ୍ଲକ ଚଲକି ହାଇସ୍କୁଲ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା.୩୦।
- ୩୧ତମ ଜିଲାସ୍ତରୀୟ ସ୍କାଉଟ୍ସ ଓ ଗାଇଡ୍ସ କ୍ୟାମ୍ପୋରି ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଖପ୍ରାଖୋଲ ବ୍ଲକ ଲିହାସିଂହା ସର୍ବୋଦୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା।

## ବରଗଡ଼

- ଜିଲାସ୍ତରୀୟ କବି ସମ୍ମିଳନୀ, ସ୍ଥାନ: ମିଶନ ଶକ୍ତି ଭବନ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା
- ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ବରପାଲି ବ୍ଲକ ଗୋପେଇପାଲି, ସମୟ: ପୂର୍ବାହ୍ନ ୧୨ଟା।

# ୭,୫୧୯ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ



ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୩୧।୧(ଅସମାପିକା ସାହୁ)

ରାଜ୍ୟ ଶିକ୍ଷା ବ୍ୟବସ୍ଥାରେ ନୂଆ ବିପ୍ଳବ ଆଣିବାକୁ '୫-ଟି' ଉପକ୍ରମରେ ଆରମ୍ଭ ହୋଇଛି ଅଭିନବ ପ୍ରୟାସ। ବିଦ୍ୟାଳୟ ଶିକ୍ଷାର ସାମଗ୍ରିକ ବିକାଶ ସହ ପିଲାଙ୍କ ବୌଦ୍ଧିକ ବିକାଶ କ୍ଷେତ୍ରରେ ଶ୍ରେଷ୍ଠ ଅବଦାନ ଲାଗି ଜିଲା, ବ୍ଲକ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ପୁରାତନ ଛାତ୍ର କମିଟି, ଗ୍ରାମ ପଞ୍ଚାୟତ, ଶିକ୍ଷାଧିକାରୀ, ଜିଲା, ବ୍ଲକଗୁଡ଼ିକୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ମିଳିଛି।। ବୁଧବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୬ଟି ବିଭାଗରେ ୧୩୮ କୋଟି ଟଙ୍କାର ମୋଟ ୭,୫୧୯ଟି ପୁରସ୍କାର ପ୍ରଦାନ କରିଛନ୍ତି। ବ୍ୟକ୍ତିଗତ ଓ ଆନୁଷ୍ଠାନିକ ଦୁଇଟି ବର୍ଗରେ ପୁରସ୍କାର ଦିଆଯାଇଛି। ବ୍ୟକ୍ତିଗତ ପୁରସ୍କାର(ମାଧ୍ୟମିକ) ବର୍ଗରେ ମାଟ୍ରିକ ପରୀକ୍ଷାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୨,୦୨୭ ଜଣ ମେଧାବୀ ଛାତ୍ରୀଛାତ୍ର, ୭୦୦ ଶିକ୍ଷୟିତ୍ରୀ ଶିକ୍ଷକ, ୪୧୯ ଜଣ ପ୍ରଧାନଶିକ୍ଷକ, ୫୮ଜଣ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ,

## ୧୩୮ କୋଟି ଟଙ୍କାର ପୁରସ୍କାର ଦେଲେ ମୁଖ୍ୟମନ୍ତ୍ରୀ

### ସ୍କୁଲ ରୂପାନ୍ତରଣ ଟିମ୍ ୱାର୍କର ଅନନ୍ୟ ଉଦାହରଣ: ପାଣ୍ଡିଆନ

୧୦ଜଣ ଗୋଷ୍ଠୀ ଶିକ୍ଷାଧିକାରୀ, ୩ଜଣ ଜିଲା ଶିକ୍ଷାଧିକାରୀ ପୁରସ୍କାର ପାଇଛନ୍ତି। ବ୍ୟକ୍ତିଗତ ପୁରସ୍କାର(ପ୍ରାଥମିକ) ବର୍ଗରେ ୩୫୦ଜଣ ପ୍ରଧାନ ଶିକ୍ଷକ ଓ ୩୧୯ଜଣ ଶିକ୍ଷୟିତ୍ରୀଶିକ୍ଷକ ପୁରସ୍କୃତ ହୋଇଛନ୍ତି। ସେହିପରି ଆନୁଷ୍ଠାନିକ(ମାଧ୍ୟମିକ) ବର୍ଗରେ ୪ ଜିଲା, ୧୦ ବ୍ଲକ, ୧,୦୫୭ ସ୍କୁଲ, ୪୧୯ ବିଦ୍ୟାଳୟ ପରିଚାଳନା କମିଟି, ୪୧୯ ପୁରାତନ ଛାତ୍ର କମିଟି, ୪୧୪ ଗ୍ରାମ ପଞ୍ଚାୟତ ଏବଂ ଆନୁଷ୍ଠାନିକ(ପ୍ରାଥମିକ) ବର୍ଗରେ ୧,୩୦୭ ବିଦ୍ୟାଳୟ ପୁରସ୍କାର ପାଇଛନ୍ତି। ଏହାବ୍ୟତୀତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ବର୍ଗରେ ୩ଟି ଆନୁଷ୍ଠାନିକ ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଅନୁସୂଚିତ ଜନଜାତି, ଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ପଞ୍ଚାୟତିରାଜ, ପାନୀୟ ଜଳ ଓ ସୂଚନା ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ପ୍ରମୁଖ ଉପସ୍ଥିତ ଥିଲେ। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ, ହାଇସ୍କୁଲ ରୂପାନ୍ତରଣ ଟିମ୍ ୱାର୍କର ଅନନ୍ୟ ଉଦାହରଣ। ପୁରାତନ ଛାତ୍ରୀଛାତ୍ର, ଜନ ପ୍ରତିନିଧି, ପ୍ରଶାସନ ସମସ୍ତେ ଏକ ଟିମ୍ ଭଳି କାମ କରିଛନ୍ତି। ସମସ୍ତେ ଓଡ଼ିଶାର ବିକାଶର ଗୋଟିଏ ଗୋଟିଏ ସ୍ତମ୍ଭ। ଆପଣମାନେ ପିଲାଙ୍କ ଭିତରେ ରୂପାନ୍ତରଣର ବୀଜ ବପନ କରିଛନ୍ତି। ଏଥିପାଇଁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଶିକ୍ଷା ପରିବେଶ ସହିତ ଜଡ଼ିତ ସମସ୍ତଙ୍କ ଉତ୍ସାହ, ମନୋବଳ ବୃଦ୍ଧି କରିଛି। ପିଲାଙ୍କ ସ୍ୱପ୍ନକୁ ଅଧିକ ଉଚ୍ଚକୁ ନେବା ସହ ପୂରଣ କରିବାର ଆତ୍ମବିଶ୍ୱାସକୁ ବୃଦ୍ଧି କରିବା ଦିଗରେ ଏହି ପୁରସ୍କାର ସହାୟକ ହେବ। ଓଡ଼ିଶାରେ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ଏକ ବିପ୍ଳବ ଆସିଛି କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ପାଣ୍ଡିଆନ କହିଥିଲେ। ଗଣଶିକ୍ଷା ସଚିବ ଅଶ୍ୱଥୀ ଏସ୍ ସ୍ୱାଗତ ଭାଷଣ ଦେଇଥିଲେ।

**PARADIP PORT AUTHORITY**
**e-TENDER CALL NOTICE**
No.-EM/WSD-II/Sweeping Machine/02/2023/ Date: 29.01.2024
e-TCN No. EM/WS- /2024
Name of the work "Hiring of 01 no. of Truck Mounted Conveyorised Mechanical Road Sweeping Machine for a period of (03+02)years". Estimated cost: **Rs.6,61,00,020/-** excluding GST and cost of Diesel. Last date & time of submission of bid: **dt. 19.02.2024 up to 18:00 Hrs.**
Refer our website for details https://eprocure.gov.in/eprocure/app.
Sd/- Executive Engineer (M)
Workshop Division-II
Paradip Port Authority
PPA/PR/81/2023-2024 dtd.31.01.2024

**ପୂର୍ବ ତଟ ରେଳପଥ**
**ଇ-ନିଲାମ ବିଜ୍ଞପ୍ତି**
ସଂ. : SDCM/KUR/E-Auction/ Press Clippings/2023-24, ତା.29.01.2024ରିଖ
**1. ସମ୍ପତ୍ତିର ବିବରଣୀ :** ଭଦ୍ରକ, କଟକ, ବ୍ରହ୍ମପୁର ଏବଂ ପଲାସା ଷ୍ଟେସନରେ ଏଟିଏମ୍ (ATM)ର ଯୋଗାଣ ଏବଂ ସଂଚାଳନ।
**2. ସମ୍ପତ୍ତିର ବିବରଣୀ :** ଭୁବନେଶ୍ୱରରେ 01ଟି ବ୍ୟାଟେରୀ ଚାଳିତ କାର, ବ୍ରହ୍ମପୁରରେ 01ଟି ବ୍ୟାଟେରୀ ଚାଳିତ କାର ଏବଂ ପୁରୀ ଷ୍ଟେସନରେ 02ଟି ବ୍ୟାଟେରୀ ଚାଳିତ କାରର ସଂଚାଳନ ଏବଂ ରକ୍ଷଣାବେକ୍ଷଣ।
**3. ସମ୍ପତ୍ତିର ବିବରଣୀ :** ପାରାଦୀପ ୟାର୍ଡରେ ଖାଲିଥିବା BOBRN ୱାଗନରେ ଛାଡ଼ି ଯାଇଥିବା ସାମଗ୍ରୀର ଅପସାରଣ କରିବା ଓ ୱାଗନକୁ ପରିଷ୍କାର କରିବା।
**ନିଲାମ ଆରମ୍ଭ ତାରିଖ ଓ ସମୟ :**
ତା.08.02.2024ରିଖ 1200 ଘଟିକା (କ୍ର.ସଂ. 1 ପାଇଁ),
ତା.08.02.2024ରିଖ 1100 ଘଟିକା (କ୍ର.ସଂ. 2 ପାଇଁ),
ତା.09.02.2024ରିଖ 1100 ଘଟିକା (କ୍ର.ସଂ. 3 ପାଇଁ)।
**ନିଲାମ ଅନ୍ତିମ ତାରିଖ ଓ ସମୟ :**
ତା.08.02.2024ରିଖ 1300 ଘଟିକା (କ୍ର.ସଂ. 1 ପାଇଁ),
ତା.08.02.2024ରିଖ 1150 ଘଟିକା (କ୍ର.ସଂ. 2 ପାଇଁ),
ତା.09.02.2024ରିଖ 1130 ଘଟିକା (କ୍ର.ସଂ. 3 ପାଇଁ)।
ଦ୍ରଷ୍ଟବ୍ୟ : ବିଡରଙ୍କ ସନ୍ଦର୍ଭ ପାଇଁ ଉକ୍ତ ଇ-ନିଲାମର ସମ୍ପତ୍ତି ଏବଂ କାର୍ଯ୍ୟସୂଚୀ ବିବରଣୀ www.ireps.gov.in ୱେବସାଇଟ୍‌ରେ ଅପଲୋଡ କରାଯାଇଅଛି।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼
PR-1044/O/23-24

# ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ଚାର୍ଜଫ୍ରେମ୍

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

ଭୁବନେଶ୍ୱର,୩୧।୧ (ସତ୍ୟଜିତ୍ ରାଉତ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଏବଂ ତାଙ୍କ ସ୍ତ୍ରୀ ସୁଜାତା ପାଣିଗ୍ରାହୀଙ୍କ ବିରୋଧରେ ବୁଧବାର ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଚାର୍ଜଫ୍ରେମ୍ କରିଛନ୍ତି। ଭିଜିଲାନ୍ସ ପକ୍ଷରୁ ଗତବର୍ଷ ଏପ୍ରିଲ ୨୦ରେ ଉଭୟଙ୍କ ବିରୋଧରେ ହୋଇଥିବା ୩ ହଜାର ପୃଷ୍ଠା ସମ୍ବଳିତ ଚାର୍ଜଶିଟ୍‌କୁ ଆଧାର କରି ଏହି ଚାର୍ଜଫ୍ରେମ୍ ହୋଇଛି। ଫଳରେ ଏବେ ଏହି ମାମଲାର ଶୁଣାଣି ପ୍ରକ୍ରିୟା ଚାଲିବାକୁ ରାସ୍ତା ସଫା ହୋଇଛି।
୨୦୨୦ ଡିସେମ୍ବର ୯ରେ ପ୍ରଦୀପଙ୍କ ନିକଟରେ ଆୟ ବହିର୍ଭୂତ ସମ୍ପତ୍ତି ଥିବା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଲୋକାୟୁକ୍ତ ଏହାର ତଦନ୍ତ କରିବାକୁ ସେହିମାସ ୧୧ ତାରିଖରେ ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୧ ମେ' ୨୮ରେ ଲୋକାୟୁକ୍ତଙ୍କ ନିକଟରେ ତଦନ୍ତ ରିପୋର୍ଟ ଦାଖଲ କରାଯାଇଥିଲା। ଉକ୍ତବର୍ଷ ଜୁନ ୪ରେ ଲୋକାୟୁକ୍ତ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୧ ଅକ୍ଟୋବର ୧୭ରେ ଭିଜିଲାନ୍ସ ପ୍ରଦୀପଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଦୁଇଦିନର ଯାଞ୍ଚରେ ୯ କୋଟି ୧୮ ଲକ୍ଷ ୧୩ ହଜାର ୭ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଥିଲା। ୨୦୨୨ ଜୁନ ୯ରେ ଲୋକାୟୁକ୍ତଙ୍କ ନିକଟରେ ଭିଜିଲାନ୍ସ ପକ୍ଷରୁ ଏସଂକ୍ରାନ୍ତରେ ରିପୋର୍ଟ ଦାଖଲ କରାଯାଇଥିଲା। ଏହି ରିପୋର୍ଟକୁ ଅନୁଶୀଳନ କରି ଲୋକାୟୁକ୍ତ ୨୦୨୩ ଜୁନ୍ ୨୦ରେ ପ୍ରଦୀପ ଓ ତାଙ୍କ ସ୍ତ୍ରୀଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିବାକୁ ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ପ୍ରଦୀପ ଓ ସେତେବେଳର ଭାବୀ ଜ୍ୱାଇଁ ଆକାଶ ପାଠକ ଟାଟା ମୋଟର୍ସରେ ଚାକିରି ଦେବାକୁ କହି ଗଞ୍ଜାମ ଜିଲାର ବହୁ ଯୁବତୀଯୁବକଙ୍କୁ ଠକେଇ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ କ୍ରାଇମବ୍ରାଞ୍ଚ ଦ୍ୱାରା ୨୦୨୦ ଡିସେମ୍ବର ୩ରେ ପ୍ରଦୀପ ଗିରଫ ହୋଇ ଜେଲ ଯାଇଥିଲେ। ହାଇକୋର୍ଟ ଜାମିନ ପ୍ରଦାନ କରିବା ପରେ ୨୦୨୧ ଜୁନ ୧୨ରେ ପ୍ରଦୀପ ଜେଲରୁ ମୁକୁଳିଥିଲେ। ଅନ୍ୟପକ୍ଷରେ ଆର୍ଥିକ କାରବାର ଦିଗକୁ ନେଇ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଧ୍ୟ ୨୦୨୩ ଅଗଷ୍ଟରେ ପ୍ରଦୀପଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା।

# ଚିକେନ ଅର୍ଡର କରି ୨୦ ହଜାର ନେଇଗଲେ

## ଅଭିନବ ଉପାୟରେ ସାଇବର ଠକେଇ

### ଆର୍ମି ଅଫିସର ବୋଲି ପରିଚୟ ଦେଇଥିଲେ ଅଭିଯୁକ୍ତ

ପାରାଦୀପ,୩୧।୧(ଶରତ ରାଉତ)

ପାରାଦୀପ ସାମୁଦ୍ରିକ ଥାନା ଅନ୍ତର୍ଗତ ମାଛଧରା ବନ୍ଦର ପରିସରରେ ବୁଧବାର ଜଣେ ଚିକେନ ବ୍ୟବସାୟୀ ସାଇବର ଠକେଇର ଶିକାର ହୋଇଛନ୍ତି। ଚିକେନ ଅର୍ଡର କରିବା ନାଁରେ ତାଙ୍କଠାରୁ ୨୦ ହଜାର ଟଙ୍କା ଠକି ନିଆଯାଇଛି। ଏ ନେଇ ସମ୍ପୃକ୍ତ ବ୍ୟବସାୟୀ ପ୍ରଶାନ୍ତ ନାଥ ଥାନାରେ ଅଭିଯୋଗ କରିଛନ୍ତି।
ଅଭିଯୋଗ ଅନୁଯାୟୀ, ପ୍ରଶାନ୍ତଙ୍କୁ ବୁଧବାର ସକାଳ ପ୍ରାୟ ୬ଟାରେ ଏକ ଅଜଣା ନମ୍ବରରୁ କଲ୍ ଆସିଥିଲା। ସେଥିରେ ଜଣେ ବ୍ୟକ୍ତି ନିଜକୁ ଆର୍ମି ଅଫିସର ବୋଲି ପରିଚୟ ଦେଇ ୨୦ କିଲୋ ଚିକେନ ଅର୍ଡର କରିଥିଲେ। ସେ କହିଥିଲେ ଆମେ ୧୫ ଦିନ ପାରାଦୀପରେ ରହିବୁ। ଦୈନିକ ୨୦ କେଜି ଲେଖାଏ ଚିକେନ ନେବୁ। ଏନେଇ ମୂଲଚାଲ ଫାଇନାଲ ହୋଇଥିଲା। ତା'ପରେ ସମ୍ପୃକ୍ତ ବ୍ୟକ୍ତି ପ୍ରଶାନ୍ତଙ୍କୁ ଚିକେନ ରେଡି କରି ୫ ଦିନର ବିଲ୍ ହ୍ୱାଟ୍ସଆପ୍‌ରେ ପଠାଇବାକୁ କହିଥିଲେ। ସେ କହିଥିଲେ, ଟଙ୍କା ନେଇ ଆମ ଗାଡି ଯିବ। ତାକୁ ଚିକେନ ଦେଇଦେବ। ଏହାପରେ ପ୍ରଶାନ୍ତ ସକାଳ ୯ ଟା ସୁଦ୍ଧା ଚିକେନ କାଟି ଫୋନ କରିଥିଲେ। ସେଠାରୁ ଉତ୍ତର ମିଳିଲା ଆମେ ବ୍ୟାଙ୍କରେ ଅଛୁ। ତୁମ ଅନ୍‌ଲାଇନ୍ ୱାଲେଟ୍‌ର ସ୍କାନର ପଠାଅ। ଆମେ ଟଙ୍କା ପଠାଇଦେବୁ। ପ୍ରଶାନ୍ତ ଉକ୍ତ ସ୍କାନର ଫଟୋ ପଠାଇବା ପରେ ସମ୍ପୃକ୍ତ ବ୍ୟକ୍ତି ଟଙ୍କା ଯାଉ ନ ଥିବା ଦର୍ଶାଇ ୧ ଟଙ୍କା ପଠାଇବାକୁ କହିଥିଲେ। ପ୍ରଶାନ୍ତ ଏହା ପଠାଇବା ପରେ ଜଣାପଡୁନାହିଁ ବୋଲି ଦର୍ଶାଇ ପୁନର୍ବାର ଆଉ ୫ ଟଙ୍କା ପଠାଇବାକୁ କହିଥିଲେ। ବିଶ୍ୱାସ କରି ପ୍ରଶାନ୍ତ ଉକ୍ତ ଟଙ୍କା ପଠାଇବା ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୨୦ ହଜାର ଟଙ୍କା କଟିଯାଇଛି। ତା'ପରଠାରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ମୋବାଇଲ ସୁଇଚ୍ ଅଫ୍ ହୋଇଯାଇଛି। ପ୍ରଶାନ୍ତ ଠକାମିର ଶିକାର ହୋଇଥିବା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷେ ପ୍ରଶାନ୍ତ କାଟିଥିବା ୨୦ କିଲୋ ଚିକେନ୍ ମଧ୍ୟ ନଷ୍ଟ ହୋଇଯାଇଛି ବୋଲି ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ବବିତା ଦଳେଇ କହିଛନ୍ତି।

**भाकृअनुप-केन्द्रीय मीठाजल जीवपालन अनुसंधान संस्थान**
**ICAR - CENTRAL INSTITUTE OF FRESHWATER AQUACULTURE**
कौशल्यागंग, भुवनेश्वर–751002, ओड़िशा
Kausalyaganga, Bhubaneswar-751002, Odisha
Advertisement No. 19/2023-24 Date of Insertion-24.01.2024
**वॉक–इन–इन्टरव्यू**
भा.कृ.अनु.प– सीफा के आंचलिक अनिसंधान केंद्र सीफा कौशल्यागंग, भुवनेश्वर, ओडिशा में अनुबंधन के आधार पर काम करने के लिए **01(One) यंग प्रोफेशनल-II (YP-II)** पद की भर्ती हेतु **दिनांक 02.02.2024** को **पू. 10.00 बजे** चल–साक्षात्कार आयोजित किया जायेगा। अधिक जानकारी के लिए कृपया संस्थान कि वेबसाइट **http://www.cifa.nic.in** पर जाएं।
**WALK-IN INTERVIEW**
A Walk-in-Interview will be held on **02.02.2024 at ICAR-CIFA, Bhubaneswar** at 10.00 A.M. for **01(One) no. of Young Professional-II, (YP-II)** purely on contractual basis to work under the "AICRP on Plastic Engineering in Agriculture Structures and Environment Management" project. For further details please visit to ICAR-CIFA website: **http://www.cifa.nic.in.**
मुख्य जाँचकर्ता / **Principal Investigator**

**कार्यपालक अभियंता का कार्यालय, ग्रामीण विकास विशेष प्रमण्डल, जामताड़ा**
**Email Id:rdsdjmt@gmail.com**
अति–अल्पकालीन ई0–निविदा आमंत्रण संख्या– **RDD/SD/JAMTARA/10/2023-24**
1. कार्य की विस्तृत विवरणी :–

| क्र0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य | कार्य समाप्ति की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | जामताड़ा जिला के नारायनपुर प्रखण्ड में पंचायत–चंदाडीह लखनपुर में ग्राम–चिहुटिया से लखनपुर के बीच जोरिया पर पुल का निर्माण कार्य। | 2,88,45,500.00 | 5,77,000.00 | 10,000.00 | 18 माह |

2. वेबसाईट में निविदा प्रकाशन की तिथि :– दिनांक– 10.02.2024
3. ई0–निविदा प्राप्ति की तिथि एवं समय :– दिनांक– 10.02.2024 से दिनांक– 19.02.2024 (अपराह्न 5:00 बजे)
4. निविदा शुल्क एवं अग्रधन की राशि केवल Online Mode द्वारा की स्वीकार्य होगी।
5. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही संबंधित निविदादाता की होगी।
6. निविदा खोलने का स्थान :– e-Procurement Cell, कार्यपालक अभियंता का कार्यालय ग्रामीण विकास विशेष प्रमण्डल, जामताड़ा।
7. निविदा खुलने की तिथि एवं समय :– दिनांक–21.02.2024 (अपराह्न 2:00 बजे)
8. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, जामताड़ा।
9. ई0–निविदा प्रकोष्ठ का दुरभाष संख्या :– 9973957543
10. अधोहस्ताक्षरी / सक्षम पदाधिकारी को किसी भी निविदा को बिना कारण बताये रद्द करने का अधिकार सुरक्षित रहेंगा तथा निविदादाता को कारण पृच्छा का अधिकार मान्य नहीं होगा।
11. B.O.Q की राशि घट–बढ़ सकती है, तद्नुसार अग्रधन की राशि देय होगी।
विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय के सूचना पट्ट पर देखा जा सकता है।
ह0 /– कार्यपालक अभियंता
ग्रामीण विकास विशेष प्रमण्डल, जामताड़ा
PR 317456 Rural Development (23-24)_D

**GOVERNMENT OF ODISHA** No.A-1351
**e-Procurement Notice, Superintending Engineer, M.I. Division, Angul**
**Bid Identification No.-14 of 2023-24**
**e-mail ID- eemidivision_angul@yahoo.com**
**Letter No. 206 Date: 29.01.2024**

| | | | |
|---|---|---|---|
| 1 | Number of works | : | 14 (Fourteen) numbers of Civil works |
| 2 | Approximate estimated cost | : | Varies from Rs.7.96 lakh to 4.69 lakh |
| 3 | Cost of tender paper | : | Rs.2000/- & Rs.4000/- (Non-refundable) |
| 4 | Period of completion | : | 03 (Three) calendar months |
| 5 | Date & time of availability of bid document in the portal | : | Dt.03.02.2024 at 10.00 A.M. to Dt.08.02.2024 upto 5.00 P.M. |
| 6 | Last date / time for receipt of bid in the portal | : | Dt.08.02.2024 upto 5.00 P.M. |
| 7 | Date of opening of bid documents | : | Dt.09.02.2024 at 11.00 A.M. |
| 8 | Date of lottery if required | : | Dt.13.02.2024 at 11.00 A.M. |
| 9 | Name and address of the office inviting bid | : | Superintending Engineer, Minor Irrigation Division, Angul, At/P.O.-Hakimpada, College Square, District- Angul, PIN-759143, Ph.No.: 06764-236522, Email ID: eemidivision_angul@yahoo.com |
| 10 | The bidders have to participate in **ONLINE** bidding only. | | |

Further details can be seen from the e-procurement portal http://tendersorissa.gov.in
**Sd./- Superintending Engineer, M.I. Division, Angul**
OIPR-32284/11/0014/2324

**DISTRICT PROJECT OFFICE**
**SAMAGRA SHIKSHA, NUAPADA**
**Behind Mini Stadium, AT/PO/PS/Dist.- Nuapada- 766105**
**Phone No.: 06678-223295, E-mail: dpcnuapadassa.opepa@nic.in**
No. 259 /PED/2024 Dated 30.01.24
IV-4/24
**NOTICE INVITING TENDER (NIT)**
Sealed tenders are invited from the reputed & credible printers / firms / agencies for printing & supply of "Question cum Answer Sheets, Answer Key & Oral questions" for SA-II 2023-24 for Class-I to VIII Students in two bid systems (Technical & commercial bid) as detailed below.

| Name of the tender | Bid processing fees | Amount of EMD | Last date & time of receipt of bid | Date & time of opening of technical bid |
|---|---|---|---|---|
| Printing & Supply of Question cum Answer Sheet for SA-II 2023-24 for Class-I to VIII Students | Rs.1000/- | Rs.10000/- | 15.02.2024 by 5.00 P.M. | 16.02.2024 at 11.00 A.M. |

The detailed BID document is available in the website (www.nuapada.nic.in). Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.
By the order of Collector-cum-Chairperson
**Sd./- DEO-cum-DPC, Samagra Shiksha, Nuapada**

Your classified advertisement published in Dharitri will be listed free in Dharitri online edition :
**www.dharitri.com**

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ଚାପଗ୍ରସ୍ତ ପରିସମ୍ପତ୍ତି ଅସୁଲି ଶାଖା-୧
୧ମ ମହଲା, ୨୩, ନଜଫଗଡ଼ ରୋଡ୍, ନୂଆଦିଲ୍ଲୀ - ୧୧୦୦୧୫, ଫୋନ୍: ୨୫୪୧୯୧୭୭, ୨୫୪୧୨୯୭୭, ଇମେଲ୍: sbi.05169@sbi.co.in
**"ପରିଶିଷ୍ଟ-IV-A" [ନିୟମ ୮ (୬)ର ବ୍ୟବସ୍ଥାପନ ଦେଖନ୍ତୁ] ଅସ୍ଥାବର/ସ୍ଥାବର ସମ୍ପତ୍ତି ବିକ୍ରୟ ପାଇଁ ବିକ୍ରୟ ବିଜ୍ଞପ୍ତି**
ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮(୬)ର ବ୍ୟବସ୍ଥାପନ ଅଧୀନରେ ଅସ୍ଥାବର/ସ୍ଥାବର ପରିସମ୍ପତ୍ତିର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ସୁରକ୍ଷିତ ଋଣଦାତା (ଭାରତୀୟ ଷ୍ଟେଟ୍ ବ୍ୟାଙ୍କ) ନିକଟରେ ବନ୍ଧକ ରହିଥିବା/ପ୍ରଭାରିତ ନିମ୍ନଦର୍ଶିତ ଅସ୍ଥାବର/ସ୍ଥାବର ସମ୍ପତ୍ତି/ଗୁଡ଼ିକ, ଯାହାର ଦଖଲ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ (ସୁରକ୍ଷିତ ଋଣଦାତା)ଙ୍କ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ନିମ୍ନ ଅନୁଯାୟୀ ନିଆଯାଇଥିଲା, ତାହାକୁ ସୁରକ୍ଷିତ ଋଣଦାତାଙ୍କର ଋଣଗ୍ରହୀତା, ଗ୍ୟାରେଣ୍ଟିଦାତା ଓ ବନ୍ଧକଦାତାଙ୍କ ଉପରେ ବାକି ରହିଥିବା ନିମ୍ନଦର୍ଶିତ ଅର୍ଥରାଶିର ଅସୁଲି ପାଇଁ ନିମ୍ନଦର୍ଶିତ ତାରିଖରେ "ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି" ଏବଂ "ସେଠାରେ ଯାହା ବି ଅଛି" ଭିତ୍ତିରେ ବିକ୍ରୟ କରାଯିବ। ସଂରକ୍ଷିତ ମୂଲ୍ୟ ତଳେ ଦର୍ଶାଯାଇଛି ଏବଂ ଜମା କରିବାକୁ ଥିବା ଅମାନତ ରାଶି ଯଥାକ୍ରମେ ଦର୍ଶାଯାଇଛି।

| କ୍ର. ସଂ. | ଋଣଗ୍ରହୀତା (ବି) / ଗ୍ୟାରେଣ୍ଟିଦାତା/ଗଣ (ଜି)ଙ୍କ ନାମ ଓ ଠିକଣା | ନିଲାମ ଅଧୀନରେ ପରିସରଭୁକ୍ତ ପ୍ରଭାରିତ ବନ୍ଧକର ଠିକଣା (ସାଙ୍କେତିକ/ବାସ୍ତବିକ ଦଖଲ) | ସଂରକ୍ଷିତ ମୂଲ୍ୟ (ଆରପି) / ସଂରକ୍ଷିତ ମୂଲ୍ୟର ୧୦% ଇଏମ୍‌ଡି ରାଶି / ବୃଦ୍ଧି ପରିମାଣ | ବକେୟା ଦେୟ ଯାହାର ଅସୁଲି ପାଇଁ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କରାଯାଉଛି | ଯୋଗାଯୋଗ ବ୍ୟକ୍ତିଙ୍କ ନାମ ଓ ନମ୍ବର | ଇ-ନିଲାମର ତାରିଖ, ପ୍ରତ୍ୟେକ ୧୦ ମିନିଟର ଅସୀମିତ ସମୟବୃଦ୍ଧି ସହିତ | ସମ୍ପତ୍ତିର ଅନ୍-ସାଇଟ୍ ନିରୀକ୍ଷଣର ତାରିଖ/ସମୟ |
|---|---|---|---|---|---|---|---|
| ୧ | ମିସ୍ ସ୍ୱର୍ଣ୍ଣଲତା ରାଉତ, ସ୍ୱାମୀ- ଶ୍ରୀ ରତ୍ନାକର ରାଉତ ପିତା- ଶ୍ରୀ ପ୍ରଫୁଲ୍ଲ କୁମାର ଦାସ, ହୋମ୍ ଲୋନ୍ କାଉନ୍‌ସେଲର, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ନେହରୁ ପ୍ଲେସ୍ ଶାଖା, ନୂଆଦିଲ୍ଲୀ-୧୧୦୦୧୯ ଆହୁରି ମଧ୍ୟ ସ୍ଥାନ: ୨୦୧, ପ୍ରଥମ ମହଲା, ଲକପତ ନଗର-II, ବିନୋବାପୁରୀ, ନୂଆଦିଲ୍ଲୀ-୧୧୦୦୨୪, ଆହୁରି ମଧ୍ୟ ସ୍ଥାନ: ସ୍ଥା-ବାଙ୍କସାହି, ଭଦ୍ରକ, ଓଡ଼ିଶା-୭୫୬୦୦୧ ଆହୁରି ମଧ୍ୟ ସ୍ଥାନ: ପୋଷ୍ଟ- ରାଡିଆ, ମଲିଆଞ୍ଚ, ଜିଲ୍ଲା- କେନ୍ଦ୍ରାପଡ଼ା, ଓଡ଼ିଶା-୭୫୬୦୦୧ ଆହୁରି ମଧ୍ୟ ସ୍ଥାନ: ଘର ନଂ.୬୫୫, ଦ୍ୱିତୀୟ ମହଲା, ନୂଆ ଚିରାଗ ଦିଲ୍ଲୀ, ଦିଲ୍ଲୀ-୧୧୦୦୧୭ | ଆପାର୍ଟମେଣ୍ଟ ନଂ. ୧୦୦୨, ୧୦ମ ମହଲା, ଟାୱାର-ଏ, ପାର୍କ ଭିଉ ଆନନ୍ଦ, ସେକ୍ଟର-୮୧, ଗୁରଗାଁଓ (ହରିୟାଣା) (ବ୍ୟାଙ୍କରେ ସାଙ୍କେତିକ ଦଖଲ) | ₹ ୧୦୨.୦୦ ଲକ୍ଷ / ₹ ୧୦.୨୦ ଲକ୍ଷ / ₹ ୧.୦୦ ଲକ୍ଷ | ଟ. ୧,୦୦,୯୮,୯୭୮.୦୦ (ତା୦୭।୦୬।୨୦୨୩ରିଖ ପର୍ଯ୍ୟନ୍ତ ହିସାବ କରାଯାଇଥିବା ସୁଧ ଯୁକ୍ତ ବ୍ୟୟ) ଯୁକ୍ତ ଭବିଷ୍ୟତ ସୁଧ ଏବଂ ପ୍ରଭାର | ଶ୍ରୀ ମହେଶ କୁମାର କାଞ୍ଚାନି ମୋ.: ୮୦୦୩୫୯୩୮୧୨ ଏବଂ ମୀନୁ ଆସାନି ୯୭୧୧୩୧୯୪୧୯ | ୦୭।୦୩।୨୦୨୪ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା | ୦୨।୦୩।୨୦୨୪ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ତଳେ ଦିଆଗଲା:**
୧. ଇ-ନିଲାମ "ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି" ଏବଂ "ସେଠାରେ ଯାହା ବି ଅଛି" ଭିତ୍ତିରେ ଅନୁଷ୍ଠିତ ହେବ ଏବଂ "ଅନ୍‌ଲାଇନ୍"ରେ ସଞ୍ଚାଳିତ ହେବ। ନିଲାମଟି ଅନ୍‌ଲାଇନ୍ ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମ, ଅନ୍‌ଲାଇନ୍ ନିଲାମ ବିକ୍ରୟର ସାଧାରଣ ନିୟମ ଏବଂ ସର୍ତ୍ତାବଳୀ ସମ୍ବଳିତ ବ୍ୟାଙ୍କର ଇ-ନିଲାମ ଟେଣ୍ଡର ଦସ୍ତାବିଜ ମାଧ୍ୟମରେ ସଞ୍ଚାଳନ କରାଯିବ ଯାହା ଆଇବିଏପିଆଇ ପୋର୍ଟାଲ୍‌ର ଇ-ନିଲାମ ପ୍ଲାଟ୍‌ଫର୍ମ https://ibapi.in ଏବଂ http://www.mstcecommerce.com/auctionhome/ibapi/index.jspରେ ଉପଲବ୍ଧ।
୨. ପ୍ରାଧିକୃତ ଅଧିକାରୀଙ୍କ ଜ୍ଞାନ ଏବଂ ସୂଚନା ଅନୁଯାୟୀ ସମ୍ପତ୍ତି/ଗୁଡ଼ିକ ଉପରେ କୌଣସି ଋଣଭାର ନାହିଁ ତଥାପି, ଇଚ୍ଛୁକ ବିଡରମାନେ ନିଜର ବିଡ୍ ଦାଖଲ କରିବା ପୂର୍ବରୁ ନିଲାମ ପାଇଁ ରଖାଯାଇଥିବା ସମ୍ପତ୍ତି/ଗୁଡ଼ିକର ଋଣଭାର, ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବିଦାରୀ/ଅଧିକାର/ବକେୟା ଦେୟ ସମ୍ପର୍କରେ ନିଜସ୍ୱ ସ୍ୱାଧୀନ ଅନୁସନ୍ଧାନ କରିନେବା ଆବଶ୍ୟକ। ଇ-ନିଲାମ ବିଜ୍ଞାପନ ବ୍ୟାଙ୍କର କୌଣସି ପ୍ରତିବଦ୍ଧତା କିମ୍ବା ଅଭିବେଦନ ନୁହେଁ ଏବଂ ଏହାକୁ କୌଣସି ପ୍ରତିବଦ୍ଧତା କିମ୍ବା ଅଭିବେଦନ ଭାବେ ବିବେଚନା କରାଯାଇପାରିବ ନାହିଁ। ବ୍ୟାଙ୍କର ଜ୍ଞାତସାର ମଧ୍ୟରେ କିମ୍ବା ବାହାରେ ଥିବା ସମସ୍ତ ବିଦ୍ୟମାନ ଏବଂ ଭବିଷ୍ୟତ ଋଣଭାର ସହିତ ସମ୍ପତ୍ତିକୁ ବିକ୍ରୟ କରାଯାଉଛି। କୌଣସି ତୃତୀୟ ପକ୍ଷ ଦାବି/ଅଧିକାର/ବକେୟା ଦେୟ ପାଇଁ ପ୍ରାଧିକୃତ ଅଧିକାରୀ/ସୁରକ୍ଷିତ ଋଣଦାତା କୌଣସି ଉପାୟରେ ମଧ୍ୟ ଦାୟୀ ରହିବେ ନାହିଁ।
୩. ଆଗ୍ରହୀ ବିଡରମାନେ ଇ-ନିଲାମ ବନ୍ଦ ହେବା ପୂର୍ବରୁ ଏମ୍‌ଏସ୍‌ଟିସି ନିକଟରେ ପ୍ରାକ୍-ବିଡ୍ ଇଏମ୍‌ଡି ଦାଖଲ କରିପାରନ୍ତି। ଏମ୍‌ଏସ୍‌ଟିସିର ବ୍ୟାଙ୍କ ଖାତାରେ ଦେୟ ପ୍ରାପ୍ତ ହେବା ଏବଂ ଇ-ନିଲାମ ୱେବ୍‌ସାଇଟ୍‌ରେ ସେହି ସୂଚନା ଅପଡେଟ୍ ହେବା ପରେ ହିଁ ବିଡରଙ୍କୁ ପ୍ରାକ୍-ବିଡ୍ ଇଏମ୍‌ଡିର ଶ୍ରେୟ ଦିଆଯିବ। ବ୍ୟାଙ୍କିଂ ପ୍ରକ୍ରିୟା ଅନୁଯାୟୀ ଏଥି ନିମନ୍ତେ କିଛି ସମୟ ଲାଗିପାରେ, ତେଣୁ ବିଡରମାନଙ୍କୁ ସେମାନଙ୍କ ନିଜ ସ୍ୱାର୍ଥ ପାଇଁ ପରାମର୍ଶ ଦିଆଯାଉଛି କି, କୌଣସି ଶେଷ ମିନିଟ୍ ସମସ୍ୟାକୁ ଏଡ଼ାଇବା ପାଇଁ ପ୍ରାକ୍-ବିଡ୍ ଇଏମ୍‌ଡିକୁ ଯଥେଷ୍ଟ ଆଗୁଆ ଦାଖଲ କରିଦିଅନ୍ତୁ।
୪. ବିକ୍ରୟ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ନିର୍ଦ୍ଧାରିତ ନିୟମାବଳୀ/ସର୍ତ୍ତାବଳୀ ଉପରେ ନିର୍ଭର କରିବ।
୫. ଇ-ନିଲାମର ଅନ୍ୟାନ୍ୟ ନିୟମ ଓ ସର୍ତ୍ତାବଳୀ ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ପ୍ରକାଶିତ ହୋଇଛି- https://ibapi.in
ବି.ଦ୍ର. ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା(ଗଣ)/ବନ୍ଧକଦାତାଙ୍କୁ ପଞ୍ଜୀକୃତ ଡାକ/ସ୍ପିଡ୍ ପୋଷ୍ଟ ଜରିଆରେ ୧୫/୩୦ ଦିନିଆ ବିକ୍ରୟ ନୋଟିସ ପଠାଇଦିଆଯାଇଛି, ଯଦି ଏଭଳି ପକ୍ଷ/ପକ୍ଷବୃନ୍ଦ ତାହା ପାଇନାହାନ୍ତି, ତେବେ ଏହି ନୋଟିସକୁ ଏହି ସମସ୍ତ ପକ୍ଷବୃନ୍ଦଙ୍କୁ ନୋଟିସ ଦିଆଯିବାର ଏକ ବିକଳ୍ପ ପଦ୍ଧତି ଭାବେ ବିବେଚନା କରାଯାଇପାରେ।
ତାରିଖ: ୩୧।୦୧।୨୦୨୪, ସ୍ଥାନ: ନୂଆଦିଲ୍ଲୀ — ସ୍ୱା./- ପ୍ରାଧିକୃତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**ଗୋଷ୍ଠୀ ସଂଘର୍ଷ ଘଟଣା**

# ଥାନାରେ ମାମଲା, ପୋଲିସ ହାତ ଖାଲି

ଭୁବନେଶ୍ୱର,୩୧।୧
(ସୂର୍ଯ୍ୟକାନ୍ତ ବେହେରା)

ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ନୂଆ ରୋଡ଼ରେ ମଙ୍ଗଳବାର ରାତିରେ ଏକ ରାଜନୈତିକ ଦଳର ଦୁଇଗୋଷ୍ଠୀ ମଧ୍ୟରେ ଘଟିଥିବା ସଂଘର୍ଷ ଓ ଆତଙ୍କ ଘଟଣାରେ ପୋଲିସ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଗୋଟିଏ ପକ୍ଷର ଜଣେ ଯୁବକ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ ୬୦/୨୪) ରୁଜୁ କରିଛି। ତେବେ ଘଟଣାକୁ ୨୪ ଘଣ୍ଟାରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏଯାବତ୍ କାହାକୁ ଗିରଫ କରିବାରେ ସକ୍ଷମ ହୋଇନାହିଁ। ଅପରପକ୍ଷରେ ଏହି ଗୋଷ୍ଠୀ ସଂଘର୍ଷରେ ୨ଜଣ ଆହତ ହୋଇଛନ୍ତି। ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଛି, ଖୁବଶୀଘ୍ର ସେମାନଙ୍କୁ ଧରାଯିବ ବୋଲି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ରାତି ଅଧରେ ଦୁଇ ଗୋଷ୍ଠୀ ମଧ୍ୟରେ କିଭଳି ମାରଣାସ୍ତ୍ରରେ ଗାଡ଼ିମୋଟର ଭାଙ୍ଗି ନଷ୍ଟ କରିଛନ୍ତି, ତାହାର ଛାତିଥରା ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ତେବେ ଏହି ଭିଡିଓ ପରେ ରାଜଧାନୀବାସୀ ଓ ମହିଳାମାନଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ଅଞ୍ଚଳର ବିଜୟ ବାରିକଙ୍କ କହିବା ହେଲା ରାତିରେ ପୋଲିସ ପାଟ୍ରୋଲିଂ ଠିକ୍ ଭାବେ ହେଉ ନ ଥିବାରୁ ରାଜଧାନୀରେ ଏଭଳି ଅପରାଧ ବଢ଼ିବାରେ ଲାଗିଛି। ବିଶେଷକରି ରାତିରେ ଘରୁ ବାହାରିବାକୁ ଭୟ ଲାଗୁଛି। ସୂଚନା ଅନୁଯାୟୀ, ଏକ ରାଜନୈତିକ ଦଳର ସମାବେଶ କାର୍ଯ୍ୟକ୍ରମକୁ ନେଇ ଉକ୍ତ ଦଳର କେତେଜଣ ଯୁବକ କୌଣସି କାରଣକୁ ନେଇ ଦୁଇ ଭାଗ ହୋଇଯାଇଥିଲେ। ପରେ ଏହାକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ମଙ୍ଗଳବାର ରାତିରେ ନୂଆ ରୋଡ୍‌ସ୍ଥିତ ଏକ ରେଷ୍ଟୁରାଣ୍ଟ ନିକଟରେ ଉକ୍ତ ରାଜନୈତିକ ଦଳର ଗୋଟିଏ ଗୋଷ୍ଠୀର ସଦସ୍ୟମାନେ ଖଟି କରୁଥିବାବେଳେ ଅନ୍ୟ ଗୋଷ୍ଠୀର ଯୁବକମାନେ ସେଠାକୁ ଆସିବା ପରେ ଗଣ୍ଡଗୋଳ ହୋଇଥିଲା। କିଛିସମୟ ଘଟଣାସ୍ଥଳ ରଣକ୍ଷେତ୍ର ପାଲଟିଥିଲା। ବାଡି, ଖଣ୍ଡା ଆଦିରେ ଉଭୟ ପକ୍ଷରୁ ଆକ୍ରମଣ କରାଯାଇଥିଲା।

# ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ଭୁବନେଶ୍ୱର,୩୧।୧
(ସୂର୍ଯ୍ୟକାନ୍ତ ବେହେରା)

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଉତ୍କଳ ହସ୍ପିଟାଲ ଆଡକୁ ଯାଇଥିବା ଦୁଇଶହ ଫୁଟିଆ ରାସ୍ତାରେ ଏକ ଅଜଣା ଗାଡି ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଛତିଶ ମହାରଣା ଓରଫ ସାଲୁ(୩୬)। ସେ ମୟୂରଭଞ୍ଜ କରଞ୍ଜିଆର ବାସିନ୍ଦା ହୋଇଥିବା ସୂଚନା ମିଳିଛି। ସେ ବୁଧବାର ସନ୍ଧ୍ୟାରେ ଇଶାନେଶ୍ୱର ବସ୍ତିରେ ରହୁଥିବା ତାଙ୍କ ଶାଶୁଙ୍କ ଘରକୁ ପରିବାର ସହ ବୁଲିବା ପାଇଁ ଆସିଥିଲେ। ବସ୍ତିରେ ପରିବାର ଲୋକଙ୍କୁ ଛାଡି କିଛି ଜିନିଷ ନେବାପାଇଁ ଜଣେ ସମ୍ପର୍କୀୟ ଭାଇ ବୁଲୁ ମହାରଣାଙ୍କ ସହିତ ଅଟୋରେ ବସି ବୁଦ୍ଧପାର୍କ ନିକଟକୁ ଯାଇଥିଲେ। ଅଟୋ ଚାଳକ ତାଙ୍କୁ ଅଟୋରେ ବସାଇ ରାସ୍ତାର ଅପର ପାଖରେ ଥିବା ଏକ ଦୋକାନରୁ କିଛି କିଣାକିଣି କରିବା ପାଇଁ ଯାଇଥିଲେ। ଏହି ସମୟରେ ସାଲୁ ଅଟୋରୁ ଓହ୍ଲାଇ ମୁହଁ ଧୋଉଥିଲାବେଳେ ଦ୍ରୁତଗତିରେ ଆସୁଥିବା ଏକ ଗାଡି ତାଙ୍କ ମୁଣ୍ଡକୁ ଶକ୍ତ ଧକ୍କାଦେଇ ଚାଲିଯାଇଥିଲା। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡି ଚିହ୍ନଟ କରିବା ପାଇଁ ସିସିଟିଭି ଫୁଟେଜ ଯାଞ୍ଚ କରୁଛି।

# ହନୁମାନ ବାବାଙ୍କ ଆକ୍ରମଣରେ ଯୁବକ ଗୁରୁତର

ନିମାପଡ଼ା,୩୧।୧
(ରଞ୍ଜନ ପଟ୍ଟନାୟକ)

ପୂର୍ବ ବିବାଦକୁ କେନ୍ଦ୍ର କରି ନିମାପଡ଼ା ଥାନା ଅଧୀନ ନାଗବସ୍ତ ଗ୍ରାମର ଜଣେ ଯୁବକଙ୍କୁ ସେଠାକାର ତଥାକଥିତ ଭଣ୍ଡ ହନୁମାନ ବାବା ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବାବାଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଆକ୍ରମଣରେ ଯୁବକ ଆହତ ହୋଇ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

# ଓଡ଼ିଆ ଭାଷା, ସଂସ୍କୃତିର ସମ୍ମେଳନ 'ଏକାମ୍ର ଉତ୍ସବ'

## ୩ରୁ ଆରମ୍ଭ

ଭୁବନେଶ୍ୱର,୩୧।୧
(ଶର୍ମିଷ୍ଠା ପାଣିଗ୍ରାହୀ)


ଖବରଦାତା ସମ୍ମିଳନୀରେ ମେୟର ସୁଲୋଚନା ଦାସ ଏକାମ୍ର ଉତ୍ସବ ସମ୍ପର୍କରେ ସୂଚନା ଦେଉଛନ୍ତି।

ଓଡ଼ିଆ ଭାଷା, କଳା ଓ ସଂସ୍କୃତି ସହ ମନୋରଞ୍ଜନର ଖୋରାକ ଯୋଗାଇବ 'ଏକାମ୍ର ଉତ୍ସବ'। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଫେବୃଆରୀ ୩ରୁ ପ୍ରଦର୍ଶନୀ ପଡ଼ିଆରେ ଏହି ଉତ୍ସବ ଆରମ୍ଭ ହୋଇ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ବୁଧବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉତ୍ସବ ସମ୍ପର୍କରେ ସୂଚନା ଦିଆଯାଇଛି। ସମ୍ମିଳନୀରେ ବିଏମ୍‌ସି ମେୟର ସୁଲୋଚନା ଦାସ, ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ, ଏକାମ୍ର ଉତ୍ସବ ସ୍ପେଶାଲ ଡ୍ୟୁଟିରେ ଥିବା ମତ୍ସ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସିଦ୍ଦିକ ଆଲାମ, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ବିଡିଏ ସଚିବ କବୀନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ସଙ୍ଗୀତର ମୂର୍ଚ୍ଛନା

ରାଜଧାନୀବାସୀଙ୍କ ମନୋରଞ୍ଜନ ପାଇଁ 'ଏକାମ୍ର ଉତ୍ସବ' ଅନ୍ୟତମ ପ୍ଲାଟ୍‌ଫର୍ମ ହେବ। ସନ୍ଧ୍ୟାରେ 'ସଙ୍ଗୀତର ମୂର୍ଚ୍ଛନା' କାର୍ଯ୍ୟକ୍ରମରେ ଝୁମିବେ ସହରବାସୀ। ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ଦେଖିବାକୁ ମିଳିବ ନୃତ୍ୟ, ସଙ୍ଗୀତ, ଲାଇଭ୍ ବ୍ୟାଣ୍ଡ୍ ପରିବେଷଣ। ଏହି ୭ଦିନିଆ ଉତ୍ସବରେ ପ୍ରତି ସନ୍ଧ୍ୟାରେ ରହିବ ଭିନ୍ନ ଭିନ୍ନ ପ୍ରଦର୍ଶନ।

### ଆମ ବ୍ୟଞ୍ଜନ

ଉତ୍ସବରେ ଅନ୍ୟତମ ଆକର୍ଷଣ ହେଉଛି 'ଆମ ବ୍ୟଞ୍ଜନ'। ଏହା ଲୋକଙ୍କୁ ଓଡିଶା ହାଣ୍ଡିଶାଳର ସୁଆଦିଆ ଖାଦ୍ୟର ମଜା ଦେବ। ଏହାଦ୍ୱାରା ହାତ ତିଆରି ଆଞ୍ଚଳିକ ଖାଦ୍ୟର ପ୍ରଚାରପ୍ରସାର ହେବ। ଓଡ଼ିଆ ଘରର ପାରମ୍ପରିକ ଖାଦ୍ୟ ସାଙ୍ଗକୁ କେବଳ ଗ୍ରାମାଞ୍ଚଳରେ ଉପଲବ୍ଧ ହେଉଥିବା ବିଭିନ୍ନ ସାମଗ୍ରୀରେ ପ୍ରସ୍ତୁତ ଖାଦ୍ୟ ମଧ୍ୟ ଉପଲବ୍ଧ ହେବ।

### କାହାଣୀ ଉତ୍ସବ

'ଏକାମ୍ର ଉତ୍ସବ'ରେ ଭୁବନେଶ୍ୱର କାହାଣୀ ଉତ୍ସବ (ଭୁଫେଷ୍ଟୋ)ର ତୃତୀୟ ସଂସ୍କରଣ ଆରମ୍ଭ ହେବ। ୩ରୁ ୫ ତାରିଖ ପର୍ଯ୍ୟନ୍ତ ସହରର ପ୍ରମୁଖ ୪ଟି ସ୍ଥାନ ଇନ୍ଦିରା ଗାନ୍ଧୀ ପାର୍କ, ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ (କଳାଭୂମି), ଏପିଜେ ଅବଦୁଲ କାଲାମ ପାର୍କ (କଳିଙ୍ଗନଗର) ଏବଂ ନୀଳାଦ୍ରି ବିହାରର ବୁଦ୍ଧ ପାର୍କଠାରେ ଅନୁଷ୍ଠିତ ହେବ। ଅପରାହ୍ଣ ୨ଟା ୩୦ରୁ ୭ଟା ୩୦ ପର୍ଯ୍ୟନ୍ତ ଏହା ଚାଲିବ। କୁନା ତ୍ରିପାଠୀ, ଆକାଶ ଦାସନାୟକ, ଉଷସୀ ମିଶ୍ର ଏବଂ ମୀରା ପରିଡାଙ୍କ ଭଳି ଜଣାଶୁଣା କାହାଣୀକାରମାନେ ଯୋଗଦେବେ। ଉପସ୍ଥିତ ଲୋକେ ଶାସ୍ତ୍ରୀୟ ଓଡ଼ିଆ ଉପନ୍ୟାସର ସମସାମୟିକ ରୂପ ଓ କାଳଜୟୀ କାହାଣୀରେ ଏକ ଆଧୁନିକ ଅଧ୍ୟାୟ ସହ ଏଥିରେ ଯୋଡ଼ି ହୋଇପାରିବେ।

### ଆକର୍ଷଣ ସାଜିବେ ସୋନୁ ନିଗମ, ଜୁବିନ୍

**୩ ଫେବୃଆରୀ – ସ୍ମୃତି ତୁମେ ଅକ୍ଷୟ**
ଜ୍ୟୋତିର୍ମୟୀ, ଅଭିରାମ, ରାଜେଶ, କୃଷ୍ଣ ଓ ମିତ୍ରଭାନୁ।
**୪ ଫେବୃଆରୀ – ସଙ୍ଗୀତର ତାଳେ ତାଳେ**
ଅନୁରାଧା ପୌଡୱାଲ,ସୁରେଶ ୱାଡେକର
**୫ ଫେବୃଆରୀ – ଅଭୁଲା ଅତୀତ**
ସନମ ପୁରୀ ଲାଇଭ ଓ ଅନନ୍ୟା ଶ୍ରୀତମ ନନ୍ଦ
**୬ ଫେବୃଆରୀ – ଭାଷା ହିଁ ଭବିଷ୍ୟତ**
କୁନା ତ୍ରିପାଠୀ, ଅରୁଣା ମହାନ୍ତି ଓ ସାଥୀ, ପ୍ରଜ୍ଞା, ଶଙ୍କର
**୭ ଫେବୃଆରୀ – ବସନ୍ତର ସ୍ୱର**
ସୋନା ମହାପାତ୍ର, କ୍ରିଷ୍ଣା ବେଉରା ଓ ଋତୁରାଜ ମହାନ୍ତି
**୮ଫେବୃଆରୀ – ମୂର୍ଚ୍ଛନାର ଭିନ୍ନ ଏକ ସନ୍ଧ୍ୟା**
ସୋନୁ ନିଗମ
**୯ ଫେବୃଆରୀ – ତୁମେ ଚାହିଁଲ ବୋଲି**
ଜୁବିନ ନୌଟିଆଲ

### ଏକାମ୍ର ହାଟରେ ରାତ୍ରିକାଳୀନ ବଜାର

ଏକାମ୍ର ହାଟଠାରେ ଲୋକଙ୍କ ପାଇଁ ରାତ୍ରିକାଳୀନ ବଜାର ଖୋଲିବ। ଏହା ଆସନ୍ତା ୩ ତାରିଖରୁ ୯ ଯାଏ ଖୋଲିବ। ପ୍ରତିଦିନ ଅପରାହ୍ଣ ୪ରୁ ରାତି ୧୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ବଜାରରେ ମନ ପସନ୍ଦର ଜିନିଷ କିଣିବାକୁ ସୁଯୋଗ ପାଇପାରିବେ।

### ମଧୁସୂଦନ ମାର୍ଗରେ ୩ଦିନିଆ ଡ୍ରୋନ୍ ଶୋ

ଆସନ୍ତା ୭,୮ ଓ ୯ ତାରିଖରେ ଓଡ଼ିଆ ଭାଷା, କଳା ଓ ସଂସ୍କୃତି ଉପରେ ଏକ ଡ୍ରୋନ୍ ଶୋ ଅନୁଷ୍ଠିତ ହେବ। ଭାଷାର ପ୍ରସାର ପାଇଁ ମଧୁସୂଦନ ମାର୍ଗକୁ ଓଡ଼ିଆ ଭାଷା, କଳା ଓ ସଂସ୍କୃତି ଡିଜାଇନରେ ପ୍ରଦର୍ଶିତ କରାଯିବ। ଏଥିପାଇଁ ପାଖାପାଖି ୨୦୦ରୁ ଅଧିକ ଡ୍ରୋନ ବ୍ୟବହାର କରାଯିବ।

# ସରକାରୀ ଗୋଚର ଜମି ଜବରଦଖଲ ନେଇ ଅଞ୍ଚଳବାସୀଙ୍କ ଅଭିଯୋଗ

ପୁରୁଣା ଭୁବନେଶ୍ୱର, ୩୧।୧(ସୁବାସ ଚନ୍ଦ୍ର ପ୍ରଧାନ)

ସାମନ୍ତରାପୁରସ୍ଥିତ ପୁରୁଣା ଚେକ ଗେଟ୍ ଛକ ତାରିଣୀ ବିହାରକୁ ଥିବା ପ୍ରବେଶ ପଥର ଡାହାଣ ପାର୍ଶ୍ୱରେ ନୂଆ ଗାଁ ମୌଜାରେ ପାଖାପାଖି ୩ ଏକର ଜମି ରହିଛି। ସେଥିରୁ ୯୦ ଭାଗ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଜବରଦଖଲରେ ଥିଲା। ଜବରଦଖଲ ମୁକ୍ତ ଅବଶିଷ୍ଟାଂଶ ଜମିକୁ ଏବେ କୌଣସି ବ୍ୟକ୍ତି ନିଜ ଦଖଲକୁ ନେଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଏହି ଅଞ୍ଚଳରେ ସ୍ଥାନ ଅଭାବ କାରଣରୁ କ୍ଷୁଦ୍ର ବ୍ୟବସାୟୀ ରାସ୍ତାରେ ବସି ବେପାର କରନ୍ତି, ଫଳରେ ଟ୍ରାଫିକ ସମସ୍ୟା ଉପୁଜୁଛି। ତତ୍‌ସହିତ ପୋଲିସ ଫାଣ୍ଡି ଓ ସାଧାରଣ ଶୌଚାଳୟ ପାଇଁ ମଧ୍ୟ ଖାଲି ସ୍ଥାନ ମିଳୁନାହିଁ। ଏନେଇ ଅଞ୍ଚଳବାସୀ ପ୍ରଶାସନ ପାଖରେ ଅଭିଯୋଗ କରିଛନ୍ତି। ସମସ୍ତ ସମସ୍ୟାର ସମାଧାନ ପାଇଁ ଚାଲିଥିବା ବେଆଇନ ଜବରଦଖଲ ଓ ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଗଲେ ଉପକୃତ ହେବେ ବୋଲି ଅଞ୍ଚଳବାସୀ କହିଛନ୍ତି।


ଜବରଦଖଲ ହୋଇଥିବା ସ୍ଥାନ।

# ରାସ୍ତାରେ କାଦୁଅ ଗଦାଇ ୧ଲକ୍ଷ ଟଙ୍କା ଗଣିଲା ସଂସ୍ଥା



ଭୁବନେଶ୍ୱର,୩୧।୧
(ଅନୁରାଧା ମହାରଣା)

ରାସ୍ତାରେ କାଦୁଅ ପକାଇ ଏକ ଘରୋଇ ସଂସ୍ଥା ହଟହଟା ହେବାକୁ ପଡ଼ିଛି। ଗଙ୍ଗନଗର ଦେଇ ଏୟାରପୋର୍ଟ ଛକରୁ ଖଣ୍ଡଗିରି ଯାଇଥିବା ରାସ୍ତାରେ ପ୍ରଚୁର ପରିମାଣର କାଦୁଅ ଗଦାଇବା ଫଳରେ ୧ଲକ୍ଷ ଟଙ୍କା ଜରିମାନା ଗଣିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ଏହି ଜରିମାନା ଆଦାୟ କରାଯିବା ସହ ତୁରନ୍ତ ସଂପୃକ୍ତ ରାସ୍ତାକୁ ସଫେଇ କରାଯାଇଛି। ଉକ୍ତ ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଲୋକ ଯାତାୟତ କରନ୍ତି। ମାତ୍ର ଉକ୍ତ ଘରୋଇ ସଂସ୍ଥାର ଏପରି ବେପରୁଆ କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯିବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଜନସାଧାରଣଙ୍କ ଯାତାୟାତ ବାଧାପ୍ରାପ୍ତ ହେବା ପୂର୍ବରୁ ଏହି ସଡ଼କ ପରିଷ୍କାର କରାଯାଇଥିବା ବିଏମସି ପକ୍ଷରୁ ସୂଚନା ଦିଆଯାଇଛି।

# ୧୬ରେ ଚନ୍ଦ୍ରଭାଗା ମାଘ ସପ୍ତମୀ ବୁଡ଼

କୋଣାର୍କ,୩୧।୧(ଜ୍ୟୋତିରାଜ ମହାନ୍ତି)

ପୁରୀ ଜିଲାର ଦ୍ୱିତୀୟ ବୃହତ୍ତମ ମେଳା ଚନ୍ଦ୍ରଭାଗା ପ୍ରସିଦ୍ଧ ମାଘ ସପ୍ତମୀ ବୁଡ଼ ଆସନ୍ତା ୧୬ ତାରିଖରେ ଆୟୋଜିତ ହେବ। ଏନେଇ ପ୍ରଥମ ସମନ୍ୱୟ କମିଟି ବୈଠକ ବୁଧବାର କୋଣାର୍କସ୍ଥିତ ଯାତ୍ରୀ ନିବାସରେ ଅନୁଷ୍ଠିତ ହୋଇଛି। ଜିଲାପାଳ ବିଜୟ କୁମାର ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ଚନ୍ଦ୍ରଭାଗାଠାରେ ୧୫ ତାରିଖ ମାଘ ଷଷ୍ଠୀ ଓ ୧୬ ମାଘ ସପ୍ତମୀ ବୁଡ଼ରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ସୁରକ୍ଷିତ ସ୍ନାନ ଉପରେ ଜିଲାପାଳ ଦାଶ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ମାଧିପୁର ଗ୍ରାମର ତ୍ରିବେଣୀଶ୍ୱର, ସନ୍ଧପୁର ଗ୍ରାମର ଐଶାଣେଶ୍ୱର ଓ କୁରୁଜଙ୍ଗ ଗ୍ରାମର ଦକ୍ଷିଣେଶ୍ୱର ମହାଦେବଙ୍କ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଅଭିମୁଖେ ଯାତ୍ରା, ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ, ଠାକୁରଙ୍କ ଦେବ ନୀତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା।

# ବରିଷ୍ଠ ଷ୍ଟେନୋ ଗୌରଚନ୍ଦ୍ର ମହାପାତ୍ରଙ୍କ ଅବସର

ଭୁବନେଶ୍ୱର, ୩୧।୧
(ଅସମାପିକା ସାହୁ)

ଭୁବନେଶ୍ୱର ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ବରିଷ୍ଠ ଷ୍ଟେନୋ ଗୌରଚନ୍ଦ୍ର ମହାପାତ୍ର ବୁଧବାର ଅବସର ନେଇଛନ୍ତି। ଷ୍ଟେନୋ ଭାବେ ସେ ଦୀର୍ଘ ୩୭ ବର୍ଷ କାର୍ଯ୍ୟ କରି ଅବସର ଗ୍ରହଣ କରିଛନ୍ତି। ମହାପାତ୍ର ୧୯୮୬ରୁ ୧୯୯୦ ପର୍ଯ୍ୟନ୍ତ ଗଜପତି ସୂଚନା ଓ ଲୋକ ସମ୍ପର୍କ ଜିଲାରେ କାର୍ଯ୍ୟରତ ଥିଲେ। କେବଳ ଜିଲାସ୍ତରୀୟ ସୂଚନା ଓ ଲୋକ ସମ୍ପର୍କ ବିଭାଗରେ ସେ ସକ୍ରିୟ ଥିଲେ ତାହା ନୁହେଁ, ବିଭାଗୀୟ ମୁଖ୍ୟ ଦପ୍ତର ନ୍ୟସ୍ତ କରୁଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ସେ ସୂଚାରୁ ରୂପେ ତୁଲାଉଥିଲେ। ଗଣମାଧ୍ୟମ ପରିଚାଳନାରେ ସେ ବହୁ ସକ୍ରିୟ ଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କ ସହ ତାଙ୍କର ଭଲ ସମ୍ପର୍କ ରହିଥିଲା। ଅବସର ନେଉଥିବା ସମୟରେ ଗଣମାଧ୍ୟମ ପ୍ରତିନିଧିମାନେ ତାଙ୍କୁ ସାକ୍ଷାତ କରି ଅବସରକାଳୀନ ନିରାମୟ ଜୀବନ କାମନା କରିଥିଲେ।


ଗୌରଚନ୍ଦ୍ର ମହାପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରିୟ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୌରଚନ୍ଦ୍ର ମହାପାତ୍ରଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କାର୍ଯ୍ୟାଳୟ କର୍ମଚାରୀ ମେରିଲିନା ରାଉତରାୟ, ରଥିଆ ନାୟକ, ଦୀପାଳୀବାଳା ଦାସ, ରାମଚନ୍ଦ୍ର ପଲେଇ, ପ୍ରଦୀପ ମାନ୍ଧାତା ପ୍ରମୁଖ ଯୋଗଦେଇ ମହାପାତ୍ରଙ୍କ ବିଗତ ଦିନର କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗର ବରିଷ୍ଠ କର୍ମଚାରୀ ଶକ୍ତି ରଞ୍ଜନ ରାଉତ ଏବଂ ପ୍ରୋଜେକ୍ସନିଷ୍ଟ ନଗେନ୍ଦ୍ର ସେଠୀ ପ୍ରମୁଖ ଏହି ଅବସର କାଳୀନ ସଭାରେ ଉପସ୍ଥିତ ଥିଲେ।

# ଆପାର୍ଟମେଣ୍ଟରୁ ୧୦ ଲକ୍ଷର ସୁନା ଗହଣା ଚୋରି

ଭୁବନେଶ୍ୱର,୩୧।୧
(ସୂର୍ଯ୍ୟକାନ୍ତ ବେହେରା)

ସହର ଉପକଣ୍ଠରେ ଥିବା ଆପାର୍ଟମେଣ୍ଟଗୁଡ଼ିକରେ ଏବେ ଚୋରି ଘଟଣା ବଢ଼ିବାରେ ଲାଗିଛି। ଅପରାଧୀମାନେ ସହର ବାହାରକୁ ସୁରକ୍ଷିତ ମନେ କରି ଗୋଟେ ପରେ ଗୋଟେ ଆପାର୍ଟମେଣ୍ଟରୁ କଳା କନା ବୁଲାଉଛନ୍ତି। ଗତ କିଛିମାସ ମଧ୍ୟରେ ଏଭଳି ଅନେକ ଘଟଣା ଘଟିଥିଲେ ସୁଦ୍ଧା ପୋଲିସ ଏହାକୁ ରୋକିପାରୁ ନାହିଁ। ଏବେ ରାଜଧାନୀ ଉପକଣ୍ଠ ପାହାଳ ଥାନା ଅଞ୍ଚଳରେ ଥିବା କଲ୍ୟାଣୀ ଆପାର୍ଟମେଣ୍ଟର ୩ଟି ଫ୍ଲାଟରୁ ସିରିଜ ଚୋରି ହୋଇଥିବାନେଇ ବୁଧବାର ଫ୍ଲାଟର ୨ଜଣ ମାଲିକ ବସନ୍ତ ଦାଶ ଓ ମନୋରଞ୍ଜନ ସାହୁ ଅଭିଯୋଗ କରିଛନ୍ତି। ଘରେ କେହି ନ ଥିବାବେଳେ ଅପରାଧୀମାନେ ଘରର ତାଲା କାଟିବା ସହ ଝରକା ଭାଙ୍ଗି ୧୦ଲକ୍ଷରୁ ଅଧିକ ଟଙ୍କାର ସୁନା ଗହଣା, ରୁପା ଚୋରି କରି ଫେରାର ହୋଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ଆଧାରରେ ପୋଲିସ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଜାରି ରଖିଛି। ଅପରପକ୍ଷେ ଏ ଗୋଟିଏ ଘଟଣା ନୁହେଁ ବରଂ ରାଜଧାନୀରେ ଗତ କିଛିମାସ ମଧ୍ୟରେ ଏଭଳି ଆପାର୍ଟମେଣ୍ଟରୁ ୧୫ରୁ ଅଧିକ ଚୋରି ହୋଇଥିବା ନଜର ରହିଛି। ଅପରାଧୀମାନେ ବାହାର ରାଜ୍ୟରୁ ଆସି ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ରହି ଲୁଟପାଟ କରୁଛନ୍ତି। କେତେବେଳେ କବାଡ଼ିଆ ଦୋକାନୀ ତ' ପୁଣି କେତେବେଳେ କମ୍ବଳ ବେପାରୀ ଭାବେ କାମ କରୁଛନ୍ତି। ଆଉ କେହିକେହି ବଞ୍ଜାରା ଭାବେ ବୁଲି ରାଜଧାନୀର ବିଭିନ୍ନ ଘର,ଦୋକାନ, ଆପାର୍ଟମେଣ୍ଟରୁ ଚୋରି କରି ଫେରାର ହେବାରେ ସକ୍ଷମ ହେଉଛନ୍ତି। ସୁରକ୍ଷାକର୍ମୀଙ୍କ ଉପସ୍ଥିତି ସତ୍ତ୍ୱେ ଦୁର୍ବୃତ୍ତମାନେ ବେଫିକର ହୋଇ ଚୋରି କରୁଥିବାରୁ ଘରୁ ବାହାରକୁ ପାଦ ବାହାର କରିବା ପୂର୍ବରୁ ରାଜଧାନୀବାସୀଙ୍କ ମନରେ ଭୟ ପଶୁଛି।



ଭିଏସ୍‌ଏସ୍ ନଗର ମା' ଗୋଜବାୟାଣୀ କ୍ରିକେଟ କ୍ଲବ ତରଫରୁ ଆୟୋଜିତ ଶିବାନନ୍ଦ ମଙ୍ଗଳ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ଗହଣରେ ଚାମ୍ପିୟନ ବାଣୀବିହାର ଲାଇଫ୍ ଲାଇନ୍ ଟିମ୍‌ର ଖେଳାଳି।



ଯାଜପୁର-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ବିଭିନ୍ନ ଦାବି ନେଇ ଭୁବନେଶ୍ୱର ରେଳସଦନ ସମ୍ମୁଖରେ ବୁଧବାର ଧାରଣା ଦିଆଯାଇଛି।

## ସଂକ୍ଷେପରେ

### ରାସ୍ତାରେ କାଦୁଅ ଗଦାଇ ୧ଲକ୍ଷ ଟଙ୍କା ଗଣିଲା ସଂସ୍ଥା

ଭୁବନେଶ୍ୱର,୩୧।୧(ଅନୁରାଧା ମହାରଣା)

ରାସ୍ତାରେ କାଦୁଅ ପକାଇ ଏକ ଘରୋଇ ସଂସ୍ଥା ହଟହଟା ହେବାକୁ ପଡ଼ିଛି। ଗଙ୍ଗନଗର ଦେଇ ଏୟାରପୋର୍ଟ ଛକରୁ ଖଣ୍ଡଗିରି ଯାଇଥିବା ରାସ୍ତାରେ ପ୍ରଚୁର ପରିମାଣର କାଦୁଅ ଗଦାଇବା ଫଳରେ ୧ଲକ୍ଷ ଟଙ୍କା ଜରିମାନା ଗଣିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ଏହି ଜରିମାନା ଆଦାୟ କରାଯିବା ସହ ତୁରନ୍ତ ସଂପୃକ୍ତ ରାସ୍ତାକୁ ସଫେଇ କରାଯାଇଛି। ଉକ୍ତ ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଲୋକ ଯାତାୟତ କରନ୍ତି। ମାତ୍ର ଉକ୍ତ ଘରୋଇ ସଂସ୍ଥାର ଏପରି ବେପରୁଆ କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯିବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଜନସାଧାରଣଙ୍କ ଯାତାୟାତ ବାଧାପ୍ରାପ୍ତ ହେବା ପୂର୍ବରୁ ଏହି ସଡ଼କ ପରିଷ୍କାର କରାଯାଇଥିବା ବିଏମସି ପକ୍ଷରୁ ସୂଚନା ଦିଆଯାଇଛି।

### ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ଭୁବନେଶ୍ୱର,୩୧।୧(ସୂର୍ଯ୍ୟକାନ୍ତ ବେହେରା)

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଉତ୍କଳ ହସ୍ପିଟାଲ ଆଡକୁ ଯାଇଥିବା ଦୁଇଶହ ଫୁଟିଆ ରାସ୍ତାରେ ଏକ ଅଜଣା ଗାଡି ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଛତିଶ ମହାରଣା ଓରଫ ସାଲୁ(୩୬)। ସେ ମୟୂରଭଞ୍ଜ କରଞ୍ଜିଆର ବାସିନ୍ଦା ହୋଇଥିବା ସୂଚନା ମିଳିଛି। ସେ ବୁଧବାର ସନ୍ଧ୍ୟାରେ ଇଶାନେଶ୍ୱର ବସ୍ତିରେ ରହୁଥିବା ତାଙ୍କ ଶାଶୁଙ୍କ ଘରକୁ ପରିବାର ସହ ବୁଲିବା ପାଇଁ ଆସିଥିଲେ। ବସ୍ତିରେ ପରିବାର ଲୋକଙ୍କୁ ଛାଡି କିଛି ଜିନିଷ ନେବାପାଇଁ ଜଣେ ସମ୍ପର୍କୀୟ ଭାଇ ବୁଲୁ ମହାରଣାଙ୍କ ସହିତ ଅଟୋରେ ବସି ବୁଦ୍ଧପାର୍କ ନିକଟକୁ ଯାଇଥିଲେ। ଅଟୋ ଚାଳକ ତାଙ୍କୁ ଅଟୋରେ ବସାଇ ରାସ୍ତାର ଅପର ପାଖରେ ଥିବା ଏକ ଦୋକାନରୁ କିଛି କିଣାକିଣି କରିବା ପାଇଁ ଯାଇଥିଲେ। ଏହି ସମୟରେ ସାଲୁ ଅଟୋରୁ ଓହ୍ଲାଇ ମୁହଁ ଧୋଉଥିଲାବେଳେ ଦ୍ରୁତଗତିରେ ଆସୁଥିବା ଏକ ଗାଡି ତାଙ୍କ ମୁଣ୍ଡକୁ ଶକ୍ତ ଧକ୍କାଦେଇ ଚାଲିଯାଇଥିଲା। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡି ଚିହ୍ନଟ କରିବା ପାଇଁ ସିସିଟିଭି ଫୁଟେଜ ଯାଞ୍ଚ କରୁଛି।

### ଥାନାରେ ମାମଲା, ପୋଲିସ ହାତ ଖାଲି

**ରାଜଧାନୀରେ ଗୋଷ୍ଠୀ ସଂଘର୍ଷ ଘଟଣା**

ଭୁବନେଶ୍ୱର,୩୧।୧(ସୂର୍ଯ୍ୟକାନ୍ତ ବେହେରା)

ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ନୂଆ ରୋଡ଼ରେ ମଙ୍ଗଳବାର ରାତିରେ ଏକ ରାଜନୈତିକ ଦଳର ଦୁଇଗୋଷ୍ଠୀ ମଧ୍ୟରେ ଘଟିଥିବା ସଂଘର୍ଷ ଓ ଆତଙ୍କ ଘଟଣାରେ ପୋଲିସ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଗୋଟିଏ ପକ୍ଷର ଜଣେ ଯୁବକ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ ୬୦/୨୪) ରୁଜୁ କରିଛି। ତେବେ ଘଟଣାକୁ ୨୪ ଘଣ୍ଟାରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏଯାବତ୍ କାହାକୁ ଗିରଫ କରିବାରେ ସକ୍ଷମ ହୋଇନାହିଁ। ଅପରପକ୍ଷରେ ଏହି ଗୋଷ୍ଠୀ ସଂଘର୍ଷରେ ୨ଜଣ ଆହତ ହୋଇଛନ୍ତି। ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଛି, ଖୁବଶୀଘ୍ର ସେମାନଙ୍କୁ ଧରାଯିବ ବୋଲି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ରାତି ଅଧରେ ଦୁଇ ଗୋଷ୍ଠୀ ମଧ୍ୟରେ କିଭଳି ମାରଣାସ୍ତ୍ରରେ ଗାଡ଼ିମୋଟର ଭାଙ୍ଗି ନଷ୍ଟ କରିଛନ୍ତି, ତାହାର ଛାତିଥରା ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ତେବେ ଏହି ଭିଡିଓ ପରେ ରାଜଧାନୀବାସୀ ଓ ମହିଳାମାନଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ଅଞ୍ଚଳର ବିଜୟ ବାରିକଙ୍କ କହିବା ହେଲା ରାତିରେ ପୋଲିସ ପାଟ୍ରୋଲିଂ ଠିକ୍ ଭାବେ ହେଉ ନ ଥିବାରୁ ରାଜଧାନୀରେ ଏଭଳି ଅପରାଧ ବଢ଼ିବାରେ ଲାଗିଛି। ବିଶେଷକରି ରାତିରେ ଘରୁ ବାହାରିବାକୁ ଭୟ ଲାଗୁଛି। ସୂଚନା ଅନୁଯାୟୀ, ଏକ ରାଜନୈତିକ ଦଳର ସମାବେଶ କାର୍ଯ୍ୟକ୍ରମକୁ ନେଇ ଉକ୍ତ ଦଳର କେତେଜଣ ଯୁବକ କୌଣସି କାରଣକୁ ନେଇ ଦୁଇ ଭାଗ ହୋଇଯାଇଥିଲେ। ପରେ ଏହାକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ମଙ୍ଗଳବାର ରାତିରେ ନୂଆ ରୋଡ୍‌ସ୍ଥିତ ଏକ ରେଷ୍ଟୁରାଣ୍ଟ ନିକଟରେ ଉକ୍ତ ରାଜନୈତିକ ଦଳର ଗୋଟିଏ ଗୋଷ୍ଠୀର ସଦସ୍ୟମାନେ ଖଟି କରୁଥିବାବେଳେ ଅନ୍ୟ ଗୋଷ୍ଠୀର ଯୁବକମାନେ ସେଠାକୁ ଆସିବା ପରେ ଗଣ୍ଡଗୋଳ ହୋଇଥିଲା। କିଛିସମୟ ଘଟଣାସ୍ଥଳ ରଣକ୍ଷେତ୍ର ପାଲଟିଥିଲା। ବାଡ଼ି, ଖଣ୍ଡା ଆଦିରେ ଉଭୟ ପକ୍ଷରୁ ଆକ୍ରମଣ କରିଥିଲେ।

# ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ୧୨ ପଞ୍ଚାୟତର ଉପଭୋକ୍ତା

**ବିଦ୍ୟୁତ୍ ବିଲ୍ ନ ନେବା ପାଇଁ ଆସିବାକୁ ଚେତାବନୀ**

ନିରାକାରପୁର,୩୧।୧
(ମାନସ ଚନ୍ଦ୍ର ପଟ୍ଟନାୟକ)



ଉପଭୋକ୍ତାମାନେ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ବିନା କାରଣରେ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ, ମିଟର ରିଡିଂରେ ଅନିୟମିତତା, କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ, ବେଳକୁ ବେଳ ଦରବୃଦ୍ଧି ଆଦି ୧୨ଦଫା ଦାବି ନେଇ ନିରାକାରପୁର ବିଦ୍ୟୁତ୍ କନିଷ୍ଠ ଯନ୍ତ୍ରୀଙ୍କ ଅଧୀନରେ ଥିବା ୧୨ ପଞ୍ଚାୟତର ସମସ୍ତ ନିର୍ବାଚିତ ଲୋକ ପ୍ରତିନିଧି, ଉପଭୋକ୍ତା ସ୍ଥାନୀୟ ଗଣେଶ ପଡ଼ିଆଠାରୁ ଏକ ବ୍ୟାନର ଶୋଭାଯାତ୍ରାରେ ସ୍ଥାନୀୟ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଥିଲେ। ଉପଭୋକ୍ତାଙ୍କ ଶୋଭାଯାତ୍ରାର ସୂଚନା ପାଇ କର୍ମଚାରୀ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ବିକ୍ଷୋଭକାରୀ ବିଭାଗୀୟ କର୍ମଚାରୀଙ୍କ ଏଭଳି ଆଚରଣକୁ ନିନ୍ଦା କରିବା ସହ ହିତାଧିକାରୀଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆଜିଠାରୁ କାର୍ଯ୍ୟାଳୟକୁ ଏହିଭଳିଭାବେ ବନ୍ଦ ରଖାଯିବ ବୋଲି କହିଥିଲେ। ଏଥିସହ ବିଦ୍ୟୁତ୍ ବିଲ୍ ଆଦାୟ ପାଇଁ ନ ଯିବାକୁ ଚେତାବନୀ ଦେଇଥିଲେ। ଆଞ୍ଚଳିକ କ୍ରିୟାନୁଷ୍ଠାନର ଆବାହକ ତଥା ୧୨ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ବିଜୟ ପାଲଟାସିଂ ଏହି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ବିପିନ ଜୟସିଂ, ଶୁଭମ ଦାଶ, ଟାଙ୍ଗୀ ବ୍ଲକ ଉପାଧ୍ୟକ୍ଷ ଦୁରୁ ପ୍ରସାଦ ନାଥ ଶର୍ମା, ଡିଆ ସରପଞ୍ଚ ପ୍ରଶାନ୍ତ ବେହେରା, ସାମାଜିକ କର୍ମୀ ରଞ୍ଜିତ ଜଗଦେବ, ପିଣ୍ଟୁ ବେହେରା, ନିରାକାରପୁର ସରପଞ୍ଚ କାଦମ୍ବିନୀ ବେହେରା, ଲେଖେଶ୍ରୋ ସରପଞ୍ଚ ବିନୋଦିନୀ ଦାଶ, ପ୍ରଫୁଲ୍ଲ ଚନ୍ଦ୍ର ଜେନା, ବାପି ମହାରଣା, ମନୋଜ ପ୍ରଧାନ, ଅରକ୍ଷିତ ଦଲେଇ, ଶରତ ସାହୁ ପ୍ରମୁଖଙ୍କ ସମେତ ସମସ୍ତ ନିର୍ବାଚିତ ପଞ୍ଚାୟତ ଲୋକ ପ୍ରତିନିଧିଙ୍କ ସମେତ ଅନେକ ମହିଳା ଉପଭୋକ୍ତା ସାମିଲ ହୋଇଥିଲେ।

## ବସ୍ ଟର୍ମିନାଲ ସ୍ଥାନକୁ ନେଇ ଅସନ୍ତୋଷ

ବୋଲଗଡ଼,୩୧।୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସଦରସ୍ଥିତ ରଜଯାତ୍ରା ପଡ଼ିଆରେ ରାଜ୍ୟ ସରକାରଙ୍କ ଲକ୍ଷ୍ମୀ ବସ୍ ଯୋଜନାର ବସ୍ ଟର୍ମିନାଲ ନିର୍ମାଣ କରିବାକୁ ନେଇ ଗଡ଼ଭିତର ଅଧୀନ ୭ଟି ସାହି ବାସିନ୍ଦା ବିରୋଧ କରିଛନ୍ତି। ଏଥିନେଇ ବୁଧବାର ରଜଯାତ୍ରା ପଡ଼ିଆଠାରେ ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ, ତହସିଲଦାର, ଗ୍ରାମ୍ୟ କମିଟି ଓ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଆଲୋଚନାରେ ଜିଲାପାଳଙ୍କୁ ବସ୍ ଟର୍ମିନାଲ ସ୍ଥାନ ପରିବର୍ତ୍ତନ ପାଇଁ ଉପଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ସଦର ପଞ୍ଚାୟତ ଅଧୀନ ଗଡ଼ଭିତର ଗ୍ରାମର ଜନସାଧାରଣ ଜରୁରିକାଳୀନ ଏକ ମାତ୍ର ନିର୍ଭରଶୀଳ ରାସ୍ତା ସହିତ ସଂଲଗ୍ନ ରହିଥିବା ଗୋଚର ପଡ଼ିଆ ଜମିକୁ ପୁରୁଷାନୁକ୍ରମେ ବ୍ୟବହାର କରିବା ସହ ଦୀର୍ଘ ୧୦୦ବର୍ଷରୁ ଊର୍ଦ୍ଧ୍ୱ ହେବ ରଜଯାତ୍ରା, ଦଶହରାପର୍ବ, ଗ୍ରାମ ଦେବତୀଙ୍କ ବାର୍ଷିକ କଳସ ଯାତ୍ରା, ଗହ୍ଲାଡିଆଁ ପ୍ରଭୃତି ପାରମ୍ପରିକ ଭାବେ ଏହି ଐତିହ୍ୟ ସାଂସ୍କୃତିକ କାର୍ଯ୍ୟମାନ ସେଠାରେ ସମ୍ପାଦିତ କରି ଆସୁଛନ୍ତି। ଏପରିକି ସେହି ରାସ୍ତାରେ ପ୍ରତ୍ୟହ ନିକଟରେ ଥିବା ରେଳ ଷ୍ଟେଶନ, ବ୍ଲକ କାର୍ଯ୍ୟାଳୟ, ମହାବିଦ୍ୟାଳୟ ସହ ଜାତୀୟ ରାଜପଥକୁ ବାହାରି ବସ୍‌ଷ୍ଟାଣ୍ଡ ଇତ୍ୟାଦିକୁ ଯାତାୟାତ କରୁଛନ୍ତି। ତେବେ ଏହି ଜାଗାରେ ଏକ ଲକ୍ଷ୍ମୀବସ୍ ଟର୍ମିନାଲ ନିର୍ମାଣ ପାଇଁ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ମାପ ଚିହ୍ନଟ କରାଯାଇ ସୀମା ନିର୍ଦ୍ଧାରଣ କରାଯାଇଛି। ସଂସ୍କୃତି ଓ ଐତିହ୍ୟ ପରମ୍ପରାକୁ ବଞ୍ଚାଇବାକୁ ଯାଇ ଏଠାରେ ଲକ୍ଷ୍ମୀବସ୍ ଟର୍ମିନାଲ ନ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।


ବୈଠକରେ ପ୍ରଶାସନିକ ଅଧିକାରୀ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ଚାଲିଛି।

## ସିପିଆଇ ପକ୍ଷରୁ ଶୋଭାଯାତ୍ରା, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବୋଲଗଡ଼,୩୧।୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଶାଖା ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଆନୁକୂଲ୍ୟରେ ବୋଲଗଡ଼ ସିପିଆଇ ଜୋନ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ୪ ଦଫା ସମ୍ବଳିତ ଏକ ଦାବିପତ୍ର ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ଜରିଆରେ ବୁଧବାର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟଠାରେ ଆୟୋଜିତ ବୈଠକରେ କମ୍ରେଡ୍ ପ୍ରଫୁଲ୍ଲ ମହାପାତ୍ର ସଭାପତିତ୍ୱ କରିଥିଲେ। ପରେ ଏକ ଶୋଭାଯାତ୍ରାରେ କର୍ମୀ ହାତରେ ଦଳୀୟ ପତାକା ଧରି ଗୋପବନ୍ଧୁ ଛକ, ତହସିଲ କାର୍ଯ୍ୟାଳୟ, ବସ୍‌ଷ୍ଟାଣ୍ଡ ବଜାର ଦେଇ ବ୍ଲକ କାର୍ଯ୍ୟାଳୟ ନିକଟକୁ ଯାଇଥିଲେ। ସେଠାରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିପିଆଇ କର୍ମୀ ୪ଦଫା ସମ୍ବଳିତ ଏକ ଦାବିପତ୍ର ସ୍ଥାନୀୟ ମଣ୍ଡଳ ଉନ୍ନୟନ ଅଧିକାରୀ ଶରତ ମଲ୍ଲିକଙ୍କ ଜରିଆରେ ପ୍ରଦାନ କରିଥିଲେ। ଦାବିଗୁଡ଼ିକ ମଧ୍ୟରେ ଓଡ଼ିଶାର ସମସ୍ତ ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଓ ବିଧବା ଭତ୍ତାକୁ ମାସିକ ୫ ହଜାର ଟଙ୍କା କରାଯାଉ, ଚାଷୀଙ୍କ ସମସ୍ତ ଧାନକୁ କୁଇଣ୍ଟାଲ ପିଛା ୩ ହଜାର ଟଙ୍କା କରାଯାଉ, ଏହି ଧାନକୁ ମଣ୍ଡି ମାଧ୍ୟମରେ କ୍ରୟ କରାଯାଉ, ତୃତୀୟତଃ ଓଡ଼ିଶାର ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ୨୦୦ ୟୁନିଟ୍ ବିଦ୍ୟୁତ୍ ଶୁଳ୍କ ଛାଡ଼ କରାଯାଉ ଓ ବୋଲଗଡ଼ ତହସିଲରେ ଭୂ–ବନ୍ଦୋବସ୍ତ ତୁରନ୍ତ କରାଯାଉ। ଏଥିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ରାଜ୍ୟ ସମ୍ପାଦକ ଅଭୟ ସାହୁ, ସିପିଆଇ ଜିଲା ସମ୍ପାଦକ ଆଇନଜୀବୀ ଅମୀୟ ପଟ୍ଟନାୟକ, ଶିକ୍ଷକ ନେତା ଦିବାକର ପରମଗୁରୁ, ସିପିଆଇ ବୋଲଗଡ଼ ଜୋନ ସମ୍ପାଦକ ଲକ୍ଷ୍ମଣ ସେଠୀ, ସିପିଆଇ ବେଗୁନିଆ ସମ୍ପାଦକ ବିଜୟ ଗୁମାନସିଂ, ଆଦିବାସୀ ନେତା ଗଗନ ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ। ବହୁ ଦଳୀୟ କର୍ମୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



ସିପିଆଇ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ଆପାର୍ଟମେଣ୍ଟରେ ପୁଣି ମାତିଲେ ଦୁର୍ବୃତ୍ତ

**୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ଚୋରି**

ଭୁବନେଶ୍ୱର,୩୧।୧
(ସୂର୍ଯ୍ୟକାନ୍ତ ବେହେରା)

ସହର ଉପକଣ୍ଠରେ ଥିବା ଆପାର୍ଟମେଣ୍ଟ ଗୁଡ଼ିକରେ ଏବେ ଚୋରି ଘଟଣା ବଢ଼ିବାରେ ଲାଗିଛି। ଅପରାଧୀମାନେ ସହର ବାହାରକୁ ସୁରକ୍ଷିତ ମନେ କରି ଗୋଟେ ପରେ ଗୋଟେ ଆପାର୍ଟମେଣ୍ଟରୁ କଳା କନା ବୁଲାଉଛନ୍ତି। ଗତ କିଛିମାସ ମଧ୍ୟରେ ଏଭଳି ଅନେକ ଘଟଣା ଘଟିଥିଲେ ସୁଦ୍ଧା ପୋଲିସ ଏହାକୁ ରୋକିପାରୁ ନାହିଁ। ଏବେ ରାଜଧାନୀ ଉପକଣ୍ଠ ପାହାଳ ଥାନା ଅଞ୍ଚଳରେ ଥିବା କଲ୍ୟାଣୀ ଆପାର୍ଟମେଣ୍ଟର ୩ଟି ଫ୍ଲାଟରୁ ସିରିଜ ଚୋରି ହୋଇଥିବାନେଇ ବୁଧବାର ଫ୍ଲାଟର ୨ଜଣ ମାଲିକ ବସନ୍ତ ଦାଶ ଓ ମନୋରଞ୍ଜନ ସାହୁ ଅଭିଯୋଗ କରିଛନ୍ତି। ଘରେ କେହି ନ ଥିବାବେଳେ ଅପରାଧୀମାନେ ଘରର ତାଲା କାଟିବା ସହ ଝରକା ଭାଙ୍ଗି ୧୦ଲକ୍ଷରୁ ଅଧିକ ଟଙ୍କାର ସୁନା ଗହଣା, ରୁପା ଚୋରି କରି ଫେରାର ହୋଇଯାଇଥିବା ଅଭିଯୋରେ ଦର୍ଶାଯାଇଛି। ଅଭିଯୋଗ ଆଧାରରେ ପୋଲିସ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଜାରି ରଖିଛି। ଅପରପକ୍ଷେ ଏ ଗୋଟିଏ ଘଟଣା ନୁହେଁ ବରଂ ରାଜଧାନୀରେ ଗତ କିଛି ମାସ ମଧ୍ୟରେ ଏଭଳି ଆପାର୍ଟମେଣ୍ଟରୁ ୧୫ରୁ ଅଧିକ ଚୋରି ହୋଇଥିବା ନଜର ରହିଛି। ଅପରାଧୀମାନେ ବାହାର ରାଜ୍ୟରୁ ଆସି ଭୁବନେଶ୍ୱର ବିଭିନ୍ନ ଅଞ୍ଚଳରେ ରହି ଲୁଟପାଟ କରୁଛନ୍ତି। କେତେବେଳେ କବାଡ଼ିଆ ଦୋକାନୀ ତ' ପୁଣି କେତେବେଳେ କମ୍ବଳ ବେପାରୀ ଭାବେ କାମ କରୁଛନ୍ତି। ଆଉ କେହିକେହି ବଞ୍ଜାରା ଭାବେ ବୁଲୁ ରାଜଧାନୀର ବିଭିନ୍ନ ଘର,ଦୋକାନ, ଆପାର୍ଟମେଣ୍ଟରୁ ଚୋରି କରି ଫେରାର ହେବାରେ ସକ୍ଷମ ହେଉଛନ୍ତି। ସୁରକ୍ଷାକର୍ମୀଙ୍କ ଉପସ୍ଥିତି ସତ୍ତ୍ୱେ ଦୁର୍ବୃତ୍ତମାନେ ବେଫିକର ହୋଇ ଚୋରି କରୁଥିବାରୁ ଘରୁ ବାହାରକୁ ପାଦ ବାହାର କରିବା ପୂର୍ବରୁ ରାଜଧାନୀବାସୀଙ୍କ ମନରେ ଭୟ ପଶୁଛି।

## ଶରଧାପୁର ଫୁଟ୍‌ବଲ କ୍ଲବକୁ ହରାଇ ଭୁବନେଶ୍ୱର ବିଜୟୀ

ନିରାକାରପୁର,୩୧।୧
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୋଳ ପଞ୍ଚାୟତଠାରେ ଥିବା ସ୍କୁଲ ଖେଳପଡ଼ିଆରେ ମା' ମଙ୍ଗଳା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୫ମ ବାର୍ଷିକ ଫୁଟ୍‌ବଲ ଟୁର୍ନାମେଣ୍ଟ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶରଧାପୁର ଫୁଟ୍‌ବଲ କ୍ଲବକୁ ହରାଇ ଭୁବନେଶ୍ୱର ଫୁଟ୍‌ବଲ କ୍ଲବ ବିଜୟୀ ହୋଇଛି। ଖେଳର ପ୍ରଥମରୁ ଶେଷ ପର୍ଯ୍ୟନ୍ତ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଖେଳଟି ଅମୀମାଂଶିତ ଭାବେ ରହିଥିବାରୁ ଟ୍ରାଏବ୍ରେକରର ସାହାଯ୍ୟ ନିଆଯାଇଥିଲା। ଶେଷରେ ଏହି ଟ୍ରାଏବ୍ରେକରରେ ୪/୨ ଗୋଲରେ ଭୁବନେଶ୍ୱର ଦଳ ବିଜୟୀ ହୋଇଥିଲା। ଅତିଥିଭାବେ ସମାଜିକ କର୍ମୀ ଭିକାରୀ ଚରଣ ମିଶ୍ର ଉପସ୍ଥିତ ଥିଲେ। ଚିତ୍ତରଞ୍ଜନ ପରିଡା, ବଟକୃଷ୍ଣ ସ୍ୱାଇଁ ଓ ନବକୃଷ୍ଣ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାପତି ଦିଲୀପ ସେଠୀ, ବଟକୃଷ୍ଣ ସାହୁ, ପ୍ରସନ୍ନ ପଟ୍ଟଯୋଶୀ, ଧର୍ମାନନ୍ଦ ମୁଦୁଲି, ଶରତ ନାୟକ, ଯୋଗୀ ନାୟକ, ବାବୁ ନାୟକ ପ୍ରମୁଖ ରହି ସହଯୋଗ କରିଥିଲେ।

## ଚେକ୍‌ଡ୍ୟାମ୍ ବିପର୍ଯ୍ୟସ୍ତ, ବୋରିଂ ପଏଣ୍ଟ ଅଚଳ

**୭ରେ ୫୭ ନଂ. ଜାତୀୟ ରାଜପଥ ଅବରୋଧ କରିବେ ଚାଷୀ**

ବୋଲଗଡ଼,୩୧।୧(ଦେବବ୍ରତ ହୋତା)

ଚାଷୀ ୫ ଦଫା ସମ୍ବଳିତ ଦାବି ନେଇ ପିଟୁକୁଲିସ୍ଥିତ ସୁବାସ ବୋଷ ପ୍ରତିମୂର୍ତ୍ତି ନିକଟରେ ବଲାଙ୍ଗୀର ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥକୁ ଆସନ୍ତା ୭ ତାରିଖରେ ଅବରୋଧ କରିବ। ଏନେଇ ଚାଷୀ ରାଜ୍ୟ ମୁଖ୍ୟମନ୍ତ୍ରୀ, ୫–ଟି ଅଧ୍ୟକ୍ଷ, ଖୋର୍ଦ୍ଧା ଉପଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ, ବୋଲଗଡ଼ ତହସିଲଦାର ଓ ଥାନା ନିରୀକ୍ଷକା ଏବଂ ବେଗୁନିଆ ଥାନାଧିକାରୀଙ୍କୁ ଅବଗତ କରିଛନ୍ତି। ଦାବିଗୁଡ଼ିକ ହେଲା ବୋଲଗଡ଼ ବ୍ଲକ ଅଞ୍ଚଳକୁ ମରୁଡି ଘୋଷଣା, କୃଷି ଋଣ ସମ୍ପୂର୍ଣ୍ଣ ଛାଡ଼, ଜଳସେଚନ ସୁବିଧା, ଧାନମଣ୍ଡିରେ ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅନିୟମିତତା ଦୂର କରିବା। ସୂଚନା ମୁତାବକ, ପ୍ରତ୍ୟେକ ବର୍ଷ ବିଭିନ୍ନ କାରଣରୁ ଫସଲହାନୀ ଘଟି ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଗଲାଣି। ମୁଖ୍ୟତଃ ଏହି ଅଞ୍ଚଳରେ ସରକାରୀ କାଗଜପତ୍ରରେ ୩୩ ପ୍ରତିଶତ ଜଳସେଚନ ସୁବିଧା ଥିବା ଦର୍ଶାଯାଇଥିବାବେଳେ ବାସ୍ତବରେ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ବୃହତ୍ ଜଳସେଚନ ପ୍ରକଳ୍ପ ନ ଥିବାବେଳେ ଚେକ୍‌ଡ୍ୟାମଗୁଡ଼ିକ ବିପର୍ଯ୍ୟସ୍ତ ଓ ଅଧିକାଂଶ ବୋରିଂ ପଏଣ୍ଟ ଅଚଳ ହୋଇ ପଡ଼ିରହିଛି। ଚଳିତ ଖରିଫ ଧାନଚାଷରେ ଅନିୟମିତ ସ୍ୱଳ୍ପ ବୃଷ୍ଟିପାତ କାରଣରୁ ବ୍ୟାପକ ଅଞ୍ଚଳରେ ଫସଲହାନୀ ଘଟିଛି। ଏଥିନେଇ ଚାଷୀ ବହୁବାର ତହସିଲଦାର ଓ ଖୋର୍ଦ୍ଧା ଜିଲାପାଳଙ୍କ ନିକଟରେ କ୍ଷତି ଭରଣା ପାଇଁ ଦାବି କରି ଆସୁଛନ୍ତି। ସରକାରଙ୍କ ପକ୍ଷରୁ ଏଥିନେଇ କୌଣସି ଜବାବ ମିଳିନାହିଁ। ତେବେ ଏଥିନେଇ ଚାଷୀ ଗତ ଜାନୁଆରୀ ୧୦ ତାରିଖରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ହେଲେ ୧୬ ତାରିଖରେ ଏହି ଅଞ୍ଚଳର ଶହଶହ ଚାଷୀ ପ୍ରକାଶ ରାଉତରାୟଙ୍କ ଆବାହକତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଥିଲେ। ତେବେ ସେଠାରେ ଉପଜିଲାପାଳ ପହଞ୍ଚି ଧାରଣାରତ ଚାଷୀଙ୍କୁ ୨୭ ତାରିଖ ଦିନ ଅଭିଯୋଗର ଶୁଣାଣି କରାଯିବ ବୋଲି ସର୍ବସମ୍ମୁଖରେ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମାତ୍ର ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେବା ସହିତ କୌଣସି ପ୍ରଶାସନିକ ଅଧିକାରୀଙ୍କ ମଧ୍ୟ ଦେଖାନାହିଁ। ଏଥିରେ ହତାଶ ହୋଇ ଏପରି ନିଷ୍ପତ୍ତି ନେଇଛନ୍ତି।

## ଡମଣଭୂମି କ୍ରିକେଟ କ୍ଲବ୍ ଚାମ୍ପିୟନ


ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

ଟାଙ୍ଗୀ–/ନିରାକାରପୁର, ୩୧।୧
(ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)

ରମାବିଲ ଜୟ ଦୁର୍ଗା କ୍ଲବ ଆନୁକୂଲ୍ୟରେ ଚାଲିଥିବା ପରମେଶର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ମା' ସିଦ୍ଧେଶ୍ୱରୀ କ୍ରିକେଟ କ୍ଲବ ଓଲସିଂକୁ ହରାଇ ଡମଣଭୂଇ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି।ଟସ୍ ଜିତି ଡମଣଭୂଇ ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ହରାଇ ୧୫୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଓଲସିଂ ସମସ୍ତ ଉଇକେଟ ହରାଇ ୧୦୦ ରନ୍ କରି ପରାଜିତ ହୋଇଥିଲା। ଅତିଥି ଭାବେ ପରିବେଶବିତ୍ ଡ. ଦିଲୀପ ଶ୍ରୀଚନ୍ଦନ, ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, ସରପଞ୍ଚ ପୂର୍ଣ୍ଣିମା ମହାପାତ୍ର, ପୂର୍ବତନ ସମିତି ସଭ୍ୟ କରୁଣାକର ସେଠୀ, ଆୟୋଜକ କମିଟି ସଭାପତି ନିତ୍ୟାନନ୍ଦ ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିୟନ ଡମଣଭୂଇ କ୍ରିକେଟ କ୍ଲବକୁ ଚାମ୍ପିୟନ ଟ୍ରଫି ଏବଂ ରନର୍ସ ଅପ୍ ମା' ସିଦ୍ଧେଶ୍ୱରୀ କ୍ରିକେଟ କ୍ଲବ ଓଲସିଂ ରନର୍ସ ଅପ୍ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ। ଶିକ୍ଷକ ନେତା ରମାକାନ୍ତ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦିବାକର ସାମନ୍ତରାୟ ଓ ସୁଦର୍ଶନ ସାମନ୍ତରାୟ ଖେଳ ପରିଚାଳନା କରିଥିଲେ।

## ଅର୍ଥନୈତିକ ଅଭିବୃଦ୍ଧି ପାଇଁ ମହିଳା ସ୍ୱାବଲମ୍ବୀ ହେବା ଦରକାର

ବେଗୁନିଆ,୩୧।୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ବାଘମାରି ପଞ୍ଚାୟତ ଅଧୀନ ଅତ୍ରି ଉଷ୍ଣପ୍ରସ୍ରବଣ ପରିସରରେ ଦକ୍ଷତା ବିକାଶ ଓ ଉଦ୍ୟାନ କୃଷି କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ କୃଷି ନିର୍ଦ୍ଦେଶକ, ଖୋର୍ଦ୍ଧା ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାରେ ସ୍ଥାନୀୟ ମହିଳା ଗୋଷ୍ଠୀ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ମୁଖ୍ୟ ଅତିଥି ଭାବେ ବେଗୁନିଆ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବ୍ଲକ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ନିଜାମୁଦ୍ଦିନ ଖାନ, ବାଘମାରି ସରପଞ୍ଚ ମାନସ ରଞ୍ଜନ ବିଶାଳ, ସାରୁଅ ସରପଞ୍ଚ ରଞ୍ଜିତା ମହାଭୋଇ, ଚିଲିକା ବ୍ଲକ ଉଦ୍ୟାନ କୃଷି ଅଧିକାରୀ ରମାକାନ୍ତ ପରିଡ଼ା ଓ ବେଗୁନିଆ ବ୍ଲକ ଉଦ୍ୟାନ କୃଷି ଅଧିକାରୀ ହୁଲାସ ଦେଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମହିଳାମାନେ ସ୍ୱାବଲମ୍ବୀ ହେଲେ ରାଜ୍ୟର ଅର୍ଥନୈତିକ ବ୍ୟବସ୍ଥା ଅଭିବୃଦ୍ଧି ହୋଇପାରିବ ବୋଲି ଅତିଥି ସୁବୁଦ୍ଧି ମତବ୍ୟକ୍ତ କରିଥିଲେ। ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା କୃଷି ଯନ୍ତ୍ରପାତି ଓ ଆବଶ୍ୟକୀୟ ଋଣ ସହାୟତା ଆଦି ବିଭାଗ ପକ୍ଷରୁ ମହିଳା ଗୋଷ୍ଠୀ ଜରିଆରେ ଯୋଗାଇ ଦିଆଯାଉଛି। ବିଭିନ୍ନ ଯୋଜନା ମାଧ୍ୟମରେ ଛତୁ, ମତ୍ସ୍ୟ ଓ ଫୁଲ ଚାଷ କରି ମହିଳା ଜୀବିକା ନିର୍ବାହ କରିପାରିବେ। ସେହିପରି ବିଭିନ୍ନ କିସମର ପନିପରିବା ତୈଳବୀଜ ଚାଷ ପ୍ରଣାଳୀ ଓ ଫସଲ ରକ୍ଷଣାବେକ୍ଷଣ ଦାୟିତ୍ୱ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ବିଭାଗୀୟ କର୍ମଚାରୀ ଆଶିଷ ଦଳ ବେହେରା ଓ ଗୀତାଞ୍ଜଳି ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସକଳ ଓଡ଼ିଆଙ୍କ ବିଶ୍ୱାସର ଆଧାର ଶ୍ରୀଜଗନ୍ନାଥ

ବାଲୁଗାଁ,୩୧।୧(ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. କଳ୍ପନା ଦାଶ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟାର୍ପଣ ପରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଓ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଯୁକ୍ତ ୨ ଅଧ୍ୟକ୍ଷା ଡ. ଜୟନ୍ତୀ ସାମଲ ଯୋଗଦେଇ ସମଗ୍ର ବିଶ୍ୱକୁ ଓଡ଼ିଆ ଭାଷା, ଓଡ଼ିଆ ସଂସ୍କୃତି ଓ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର ମହାନ ଅବଦାନ ସମ୍ପର୍କରେ ବିଭିନ୍ନ ଆଲେଖ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପ୍ରାକ୍ତନ ବିଭାଗ ମୁଖ୍ୟ ଡ. ରଜନୀ ରାଣୀ ମିଶ୍ର, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷା ବିନତି ମଞ୍ଜରୀ ରାଉତ ଓ କାଉନ ସିଲର ସୁଜାତା ପଣ୍ଡା ଯୋଗଦେଇଥିଲେ। ସକଳ ଓଡ଼ିଆଙ୍କ ବିଶ୍ୱାସର ଆଧାର ଶ୍ରୀଜଗନ୍ନାଥ ବୋଲି ଅତିଥିମାନେ କହିଥିଲେ। ଅଧ୍ୟାପକ ଧୋବୀ ଚରଣ ପରିଡ଼ା ଓ ଅଧ୍ୟାପିକା ଶୁଭଦର୍ଶିନୀ ବିଶ୍ୱାଳଙ୍କ ସଂଯୋଜନାରେ ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଯୁକ୍ତ ୩ ନୋଡାଲ ଅଧିକାରୀ ଝରଣା ନାଥ ଧନ୍ୟବାଦ ଦେଇଥିଲେ।


ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ଆମ ପଞ୍ଚାୟତର ବିକାଶ କାର୍ଯ୍ୟକ୍ରମ

କଟକ ସଦର, ୩୧।୧ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଆୟଓପୁର ଓ ଧରିଣା ପଞ୍ଚାୟତରେ ବୁଧବାର ଆମ ପଞ୍ଚାୟତର ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସ ଉଦ୍‌ଘାଟନ କରିଥିଲେ। ଆୟଓପୁର ସରପଞ୍ଚ ରାକେଶ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମିତିସଭ୍ୟା ମାନସୀ ମଲ୍ଲିକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପାର୍ଥ ସାରଥି ଦାଶ, ଜିଆର୍‌ଏସ୍ ଆଜାଦ୍ ଅଲ୍ଲୀ ଖାଁ ଯୋଗଦେଇ ବିଭିନ୍ନ କାର୍ଯ୍ୟ, ଭତ୍ତା ଓ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ଧରିଣାଠାରେ ଆୟୋଜିତ ସଭାରେ ସରପଞ୍ଚ ରତ୍ନାକର ରାଉତ, ସମିତି ସଭ୍ୟାଙ୍କ ପ୍ରତିନିଧି ତ୍ରିନାଥ ଦାଶ, ଜିଆର୍‌ଏସ୍ ମୋନାଲିସା ଦାଶ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ସେଠୀ, ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ବିଭୁତି ଭୂଷଣ ପରିଡ଼ା, ସମର ବେହେରା ଯୋଗଦେଇଥିଲେ।

### ଦଳୀୟ ସଙ୍ଗଠନ ସୁଦୃଢ଼ କରିବାକୁ ଆହ୍ୱାନ

କଟକ, ୩୧।୧ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ସେଲ୍‌ଟର ଛକସ୍ଥିତ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ଆବାସିକ କାର୍ଯ୍ୟାଳୟରେ କଂଗ୍ରେସର ସାଙ୍ଗଠନିକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନଗର କଂଗ୍ରେସ କମିଟିର ପୂର୍ବତନ ସଭାପତି ଗିରିବାଳା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ମୋକିମ ଯୋଗଦେଇ ୱାର୍ଡ ଅଞ୍ଚଳରେ ଦଳୀୟ ସଙ୍ଗଠନ ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ। ବିଧାୟକ ଉନ୍ନୟନ ପାଣ୍ଠିରୁ ୱାର୍ଡ ଅଞ୍ଚଳରେ ହୋଇଥିବା ସମସ୍ତ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିବାବେଳେ ବାକି ରହିଥିବା କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ମର୍କତ ନଗର କଂଗ୍ରେସ କମିଟି ସଭାପତି ନିତ୍ୟାନନ୍ଦ ରାଉତରାୟ ଧନ୍ୟବାଦ ଦେଇଥିଲେ।

ସେହିପରି ରାଉସାପାଟଣା ଅଞ୍ଚଳରେ ମହିଳାଙ୍କୁ ନେଇ କଂଗ୍ରେସର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା କଂଗ୍ରେସର ପୂର୍ବତନ ସଭାନେତ୍ରୀ ଶୈଳବାଳା ଜେନା ଅଧ୍ୟକ୍ଷତା କରିଥିଲେ। ଆଗାମୀ ଦିନରେ ଅଧିକ ସଂଖ୍ୟକ ମହିଳା ସଙ୍ଗଠନରେ ଯୋଡ଼ି ହେବା, ବିଧାୟକ ଉନ୍ନୟନ ପାଣ୍ଠିରୁ ୱାର୍ଡ ଅଞ୍ଚଳରେ ହୋଇଥିବା ସମସ୍ତ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ବୈଠକରେ ସ୍ମିତା ସେନ, ଚାରୁଲତା ସାହୁ, ଅମ୍ରିତା ଦାସ, ପଲ୍ଲବୀ ଘୋଷ, ଗାୟତ୍ରୀ ଶର୍ମା ଉପସ୍ଥିତ ଥିଲେ।

# ‘ଗ୍ରାମାଞ୍ଚଳର ବିକାଶ ତ୍ୱରାନ୍ୱିତ ପାଇଁ ଆହ୍ୱାନ’

କଟକ, ୩୧।୧ (କାର୍ତ୍ତିକ ସାହୁ)

ସମଗ୍ର ଜିଲାରେ କୃଷି, ଉଦ୍ୟାନ ବିଭାଗ, ମତ୍ସ୍ୟ ଓ ପ୍ରାଣୀପାଳନ, ଜଳଛାୟା, ଗ୍ରାମୀଣ ରାସ୍ତା ଓ କୋଠାବାଡ଼ି, ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟସେବା ଓ ପରିବାର କଲ୍ୟାଣ କ୍ଷେତ୍ରରେ ଅନେକ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଯୋଜନାଗୁଡ଼ିକର ଉପଯୁକ୍ତ କାର୍ଯ୍ୟକାରିତା ପାଇଁ ଜନପ୍ରତିନିଧିମାନଙ୍କର ଗୁରୁଦାୟିତ୍ୱ ରହିଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାକୁ ଗ୍ରାମାଞ୍ଚଳ ଲୋକଙ୍କ ନିକଟରେ ପହଞ୍ଚାଇବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଜନପ୍ରତିନିଧିଙ୍କ ଦ୍ୱାରା ଗ୍ରାମାଞ୍ଚଳରେ ବିକାଶ ତ୍ୱରାନ୍ୱିତ ହେଉ ବୋଲି କଟକ ଜିଲା ପରିଷଦର ସପ୍ତମ ବୈଠକରେ ବୁଧବାର ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ପରିଷଦର ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଜିଲାପାଳ ତଥା ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିନୀତ ଭରଦ୍ୱାଜ ଯୋଗଦେଇ ଜିଲାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କଲେ କଟକ ଜିଲାର ଆହୁରି ଅଗ୍ରଗତି ହୋଇପାରିବ। ଜିଲାର ଉନ୍ନତି, ଜନସାଧାରଣଙ୍କ ଆଶା ଆକାଂକ୍ଷା ପୂରଣ



ବୈଠକରେ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ସମେତ ଅନ୍ୟମାନେ।

**କଟକ ଜିଲା ପରିଷଦର ସପ୍ତମ ବୈଠକ**

କରିବା ନିମନ୍ତେ ଜନହିତକର କାର୍ଯ୍ୟ କରିବା ତଥା ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଭଳି ଗୁରୁଦାୟିତ୍ୱକୁ ସୁଚାରୁରୂପେ ସମ୍ପନ୍ନ କରିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ସେ କହିଛନ୍ତି, କୌଣସି କାର୍ଯ୍ୟ କରିବା ପୂର୍ବରୁ ତାହାର ଆନୁଷଙ୍ଗିକ ଦିଗକୁ ଧ୍ୟାନ ଦେବାର ଆବଶ୍ୟକତା ରହିଛି। କାର୍ଯ୍ୟଶୈଳୀର ଅନୁଶୀଳନ ଓ ପ୍ରଗତିକୁ ତୁଳନାତ୍ମକ ବିଚାର କଲେ କାର୍ଯ୍ୟଧାରାରେ ପରିବର୍ତ୍ତନ ଅଣାଯାଇପାରିବ। ଜିଲା ପରିଷଦର ସଭ୍ୟାସଭ୍ୟମାନେ ନିଜ ଅଞ୍ଚଳର ବିକାଶକୁ ଗୁରୁତ୍ୱ ଦେଇ ସ୍ଥାନୀୟ ବିଧାୟକଙ୍କ ସହିତ ସମନ୍ୱୟ ରକ୍ଷା କରି ବିକାଶଧାରାକୁ ବଜାୟ ରଖିବା ଆବଶ୍ୟକ ବୋଲି ଜିଲାପାଳ କହିଥିଲେ। ସେହିପରି ଜିଲା ପରିଷଦ ସଭାପତି ମିଶ୍ର କହିଛନ୍ତି, ଗ୍ରାମାଞ୍ଚଳ ବିକାଶର ସମସ୍ତ ଗୁରୁଦାୟିତ୍ୱ ଜିଲା ପରିଷଦ ଉପରେ ନ୍ୟସ୍ତ। ସଭ୍ୟାସଭ୍ୟମାନେ ନିଷ୍ଠାପର ଭାବରେ କାର୍ଯ୍ୟ ସମ୍ପାଦନ କରି ଲୋକଙ୍କ ନିକଟତର ହେଲେ ପ୍ରଗତୀର ଧାରାକୁ ତ୍ୱରାନ୍ୱିତ ହେବ। ଜିଲା ପରିଷଦକୁ ଏକ ସୁଦୃଢ଼ ଗଣତାନ୍ତ୍ରିକ ଅନୁଷ୍ଠାନ ଭାବରେ ଗଢ଼ିତୋଳିବା ନିମନ୍ତେ ସମସ୍ତଙ୍କ ସଦିଚ୍ଛା ଓ ସହଯୋଗ ଏକାନ୍ତ କାମ୍ୟ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦର କାର୍ଯ୍ୟନିର୍ବାହୀ ସୁବାସ ଚନ୍ଦ୍ର ରାୟ ଯୋଗଦେଇ କୃଷି, ଉଦ୍ୟାନ ବିଭାଗ, ମତ୍ସ୍ୟ ଓ ପ୍ରାଣୀପାଳନ, ଜଳଛାୟା, ଗ୍ରାମୀଣ ରାସ୍ତା ଓ କୋଠାବାଡ଼ି, ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟସେବା ଓ ପରିବାର କଲ୍ୟାଣ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଛି ବୋଲି ସୂଚନା ଦେଇଥିଲେ। ଜିଲା ପରିଷଦ ଉପସଭାପତି ସୁଭଦ୍ରା ଦାସ, ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁଙ୍କ ସମେତ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ଜଳସମ୍ପଦ ଏବଂ ଟିପିସିଓଡିଏଲର ଅଧୀକ୍ଷଣ ଯନ୍ତ୍ରୀ, ଜିଲା ପରିଷଦ ସଦସ୍ୟାସଦସ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା, ଅଧ୍ୟକ୍ଷ ଓ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ, ଯନ୍ତ୍ରୀମାନେ ଯୋଗଦେଇଥିଲେ।

# ‘ସହରର ସ୍ୱଚ୍ଛତା ଦିଗରେ କାର୍ଯ୍ୟ କରିବି’

କଟକ, ୩୧।୧ (କାର୍ତ୍ତିକ ସାହୁ)

**ଦାୟିତ୍ୱ ନେଲେ ସିଏମ୍‌ସି କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ**



କଟକ ମହାନଗର ନିଗମ(ସିଏମ୍‌ସି)ର ନୂତନ କମିଶନର ଭାବେ ୨୦୧୪ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବୁଧବାର ଯୋଗଦେଇଛନ୍ତି। ବିଦାୟୀ କମିଶନର ନିଖିଲ ପଓ୍ୱନ କଲ୍ୟାଣଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଅନୁଗୋଳ ଜିଲାପାଳ ଭାବେ ସ୍ୱାଇଁ କାର୍ଯ୍ୟ କରୁଥିଲେ। ଦାୟିତ୍ୱ ଗ୍ରହଣ କରିବା ଅବସରରେ ସେ କହିଛନ୍ତି, କଟକ ସହରର ସ୍ୱଚ୍ଛତା ଦିଗରେ ଅଧିକ କାର୍ଯ୍ୟ କରିବି। ଏଥିସହ କଟକକୁ ଏକ ସୁନ୍ଦର ସହରରେ ପରିଣତ କରିବା ପାଇଁ ଚେଷ୍ଟା ଜାରି ରହିବ। ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବନାହିଁ। ସହରରେ ଚାଲିଥିବା ବହୁ ଉନ୍ନୟନ ପ୍ରକଳ୍ପ ଉପରେ ବିଶେଷ ଧ୍ୟାନ ଦେବେ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟରେ ସହଯୋଗ କରିବାକୁ ସେ କଟକବାସୀଙ୍କୁ ନିବେଦନ କରିଛନ୍ତି।

# ‘ସାଇବର ଅପରାଧ ରୋକିବାକୁ କଠୋର ଆଭିମୁଖ୍ୟ ଗ୍ରହଣ କରାଯିବ’


କଟକ ଡିସିପି ଭାବେ କନ୍‌ଓ୍ୱର ବିଶାଲ ସିଂହ ଦାୟିତ୍ୱ ଗ୍ରହଣ କରୁଛନ୍ତି।

କଟକ, ୩୧।୧ (କାର୍ତ୍ତିକ ସାହୁ)

**କଟକ ଡିସିପି ଦାୟିତ୍ୱ ନେଲେ କନ୍‌ଓ୍ୱର ବିଶାଲ ସିଂହ**

କଟକ ଡିସିପି ଭାବେ ୨୦୧୦ ବ୍ୟାଚ୍‌ର ଆଇପିଏସ୍ ଅଫିସର କନ୍‌ଓ୍ୱର ବିଶାଲ ସିଂହ ବୁଧବାର କାର୍ଯ୍ୟରେ ଯୋଗଦେଇଛନ୍ତି। ପୂର୍ବତନ ଡିସିପି ପିନାକ ମିଶ୍ରଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଥମ ଦିନରେ ଡିସିପି ସିଂହ ଆଗାମୀ ସାଧାରଣ ନିର୍ବାଚନ ପାଇଁ କଟକରେ ଆଇନଶୃଙ୍ଖଳା ସ୍ଥିତିର ସମୀକ୍ଷା କରିଛନ୍ତି। ସହରର ଆଇନଶୃଙ୍ଖଳା ଓ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକ ସମ୍ପର୍କରେ ସେ ପୋଲିସ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ସାଇବର୍ ଅପରାଧ ଦିଗରେ କଠୋର ଆଭିମୁଖ୍ୟ ଗ୍ରହଣ କରାଯିବ। ଅଭିଯୁକ୍ତଙ୍କ ପାଇଁ ଶୂନ୍ୟ ସହନଶୀଳ ନୀତି ଗ୍ରହଣ କରାଯିବ। ଏଥିସହ ୫-ଟି ନୀତିରେ ସର୍ବସାଧାରଣଙ୍କ ଅଭିଯୋଗ ଶୁଣାଣି ଓ ସମାଧାନକୁ ଅଗ୍ରାଧିକାର ଦିଆଯିବ। ଲୋକଙ୍କ ବ୍ୟକ୍ତିଗତ ସମସ୍ୟା ଓ ମତାମତକୁ ପୋଲିସ ଗୁରୁତ୍ୱର ସହିତ ଗ୍ରହଣ କରିବ। ଆଗାମୀ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରିବାକୁ ଲକ୍ଷ୍ୟ ରହିଛି। କଟକର ଜନସାଧାରଣ ଏଥିପାଇଁ ସହଯୋଗ କରିବାକୁ ଡିସିପି ଆହ୍ୱାନ ଦେଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ପୁରୀ ଏସ୍‌ପି ଥିବା ସିଂହଙ୍କର କଟକ ଡିସିପି ଭାବେ ବଦଳି ପାଇଁ ଗତ ୨୪ ତାରିଖରେ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା।


୭ ଦଫା ଦାବି ନେଇ ନିଖିଳ ଉତ୍କଳ ଗ୍ରାମରକ୍ଷୀ ସଂଘ ପକ୍ଷରୁ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

# ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

କଟକ, ୩୧।୧ (କାର୍ତ୍ତିକ ସାହୁ)

କଟକ ଜିଲା ପ୍ରଶାସନ ପକ୍ଷରୁ ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତିପୀଠ ପରିସରରେ ୪ ଦିନ ବ୍ୟାପୀ ହେବାକୁ ଥିବା ପଲ୍ଲିଶ୍ରୀ ମେଳା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ବିନୀତ ଭରଦ୍ୱାଜ ଓ ଅନ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଯୋଗଦେଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଜିଲାପାଳ କହିଛନ୍ତି, ଏଭଳି କାର୍ଯ୍ୟକ୍ରମ ଆଗକୁ ନେବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବା ସହ ଆଗାମୀ ଦିନରେ ଏଠାକାର ଉନ୍ନୟନ କାର୍ଯ୍ୟଗୁଡ଼ିକ ହାତକୁ ନିଆଯିବ। ସେହିପରି ବିଧାୟକ ବେହେରା କହିଛନ୍ତି, ସ୍ଥାନୀୟ ଲୋକଙ୍କ ସହାୟତାରେ ଗ୍ରାମାଞ୍ଚଳରେ ପ୍ରସ୍ତୁତ ସାମଗ୍ରୀ ଏହି ମେଳାରେ ବିକ୍ରି କରାଯିବ। ଏହାଦ୍ୱାରା ଆର୍ଥିକ କାରବାର ବୃଦ୍ଧି ପାଇବ। ବିଧାୟକ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମେଳାରେ ବିଭିନ୍ନ ଜିଲାସ୍ତରୀୟ କାର୍ଯ୍ୟାଳୟର ସହଭାଗିତା ରହିଛି। ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପସଭାପତି ସୁଭଦ୍ରା ଦାସ, ସ୍ମୃତି ସଂସଦ ସଭ୍ୟ ପୀତବାସ ମହାପାତ୍ର, ପ୍ରମୋଦ ମହାପାତ୍ର, ବନମାଳୀ ଦାସ, କର୍ପୋରେଟର ପୂର୍ଣ୍ଣିମା ସାହୁ, କଟକ ସଦର ଉପଜିଲାପାଳ କମଲଜିତ୍ ଦାସ, ଉପନିର୍ଦ୍ଦେଶକ ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଗୁହାଳରୁ ୧୬ ଛେଳି ଚୋରି

କଟକ ସଦର, ୩୧।୧ (ସୁଶାନ୍ତ କୁମାର ଜେନା)

କିଶନନଗର ଥାନା ଅନ୍ତର୍ଗତ ବାରଦା ଗ୍ରାମର ବେଙ୍ଗ ଦଳେଇଙ୍କ ଗୁହାଳରୁ ମଙ୍ଗଳବାର ରାତିରେ ୧୬ଟି ଛେଳି ଚୋରି ହୋଇଥିବା ଅଭିଯୋଗ ହୋଇଛି। ମହିଳା ଜଣଙ୍କ ଶୋଇଥିବାବେଳେ ଦୁର୍ବୃତ୍ତମାନେ ଛେଳି ଚୋରିକରି ନେଇଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୩୬/୨୪) ରୁଜୁ କରିବା ସହ ଆୟଓପୁର ବଜାର ଓ ବାରଦାରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଛି।

## ବନ୍ଧୁକ, ଖଣ୍ଡା ଦେଖାଇ ବଟି ଆଦାୟ

କଟକ, ୩୧।୧ (କାର୍ତ୍ତିକ ସାହୁ)

ମମଧୁପାଟଣା ଥାନା ଅନ୍ତର୍ଗତ ନୂଆବଜାର ଅଞ୍ଚଳର ପ୍ରଦୀପ କୁମାର ମଲ୍ଲିକଙ୍କୁ ୨ ଜଣ ଦୁର୍ବୃତ୍ତ ବନ୍ଧୁକ ଓ ଖଣ୍ଡା ଦେଖାଇ ୧ ଲକ୍ଷ ଟଙ୍କା ଦାଦାବଟି ମାଗିଛନ୍ତି। ଏପରି କି ସେମାନେ ତାଙ୍କୁ ମାଡ ମାରି ପୋଷାକ ଚିରି ଦେଇଥିଲେ। ପ୍ରମୋଦଙ୍କ ଚିତ୍କାର ଶୁଣି ଲୋକମାନେ ଆସିଯିବାରୁ ଦୁର୍ବୃତ୍ତ ଦ୍ୱୟ ଖସି ପଳାଇଥିଲେ। ଏ ନେଇ ପ୍ରମୋଦ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଚୌଦ୍ୱାର, ୩୧।୧ (ଆଶୁତୋଷ ଦାସ)

ଚୌଦ୍ୱାରରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଶୋଭାଯାତ୍ରାରେ ପୌରପାଳିକାର ୧ନଂ.ରୁ ୫ନଂ ୱାର୍ଡ ପରିକ୍ରମା କରି ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ ଘରେ ଘରେ ଶଙ୍ଖ ଷ୍ଟିକର ଲଗାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ବିଜେଡି କାର୍ଯ୍ୟକାରୀ


ଶୋଭାଯାତ୍ରାରେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ସହ ଅନ୍ୟମାନେ।

ସଭାପତି ବିମଳ କୁମାର ବେଉରା, କାଉନସିଲର ଅଜୟ ବେହେରା, ଅଜିନି ବେହେରା, ବିଜୟ ମଲ୍ଲିକ, ଆଶୁତୋଷ ଦାସ, ରଙ୍ଗଲତା ସାହୁ, ରଞ୍ଜୁଲତା ଦାସ, ସୁଜାତା ସାହୁ, ସବିତା ମାହାଳି, ସାରଦା ରଞ୍ଜନ ପରିଜା, ଭରତ ଚନ୍ଦ୍ର ସାହୁ, ରାଜରତନ ପରିଡାଙ୍କ ସମେତ ଦଳର ବହୁ କର୍ମୀ ସାମିଲ ହୋଇଥିଲେ।

# ଦାବି ପ୍ରତି ଦୃଷ୍ଟି ନ ଦେଲେ ଅନଶନ ଚେତାବନୀ

କଟକ, ୩୧।୧ (ଶିଳ୍ପା ପ୍ରିୟଦର୍ଶିନୀ)

ଅବହେଳା ଓ ଅଣଦେଖା କାରଣରୁ ବହୁ ପୁରାତନ ସହର କଟକ ଅନ୍ୟ ସହର ତୁଳନାରେ ପଛରେ ରହିଛି। କଟକରୁ ରାଜଧାନୀ ଭୁବନେଶ୍ୱରକୁ ସ୍ଥାନାନ୍ତରବେଳେ ସରକାର ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିନାହାନ୍ତି। କଟକ-ଭୁବନେଶ୍ୱରକୁ ଯମଜ ସହର ଭାବେ ଘୋଷଣା କରି ବିକାଶ କରାଯିବା ପାଇଁ କୁହାଯାଇଥିଲା। ସରକାର ଭୁବନେଶ୍ୱରକୁ ସ୍ୱପ୍ନର ସହର ଭାବେ ଗଢ଼ି ତୋଳିବାରେ ବ୍ୟସ୍ତ ଅଛନ୍ତି। ହେଲେ କଟକ ସହରରେ ବିକ୍ଷିପ୍ତ ଭାବେ କିଛି କାର୍ଯ୍ୟକ୍ରମ ହାତକୁ ନେଇ ସହରବାସୀଙ୍କୁ ଭୂଆଁ ବୁଲାଇବାର ଅପଚେଷ୍ଟା ଚାଲିଥିବା ନେଇ ବୁଧବାର ଖାନ୍‌ନଗରସ୍ଥିତ କାଳୀ ଭବନଠାରେ କଟକ ବଞ୍ଚାଅ ଅଭିଯାନ ପରିପ୍ରେକ୍ଷୀରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାଇମୁଣ୍ଡି ସଙ୍ଗଠନର ମୁଖ୍ୟ ଉପଦେଷ୍ଟା ମନୋଜ କୁମାର ପତି ସୂଚନା ଦେଇଛନ୍ତି। ସେ କହିଛନ୍ତି, କଟକ ସହରର ସର୍ବାଙ୍ଗୀନ ବିକାଶ ପାଇଁ ୧୨ ଦଫା ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ବିଶେଷକରି ଯମଜ ସହର ଘୋଷଣା ଆଧାରରେ କଟକ ଓ ଭୁବନେଶରକୁ ରାଜଧାନୀ ଅଞ୍ଚଳ ଭାବେ ଘୋଷଣା କରିବା, ଚୌଦ୍ୱାର ଚାର୍‌ବାଟିଆରେ ଥିବା ଏଆର୍‌ସିକୁ ସିଭିଲ ଏୟାରପୋର୍ଟର ମାନ୍ୟତା ଦେଇ ଆନ୍ତର୍ଜାତିକ ବିମାନ ବନ୍ଦରରେ ପରିଣତ କରିବା, କଟକ ସହରର ସୀମା ବୃଦ୍ଧି ନେଇ ମହାନଦୀରେ ଚୌଦ୍ୱାର ପଟକୁ ଅନ୍ୟୂନ୍ୟ ଦୁଇଟି ବ୍ରିଜ୍ ନିର୍ମାଣ କରି ଚୌଦ୍ୱାର ଅଞ୍ଚଳକୁ ସହର ସହିତ ସଂଯୋଗ କରିବା, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍‌ରେ ଅନ୍ତର୍ଜାତୀୟସ୍ତରର ହକି ଷ୍ଟାଡିୟମ ପ୍ରତିଷ୍ଠା, ମେଟ୍ରୋ ରେଳ ପ୍ରକଳ୍ପକୁ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଏକ ପ୍ରତିମୂର୍ତ୍ତି କଟକର ହାଡିଆ ପଠାରେ ପ୍ରତିଷ୍ଠା ପାଇଁ ଦାବି କରାଯାଇଛି। ଆସନ୍ତା ୧ ମାସ ମଧ୍ୟରେ ଉକ୍ତ ଦାବିଗୁଡ଼ିକ ପ୍ରତି ସରକାର ଦୃଷ୍ଟି ନ ଦେଲେ ସଙ୍ଗଠନ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଓ ଅନଶନ ଜାରି ରହିବ ବୋଲି ମନୋଜ ଚେତାବନୀ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସଭାପତି ସୁଶାନ୍ତ କୁମାର ନାୟକ, ସହ ସମ୍ପାଦକ ରଞ୍ଜନ କୁମାର ବେହେରା, ଉପଦେଷ୍ଟା ରାମଚନ୍ଦ୍ର ମଲ୍ଲିକ, ସଦସ୍ୟ ରଞ୍ଜିତ କୁମାର ମହାପ୍ରସାଦ ଓ ଗୌରୀ ଶଙ୍କର ନାଇଡୁ ପ୍ରମୁଖ ଉପସ୍ଥିତ ରହିଥିଲେ।


କଟକ ରେଳଷ୍ଟେସନରେ ଆର୍‌ପିଏଫ୍ ପକ୍ଷରୁ ସନ୍ଧାନୀ କୁକୁର ସହାୟତାରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଉଛି।



ଉତ୍କଳ ସାହିତ୍ୟ ସମାଜ ଅନୁଷ୍ଠାନର ପୂର୍ବତନ ସଭାପତି ଅନାଦି ସାହୁ ଓ ପୂର୍ବତନ କାର୍ଯ୍ୟନିର୍ବାହିକା ସମିତିସଭ୍ୟ ଅରୁଣ ପଣ୍ଡାଙ୍କ ବିୟୋଗରେ କଟକ ଶତାବ୍ଦୀ ଭବନରେ ଅନୁଷ୍ଠିତ ଶୋକସଭାରେ ଅତିଥିଙ୍କ ସହ ଅନ୍ୟମାନେ।

# ଭକ୍ତଙ୍କ ସୁରକ୍ଷା, ସୁରକ୍ଷିତ ସ୍ନାନ ଉପରେ ଗୁରୁତ୍ୱ


ଚନ୍ଦ୍ରଭାଗା ବୁଡ଼ ପ୍ରସ୍ତୁତି ବୈଠକରେ ଜିଲାପାଳ ବିଜୟ କୁମାର ଦାଶ ଏବଂ ଅନ୍ୟମାନେ।

## ୧୬ରେ ଚନ୍ଦ୍ରଭାଗା ମାଘ ସପ୍ତମୀ ବୁଡ଼

କୋଣାର୍କ,୩୧ ।୧(ଜ୍ୟୋତିରାଜ ମହାନ୍ତି)

ପୁରୀ ଜିଲାର ଦ୍ୱିତୀୟ ବୃହତ୍ତମ ମେଳା ଚନ୍ଦ୍ରଭାଗା ପ୍ରସିଦ୍ଧ ମାଘ ସପ୍ତମୀ ବୁଡ଼ ଆସନ୍ତା ୧୬ ତାରିଖରେ ଆୟୋଜିତ ହେବ। ଏନେଇ ପ୍ରଥମ ସମନ୍ୱୟ କମିଟି ବୈଠକ ବୁଧବାର ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କସ୍ଥିତ ଯାତ୍ରୀ ନିବାସ ବାଙ୍କୁଏଟ୍ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲାପାଳ ବିଜୟ କୁମାର ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ଚନ୍ଦ୍ରଭାଗାଠାରେ ୧୫ ତାରିଖ ମାଘ ଷଷ୍ଠୀ ଓ ୧୬ ତାରିଖ ମାଘ ସପ୍ତମୀ ବୁଡ଼କୁ ସରସ ସୁନ୍ଦର କରିବା ସହ ଶ୍ରଦ୍ଧାଳୁ ଭକ୍ତଙ୍କ ସୁରକ୍ଷା ସୁରକ୍ଷିତ ସ୍ନାନ ଉପରେ ଜିଲାପାଳ ଦାଶ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ମାଧିପୁର ଗ୍ରାମର ତ୍ରିବେଣୀଶ୍ୱର, ସନ୍ଥପୁର ଗ୍ରାମର ଐଶାଣେଶ୍ୱର ଓ କୁରୁଜଙ୍ଗ ଗ୍ରାମର ଦକ୍ଷିଣେଶ୍ୱର ମହାଦେବଙ୍କ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଅଭିମୁଖେ ଯାତ୍ରା, ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ, ଠାକୁରଙ୍କ ଦେବ ନୀତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶ୍ରଦ୍ଧାଳୁ ଭକ୍ତଙ୍କ ନିମନ୍ତେ ଚନ୍ଦ୍ରଭାଗା ମେଳା ପଡ଼ିଆ, ରାମଚଣ୍ଡୀ ପୀଠ, କୋଣାର୍କ ବସଷ୍ଟାଣ୍ଡଠାରେ ଅସ୍ଥାୟୀ ସ୍ୱାସ୍ଥ୍ୟସେବା ଶିବିରର ଆୟୋଜନ କରାଯିବ। କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ୨୪ଘଣ୍ଟିଆ ସ୍ୱାସ୍ଥ୍ୟ ଓ ଆମ୍ବୁଲାନ୍ସ ସେବା ଯୋଗାଇ ଦେବା ଉପରେ ଆଲୋଚନା ହୋଇଥିଲା। ମାଘ ସପ୍ତମୀ ବୁଡ଼ ନିମନ୍ତେ ଶ୍ରଦ୍ଧାଳୁ ଭକ୍ତଙ୍କ ସୁରକ୍ଷା ଓ ସୁରକ୍ଷିତ ସ୍ନାନ ଦୃଷ୍ଟିରୁ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ପୁରୀ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଷ୍ଣୁ ପ୍ରସାଦ ପତି ମତବ୍ୟକ୍ତ କରିଥିଲେ। ବୈଠକରେ ମେଳା ପଡ଼ିଆ, କୋଣାର୍କ ଏନ୍ଏସିଠାରୁ ଚନ୍ଦ୍ରଭାଗା ରାସ୍ତାର ଉଭୟ ପାର୍ଶ୍ୱ ସଫେଇ ସହ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଜଳ ବିଶୋଧନ, ମେଳା ପଡ଼ିଆରେ ଶ୍ରଦ୍ଧାଳୁଙ୍କ ପାଇଁ ଅସ୍ଥାୟୀ ନଳକୂପ ଖନନ, ପାନୀୟ ଜଳଯୋଗାଣ, ଅସ୍ଥାୟୀ ପାଇଖାନା ନିର୍ମାଣ, ମେଳା ପଡ଼ିଆ ଓ ସଂଲଗ୍ନ ଅଞ୍ଚଳରେ ଆଲୋକୀକରଣ, ତୀର୍ଥ ପୁଷ୍କରିଣୀଖନନ କାର୍ଯ୍ୟ ଆରମ୍ଭ କରିବା ଉପରେ ଆଲୋଚନା ହୋଇଥିଲା। ଚନ୍ଦ୍ରଭାଗା ମେଳା ପଡ଼ିଆ ଓ ତୀର୍ଥ ପୁଷ୍କରିଣୀ ଚତୁଃପାର୍ଶ୍ୱରେ ପୂର୍ତ୍ତବିଭାଗ ପକ୍ଷରୁ ବ୍ୟାରିକେଟ୍ ନିର୍ମାଣ କରାଯିବ। ଆସନ୍ତା ୩ଦିନ ମଧ୍ୟରେ ପୁରୀ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ନୀତି ନିର୍ଦ୍ଧାରଣ ସମ୍ପାଦନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହେବ। ସେହି ବୈଠକରେ ୩ ଠାକୁରଙ୍କ ସ୍ନାନ ଓ ଦେବ ନୀତି ନିର୍ଦ୍ଧାରଣ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଚଳିତବର୍ଷ କୁମ୍ଭ ମେଳା ପରି ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ଼ ନିମନ୍ତେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଚାରିପଟେ ଗୈରୀକ ପତାକା ଉଡାଇବାକୁ ପୁରୀ ଜିଲାପାଳ କୋଣାର୍କ ଏନ୍ଏସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ପୁରୀ ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଶରତ ଚନ୍ଦ୍ର ମହାପାତ୍ର, ପୁରୀ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପତି, କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଡ୍ରେନେଜ ବିଭାଗ ଅଧୀକ୍ଷକ ଯନ୍ତ୍ରୀ ରମାକାନ୍ତ ମଲ୍ଲିକ, କୋଣାର୍କ ଏନ୍ଏସି ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଗୋପ ତହସିଲଦାର ରଞ୍ଜନ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ଶ୍ରୀଜଗନ୍ନାଥ ଜାତୀୟ ଗାନ୍ଧୀ ଶିଳ୍ପ ବଜାରରେ ଭିଡ଼

- ଯୋଗଦେଇଛନ୍ତି ୨୦୦ରୁ ଊର୍ଦ୍ଧ୍ୱ ହସ୍ତଶିଳ୍ପ କାରିଗର
- ୭ ଦିନରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାରବାର

ପୁରୀ, ୩୧।୧(ଅଜିତ୍ ମହାନ୍ତି)

ବିକାଶ ଆୟୁକ୍ତ, ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାର, ନୂଆଦିଲ୍ଲୀଙ୍କ ଦ୍ୱାରା ପ୍ରାୟୋଜିତ ଏବଂ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା, ପୁରୀ ପକ୍ଷରୁ ଆୟୋଜିତ ଶ୍ରୀଜଗନ୍ନାଥ ଜାତୀୟ ଗାନ୍ଧୀ ଶିଳ୍ପ ବଜାର-୨୦୨୪ ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ମେଳା ବୁଧବାର ସପ୍ତମ ଦିନରେ ପହଞ୍ଚିଛି। ଗତ ୨୫ ତାରିଖରେ ସ୍ଥାନୀୟ ମହୋଦଧି ନିବାସ ସମ୍ମୁଖସ୍ଥ ବେଳାଭୂମିଠାରେ ଏହି ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। ଏଥିରେ ବିଭିନ୍ନ ରାଜ୍ୟରୁ ୨୦୦ରୁ ଊର୍ଦ୍ଧ୍ୱ ହସ୍ତଶିଳ୍ପ କାରିଗରମାନେ ସାମିଲ ହୋଇଛନ୍ତି। ସପ୍ତମ ସନ୍ଧ୍ୟା ସୁଦ୍ଧା ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାରବାର ହୋଇସାରିଥିବା ସୂଚନା ମିଳିଛି। ସପ୍ତମ ସନ୍ଧ୍ୟାରେ ଅତିଥିଭାବେ ହସ୍ତଶିଳ୍ପ ବିଭାଗ ଉପନିର୍ଦ୍ଦେଶକ ଉମାପତି ବେହେରା, ବରିଷ୍ଠ ସେବାୟତ ତଥା ନୀଳାଦ୍ରି ଆଧାତ୍ମିକ ଟ୍ରଷ୍ଟ ସଭାପତି ରାମଚନ୍ଦ୍ର ଦାସ ମହାପାତ୍ର, ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନର ମହାନିର୍ଦ୍ଦେଶକ ଭାସ୍କର ମିଶ୍ର, ସେବାୟତ ଭଗବାନ୍ ସୂପକାର ଓ ଜିଲା ଆଥଲେଟିକ୍ ଆସୋସିଏଶନ୍ ସମ୍ପାଦକ ରବିଶଙ୍କର ପଢିଆରୀ ପ୍ରମୁଖ ଯୋଗଦେଇଥିଲେ। ପ୍ରତି ସନ୍ଧ୍ୟାରେ ପର୍ଯ୍ୟଟକଙ୍କ ଗହଳି ହେଉଛି। ଦୟାନିଧି ସଙ୍ଗୀତ ସୁଧା ଅନୁଷ୍ଠାନର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ବଲଙ୍ଗା ମହାବିଦ୍ୟାଳୟରେ ଜାତୀୟ ପାଠଚକ୍ର

ବଲଙ୍ଗା,୩୧।୧(କେଦାରେଶ୍ୱର ନନ୍ଦ)

ସ୍ଥାନୀୟ ବଲଙ୍ଗା ମହାବିଦ୍ୟାଳୟ ଶିକ୍ଷା ବିଭାଗ ଦ୍ୱାରା 'ଶିକ୍ଷକ କଲ୍ୟାଣ ଏବଂ ଅବସାଦ ପ୍ରତିଷେଧକ ରଣ କୌଶଳ' ଶୀର୍ଷକ ଆଧାରିତ ଜାତୀୟ ପାଠଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଭାତ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ଭୋପାଳସ୍ଥ ବରକତ୍ ଉଲ୍ଲାବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗ ମୁଖ୍ୟ ଡ. ହେମନ୍ତ ଖଣ୍ଡାଇ, ମୁଖ୍ୟବକ୍ତା ରୂପେ ମିଜୋରାମ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଲୋକନାଥ ମିଶ୍ର, ସମ୍ମାନିତ ଅତିଥି ରୂପେ ବାଲେଶ୍ୱରସ୍ଥ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ବେହେରା ଓ ଜବଲପୁର ବିଶ୍ୱବିଦ୍ୟାଳୟ ସହବନ୍ଧିତ ମହାବିଦ୍ୟାଳୟ ବିଜୟଶ୍ରୀ ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଟ ଶିକ୍ଷା ପ୍ରଫେସର ରାଇନା ତିୱାରୀ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ କଲ୍ୟାଣର ବିଭିନ୍ନ ଦିଗ ଶିକ୍ଷକ ମନସ୍ତାପ ଉଦାସୀନତା ଓ ଅସୁସ୍ଥତାର ବିଭିନ୍ନ ମନସ୍ତାତ୍ତ୍ୱିକ ସାମାଜିକ ରାଜନୈତିକ ଆର୍ଥିକ ଉପରେ ଅତିଥିମାନେ ପୃଥକ ପୃଥକ ବ୍ୟାଖ୍ୟା କରିଥିଲେ। ବିଦ୍ୟାର୍ଥୀଙ୍କ ମଧ୍ୟରେ ବିଶ୍ୱଜିତା ଜେନା, ସ୍ୱର୍ଣ୍ଣଲତା ଜେନା, ସସ୍ମିତା ଦେଓ, ସୁଭାଷିନି ମିଶ୍ର ସେମାନଙ୍କର ଶୋଧ ପତ୍ର ଉପସ୍ଥାପନା କରିଥିଲେ। ଏହି ପରିପ୍ରେକ୍ଷୀରେ ୪୦ଟି ଶୋଧ ପତ୍ର ସମନ୍ୱିତ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଡ. ପ୍ରଦୋଷ ପତି ଓ ୨ଜଣ ଲେଖକଙ୍କ ଦ୍ୱାରା ରଚିତ ପୁସ୍ତକ 'ହୋଲିଷ୍ଟିକ ଏଜୁକେଶନ'ର ଉନ୍ମୋଚନ ହୋଇଥିଲା। ପାଠଚକ୍ର ଆଭିମୁଖ୍ୟ ଶିକ୍ଷା ଅଧ୍ୟାପିକା ଡ. ସସ୍ମିତା ସାହୁ ପ୍ରଦାନ କରିଥିଲେ। ବିଭାଗର ମୁଖ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ର ବିକାଶ ମଲ୍ଲିକଙ୍କ ଦ୍ୱାରା ବାଲୁକା ଚିତ୍ର ପ୍ରସ୍ତୁତ କରାଯାଇଥିଲା। ପାଠଚକ୍ରରେ ୯୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲାବେଳେ ନିକଟସ୍ଥ ମହାବିଦ୍ୟାଳୟର ଡ. ଶ୍ରୀଲେଖା ନାୟକ, ଶୁଭଦିପ୍ତୀ ପଟ୍ଟନାୟକ, ଦୀପ୍ତିମୟୀ ଦାଶ, ଶିକ୍ଷା ଅଧ୍ୟାପକ ନୀଳକଣ୍ଠ ମିଶ୍ର, ବିପିନ ରାଉତ, ଟିଁଲାଗଡର ଡି.ଏ.ଭି କଲେଜର ପ୍ରମୁଖ ଯୋଗଦେଇଥିଲେ। ଛତିଶଗଡ଼ ଓ ମଧ୍ୟପ୍ରଦେଶର ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟର ଅଧ୍ୟାପିକା କରୁଣା ସନ୍ଧ୍ୟା, ଇଲା ବର୍ମା, କାନ୍ତା ପ୍ରମୁଖ ଉପସ୍ଥିତ ଥିଲେ।



ପାଠଚକ୍ରରେ ଉପସ୍ଥିତ ଅତିଥି।

## ଡଙ୍ଗାକିଣା ଦୁର୍ନୀତି, ହିତାଧିକାରୀ ଚୟନରେ ଅନିୟମିତତା

ପୁରୀ,୩୧।୧(ଅଜିତ୍ ମହାନ୍ତି)

ଡଙ୍ଗାକିଣାରେ ଦୁର୍ନୀତି ଓ ହିତାଧିକାରୀ ଚୟନର ଅନିୟମିତତା ହୋଇଥିବା ନେଇ କେତେଜଣ ସାମୁଦ୍ରିକ ମତ୍ସ୍ୟଜୀବୀ ବୁଧବାର ଅଭିଯୋଗ କରିଛନ୍ତି। ବ୍ରହ୍ମଗିରି ବ୍ଲକର ଅରଖକୁଦା, ସାନପାଟଣା, ପାର୍ବତୀପୁର, ରାୟପୁର ଓ ଖିରିସାହିର ସାମୁଦ୍ରିକ ମତ୍ସ୍ୟଜୀବୀମାନେ ମତ୍ସ୍ୟ ଓ କୃଷି ବିଭାଗ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ମତ୍ସ୍ୟଜୀବୀମାନେ ଅଭିଯୋଗ କରିଛନ୍ତ ଯେ, ପୁରୀ କାର୍ଯ୍ୟାଳୟରେ ଥିବା ଅଫିସରମାନେ ସରକାରଙ୍କ ଷ୍ଟେଟ ପ୍ଲାନ ସ୍କିମ୍ ପ୍ରୋଭାଇଡିଂ ବୋଟ ନେଟ ଇଞ୍ଜିନ ମୋଟ୍ରସେସନ୍ ଅଫ ଟ୍ରଦିସନାଲ କ୍ରାଫ୍ଟ ଷ୍ଟେଟ ପ୍ଲାନ ସ୍କିମ୍ ପ୍ରୋଭାଇଡିଂ ବୋଟ ନେଟ ଇଞ୍ଜିନର ହିତାଧିକାରୀ ଚୟନରେ ନୀତି ନିୟମ ଭଙ୍ଗ କରି ଅର୍ଥ ଲୋଭରେ ବୋଟ ସପ୍ଲାୟରଙ୍କ ଡିଏଲସି କରିଛନ୍ତି। ଏନେଇ ପୂର୍ବରୁ ଅନେକ ଥର ଅଭିଯୋଗ କଲେ ମଧ୍ୟ କୌଣସି ସମାଧାନ କରାଯାଉନାହିଁ।

## କେନ୍ଦ୍ରୀୟ ପ୍ରତିନିଧି ଦଳଙ୍କ ଗୋପ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ଗୋପ,୩୧ ।୧(ଭାରତୀ ଭୂଷଣ ଉପାଧ୍ୟାୟ)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ବିଭିନ୍ନ ସମୟରେ ବିଭିନ୍ନ ଯୋଜନା ଦ୍ୱାରା କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। କେନ୍ଦ୍ର ସରକାର ନିଦାନ ବିଭାଗ ଦ୍ୱାରା ୬୮ ପ୍ରକାର ମାଗଣା ପରୀକ୍ଷାକୁ ଗୁରୁତ୍ୱ ଦେଉଛନ୍ତି। ନିଦାନ ବିଭାଗ ଦ୍ୱାରା କରାଯାଉଥିବା ମାଗଣା ପରୀକ୍ଷା ନିରୀକ୍ଷା କିପରି କରାଯାଉଛି, ଗ୍ରାମାଞ୍ଚଳରେ ଥିବା ସାଧାରଣ ଲୋକ ଏହି ସେବା କିପରି ପାଉଛନ୍ତି, ତାହାକୁ ଦେଖିବାକୁ ବୁଧବାର କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗର ଡ. ରଞ୍ଜନ ଚୌଧୁରୀଙ୍କ ସହିତ ଏକ ୩ ଜଣିଆ ପ୍ରତିନିଧି ଦଳ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଏହି ସେବା ସମ୍ପର୍କରେ ପଚାରି ବୁଝିଥିଲେ। ପୂର୍ବରୁ ସାଧାରଣତଃ ଗ୍ରାମାଞ୍ଚଳ ଲୋକେ ବିଭିନ୍ନ ରୋଗ ବ୍ୟାଧିରେ ଶିକାର ହୋଇ ରକ୍ତ ମଳମୂତ୍ର ସହିତ ଆଉ କେତେକ ପରୀକ୍ଷା ନିରୀକ୍ଷାରେ ହଜାର ହଜାର ଟଙ୍କା ଖର୍ଚ୍ଚ କରୁଥିଲେ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏବେ ୬୮ ପ୍ରକାର ପରୀକ୍ଷା ନିରୀକ୍ଷାକୁ ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣାରେ କରାଯାଉଛି। ସାଧାରଣ ଲୋକେ ଏହାର ସୁଫଳ ପାଇବା ସହିତ ଆଉ କେତେକ କାଗଜ ପତ୍ର ଏହି ପ୍ରତିନିଧି ଦଳ ଦେଖିବା ପରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡ. ଜସ୍ମିନ ଆପ୍ରୋଜଙ୍କ ସହିତ କଥା ହେବା ସହିତ ସ୍ୱାସ୍ଥ୍ୟସେବା ଠିକ୍ ଭାବରେ ଚାଲିବା ନେଇ ସନ୍ତୋଷ ପ୍ରକାଶ କରିଥିଲେ। ଏହି କେନ୍ଦ୍ରୀୟ ପ୍ରତିନିଧି ଦଳ ଗସ୍ତ ସମୟରେ ସୁଶାନ୍ତ ରାଉତ, ସୁବ୍ରତ ମହାନ୍ତି, ସୁରେଶ ପ୍ରଧାନ, ପ୍ରଫୁଲ୍ଲ ପଣ୍ଡା, ରାଜେଶ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।


କେନ୍ଦ୍ରୀୟ ପ୍ରତିନିଧି ଦଳ ଗୋପ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

## ଦାଲୁଅକଣି- ରହାଖନ୍ଦଲ ସୁନାମି ବନ୍ଧର ଶିଳାନ୍ୟାସ


ଦାଲୁଅକଣି- ରହାଖନ୍ଦଲ ସୁନାମି ବନ୍ଧର ଶିଳାନ୍ୟାସ କରାଯାଉଛି।

ଅସ୍ତରଙ୍ଗ, ୩୧।୧(ମମତା ଜେନା/ପ୍ରଦୀପ୍ତ ଦୀକ୍ଷିତ)

କାକଟପୁର ଜଳ ସମ୍ପଦ ବିଭାଗ ଅଧୀନ ଅସ୍ତରଙ୍ଗ ବ୍ଲକର ଦାଲୁଅକଣି- ରହାଖନ୍ଦଲ ସୁନାମି ବନ୍ଧର ଶିଳାନ୍ୟାସ ବୁଧବାର ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ଗୃହ ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ ଶିଳାନ୍ୟାସ କରିଥିଲେ। ୩ କୋଟି ୪୮ଲକ୍ଷ ବ୍ୟୟ ଅଟକଳରେ ଏହି ଦେଢ କି.ମି. ବନ୍ଧଟି କେଲୁଣି ମୁହାଣ ନିକଟରେ ଅବସ୍ଥିତ ଶମ୍ଭୁ ପୀଠ ବେଲେଶ୍ୱର ମହାଦେବ ମନ୍ଦିରକୁ ସଂଯୋଗ କରିବ। ବନ୍ଧର ୨ କଡ଼ରେ ପଥର ପ୍ୟାକିଂ ସହ ୫ଫୁଟ ଓସାର ଓ ଉଚ୍ଚତା ୧୪ମିଟର ରହିଛି। ଜଳ ନିଷ୍କାସନ ପାଇଁ ଏକ କଲଭେଟ ରହିଥିବାବେଳେ କାର୍ଯ୍ୟ ସମାପ୍ତର ସମୟ ସୀମା ଏକ ବର୍ଷ ରହିଛି। ଉଦ୍‌ଘାଟନୀ ଉତ୍ସବରେ ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ନିମାପଡ଼ା ବୈକୁଣ୍ଠ ନାଥ ଦଳାଇ, କାକଟପୁର ସହକାରୀ ନିର୍ବାହୀ ଯନ୍ତ୍ରୀ ରାକେଶ ସାହୁ ଓ ତପନ ନାୟକ, କନିଷ୍ଠ ଯନ୍ତ୍ରୀ ବିନୋଦ ମାଝୀ, ସରପଞ୍ଚ କ୍ଷୀରୋଦ କାଣ୍ଡି, ଏମ୍‌ପିଙ୍କ ପ୍ରତିନିଧି ଚମ୍ପକ ବାରିକ, ମନ୍ତ୍ରୀ ପ୍ରତିନିଧି ଭୀମସେନ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ସରସ୍ୱତୀ ସ୍ୱାଇଁ, ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ କୁଞ୍ଜବିହାରୀ ପ୍ରଧାନ, ସମିତି ସଭ୍ୟ ରାମଚନ୍ଦ୍ର ନାୟକଙ୍କ ସମେତ ମହିଳା ଗୋଷ୍ଠୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଏହି ବନ୍ଧ ହେବା ଦ୍ୱାରା ବହୁ ଚାଷଜମି ଲୁଣାଜଳରୁ ରକ୍ଷା ପାଇପାରିବ।

## ମା' ଭୁଆସୁଣୀ ଉଚ୍ଚ ବିଦ୍ୟାଳୟର ୩୨ତମ ବାର୍ଷିକୋତ୍ସବ

ଗୋପ,୩୧।୧(ଭାରତୀ ଭୂଷଣ ଉପାଧ୍ୟାୟ)

ଛାତ୍ରୀଛାତ୍ର କେବଳ ଶିକ୍ଷାକୁ ଗୁରୁତ୍ୱ ଦିଅନ୍ତୁ ନାହିଁ, ଶିକ୍ଷା ସହିତ ଶୃଙ୍ଖଳିତ, ସୃଜନଶୀଳତା ରହିଲେ ଗୁଣାତ୍ମକ ଶିକ୍ଷାର ବିକାଶ ହୋଇ ପାରିବ। ଗୋପ ବ୍ଲକ ଅଧୀନ ବେଦପୁର ପଞ୍ଚାୟତସ୍ଥିତ ମା' ଭୁଆସୁଣୀ ଉଚ୍ଚ ବିଦ୍ୟାଳୟର ୩୨ତମ ବାର୍ଷିକୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପୁରୀ ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ ଘୋଷ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଏହା କହିଥିଲେ। ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଭୁଦତ୍ତ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଗୋପ ବ୍ଲକ ଶିକ୍ଷା ଅଧିକାରୀ ସୁଶୀଳ ବ୍ରହ୍ମା, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ, ଶିକ୍ଷାବିତ୍ ରବୀନ୍ଦ୍ର ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ସମିତି ସଭ୍ୟା ଲିପିକା ସେନାପତି ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଗି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ସହିତ କପ୍ ଦେଇ ସମ୍ମାନିତ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।


ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ବୀରପ୍ରତାପପୁରରେ ରେଲୱେ ଅଣ୍ଡରପାସ୍ ନିର୍ମାଣ ହେବ

### ଶିଳାନ୍ୟାସ ସରିଲା, ୬ ମାସ ଭିତରେ କାମ ସରିବ

ପୁରୀ, ୩୧।୧(ଅଜିତ୍ ମହାନ୍ତି)

ପୁରୀ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବୀରପ୍ରତାପପୁର ଗ୍ରାମରେ ବୁଧବାର ରେଲୱେ ଅଣ୍ଡରପାସ୍ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଛି। ଗ୍ରାମବାସୀ ଅନେକ ଦିନରୁ ରେଲୱେ ଲେଭଲ କ୍ରସିଂ ସକାଶେ ଅସୁବିଧା ଭୋଗୁଛନ୍ତି। ଅନେକ ସମୟ ଧରି ଲେଭଲ କ୍ରସିଂ ବନ୍ଦ ଥିବା ଯୋଗୁ ଛାତ୍ରୀଛାତ୍ରମାନେ ଠିକ୍ ସମୟରେ ସ୍କୁଲରେ ପହଞ୍ଚି ପାରୁ ନ ଥିଲେ ତଥା ରୋଗୀମାନେ ମଧ୍ୟ ଡାକ୍ତରଖାନାରେ ପହଞ୍ଚିବାରେ ହଇରାଣ ହେଉଥିଲେ। ଏହି ସମସ୍ୟା ନେଇ ସ୍ଥାନୀୟ ଲୋକେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ରଙ୍କୁ ଅବଗତ କରାଇ ଏହାର ସମାଧାନ ପାଇଁ ଦାବି କରିଥିଲେ। ଏ ନେଇ ପାତ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଅବଗତ କରାଇ ବୀରପ୍ରତାପପୁର ଗ୍ରାମ ରେଲୱେ ଅଣ୍ଡରପାସ୍ ନିର୍ମାଣ ପାଇଁ ଅନୁରୋଧ କରିଥିଲେ। ରେଳମନ୍ତ୍ରୀ ଗତବର୍ଷ ବୀରପ୍ରତାପପୁର ଗ୍ରାମ ଗସ୍ତ ସମୟରେ ରେଲୱେ ଅଣ୍ଡରପାସ୍ ନିର୍ମାଣ ନିମନ୍ତେ ଘୋଷଣା କରିଥିଲେ। ମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ଗାଁକୁ ଡା. ପାତ୍ର, ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ବୁଧବାର ଯାଇ ରେଲୱେ ଅଣ୍ଡରପାସ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ଶିଳାନ୍ୟାସ ସମୟରେ ଇଷ୍ଟକୋଷ୍ଟ ରେଲୱେର ଏଡିଆରଏମ୍ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟ ୬ମାସ ଭିତରେ ଶେଷ ହେବ ବୋଲି ରେଲୱେ ପକ୍ଷରୁ ସୂଚନା ଦିଆଯାଇଛି। ଏହି ରେଲୱେ ଅଣ୍ଡର ପାସ ନିର୍ମାଣ ହେଲେ ପାଖାପାଖି ୮ରୁ ଅଧିକ ପଞ୍ଚାୟତର ଲୋକେ ଉପକୃତ ହେବା ସହିତ ସତ୍ୟବାଦୀ ନିର୍ବାଚନମଣ୍ଡଳୀର କିଛି ଗ୍ରାମର ବାସିନ୍ଦା ମଧ୍ୟ ଉପକୃତ ହେବେ।


ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଏବଂ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଶିଳାନ୍ୟାସ କରୁଛନ୍ତି।

## ଡିଆର୍‌ସି ପାରାଦୀପକୁ ହରାଇ ଫାଇନାଲରେ କୁମାରବସ୍ତ ଖୋର୍ଦ୍ଧା

### ୩୧ତମ ରାଜ୍ୟସ୍ତରୀୟ ଶାରଳା କପ

ଅସ୍ତରଙ୍ଗ,୩୧।୧(ମମତା ଜେନା/ ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ପଛ ନରେନ୍ଦ୍ର ଷ୍ଟାଡିୟମରେ ୩୧ତମ ଶାରଳା କପ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଡିଆର୍‌ସି ପାରାଦ୍ୱୀପକୁ ହରାଇ କୁମାରବସ୍ତ ଖୋର୍ଦ୍ଧା ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିତି ପାରାଦ୍ୱୀପ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। କୁମାରବସ୍ତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୧୯ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁନୀଲ ସାହୁ ଅପରାଜିତ ୧୦୬ ରନ୍ ସଂଗ୍ରହ କରିଥିଲେ। ପାରାଦ୍ୱୀପ ପକ୍ଷରୁ ପ୍ରମୋଦ ବେହେରା ୪ଓଭରରେ ୨ଟି ଉଇକେଟ ନେଇଥିଲେ। ଜବାବରେ ଡିଆର୍‌ସି ପାରାଦ୍ୱୀପ ସମସ୍ତ ଉଇକେଟ ହରାଇ ୧୦୯ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଅତିଥିଙ୍କ ମଧ୍ୟରେ ବରିଷ୍ଠ ଖବରଦାତା ଟୁଲୁ ବେହେରା, ଅନିଲ ବାରିକ, ମଙ୍ଗଳା ମନ୍ଦିର ସେବାୟତ ତାପସ ଦୀକ୍ଷିତ, ଡାକ୍ତର ସଞ୍ଜୟ ପ୍ରଧାନ ପ୍ରମୁଖ କୁମାରବସ୍ତର ସୁନୀଲ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ପ୍ରକାଶ ଚନ୍ଦ୍ର ବେହେରା ଓ ଡ୍ୟାନ୍ସିଂ ଅମ୍ପାୟାର ବବୁଲୁ ସାହୁ ଖେଳ ପରିଚାଳନା କରିଥିଲେ। ରବୀନ୍ଦ୍ର ପରିଡ଼ା, ରାକେଶ ମହାନ୍ତି ଧାରା ବିବରଣୀ ପ୍ରଦାନ କରିଥିଲେ। ଶାରଳା କ୍ଲବ ଦିଗ୍‌ଦର୍ଶକ ଦିବାକର ଛାଟୋଇ, ପ୍ରତିଷ୍ଠାତା ନଟକିଶୋର ମହାନ୍ତି, ସଭାପତି ଯୁଗଳ କିଶୋର ମହାନ୍ତି, ଉପସଭାପତି ପ୍ରକାଶ ବେହେରା, ଦୁର୍ଗା ଚରଣ ମହାରଣା, ପ୍ରଶାନ୍ତ ମୁଦୁଲି, କୁମାର ସନ୍ତୋଷ, ମିଡିଆ ସେଲ ଯୁବ ଅଧିକାରୀ ପବିତ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୪ ତାରିଖରେ ମେଗା ଫାଇନାଲ ମ୍ୟାଚରେ କୁମାରବସ୍ତ ଖୋର୍ଦ୍ଧାକୁ ଯଦୁପୁର ଭୁବନେଶ୍ୱର ଭେଟିବ।


ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ।

**ଶ୍ରୀକ୍ଷେତ୍ର ଗଲା ଚାଉଳ, ନଡ଼ିଆ, ଗୁଆ, ଟଙ୍କା**

ନିଶ୍ଚିନ୍ତକୋଇଲି, (ଅଶୋକ କୁମାର ମହାପାତ୍ର): ନିଶ୍ଚିନ୍ତକୋଇଲି ବ୍ଲକର ୪୧ ପଞ୍ଚାୟତରେ ଶ୍ରୀ ଜଗନ୍ନାଥଙ୍କ ଅର୍ପଣ ରଥକୁ ଭକ୍ତଙ୍କ ଦ୍ୱାରା ଅର୍ପଣ କରାଯାଇଥିବା ଚାଉଳ, ନଡ଼ିଆ, ଗୁଆ ଓ ଟଙ୍କାକୁ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଶ୍ରୀକ୍ଷେତ୍ରକୁ ପଠାଯାଇଛି। ଏହି ଅବସରରେ ୧୩୯.୫୦ କୁଇଣ୍ଟାଲ ଚାଉଳ, ୧୨୦ କି.ଗ୍ରା. ଗୁଆ, ୫୩ ବସ୍ତା ନଡ଼ିଆ ଓ ୩ ଲକ୍ଷ ୭୬ ହଜାର ଟଙ୍କାକୁ ଏକ ସ୍ୱତନ୍ତ୍ର ଗାଡିଯୋଗେ ଶ୍ରୀମନ୍ଦିର ପରିଚାଳନା କମିଟିକୁ ପଠାଯାଇଛି ବୋଲି ବିଡିଓ ଧର୍ମରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି। ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅଶୋକ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିମ୍ପିପୁର ବ୍ରହ୍ମକ୍ଷେତ୍ରରେ ମହଜୁଦ ଥିବା ସାମଗ୍ରୀଗୁଡ଼ିକୁ ଟ୍ରକରେ ବୋଝେଇ କରି ପୁରୀ ପଠାଯାଇଛି।

## ସଂକ୍ଷେପରେ

### 'ସଂସ୍କାର ନ ଥିଲେ ଶିକ୍ଷା ମୂଲ୍ୟହୀନ'

କଣ୍ଟାପଡା, ୩୧।୧(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ଅଡ଼ଶପୁରସ୍ଥିତ ଉଦୟନାଥ ସ୍ୱୟଂଶାସିତ କଲେଜର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜ ପରିଚାଳନା ବୋର୍ଡ ସଭାପତି ଅଗସ୍ତି କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଲେଖକ ଶାନ୍ତନୁ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଛାତ୍ରୀଛାତ୍ର ଶିକ୍ଷିତ ହେବା ସହ ନିଜକୁ ସଂସ୍କାରୀ କରି ଗଢ଼ିତୋଳନ୍ତୁ ନଚେତ ଶିକ୍ଷା ତୁମମାନଙ୍କ ପାଇଁ ମୂଲ୍ୟହୀନ ହୋଇପଡ଼ିବ। ଏଥିରେ ମୁଖ୍ୟବକ୍ତା ଭାବେ ଏମ୍‌ସର ପୂର୍ବତନ ନିର୍ଦ୍ଦେଶକ ଡା. ଅଶୋକ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ କଲେଜ ଅଧ୍ୟକ୍ଷ ଅରୁଣ କୁମାର ସ୍ୱାଇଁ ଯୋଗଦେଇଥିଲେ। ଚିରଶ୍ରୀ ଇନ୍ଦ୍ର ସିଂ ଅତିଥି ପରିଚୟ ଏବଂ ଡ. ହିରଣ୍ମୟୀ ମିଶ୍ର ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କଲେଜର ମୁଖପତ୍ର 'ପ୍ରାଚୀପ୍ରଜ୍ଞା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ।

### ବାର୍ଷିକ କ୍ରୀଡ଼ା ଉତ୍ସବ

ଚୌଦ୍ୱାର,୩୧।୧(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ପାଇକରାପୁରସ୍ଥିତ ଦିବ୍ୟଜ୍ୟୋତି ଯୁବ ପରିଷଦ ଆନୁକୂଲ୍ୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦୈତାରୀ ଭଦ୍ରଙ୍କ ସଭାପତିତ୍ୱରେ ପାଇକରାପୁର ପ୍ରାଥମିକ ବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ଏହି ଉତ୍ସବକୁ ସାମାଜିକ କର୍ମୀ ଛବିରାଣୀ ରାଉତ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥି ଭାବେ ପୀତାମ୍ବର ସ୍ୱାଇଁ, ସର୍ବେଶ୍ୱର ପାହାଡ଼ସିଂ, ରମେଶ ଚନ୍ଦ୍ର ନାୟକ ଯୋଗଦେଇଥିଲେ। ପୂର୍ବତନ ପ୍ରତିଷ୍ଠାତା ସଭାପତି ପ୍ରଭାକର ସାହୁଙ୍କ ପୌରୋହିତ୍ୟରେ ମଙ୍ଗଳବାର ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଶିକ୍ଷାବିତ୍ ଭାରତୀ ମହାନ୍ତି, ପ୍ରତିମା ପ୍ରଧାନ, କାଉନସିଲର ଅଜୟ କୁମାର ବେହେରା, ଅଜିନୀ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଆନନ୍ଦ ଚନ୍ଦ୍ର ବରାଳ, ପ୍ରଭାତ କୁମାର ସ୍ୱାଇଁ, ଜ୍ଞାନରଞ୍ଜନ ସାସମଲ ପ୍ରତିଯୋଗିତା ପରିଚାଳନା କରିଥିଲେ। ଏହି ଅବସରରେ ଇମ୍ଫା ଆନୁକୂଲ୍ୟରେ ପୁନରୁଦ୍ଧାର ହୋଇଥିବା କ୍ଲବ୍ ଗୃହକୁ ବିଧାୟକ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଏଥିରେ ଇମ୍ଫାର ଜିଏମ୍ ସାରଦା ପ୍ରସାଦ ରାଓ ଏବଂ ଡିଜିଏମ୍ ଧ୍ରୁବ ଚରଣ ରାଉତ ଅତିଥି ଭାବେ ଯୋଗଦେଇଥିଲେ ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ଖୁଣ୍ଟୁଣୀ, ୩୧।୧(ସଚ୍ଚିଦାନନ୍ଦ ପଣ୍ଡା):

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାକିଶୋରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଭୁବନେଶ୍ୱର ସ୍ୱାଇଁ (୭୨)ଙ୍କର ମଙ୍ଗଳବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଯକୃତ କ୍ୟାନ୍‌ସରରେ ପୀଡ଼ିତ ଥିଲେ। ଚିକିତ୍ସା ପାଇଁ କୁଶପଙ୍ଗିର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପୁତ୍ର ସୌଭାଗ୍ୟ ରଞ୍ଜନ, ଝିଅ ଶୁଭାକାଂକ୍ଷୀ, ପୁତୁରା ନିଶିକାନ୍ତ, ଚନ୍ଦ୍ରକାନ୍ତ, ଜ୍ୱାଇଁ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ବୁଧବାର ସକାଳେ ମରଶରୀରକୁ ତାଙ୍କ ବାସଭବନକୁ ନିଆଯାଇଥିଲା। ଡିଆଇଟିସିର ପରିଚାଳନା ନିର୍ଦ୍ଦେଶକ ଇଂ. ସୁବ୍ରତ ଦାସ, କୃଷିମନ୍ତ୍ରୀଙ୍କ ପ୍ରତିନିଧି ରଞ୍ଜନ ଆଚାର୍ଯ୍ୟ, ରାଧାକିଶୋରପୁର ସରପଞ୍ଚ ବିନୋଦ ମାଝୀ, ସମିତିସଭ୍ୟ ବିଧାନ ସ୍ୱାଇଁ, କଂଗ୍ରେସ ନେତା ଅକ୍ଷୟ ତୁଙ୍ଗ ସାମନ୍ତ, ଶରତ ପରିଡା, ଅଶୋକ ଦାସ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ସୌଭାଗ୍ୟରଞ୍ଜନ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ସ୍ୱାଇଁ ରାଜ୍ୟ ସରକାରଙ୍କ କୃଷି ବିଭାଗରେ କାର୍ଯ୍ୟ କରି ୨୦୧୨ରେ ଅବସର ନେଇଥିଲେ। ପରେ ରାଜନୀତିରେ ପାଦ ଦେଇ ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ରାଧାକିଶୋରପୁର ପଞ୍ଚାୟତର ସରପଞ୍ଚ ଭାବେ ଦାୟିତ୍ୱ ତୁଲାଇଥିଲେ। ଏଥିସହ ସେ ୧୯୯୩ରୁ ଧରିତ୍ରୀ ଖବରକାଗଜର ନିୟମିତ ପାଠକ ଥିଲେ।



# ଟେଣ୍ଡର ପ୍ରକ୍ରିୟା ବିଳମ୍ବକୁ ନେଇ ହଟଗୋଳ

## ଚୌଦ୍ୱାର ପୌରପରିଷଦ ବୈଠକ

ଚୌଦ୍ୱାର,୩୧।୧(ଆଶୁତୋଷ ଦାସ)

ଚୌଦ୍ୱାର ପୌରପରିଷଦ ବୈଠକ ବୁଧବାର ପୌର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକର ପ୍ରାରମ୍ଭରେ ଟେଣ୍ଡର ପ୍ରକ୍ରିୟା ବିଳମ୍ବକୁ ନେଇ ହଟ୍ଟଗୋଳ ହୋଇଥିଲା। ବିଭିନ୍ନ ୱାର୍ଡରେ ଉନ୍ନୟନ କାର୍ଯ୍ୟ ପାଇଁ ଟେଣ୍ଡର ଏପର୍ଯ୍ୟନ୍ତ କାହିଁକି ଡକାଯାଇନାହିଁ ବୋଲି ୧୦ନଂ. ୱାର୍ଡ କାଉନ୍‌ସିଲର ଅଧ୍ୟକ୍ଷାଙ୍କୁ ପ୍ରଶ୍ନ ପଚାରିଥିଲେ। ଏହାର କାରଣ ସ୍ପଷ୍ଟ ନ ହେବା ପର୍ଯ୍ୟନ୍ତ ବୈଠକ ହୋଇପାରିବ ନାହିଁ ବୋଲି ସେ ଅଡ଼ିସିଥିଲେ। ଏଥିରେ ସମସ୍ତ କାଉନ୍‌ସିଲର ଏକମତ ହୋଇ ହୋହଲ୍ଲା କରିଥିଲେ। ଏ ଦିଗରେ ପଦକ୍ଷେପ ନିଆଯାଇ ଟେଣ୍ଡର ପ୍ରକ୍ରିୟା କରାଯିବ ବୋଲି ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ପ୍ରତିଶ୍ରୁତି ଦେବା ପରେ ବୈଠକ ସୁରୁଖୁରୁରେ ଚାଲିଥିଲା। ପୌରପାଳିକା ପକ୍ଷରୁ କିଛିବର୍ଷ ପୂର୍ବେ ନିର୍ମାଣ କରାଯାଇଥିବା ଏକମାତ୍ର ପାଠାଗାର ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏହାର ନବୀକରଣ କାର୍ଯ୍ୟ ପୌରପାଳିକା ହାତକୁ ନେଇ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ପିଏମ୍ ବିଶ୍ୱକର୍ମା ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ବିଧାୟକ ସୌଭିକ୍ ବିଶ୍ୱାଳ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ଶୁଭଶ୍ରୀ ବେହେରା, ସଞ୍ଜୟ କୁମାର ସାମଲ, ପୂର୍ଣ୍ଣଚନ୍ଦ୍ର ପାଣି, ମହାଦେବ ଜେନାଙ୍କ ସମେତ ସମସ୍ତ କାଉନ୍‌ସିଲର ଓ ପୌର କର୍ମଚାରୀ ଉପସ୍ଥିତ ଥିଲେ।



କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହରେ ଅତିଥିଙ୍କ ଗହଣରେ ଉପସ୍ଥିତ କୃତୀ ଛାତ୍ରୀମାନେ।

# ଧାନମଣ୍ଡିରେ ଅବ୍ୟବସ୍ଥାର ସିବିଆଇ ତଦନ୍ତ ଦାବି

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଆଠଗଡ,୩୧।୧(ସତ୍ୟ ପ୍ରସାଦ ରଥ)

ଆଠଗଡ ତଥା ରାଜ୍ୟରେ ଧାନମଣ୍ଡିଗୁଡ଼ିକରେ ଧାନ କିଣାରେ ବ୍ୟାପକ ଦୁର୍ନୀତି ହୋଇଛି। ଚାଷୀମାନଙ୍କୁ ବିଭିନ୍ନ ଆଳ ଦେଖାଇ ଧାନ ବିକ୍ରିସମୟରେ ୫ରୁ ୧୦ କିଲୋ ପର୍ଯ୍ୟନ୍ତ କଟ୍‌ନୀଛଟନୀ କରାଯାଉଛି। ମଣ୍ଡିଗୁଡ଼ିକରେ ଗୋଦାମ ଘର, ପାଚେରି, ପିଇବା ପାଣି, ଶୌଚାଳୟ ଆଦିର ଅଭାବ ରହିଛି। ଏଭଳି ଅଭିଯୋଗ କରି ଏହାର ସିବିଆଇ ତଦନ୍ତ ଦାବି କରି ଆଠଗଡ ନିର୍ବାଚନ ମଣ୍ଡଳୀରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଆଠଗଡ ଉପଜିଲାପାଳ ପ୍ରଶାନ୍ତ କୁମାର ତରେଇଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଆଠଗଡସ୍ଥିତ ଯଜ୍ଞ ନାରାୟଣ ମନ୍ଦିରରୁ ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶଙ୍କର୍ଷଣ ମହାନ୍ତିଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲା। ଏହି କାର୍ଯ୍ୟକ୍ରମରେ ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ, ଭାଜପା ନେତା ବ୍ରଜେନ୍ଦ୍ର ରାଏ, ଅଭୟ ବାରିକ, ଯୁବନେତା ସତ୍ୟଜିତ ମଲ୍ଲିକ, ସୋମନାଥ ବେହେରା, ମିଥୁନ ନାଏକ, ନିର୍ମଳ ଦାଶ, ମାନସ ବେହେରା, ବିଚିତ୍ରାନନ୍ଦ ଜେନା, ଆଇନଜୀବୀ ଜଗଦାନନ୍ଦ ତ୍ରିପାଠୀ, ପ୍ରକାଶ ସେଠୀ ପ୍ରମୁଖ ଯୋଗଦେଇଥିଲେ।




ଧାନକିଣାକ ଦୁର୍ନୀତି ନେଇ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ କରାଯାଉଛି।

# କ୍ରୀଡ଼ା ହେଉଛି ଶିକ୍ଷାର ଏକ ଅଙ୍ଗ

## ନୂର୍ତାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଯାପିତ

ମାହାଙ୍ଗା ୩୧।୧(ଯଯାତି ସିଂହ)

ମାହାଙ୍ଗା ବ୍ଲକ ନୂର୍ତାଙ୍ଗ ପଞ୍ଚାୟତସ୍ଥିତ ନୂର୍ତାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ତାରିଣୀ ପ୍ରସାଦ ପୁହାଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଡା. ସୂର୍ଯ୍ୟପ୍ରକାଶ ଶିବ ନାରାୟଣ ଚୌଧୁରୀ ଯୋଗଦେଇ କ୍ରୀଡ଼ା ହେଉଛି ଶିକ୍ଷାର ଏକ ଅଙ୍ଗ, ତେଣୁ ପ୍ରତ୍ୟେକ ଛାତ୍ରୀଛାତ୍ର କ୍ରୀଡ଼ାରେ ଭାଗ ନେବା ଉଚିତ ବୋଲି ସେ କହିଥିଲେ। ମୁଖ୍ୟବକ୍ତାଭାବେ ପ୍ରାଧ୍ୟାପକ ଡ. ଅଜିତ ମହାପାତ୍ର, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ମାଧବ ଚନ୍ଦ୍ର ପଣ୍ଡା, ଜଟାଧାରୀ ପତି, ସିଆର୍‌ସିସି ସତ୍ୟବ୍ରତ ରଥ, ସରପଞ୍ଚ ପବିତ୍ରମୋହନ ବରାଳ, ପରିଚାଳନା କମିଟି ସଭାପତି ଭାଗ୍ୟଧର ସାହୁ, ପୂର୍ବତନ ଶିକ୍ଷକ ଉମାକାନ୍ତ ମହାନ୍ତି ଯୋଗଦେଇ କ୍ରୀଡାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶିକ୍ଷକ ମନୋରଞ୍ଜନ ବାରିକ ଅତିଥି ପରିଚୟ, ରମେଶ ଦାସ ସ୍ୱାଗତ ଭାଷଣ ଓ ଶିକ୍ଷକ ପ୍ରଶାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ। ସର୍ବଶ୍ରୀ ନିର୍ମଳା ପ୍ରହରାଜ, ମନସ୍ମିତା ସାହୁ, ନିଲମ ସାହୁ, କଳ୍ପନା ବେହେରା, ଗିତିକା ଦାସ, କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ପ୍ରଜ୍ଞା ପାରମିତା ବେହେରା, ସୁପନ୍ୟା ମଣ୍ଡଳ,ସୁରେଶ ଷଡ଼ଙ୍ଗୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ହୃଦୟକୃଷ୍ଣ ବେହୁରା ଓ ଭକ୍ତମୋହନ ସ୍ୱାଇଁ ଖେଳ ପରିଚାଳନା କରିଥିଲେ।

# ଓଡ଼ିଶାକୁ ପ୍ରଗତିଶୀଳ କରିବାକୁ ରାଜ୍ୟ ସରକାର ସଙ୍କଳ୍ପବଦ୍ଧ



ସଚେତନତା କାର୍ଯ୍ୟକ୍ରମରେ ଅତିଥି ଓ କଳାକାରମାନେ।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ମାଣିଆବନ୍ଧ, ୩୧।୧ (ଅଖିଳ କୁମାର ସାହୁ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ସନ୍ତରାବାଳୀ ଗ୍ରାମ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ସମ୍ପର୍କିତ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ମିତା ଜେନାଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି ଯୋଗଦେଇ ରାଜ୍ୟ ସରକାର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା କରିଥିବା କହିଥିଲେ। ସମସ୍ତେ ଏହାର ସୁଯୋଗ ନେବା ପାଇଁ ସେ ଆହ୍ୱାନ ଦେଇଥିଲେ। ଓଡ଼ିଶାକୁ ପ୍ରଗତିଶୀଳ କରିବା ପାଇଁ ରାଜ୍ୟ ସରକାର ସଙ୍କଳ୍ପବଦ୍ଧ ବୋଲି ସେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁ, ଉପାଧ୍ୟକ୍ଷଙ୍କ ପ୍ରତିନିଧି ସୁଶାନ୍ତ ଜେନା, ମାଣିଆବନ୍ଧ ପାଞ୍ଚଶହ ଘର ଉପସଭାପତି ଗୋବିନ୍ଦ ମହାପାତ୍ର, ସମ୍ପାଦକ ପ୍ରସନ୍ନ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ପାଲା ମାଧ୍ୟମରେ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। କନିଷ୍ଠଯନ୍ତ୍ରୀ ରବୀନ୍ଦ୍ର ନାଥ ସିଂ, ପିଇଓ ପବିତ୍ର ସାହୁ, ଜିଆରଏସ ରତ୍ନାକର ସାହୁ, ନାଏବ ସରପଞ୍ଚ ଶରତ ସାହୁଙ୍କ ସମେତ ସମସ୍ତ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନତା କରାଯାଇଥିଲା । ବ୍ଲକ ମିଶନ ଶକ୍ତି ବିଭାଗ ପକ୍ଷରୁ ବିଭିନ୍ନ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ପଞ୍ଚାୟତ ବିଜେଡି ସଭାପତି ପ୍ରଭାକର ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ସରପଞ୍ଚଙ୍କ ପ୍ରତିନିଧି ଶ୍ରୀକାନ୍ତ ଜେନା ଧନ୍ୟବାଦ ଦେଇଥିଲେ ।

### ଲକ୍ଷ୍ମୀ ବଜାର ନୂତନ କାର୍ଯ୍ୟକର୍ତ୍ତା ଚୟନ

ଆଠଗଡ,୩୧।୧(ସତ୍ୟ ପ୍ରସାଦ ରଥ)

ଆଠଗଡ ପୁରୁଣା ବସଷ୍ଟାଣ୍ଡ ଲକ୍ଷ୍ମୀ ବଜାରଠାରେ ବ୍ୟବସାୟୀ ସଂଘର ବାର୍ଷିକ ଅଧିବେଶନ ତଥା ନୂତନ କର୍ମକର୍ତ୍ତା ଚୟନ ସହରସ୍ଥିତ ବାହାଣ୍ଡା ଠାକୁରାଣୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ କାର୍ଯ୍ୟକର୍ତ୍ତାମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯିବା ପରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତିଭାବେ ବରିଷ୍ଠ ଆଇନଜୀବୀ ଫଣୀ ଭୂଷଣ ରଥ ପୁନର୍ବାର ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। ଉପସଭାପତି ଭାବେ ଅରୁଣ କୁମାର ସାହୁ, ସମ୍ପାଦକ ଅଲୁପ କୁମାର ଦାଶ, ସହସମ୍ପାଦକ ପ୍ରଦୀପ କୁମାର ରଥ ଓ କୋଷାଧ୍ୟକ୍ଷଭାବେ ସତ୍ୟଜିତ ସେନାପତି ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ।

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ ଉତ୍ସବ

ମାହାଙ୍ଗା,୩୧।୧(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଭେଡା ଓ ଆନନ୍ଦପୁର ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଭେଡା ପଞ୍ଚାୟତଗସ୍ତ କରି ମିଶନ ଶକ୍ତି ଗୃହକୁ ଉଦ୍‌ଘାଟନ କରିଥିଲେ। ଏହାପରେ ଆନନ୍ଦପୁର ପଞ୍ଚାୟତରେ ପହଞ୍ଚି ମିଶନ ଶକ୍ତି ଗୃହ, ଇଚ୍ଛାବଟ ସାଂସ୍କୃତିକ କ୍ଲବକୁ ଉଦ୍‌ଘାଟନ କରିଥିଲେ। ନୂର୍ତାଙ୍ଗ -ଧର୍ମାଗତପୁର ରାସ୍ତାରେ ସୁକୁନଇ ଏବଂ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ଉପରେ ନୂତନ ସେତୁ ଓ ନୂର୍ତାଙ୍ଗ ଠାରୁ ଯାଁକୋଟୀ ରାସ୍ତାର ପୁନରୁଦ୍ଧାର କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଜେନା ଏକ ସଭାରେ ଯୋଗଦେଇ ମାହାଙ୍ଗା ବ୍ଲକରେ ବହୁ ବିକାଶମୂଳକ କାର୍ଯ୍ୟ ହୋଇଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଜକିଶୋର ଜେନା, ବିଡିଓ ଅମୀୟ କୁମାର ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୁତ ସାହୁ, ଜିଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ବିଧାୟକଙ୍କ ବ୍ୟକ୍ତିଗତ ସହାୟକ ଉମାଶଙ୍କର ବିଶ୍ୱାଳ, ଫେଡେରେଶନ ସଭାପତି ଦମୟନ୍ତୀ ମହାପାତ୍ର, ଭେଡା ପଞ୍ଚାୟତ ବିଜେଡି ସଭାପତି ପ୍ରଦୀପ୍ତ ସିଂହ ଓ ମନୋଜ ସାହୁଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ଓଡ଼ିଶା ଜୈବ ବିବିଧତା ବୋର୍ଡର ପ୍ରଶିକ୍ଷଣ ଶିବିର



ଶିବିରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଟିଗିରିଆ,୩୧।୧(ଜାଫର ଖାଁ)

ଟିଗିରିଆ ବ୍ଲକ ସମ୍ମିଳନୀ କକ୍ଷରେ ଜୈବ ବିବିଧତା ସଂରକ୍ଷଣ ଓ ଠିକ୍ ପରିଚାଳନା ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସ୍ଥାନୀୟ ୧୦ ଜୈବ ବିବିଧତା ପରିଚାଳନା ସମିତିର ୬୦ଜଣ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ଓଡିଶା ଜୈବ ବିବିଧତା ବୋର୍ଡ ପକ୍ଷରୁ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଟିଗିରିଆ ବିଡିଓ ପ୍ରଣବ କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅତିରିକ୍ତ ବିଡିଓ ଯାଜ୍ଞସେନୀ ଗୋଚ୍ଛାୟତ ଏହାକୁ ପରିଚାଳନା କରିଥିବାବେଳେ ସାଧନ ବ୍ୟକ୍ତି ଭାବେ ଓଡ଼ିଶା ଜୈବ ବିବିଧତା ବୋର୍ଡର ବୈଜ୍ଞାନିକ ଡା.ସତ୍ୟରଞ୍ଜନ ବେହେରା, ଡ.ପ୍ରସାଦ କୁମାର ଦାସ , ଡା.ଶୁଭ୍ରାଂଶୁ ନାୟକ ଏବଂ ପରିବେଶପ୍ରେମୀ ପ୍ରସନ୍ନ କୁମାର ବେହେରା ଯୋଗଦେଇଥିଲେ। ଏହି ଅବସରରେ ଜୈବ ବିବିଧତା ପରିଚାଳନା ସମିତିର ଗଠନ ପ୍ରଣାଳୀ , ଦାୟିତ୍ୱ ଏବଂ ବିଭିନ୍ନ ସଂରକ୍ଷଣ ସମ୍ବନ୍ଧୀୟ କାର୍ଯ୍ୟାବଳୀ ଉପରେ ଆଲୋଚନା ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ଥିବା ଜୈବ ବିବିଧତାର ଚିହ୍ନଟ, ଜୈବ ସମ୍ପଦର ଧାରାବାହିକ ବ୍ୟବହାର ଏବଂ ଜୈବ ବିବିଧତା ନଥିପତ୍ର ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଅଞ୍ଚଳରେ ଥିବା ଜଙ୍ଗଲ, ଗୃହପାଳିତ ପ୍ରାଣୀ, ବନ୍ୟଜୀବ, ସରୀସୃପ, ଉଭୟଚର ପ୍ରାଣୀଙ୍କ ସହ ବିଭିନ୍ନ ଗଛ ଲତା ଉପରେ ଆଲୋଚନା କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ଟିଗିରିଆ ବ୍ଲକ କୃଷି ଅଧିକାରୀ ସନାତନ ବେହେରା, ମତ୍ସ୍ୟ ଅଧିକାରୀ ମଧୁସ୍ମିତା ସାହୁଙ୍କ ସମେତ ପଞ୍ଚାୟତର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ସହଯୋଗୀ ଅନୁଷ୍ଠାନ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତିର ସଂଯୋଜକ ସୁବ୍ରତ କୁମାର ପ୍ରଧାନ, ପ୍ରିୟବ୍ରତ ବେହେରା, ଚନ୍ଦନ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

# ପୁରୁଣା ଋଣଗୁଡିକ ଏକକାଳୀନ ପରିଶୋଧ ଉପରେ ଗୁରୁତ୍ୱ

## ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ସାଧାରଣ ସଭା

ବାଙ୍କୀ,୩୧।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଲିମିଟେଡ୍ ପରିସରରେ ୧୦୬ତମ ବାର୍ଷିକ ସାଧାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ ଏଥିରେ ସଭାପତିତ୍ୱ କରିଥିଲେ। ବ୍ୟାଙ୍କରେ ବହୁ ପୁରୁଣା ଋଣଗୁଡିକ ଏକକାଳୀନ ଅଳ୍ପ ସୁଧରେ ପରିଶୋଧ କରିବା ପାଇଁ ଏହି ଅବସରରେ ପ୍ରସ୍ତାବ ଦିଆଯାଇଥିଲା। ବାରଙ୍ଗ ବ୍ଲକରେ ଥିବା ୮ପଞ୍ଚାୟତ ଅନ୍ତର୍ଗତ ୫ଟି ସେବା ସମବାୟ ସମିତିକୁ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିନକୁ ଆଣିବା ପାଇଁ ସାଧାରଣ ସଭାରେ ପ୍ରସ୍ତାବ ଦିଆଯାଇଥିଲା। ଏହାକୁ ସର୍ବସମ୍ମତିକ୍ରମେ ସମସ୍ତ ସଭ୍ୟ ଅନୁମୋଦନ କରିଥିଲେ। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ବ୍ୟାଙ୍କ ୨୦୨୨-୨୩ ବର୍ଷରେ ଏକ କୋଟି ୨୭ଲକ୍ଷ ୫୫ହଜାର ଟଙ୍କା ଲାଭ କରିଛି ବୋଲି ସେ ପ୍ରକାଶ କରିଥିଲେ। ସଭାରେ ନିର୍ଦ୍ଦେଶକ ଗତିକୃଷ୍ଣ ସ୍ୱାଇଁ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ନିର୍ଦ୍ଦେଶକ ଗୌରହରି ପରିଡା , ମନୋରଞ୍ଜନ ଦେଉରୀ, ଉପସଭାପତି ସୁଷମା ମହାରଣା, ଅଜୟ କୁମାର ରାଉତ ସମେତ ଅନ୍ୟ ନିର୍ଦ୍ଦେଶକମାନେ ଉପସ୍ଥିତ ରହି ସେମାନଙ୍କ ମତାମତ ଦେଇଥିଲେ। ବ୍ୟାଙ୍କର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ଶେଷରେ ନିର୍ଦ୍ଦେଶକ ଜ୍ଞାନରଞ୍ଜନ ପରିଡା ଧନ୍ୟବାଦ ଦେଇଥିଲେ।

# ମହାମାରୀ ସଦୃଶ ମାଡ଼ିଚାଲିଛି ବାଲ୍ୟବିବାହ, ଶିଶୁ ନିର୍ଯାତନା

## ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ

ବଡ଼ମ୍ବା ,୩୧।୧(ମାୟାଧର ମଲ୍ଲିକ)

ବାଲ୍ୟବିବାହ, ଶିଶୁ ଶ୍ରମିକ, ଶିଶୁ ଯୌନଶୋଷଣ ଓ ଶିଶୁ ଚାଲାଣ ଇତ୍ୟାଦି ରୋକାଯିବା ନେଇ ବଡ଼ମ୍ବାର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅନ୍ତର୍ଗତ ରଗଡ଼ିପଡ଼ା, ଅଭିମାନପୁର, ରତାପାଟ, ଗୋପୀନାଥପୁର, ଖରିଆମଡ଼ା, ମାଣିଆବନ୍ଧ, ଗୋପପୁର ଓ ବଡ଼ମ୍ବା ଅଙ୍ଗନୱାଡ଼ି ସେକ୍ଟରରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ନୋବେଲ ପୁରସ୍କାର ବିଜେତା ପ୍ରଫେସର କୈଳାସ ସତ୍ୟାର୍ଥୀଙ୍କ ସତ୍ୟାର୍ଥୀ ଫାଉଣ୍ଡେଶନ ଏବଂ ଉତ୍କଳ ସେବକ ସମାଜ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଲ୍ୟବିବାହ, ଶିଶୁ ଶ୍ରମିକ, ଶିଶୁ ଯୌନଶୋଷଣ ଏବଂ ଶିଶୁ ଚାଲାଣ କିଭଳି ରୋକାଯାଇପାରିବ ତାହା ଉପରେ ସଚେତନତା କରାଯାଇଥିଲା।




ସଚେତନତା କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ ଓ ଅନ୍ୟମାନେ।

ବଡ଼ମ୍ବା ଏବଂ ଟିଗିରିଆ ବ୍ଲକ ସଂଯୋଜକ ଚିନ୍ମୟ ଗୋଛି ଏଥିରେ ସଂଯୋଜନା କରିଥିଲେ। ବଡ଼ମ୍ବା ବ୍ଲକର ବହୁ ଅଙ୍ଗନୱାଡି କର୍ମୀ ଓ ସୁପରଭାଇଜରଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଚିନ୍ମୟ ଗୋଛି ବାଲ୍ୟବିବାହ ନିଷେଧ ଅଧିନିୟମ -୨୦୦୬ ଓ ପୋକ୍ସୋ -୨୦୧୨ ଅଧିନିୟମ ବିଷୟରେ ଉପସ୍ଥିତ ଲୋକଙ୍କୁ ଅବଗତ କରାଇଥିଲେ। ବଡ଼ମ୍ବା ବ୍ଲକର ସୁପରଭାଇଜର ନିର୍ମଳା ନାୟକ ଆଉଟ ଅଫ୍ ସ୍କୁଲ ଏବଂ ଡ୍ରପଆଉଟ ପିଲାଙ୍କ ବିଷୟରେ ଆଲୋଚନା କରିଥିଲେ। ସେହିପରି ସୁପରଭାଇଜର ବନିତା ଦେହୁରୀ, ସବିତା ମିଶ୍ର, କୁନ୍ତଳା କୁମାରୀ ସାହୁ, ବିଜୟଲକ୍ଷ୍ମୀ ଦାଶ, ପ୍ରଫୁଲ୍ଲ ଦେଈ, ସରୋଜିନୀ ସାହୁ ପ୍ରମୁଖ ଶିଶୁ ଅଧିକାର ବିଷୟରେ ଆଲୋଚନା କରିଥିଲେ। ଏବେ ବାଲ୍ୟ ବିବାହ,ଶିଶୁ ନିର୍ଯାତନା ମହାମାରୀ ସଦୃଶ ମାଡ଼ିଚାଲିଛି। ଏସବୁକୁ ବନ୍ଦ କରିବା ପାଇଁ ଉତ୍କଳ ସେବକ ସମାଜ ଅଣ୍ଟା ଭିଡ଼ିଆଗକୁ ଆସି ସଚେତନତା କରୁଛି, ଏହା ପ୍ରଶଂସନୀୟ ବୋଲି ଅତିଥିମାନେ କହିଥିଲେ। ସୁପରଭାଇଜର ଶୁଭଲକ୍ଷ୍ମୀ ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### କାରଗିଲ ବସ୍ତିରୁ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର,୩୧।୧ (ଅନୁରାଧା ମହାରଣା)

ଏୟାରପୋର୍ଟ ଥାନା ଅର୍ନ୍ତଗତ ଭୀମପୁର ମୌଜାର କାରଗିଲ ବସ୍ତିରୁ ବୁଧବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଜିଏ ଓ ପିଜି ବିଭାଗର ରିକ୍ୟୁଜିଶନ ଆଧାରରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ଏହି ଉଚ୍ଛେଦ କରାଯାଇଛି। ପ୍ଲଟ୍ ନଂ.୪୮୭ ଓ ପ୍ଲଟ୍ ନଂ.୪୭୦ରୁ ଗଢ଼ିଉଠିଥିବା ବେଆଇନ୍ ନିର୍ମାଣକୁ ଭଙ୍ଗାଯାଇଛି। ୭ଟି ଆଜବେଷ୍ଟସସ୍ ଘର, ୩ଟି ଶୌଚାଳୟ, ୩ଟି ପିଣ୍ଡି, ଗୋଟିଏ ଗୁହାଳ, ୩୫୦ ଫୁଟର ଏକ ପାଚେରି ମାଟିରେ ମିଶିଛି। ଏଥିରେ ଗୋଟିଏ ଜେସିବି ନିୟୋଜିତ ହୋଇଥିଲା। ବିଡିଏ ଡେପୁଟି କମିଶନର (ଏନଫୋର୍ସମେଣ୍ଟ) ଅରୁଣ ନାୟକ, ଜିଏ ଓ ପିଜି ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଅମୀୟ କୁମାର ଦାସ, ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ନଂ.୨୪ ଓ ୨୫, ଏୟାରପୋର୍ଟ ଥାନା ଏସ୍‌ଆଇ ଉପସ୍ଥିତ ଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଏଡ଼ାଇବା ପାଇଁ ଗୋଟିଏ ସେକ୍ସନ ପୋଲିସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା।

### ୩ରେ ୭ମ ଯଶୁଆପୁର ମହୋତ୍ସବ

ବାଲକାଟୀ,୩୧।୧(ମନୋଜ ମଣ୍ଡଳ)

ବାଲିଅନ୍ତା ବ୍ଲକ ଅଧୀନ ଯଶୁଆପୁର ଗ୍ରାମରେ ଆସନ୍ତା ୩ ତାରିଖରେ ୭ମ ଯଶୁଆପୁର ମହୋତ୍ସବ ଆରମ୍ଭ ହେଉଛି। ଯଶୁଆପୁର ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ମହୋତ୍ସବ ୨ ଦିନ ଧରି ଚାଲିବ। ଏନେଇ ବୁଧବାର ବାଲକାଟୀଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଆୟୋଜକ ପରିଷଦ ପ୍ରତିଷ୍ଠାତା ରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି। ରାଜ୍ୟର ଅନେକ ଖ୍ୟାତିସମ୍ପନ୍ନ ବ୍ୟକ୍ତି ବିଶେଷ ମହୋତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଓଡ଼ିଶୀ, ସମ୍ବଲପୁରୀ ଦ୍ୱାରା ଭୁବନେଶ୍ୱରର ଶୁଭଶ୍ରୀ କଳା ନିକେତନର କଳାକାର ଦର୍ଶକଙ୍କ ମନ ମୋହିବେ। ପରେ ଖୋର୍ଦ୍ଧା କୁହୁଡି ରତନପୁର ମା' ମଙ୍ଗଳା ପାଇକ ଆଖଡ଼ା ଅନୁଷ୍ଠାନ ପକ୍ଷରୁ କଳାକାର ବିଭିନ୍ନ ସମର କଳା ପରିବେଷଣ କରିବେ। ସେହିପରି ଖୋର୍ଦ୍ଧା ଜଟଣୀ ନୂପୁର ଧ୍ୱନି ଅନୁଷ୍ଠାନ ପକ୍ଷରୁ କଳାକାର ଆଦିବାସୀ ଓ ଢେମ୍‌ସା ନୃତ୍ୟ ପରିବେଷଣ କରିବେ। ଉଦ୍‌ଯାପନୀ ଦିବସରେ ଓଲିଉଡ୍ ଜଗତର ପ୍ଲେ ବ୍ୟାକ୍ କଣ୍ଠଶିଳ୍ପୀ ନେହା ନୀହାରିକା କର, ସୁରଜ କୁମାର ଓ ମାନସ କୁମାର ଯୋଗଦେଇ ଦର୍ଶକଙ୍କୁ ଆମୋଦିତ କରିବେ। ଏଥିସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତି ବିଶେଷଙ୍କୁ ଯଶୁଆପୁର ସମ୍ମାନରେ ସମ୍ମାନିତ କରାଯିବ। ଏହି ଅବସରରେ ମହୋତ୍ସବର ପୋଷ୍ଟର ଉନ୍ମୋଚନ କରାଯାଇଥିଲା। ଅତିଥିଙ୍କ ମଧ୍ୟରେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ସମବାୟବିତ୍ ନଳିନୀକାନ୍ତ ମହାପାତ୍ର, ଦୀନବନ୍ଧୁ ଭୋଇ, ପ୍ରିୟବ୍ରତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଦୃଷ୍ଟିହୀନଙ୍କ ପତ୍ତା ମିଳୁନି, ପରିବାର ସଦସ୍ୟଙ୍କୁ ତାଲା

ଭୁବନେଶ୍ୱର, ୩୧।୧ (ବନ୍ଦନା ସେଠୀ)

ସେବା ବଦଳରେ ଦାଦାଗିରି କଲାଣି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ସୁରକ୍ଷା ନାଁରେ ବାଉନ୍‌ସର ଓ ଗୁଣ୍ଡାଙ୍କୁ ମଧ୍ୟ ପୋଷା ଗଲାଣି। ମଙ୍ଗଳବାର ରାତିରେ ବିଏମ୍‌ସି ମୁଖ୍ୟାଳୟ ଆଗରେ ଆମରଣ ଅନଶନରେ ବସିଥିବା ଦୃଷ୍ଟିହୀନ ବ୍ୟବସାୟୀଙ୍କୁ ବଳ ଲଗାଇ ଟାଣି ଘୋଷାରି ଉଠାଇ ନିଆଯାଇଥିଲା। ସେମାନଙ୍କୁ ମାଡ଼ ମରାଯାଇଥିବା ଭଳି ସଙ୍ଗିନ ଅଭିଯୋଗ ମଧ୍ୟ ଉଠିଥିଲା। ହେଲେ ୧୧ଜଣ ଦୃଷ୍ଟିହୀନ ଆନ୍ଦୋଳନକାରୀଙ୍କ ମଧ୍ୟରୁ କେତେଜଣଙ୍କର ପତ୍ତା ମିଳୁ ନ ଥିବା ବୁଧବାର ଅଭିଯୋଗ ହୋଇଛି। ଏପରିକି ଅଭିଯୋଗ ନେଇ ଯାଇଥିବା ନିଖୋଜ ଦୃଷ୍ଟିହୀନଙ୍କ ପରିବାର ଲୋକଙ୍କୁ ବିଏମ୍‌ସି କାର୍ଯ୍ୟାଳୟରେ ତାଲା ପକାଯିବା ଭଳି ଅମାନୁଷିକ ଘଟଣା ସାମ୍ନାକୁ ଆସିଛି। ତେବେ ଘଟଣାକୁ ଚପାଇ ଦେବାକୁ ବିଏମ୍‌ସି କର୍ତ୍ତୃପକ୍ଷ ସୁରକ୍ଷାକର୍ମୀ ଓ ବାଉନ୍‌ସରଙ୍କୁ ଲଗାଇ ଦେଇଥିବା ଚର୍ଚ୍ଚା ହେଉଛି। ଏମାନେ ଦୃଷ୍ଟିହୀନ ପରିବାରକୁ ବିଏମ୍‌ସିର ଏକ ଘରେ ବନ୍ଦ କରି ରଖିବା ସହ ଫାଟକ ବନ୍ଦ କରିଦେଇଥିଲେ। ବିଭିନ୍ନ କାମ ଓ ସମସ୍ୟା ନେଇ ବିଏମ୍‌ସିକୁ ଆସୁଥିବା ଲୋକଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ଭିତରକୁ ଛାଡ଼ି ନ ଥିଲେ। ପ୍ରତିବାଦ କଲେ ସେମାନେ ନାଲିଆଖି ଦେଖାଇବା ସହ ଦୁର୍ବ୍ୟବହାର କରିଥିଲେ। ଏହାକୁ ନେଇ ଲୋକେ ପାଟିତୁଣ୍ଡ କରିବା ସହ ଅସନ୍ତୋଷରେ ଫେରୁଥିବା ଦେଖିବାକୁ ମିଳିଥିଲା। ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏପରିସ୍ଥିତି ଲାଗି ରହିଥିବାବେଳେ ବିଏମ୍‌ସିର କାର୍ଯ୍ୟଧାରାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ବିଏମ୍‌ସିର ଦାଦାଗିରି ସୀମା ଟପିଲା



ବିଏମ୍‌ସି କାର୍ଯ୍ୟାଳୟର ଫାଟକ ବନ୍ଦ ଥିବାରୁ ଲୋକେ ଅପେକ୍ଷା କରିଛନ୍ତି।

ଦୃଷ୍ଟିହୀନଙ୍କ ପାଇଁ କାମ କରୁଥିବା ଅନ୍ତର୍ଜାତୀୟ ମାନବାଧିକାର ପ୍ରୋଟେକ୍ସନ କାଉନ୍‌ସିଲର ଆରତି ମହଲା କହିଛନ୍ତି, ଦୃଷ୍ଟିହୀନଙ୍କୁ ବିଏମସି ଉଠାଇନେଇ କେଉଁଠି ରଖିଛନ୍ତି ତାର ପତ୍ତା ମିଳୁନାହିଁ। ବିଏମ୍‌ସି ଅଧିକାରୀଙ୍କୁ ଭେଟି ନିଜ ପରିବାରକୁ ଫେରାଇ ଦେବାକୁ ଅନୁରୋଧ କରିବାକୁ ୭ ଜଣ ଦୃଷ୍ଟିହୀନ ବିଏମ୍‌ସି କାର୍ଯ୍ୟାଳୟକୁ ଯାଇଥିଲେ। ମାତ୍ର ନିଜ ଲୋକଙ୍କୁ ଫେରାଇବା ବଦଳରେ ଦିନତମାମ ସେମାନଙ୍କୁ ଭୋକ ଉପାସରେ ବିଏମ୍‌ସି ଅଫିସ ଭିତରେ ବନ୍ଦୀ ଭଳି ରଖିଥିଲେ। ପାଣି ଟିକେ ମଧ୍ୟ ଦେଇ ନ ଥିଲେ। ଅପରାହ୍ନ ୪ଟା ୩୦ରେ ବିଏମ୍‌ସି କମିଶନର ସେମାନଙ୍କୁ ଭେଟିଥିଲେ ବି କିଛି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଏନେଇ କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ସନ୍ଧ୍ୟା ୬ଟା ୩୦ରେ ସମସ୍ତ ଦୃଷ୍ଟିହୀନଙ୍କୁ ଛଡା ଯାଇଛି। ସେମାନଙ୍କୁ ସହରର ଭିନ୍ନ ଭିନ୍ନ ଏସ୍‌ୟୁଏର୍‌ରେ ପୃଥକ କରି ରଖାଯାଇଥିଲା। ସମସ୍ତେ ସୁରକ୍ଷିତ ଥିବା ମଧ୍ୟ ସେ କହିଛନ୍ତି। କିନ୍ତୁ ବିଏମ୍‌ସି ଉଠାଇ ନେଇଥିବା ୧୧ଜଣଙ୍କ ମଧ୍ୟରୁ ଭୀମପୁର ଏସ୍‌ୟୁଏର୍‌ରେ ଥିବା ବଂଶୀଧର ପ୍ରଧାନ ଘରକୁ ଫେରିଥିବା ଆରତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ବଂଶୀଧରଙ୍କ ସ୍ତ୍ରୀ ବିଏମ୍‌ସି କାର୍ଯ୍ୟାଳୟରେ ଦିନତମାମ ବସି ରହିବା ସହ ହୋ-ହଲ୍ଲା କରିବା କାରଣରୁ ତାଙ୍କୁ ଛାଡ଼ିଥିଲେ। ହେଲେ ଅନ୍ୟ ୧୦ଜଣଙ୍କୁ ବିଏମ୍‌ସି ଛାଡ଼ି ନାହିଁ। ଭୀମପୁର ଏସ୍‌ୟୁଏର୍‌ରେ ୩ଜଣ ଓ ୟୁନିଟ୍-୩ ଏସ୍‌ୟୁଏର୍‌ରେ ଆଉ ୩ଜଣ ଦୃଷ୍ଟିହୀନଙ୍କୁ ରଖାଯାଇଥିବା ଜଣାପଡ଼ିଛି। ହେଲେ ଆଉ ୪ଜଣ କୁଆଡେ ଗଲେ ସେମାନଙ୍କର ପତ୍ତା ମିଳୁନାହିଁ। ବିଏମ୍‌ସିର ତଥାକଥିତ ଗୁଣ୍ଡାମାନେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଥିବା ଦୃଷ୍ଟିହୀନ ବ୍ୟବସାୟୀଙ୍କୁ ବାଡ଼େଇବା ସହ ଜବରଦସ୍ତ ଉଠାଇ ନେବା ସମ୍ପୂର୍ଣ୍ଣରୂପେ ମାନବାଧିକାର ଆଇନ ଉଲ୍ଲଂଘନ। ତେଣୁ ଏନେଇ ସେ ଗୁରୁବାର ଥାନାରେ ଏତଲା ଦେବେ ବୋଲି ଆରତି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଭେଣ୍ଡିଂଜୋନ୍ ଦାବିରେ ୨୫ ତାରିଖରୁ ବିଏମ୍‌ସି କାର୍ଯ୍ୟାଳୟ ସାମ୍ନାରେ ୧୧ଜଣ ଦୃଷ୍ଟିହୀନ ଧାରଣାରେ ବସିଥିଲେ। ୨୬ ତାରିଖରେ ଅଧିକାରୀଙ୍କୁ ଏନେଇ ଅବଗତ କରାଯାଇଥିଲା। ପରେ ସେମାନଙ୍କୁ କିପରି ଭେଣ୍ଡିଂ ଜୋନ୍ ଦେଇ ସେଠାରୁ ହଟାଯିବ ସେନେଇ ଅଧିକାରୀ ଓ କାଉନସିଲରଙ୍କ ମଧ୍ୟରେ ଆଲୋଚନା ମଧ୍ୟ ହୋଇଥିଲା। ୨୭ ଓ ୨୮ ତାରିଖ ଦିନ ଧାରଣା ଜାରି ରହିବା ସହ ଆଲୋଚନା ବିଫଳ ହୋଇଥିଲା। ୨୯ ତାରିଖ ଦିନ ମେୟର ସୁଲୋଚନା ଦାସଙ୍କ ସହ ମଧ୍ୟ କାଉନସିଲରଙ୍କ ଆଲୋଚନା ହୋଇଥିଲା। ମାତ୍ର କ୍ରମାଗତ ହୋଇଥିବା ଆଲୋଚନା ବିଫଳ ହେବା ପରେ ବିଏମ୍‌ସି ୩୦ ତାରିଖ ଦିନ ବେଆଇନ ଭାବେ ଦୃଷ୍ଟିହୀନଙ୍କୁ ବଳପୂର୍ବକ ଉଠାଇ ନେଇଥିଲା। ଏପରିକି ସେମାନଙ୍କ ଫୋନ ଛଡ଼ାଇ ନେବା ସହ ଆଉଥରେ ଆନ୍ଦୋଳନ ନ କରିବାକୁ ଏସ୍‌ୟୁଏର୍‌ରେ ଧମକ ଦିଆଯାଉଛି ବୋଲି ଅଭିଯୋଗ ହୋଇଛି।

### 'ସାର୍ କହିଛନ୍ତି ଭିତରକୁ ଛଡ଼ା ଯିବନି'

ସାଧାରଣ ଲୋକ, ଗଣମାଧ୍ୟମ ପ୍ରତିନିଧିଙ୍କ ଭଳି ବିଏମ୍‌ସି କର୍ମଚାରୀଙ୍କୁ ମଧ୍ୟ ଭିତରକୁ ଛଡ଼ାଯାଇ ନ ଥିଲା। ପଚାରିଲେ ଉତ୍ତର ମିଳୁଥିଲା 'ସାର କହିଛନ୍ତି ଭିତରକୁ ଛଡ଼ାଯିବନି। ବିଏମସିର କର୍ମଚାରୀ ବାହାରକୁ ଆସି ଭିତରକୁ ଗଲାବେଳକୁ ସେମାନଙ୍କୁ ଆଇକାର୍ଡ ମଗା ଯାଉଥିଲା। ଆଇକାର୍ଡ ନ ଥିଲେ ବାହାରେ ଅପେକ୍ଷା କରିବାକୁ ପଡୁଥିଲା। ଏପରିକି ଡେଲଏଟ୍ ଅଫିସକୁ ମଧ୍ୟ ଛଡାଯାଇ ନ ଥିଲା। ସ୍ୱଚ୍ଛସାଥୀ ପାଇଁ ବିଏମ୍‌ସିର ସାକ୍ଷାତକାର ଥିଲା। ଏଥିପାଇଁ ଅପରାହ୍ନ ୨ଟା ୩୦ବେଳକୁ ଏକାଧିକ ମହିଳା ସେଠାରେ ପହଞ୍ଚିଥିଲେ। ମାତ୍ର ଫାଟକ ବନ୍ଦ ଥିବାରୁ ସେମାନଙ୍କୁ ଖରାରେ ସେମିତି ଅପେକ୍ଷା କରିବାକୁ ପଡିଥିଲା। ଆନିମଲ ୱେଲଫେୟାରରୁ ୨ଜଣ କର୍ମଚାରୀ ଡେପୁଟି କମିଶନରଙ୍କୁ ଦେଖା କରିବାକୁ ଆସି ହଟହଟା ହୋଇଥିଲେ।

### ଅନ୍ଧ କହି ମାଡ଼ମାରି ଚୁଡ଼ି ଭାଙ୍ଗିଦେଲେ

ଘଟଣା ସମ୍ପର୍କରେ ଦୃଷ୍ଟିହୀନ ବ୍ୟବସାୟୀ ବଂଶୀଧରଙ୍କ ସ୍ତ୍ରୀ ରଶ୍ମି ପ୍ରଧାନ କହିଛନ୍ତି, କାଲିଠାରୁ ମୋ ସ୍ୱାମୀଙ୍କୁ ନେଇ ଯାଇଥିଲେ। ତାଙ୍କ ପାଖରୁ ଫୋନ୍ ଛଡେଇ ନେଲେ। ସ୍ୱାମୀଙ୍କ ଭଳି ମୋତେ ମଧ୍ୟ ଦେଖାଯାଏ ନାହିଁ। ମଙ୍ଗଳବାର ରାତିରୁ ଆମେ ମାଆ ଝିଅ ପାଟିରେ ଦାନା ଟିକେ ଦେଇନୁ। ସେ କୁଆଡ଼େ ଗଲେ ଜାଣିବା ପାଇଁ ବ୍ୟସ୍ତ ହୋଇ ଝିଅ ସହ ବିଏମ୍‌ସି ଆସିଥିଲି। ମୋ ସହ ଅନ୍ୟ ୬ଜଣ ସେମାନଙ୍କ ସମ୍ପର୍କୀୟଙ୍କ ବିଷୟରେ ଜାଣିବାକୁ ଆସିଥିଲେ। ହେଲେ ଏଠି ଆମ ଗୁହାରି ଶୁଣିବେ କ'ଣ ଆମକୁ ଗୋଟେ ରୁମ୍‌ରେ ପୂରାଇ ତାଲା ପକାଇ ଦେଲେ। ଜଣେ ମହିଳା ସୁରକ୍ଷାକର୍ମୀ ମତେ ମାଡ଼ ମାରିଲେ। ଏଥିସହ ମୋ ହାତ ମୋଡ଼ି ଚୁଡ଼ି ଭାଙ୍ଗିଦେଲେ। 'ଅନ୍ଧ ହୋଇ ଅନ୍ଧ ଭଳିଆ ରହ' କହି ଗାଳିଦେଲେ। ମୋ ଝିଅ ପାଣି ଟିକେ ମାଗିଲା ହେଲେ ଦେଲେନାହିଁ। ମେୟର, କମିଶନରଙ୍କୁ ଗୁହାରି କରିବାକୁ ଆସିଥିଲୁ ହେଲେ ଆମକୁ ଗୁଣ୍ଡା ଲଗେଇ ମାଡ଼ ମାରିଲେ ବୋଲି ରଶ୍ମି କହିଛନ୍ତି।



# ଗାନ୍ଧିଜୀଙ୍କ ଆଦର୍ଶ ଭ୍ରାତୃତ୍ୱର ମାର୍ଗଦର୍ଶନ କରାଇଛି



ଆଜିର ସୃଜନୀର ବାର୍ଷିକ ଉତ୍ସବରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟ ଓ ଅନ୍ୟମାନେ।

ଭୁବନେଶ୍ୱର,୩୧।୧(ଶର୍ମିଷ୍ଠା ପାଣିଗ୍ରାହୀ)

ଗାନ୍ଧିଜୀଙ୍କ ପୁଣ୍ୟତିଥି ଅବସରରେ ମହାତ୍ମା ଗାନ୍ଧୀଙ୍କ ସ୍ମୃତିକୁ ମନେପକାଇ ଆଜିର ସୃଜନୀ ପକ୍ଷରୁ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଦିତ୍ୟ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟ ଯୋଗଦେଇ କହିଲେ, ଗାନ୍ଧିଜୀଙ୍କ ମହାନ ତ୍ୟାଗ ଓ ସଂଗ୍ରାମ ଭାରତବର୍ଷକୁ ସ୍ୱାଧୀନତା ଦେବା ସହ ବିଶ୍ୱକୁ ଅହିଂସାର ବାର୍ତ୍ତା ଦେଇଥିଲା। ଗାନ୍ଧିଜୀଙ୍କ ଆଦର୍ଶ ଭାରତବର୍ଷକୁ ଭ୍ରାତୃତ୍ୱ ଭାବରେ ବାନ୍ଧି ରଖିବାକୁ ମାର୍ଗଦର୍ଶନ କରାଇଛି। ଆଜିର ସୃଜନୀର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ଡ. ସୁଜାତା ନନ୍ଦ ଗାନ୍ଧିଜୀଙ୍କ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଂସ୍କୃତି ବିଭାଗ ଉପନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ, ପଲ୍ଲୀ ପଟ୍ଟନାୟକ, ସଂଘମିତ୍ରା ପତି, ରିନା ରାଉତରାୟ ଏବଂ ପ୍ରତ୍ୟୁଷା ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ସକାଳ ୮ରୁ ୧୨ ଘଣ୍ଟା ବନ୍ଦ ରହିବ ସବୁ କ୍ରଶର

ଖୋର୍ଦ୍ଧା,୩୧।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ଛତୁ ଫୁଟିବା ଭଳି କ୍ରଶରଗୁଡ଼ିକ ଗଢିଉଠୁଛି। ଦିନରାତି କ୍ରଶର ଚାଲିବା ଯୋଗୁ ବାୟୁ ପ୍ରଦୂଷଣ ବଢୁଛି। ସରକାରୀସ୍ତରରେ ପ୍ରାୟ ୧୦୦ଟି କ୍ରଶରକୁ ଅନୁମତି ଦିଆଯାଇଥିବାବେଳେ ଶତାଧିକ କ୍ରସର ବେଆଇନ ଭାବେ ଚାଲୁଛି। କ୍ରଶର ସ୍ଥାପନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଗାଇଡଲାଇନ ଜାରି କରାଯାଇଥିବା ବେଳେ ଏହାକୁ ଅଧିକାଂଶ କ୍ରଶର ମାଲିକ ଅଣଦେଖା କରୁଛନ୍ତି। କ୍ରଶରଜନିତ ବାୟୁ ପ୍ରଦୂଷଣ ରୋକିବାକୁ ଜିଲା ପ୍ରଶାସନ ପକ୍ଷରୁ ସକାଳ ୮ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ୧୨ ଘଣ୍ଟା କ୍ରଶର ବନ୍ଦ ରଖିବା ଲାଗି ସମସ୍ତ କ୍ରଶରମାଲିକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ କ୍ରଶର ମାଲିକ ସଂଘ ସହ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ଆଲୋଚନା କରିଥିଲେ। ଅଧିକାଂଶ କ୍ରଶର ଚାରିପଟେ ପାଚେରି ନ ଥିବାବେଳେ ନିୟମିତ ପାଣି ସିଞ୍ଚନ କରାଯାଉନାହିଁ। ସେହିପରି ଚାରାରୋପଣ ମଧ୍ୟ କରାଯାଉନାହିଁ। ସ୍କିଙ୍କଲର ପାଇପ ଯୋଗେ କ୍ରଶର ୟୁନିଟରେ ପାଣି ସିଞ୍ଚନ ଲାଗି ତାଗିଦା ସତ୍ତ୍ୱେ ବହୁ କ୍ରଶର ମାଲିକ ଏହାକୁ ମାନୁନାହାନ୍ତି। ଫଳରେ ଜିଲା ପ୍ରଶାସନ ଏବେ ଆକ୍ସନ ମୁଡ୍‌ରେ ରହିଛି। କ୍ରଶର ଚଳାଇବା ପାଇଁ ରହିଥିବା ନିୟମ କଡ଼ାକଡି ପାଳନ ଲାଗି ଉପଜିଲାପାଳ ସେଠୀ କଡା ତାଗିଦା କରିଛନ୍ତି। କ୍ରଶର ମାଲିକ ସଂଘ ଅନୁରୋଧ କ୍ରମେ ଏହାକୁ ବୁଧବାର ପର୍ଯ୍ୟନ୍ତ କୋହଳ କରାଯାଇଥିବାବେଳେ ଗୁରୁବାରଠାରୁ ଏହା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ କହିଛନ୍ତି। ଗୁରୁବାରଠାରୁ ରାଜ୍ୟ ପ୍ରଦୂଷଣ ବୋର୍ଡ ଓ ଜିଲା ପ୍ରଶାସନ ପକ୍ଷରୁ ମିଳିତ ଭାବେ କ୍ରଶର ୟୁନିଟଗୁଡିକରେ ଚଢାଉ କରାଯିବ। ତେବେ ବିରି ମାଡ଼ ଦେଖି କୋଳଥ ଚେପା ଭଳି କ୍ରଶର ୟୁନିଟଗୁଡିକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖିବାକୁ କ୍ରଶର ସଂଘ ପକ୍ଷରୁ ହୁଇପ ଜାରି କରାଯାଇଥିବା ଶୁଣିବାକୁ ମିଳୁଛି। ବେଆଇନ ଭାବେ ଶହ ଶହ କ୍ରଶର ଚାଲିଥିବାରୁ ସରକାର ରାଜସ୍ୱ ହରାଉଥିବାବେଳେ ବାୟୁ ପ୍ରଦୂଷଣ ବଢିବାରେ ଲାଗିଛି। ଏନେଇ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଛନ୍ତି, ପୂର୍ବରୁ କ୍ରଶର ମାଲିକ ସଂଘ ସହ ଏ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେମାନଙ୍କୁ ଜାନୁଆରୀ ୩୧ ମଧ୍ୟରେ ଉପରୋକ୍ତ ବ୍ୟବସ୍ଥା ଲାଗି ତାଗିଦା କରାଯାଇଥିଲା। ଏହାପରେ କୌଣସି କ୍ରଶର ନିୟମକୁ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପ୍ରଫେସର ଡ. ନଚିକେତା ଖମାରୀ ଶର୍ମାଙ୍କ ଅନୂଦିତ ପୁସ୍ତକ ଉନ୍ମୋଚନକଲେ କେନ୍ଦ୍ରମନ୍ତ୍ରୀ




ନାଗପୁର ପ୍ରେସ୍‌କ୍ଲବ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଓ ଅନ୍ୟମାନେ।

ଭୁବନେଶ୍ୱର,୩୧।୧ (ଅନୁରାଧା ମହାରଣା)

ସମାଜବାଦୀ ବିଚାରଧାରାର ଚିନ୍ତକ ରଘୁ ଠାକୁରଙ୍କ ରଚିତ ହିନ୍ଦୀ ପୁସ୍ତକ 'ଗାନ୍ଧୀ – ଆମ୍ବେଦକର କିତ୍‌ନେ ଦୂର୍ କିତ୍‌ନେ ପାସ୍'ର ଓଡ଼ିଆ ଅନୁବାଦ କରିଛନ୍ତି ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ନଚିକେତା ଖମାରୀ ଶର୍ମା। ନାଗପୁର ପ୍ରେସ୍ କ୍ଲବ୍‌ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଉକ୍ତ ଅନୂଦିତ ପୁସ୍ତକକୁ ଉନ୍ମୋଚନ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଗଡକରି କହିଲେ, ସମାଜର ହିତ ପାଇଁ ସମସ୍ତେ ଏକମତ ହେବା ଆବଶ୍ୟକ। ବିଚାରମତ ଦ୍ୱାରା ଦେଶର ପ୍ରଗତି ହେଲେ ଗାନ୍ଧୀ ଓ ଆମ୍ବେଡ଼କରଙ୍କ ସ୍ୱପ୍ନ ସାକାର ହେବ। ଗାନ୍ଧୀ ଓ ଆମ୍ବେଡ଼କରଙ୍କ ବିଚାରଧାରାରେ କ'ଣ ମତ ପାର୍ଥକ୍ୟ ରହିଥିଲା, ତାକୁ ଗୁରୁତ୍ୱ ନ ଦେଇ, ସେମାନଙ୍କ ଚିନ୍ତାରେ କ'ଣ ଐକ୍ୟତା ଥିଲା ସେ ବିଷୟକୁ ଗୁରୁତ୍ୱ ଦେବା ଦରକାର। ଆଜି ବିଚାର ଭିନ୍ନତା ନୁହେଁ, ବିଚାର ଶୂନ୍ୟତା ହିଁ ସମାଜ ପାଇଁ ସମସ୍ୟାର କାରଣ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଏହି ପୁସ୍ତକର ମରାଠୀ ଅନୁବାଦ ମଧ୍ୟ ଲୋକାର୍ପିତ ହୋଇଥିଲା।

# ଯାତ୍ରୀ ନିବାସ ପୁନରୁଦ୍ଧାର ସମେତ ୨୨ ପ୍ରସ୍ତାବ ଆଗତ

### ବିଏମ୍‌ସିର ୨୦ତମ ସାଧାରଣ ବୈଠକ

ଭୁବନେଶ୍ୱର,୩୧।୧ (ଅନୁରାଧା ମହାରଣା)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୨୦ତମ ତଥା ୨୦୨୪ର ପ୍ରଥମ ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଡେପୁଟି ମେୟର ମଞ୍ଜୁଲତା କହଁର, ଏମ୍‌ପିଙ୍କ ପ୍ରତିନିଧି ମଦନ ମୋହନ ପ୍ରଧାନ, ଉତ୍ତର ବିଧାୟକଙ୍କ ପ୍ରତିନିଧି କୁନିଲତା ମହାରଣା, ମଧ୍ୟ ବିଧାୟକଙ୍କ ପ୍ରତିନିଧି ମିଲନ କୁମାର ପାଇକରାୟ, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ସିଟି ଇଞ୍ଜିନିୟର ବିଳାସ କୁମାର ବେହେରା ମଞ୍ଚାସୀନ ଥିଲେ। ଭୁବନେଶ୍ୱରର ସର୍ବାଙ୍ଗୀନ ଉନ୍ନତି ପାଇଁ ଗଠନ ମୂଳକ ଚିନ୍ତା ଓ ଭାବନା ନେଇ ସମସ୍ତେ ଆଲୋଚନା କରିବାକୁ ମେୟର ଆହ୍ୱାନ ଦେଇଥିଲେ। କର୍ପୋରେଟରମାନେ ଦେଇଥିବା ପ୍ରସ୍ତାବଗୁଡିକ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ମୋଟ ୨୨ଟି ପ୍ରସ୍ତାବ ଆଗତ କରାଯାଇଥିଲା। ସେଥିମଧ୍ୟରୁ ଗୋଟିଏ ପ୍ରସ୍ତାବ ଅଗ୍ରାହ୍ୟ ହୋଇଥିବାବେଳେ ଅନ୍ୟଗୁଡିକୁ ବିଚାର ପାଇଁ ଗ୍ରହଣ କରାଯାଇଛି। ଏହାପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସଦସ୍ୟମାନେ ମୁଖ୍ୟତଃ ଗଛ କଟା, କଚ୍ଚା ଓ ପକ୍କା ରାସ୍ତା ନିର୍ମାଣ, ସର୍ବସାଧାରଣ ଟଏଲେଟ, ହିତାଧିକାରୀମାନେ ନିକଟସ୍ଥ ରାଶନ ଦୋକାନରୁ ରାଶନ ଓ ଭତ୍ତା ନେବା ସମ୍ପର୍କରେ, ପ୍ରତି ୱାର୍ଡରେ ବରିଷ୍ଠ ନାଗରିକଙ୍କ ପାଇଁ କମ୍ୟୁନିଟି ହଲ୍, ୱାର୍ଡ ଅଫିସ ନିର୍ମାଣ, ଡ୍ରେନ୍ ପାଇଁ ଜମି ଅଧିଗ୍ରହଣ, ପାଣି ପମ୍ପ କିଣା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ପରିକ୍ରମା ପ୍ରକଳ୍ପ ଅର୍ପଣ ରଥ ପରିକ୍ରମାବେଳେ ସଂଗୃହୀତ ଚାଉଳ ଓ ଗୁଆ ସମ୍ପର୍କରେ ବିରୋଧୀ ଦଳର କର୍ପୋରେଟରମାନେ ପ୍ରଶ୍ନ ଉଠାଇଥିବାବେଳେ ଯାତ୍ରୀ ନିବାସକୁ ଭାଙ୍ଗି ନୂତନ ଭାବେ ନିର୍ମାଣ କରିବା ଏବଂ କଲ୍ୟାଣ ମଣ୍ଡପଗୁଡିକର ନବୀକରଣ ପ୍ରସ୍ତାବ ଉପରେ ଗୁରୁତ୍ୱ ଦିଆଯାଇଥିଲା। ମେୟର ଓ କମିଶନର କର୍ପୋରେଟରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। କେତେକ କାର୍ଯ୍ୟ ତୁରନ୍ତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିରୋ ଆୱାରରେ ମଧ୍ୟ ବିଭିନ୍ନ ପ୍ରସଙ୍ଗକୁ ନେଇ ଗଠନମୂଳକ ଆଲୋଚନା କରାଯାଇଥିଲା। ବୈଠକରେ ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, କର୍ପୋରେଟର, ବିଏମ୍‌ସିର ସମସ୍ତ ବରିଷ୍ଠ ଅଧିକାରୀ ଏବଂ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, କର୍ପୋରେଟର ଓ ଅନ୍ୟମାନେ।

## ସଂକ୍ଷେପରେ

### କ୍ରିକେଟ ଟୁର୍ନାମେଣ୍ଟ: କୁରାଢ଼ମଲ୍ଲ ବିଜୟୀ

**ତିରୁପତି ସାମନ୍ତରାୟ ମ୍ୟାନ ଅଫ ଦି ମ୍ୟାଚ୍‌**

ଖୋର୍ଦ୍ଧା, ୩୧।୧(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ବ୍ଲକ କୁରାଢମଲ୍ଲଠାରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ ଦିବସରେ ବୁଧବାର ଆୟୋଜକ ଟିମ୍‌ କୁରାଢମଲ୍ଲ ଏବଂ ଭାଲିଆବାଡ଼ି ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ କୁରାଢମଲ୍ଲ ଟିମ୍‌ ଜିତିଛି। ଭାଲିଆବାଡ଼ି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୨୭ ରନ ସଂଗ୍ରହ କରିଥିଲା। ଜବାବରେ କୁରାଢମଲ୍ଲ ଟିମ ୧୩.୪ ଓଭର ଖେଳି ୩ ଉଇକେଟ୍‌ ହରାଇ ୧୨୮ ରନ କରିବା ସହ ଏହି ମ୍ୟାଚ ୭ଉଇକେଟରେ ବିଜୟୀ ହୋଇଥିଲା। ଦଳର ତିରୁପତି ସାମନ୍ତରାୟ ୩୯ ବଲରୁ ୬୯ ରନ କରିବା ସହ ଗୋଟିଏ ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜେ.କେ. ସାମନ୍ତରାୟ ଓ ଗୋପୀନାଥ ମାଝି ଅମ୍ପାୟରିଂ କରିଥିଲେ। ରଞ୍ଜନ ନାୟକ, ତାପସ କାଳିଆ ସ୍କୋରର ଦାୟିତ୍ୱରେ ରହିଥିଲେ। ସ୍ଥାନୀୟ ସରପଞ୍ଚ ଶ୍ରୀରାମ ପ୍ରସାଦ ମହାନ୍ତି, ଗୋପୀନାଥ ମହାରଥୀ ଏବଂ ନାରାୟଣ ଭ୍ରମରବର ରାୟ ଅତିଥି ଭାବେ ଉପସ୍ଥିତ ଥିଲେ। ଗୁରୁବାର ସେମିଫାଇନାଲ ମ୍ୟାଚ ବାଲିଆପଡ଼ା ଓ ମେଣ୍ଢାଶାଳ ମଧ୍ୟରେ ଅନୁଷ୍ଠିତ ହେବ।

### ଅର୍ଥନୈତିକ ଅଭିବୃଦ୍ଧି ପାଇଁ ମହିଳା ସ୍ୱାବଲମ୍ବୀ ହେବା ଦରକାର

**ବେଗୁନିଆ,୩୧।୧(ହର ପ୍ରସନ୍ନ ପଣ୍ଡା):**

ବେଗୁନିଆ ବ୍ଲକ ବାଘମାରି ପଞ୍ଚାୟତ ଅଧୀନ ଅତ୍ରି ଉଷ୍ଣପ୍ରସ୍ରବଣ ପରିସରରେ ଦକ୍ଷତା ବିକାଶ ଓ ଉଦ୍ୟାନ କୃଷି କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ କୃଷି ନିର୍ଦ୍ଦେଶକ, ଖୋର୍ଦ୍ଧା ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାରେ ସ୍ଥାନୀୟ ମହିଳା ଗୋଷ୍ଠୀ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ମୁଖ୍ୟ ଅତିଥି ଭାବେ ବେଗୁନିଆ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବ୍ଲକ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ନିଜାମୁଦ୍ଦିନ ଖାନ, ବାଘମାରି ସରପଞ୍ଚ ମାନସ ରଞ୍ଜନ ବିଶାଳ, ସାରୁଆ ସରପଞ୍ଚ ରଞ୍ଜିତା ମହାଭୋଇ, ଚିଲିକା ବ୍ଲକ ଉଦ୍ୟାନ କୃଷି ଅଧିକାରୀ ରମାକାନ୍ତ ପରିଡ଼ା ଓ ବେଗୁନିଆ ବ୍ଲକ ଉଦ୍ୟାନ କୃଷି ଅଧିକାରୀ ହୁଲାସ ଦେଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମହିଳାମାନେ ସ୍ୱାବଲମ୍ବୀ ହେଲେ ରାଜ୍ୟର ଅର୍ଥନୈତିକ ବ୍ୟବସ୍ଥା ଅଭିବୃଦ୍ଧି ହୋଇପାରିବ ବୋଲି ଅତିଥି ସୁବୁଦ୍ଧି ମତବ୍ୟକ୍ତ କରିଥିଲେ। ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା କୃଷି ଯନ୍ତ୍ରପାତି ଓ ଆବଶ୍ୟକୀୟ ଋଣ ସହାୟତା ଆଦି ବିଭାଗ ପକ୍ଷରୁ ମହିଳା ଗୋଷ୍ଠୀ ଜରିଆରେ ଯୋଗାଇ ଦିଆଯାଉଛି। ବିଭିନ୍ନ ଯୋଜନା ମାଧ୍ୟମରେ ଛତୁ, ମତ୍ସ୍ୟ ଓ ଫୁଲ ଚାଷ କରି ମହିଳା ଜୀବିକା ନିର୍ବାହ କରିପାରିବେ। ସେହିପରି ବିଭିନ୍ନ କିସମର ପନିପରିବା ତୈଳବୀଜ ଚାଷ ପ୍ରଣାଳୀ ଓ ଫସଲ ରକ୍ଷଣାବେକ୍ଷଣ ଦାୟିତ୍ୱ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ବିଭାଗୀୟ କର୍ମଚାରୀ ଆଶିଷ ଦଳ ବେହେରା ଓ ଗୀତାଞ୍ଜଳି ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସକାଳ ୮ରୁ ୧୨ ଘଣ୍ଟା ବନ୍ଦ ରହିବ ସବୁ କ୍ରଶର

**ଖୋର୍ଦ୍ଧା,୩୧।୧(ପ୍ରଭାତ ପାଣିଗ୍ରାହୀ)**

- ନିର୍ଦ୍ଦେଶ ଉଲ୍ଲଙ୍ଘନ କଲେ କାର୍ଯ୍ୟାନୁଷ୍ଠାନ : ଉପଜିଲାପାଳ
- ବଢୁଛି ବାୟୁ ପ୍ରଦୂଷଣ, ଗଛଲତାରେ ଜମୁଛି ଧୂଳି ଆସ୍ତରଣ

ଖୋର୍ଦ୍ଧାରେ ଛତୁ ଫୁଟିବା ଭଳି କ୍ରଶରଗୁଡ଼ିକ ଗଢ଼ିଉଠୁଛି। ଦିନରାତି କ୍ରଶର ଚାଲିବା ଫଳରେ ବାୟୁ ପ୍ରଦୂଷଣ ବଢୁଛି। ଗଛଲତାରେ ଧୂଳି ଆସ୍ତରଣ ଜମୁଛି। ସରକାରୀସ୍ତରରେ ପ୍ରାୟ ୧୦୦ଟି କ୍ରଶରକୁ ଅନୁମତି ଦିଆଯାଇଥିବାବେଳେ ଶତାଧିକ କ୍ରସର ବେଆଇନ ଭାବେ ଚାଲୁଛି। କ୍ରଶର ସ୍ଥାପନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଗାଇଡଲାଇନ ଜାରି କରାଯାଇଥିବା ବେଳେ ଏହାକୁ ଅଧିକାଂଶ କ୍ରଶର ମାଲିକ ଅଣଦେଖା କରୁଛନ୍ତି। କ୍ରଶନଜନିତ ବାୟୁ ପ୍ରଦୂଷଣ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସକାଳ ୮ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ୧୨ ଘଣ୍ଟା କ୍ରଶର ବନ୍ଦ ରଖିବା ଲାଗି ସମସ୍ତ କ୍ରଶରମାଲିକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ କ୍ରଶର ମାଲିକ ସଂଘ ସହ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ଆଲୋଚନା କରିଥିଲେ। ଅଧିକାଂଶ କ୍ରଶର ଚାରିପଟେ ପାଚେରି ନ ଥିବାବେଳେ ନିୟମିତ ପାଣି ସିଞ୍ଚନ କରାଯାଉନାହିଁ। ସେହିପରି ଚାରାରୋପଣ ମଧ୍ୟ କରାଯାଉନାହିଁ। ସ୍ପ୍ରିଙ୍କଲର ପାଇପ ଯୋଗେ କ୍ରଶର ୟୁନିଟରେ ପାଣି ସିଞ୍ଚନ ଲାଗି ତାଗିଦା ସତ୍ତ୍ୱେ ବହୁ କ୍ରଶର ଏହାକୁ ମାନୁନାହାନ୍ତି। ଫଳରେ ଜିଲା ପ୍ରଶାସନ ଏବେ ଆକ୍ସନ ମୁଡ୍‌ରେ ରହିଛି। ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ କ୍ରଶର ଚାଲିବା ଯୋଗୁ ବାୟୁ ପ୍ରଦୂଷିତ ହେବା ସହ ଗଛରେ ଧୂଳି ପଡି ଧୂସରିତ ଦେଖାଯାଉଛି। କ୍ରଶର ଚଲାଇବା ପାଇଁ ରହିଥିବା ନିୟମ କଡ଼ାକଡି ପାଳନ ଲାଗି ଉପଜିଲାପାଳ ସେଠୀ କଡା ତାଗିଦା କରିଛନ୍ତି। କ୍ରଶର ମାଲିକ ସଂଘ ଅନୁରୋଧ କ୍ରମେ ଏହାକୁ ବୁଧବାର ପର୍ଯ୍ୟନ୍ତ କୋହଳ କରାଯାଇଥିବାବେଳେ ଗୁରୁବାରଠାରୁ ଏହା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ କହିଛନ୍ତି। ଫଳରେ କ୍ରଶର ମାଲିକଙ୍କ ମଧ୍ୟରେ ଛନକା ପଶିଛି। ଗୁରୁବାରଠାରୁ ରାଜ୍ୟ ପ୍ରଦୂଷଣ ବୋର୍ଡ ଓ ଜିଲା ପ୍ରଶାସନ ପକ୍ଷରୁ ମିଳିତ ଭାବେ କ୍ରଶର ୟୁନିଟଗୁଡିକରେ ଚଢାଉ କରାଯିବ। ତେବେ ବିରି ମାଡ଼ ଦେଖି କୋଳଥ ଚେପା ଭଳି କ୍ରଶର ୟୁନିଟଗୁଡିକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖିବାକୁ କ୍ରଶର ସଂଘ ପକ୍ଷରୁ ହୁଇପ ଜାରି କରାଯାଇଥିବା ଶୁଣିବାକୁ ମିଳୁଛି। ପୂର୍ବରୁ ପ୍ରଶାସନିକ ସ୍ତରରେ ୩ ସ୍ତରୀୟ ଯାଞ୍ଚ ପରେ କ୍ରଶର ୟୁନିଟ ସ୍ଥାପନ ଲାଗି ଅନୁମତି ଦିଆଯାଇଥିଲା। ଏବେ କିପରି ସେଗୁଡ଼ିକୁ ସରକାରୀ ନିୟମ ମାନୁନାହାନ୍ତି ତାହାକୁ ନେଇ ପ୍ରଶ୍ନ ଉଠୁଛି। ବେଆଇନ ଭାବେ ଶହ ଶହ କ୍ରଶର ଚାଲିଥିବାରୁ ସରକାର ରାଜସ୍ୱ ହରାଉଥିବାବେଳେ ବାୟୁ ପ୍ରଦୂଷଣ ବଢିବାରେ ଲାଗିଛି। କ୍ରଶର ୟୁନିଟ୍‌ ଉପରେ ଅଙ୍କୁଶ ନ ଲାଗିଲେ ଆଗାମୀ ଦିନରେ ଦିଲ୍ଲୀ ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ପରିବେଶବିତ ଆଶଙ୍କା କଲେଣି। ଏନେଇ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଛନ୍ତି, ପୂର୍ବରୁ କ୍ରଶର ମାଲିକ ସଂଘ ସହ ଏ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେମାନଙ୍କୁ ଜାନୁଆରୀ ୩୧ ତାରିଖ ମଧ୍ୟରେ ଉପରୋକ୍ତ ବ୍ୟବସ୍ଥା ଲାଗି ତାଗିଦା କରାଯାଇଥିଲା। ଏହାପରେ କୌଣସି କ୍ରଶର ନୀତି ନିୟମକୁ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ‘କୁଷ୍ଠରୋଗୀଙ୍କୁ ସାମାଜିକ ସ୍ରୋତରେ ସାମିଲ କର’



ବୈଠକରେ ଜିଲାପାଳ ଚଞ୍ଚଲ ରାଣା ଏବଂ ଅନ୍ୟମାନେ।

**ଖୋର୍ଦ୍ଧା,୩୧।୧ (ପ୍ରଭାତ ପାଣିଗ୍ରାହୀ)**

ଜାନୁଆରୀ ୩୦ରୁ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ସ୍ପର୍ଶ କୁଷ୍ଠ ସଚେତନତା ପକ୍ଷ ପାଳନ କରାଯିବ। ଏହି ଅବସରରେ ବିଦ୍ୟାଳୟ ଓ କଲେଜ ସ୍ତରରେ ଶପଥପାଠ, ଶୋଭାଯାତ୍ରା, କୁଇଜ ପ୍ରତିଯୋଗିତା ଆୟୋଜନ ହେବ। ଏନେଇ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଜିଲାପାଳ ଚଞ୍ଚଲ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲା କୁଷ୍ଠ ଅଧିକାରୀ ଡା. ଇନ୍ଦିରା କୁମାରୀ ରଥ ବୈଠକର ଆଭିମୁଖ୍ୟ, କୁଷ୍ଠରୋଗର ଲକ୍ଷଣ ଓ ନିରାକରଣ ସମ୍ପର୍କରେ କହିଥିଲେ। ରଥ କହିଥିଲେ ଯେ, ଏହା ସ୍ନାୟୁଜନିତ ମାଂସପେଶୀକୁ ଦୁର୍ବଳ କରିଥାଏ। ଫଳରେ ଆଖିପତା ବନ୍ଦ ହୁଏ ନାହିଁ। ହାତ ପାଦ ଝୁଲିପଡ଼େ ଓ ବଧିରା ଲାଗେ। ଘା ହେଲେ ବ୍ୟଥା ହୁଏ ନାହିଁ ଅଥବା କୁଣ୍ଡେଇ ହୋଇ ନ ଥାଏ। ଏଥିଲାଗି ଏମ୍‌ଡିଏମ୍‌ ଔଷଧ ସେବନ ଜରୁରୀ। ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହା ମାଗଣାରେ ଯୋଗାଇ ଦିଆଯାଉଛି। କୁଷ୍ଠରୋଗୀଙ୍କୁ ଘୃଣା ନ କରି ସେମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବାକୁ ରଥ ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ) ଡା. ରଘୁନାଥ ନାୟକ, ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ବିଶ୍ୱରଞ୍ଜନ ପତି, ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ) ଡା. ଜୀବନ ଆଚାର୍ଯ୍ୟ, ଅତିରିକ୍ତ ଏସ୍‌ପି ସୁରେନ୍ଦ୍ରନାଥ ମୁର୍ମୁଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## କାଶୀପୁର ଫୁଟ୍‌ବଲ ଟୁର୍ନାମେଣ୍ଟ: ଫାଇନାଲରେ ଟାଙ୍ଗୀ

**ନିରାକାରପୁର,୩୧।୧(ମାନସ ଚନ୍ଦ୍ର ପଟ୍ଟନାୟକ)**



ଡିଆ ପଞ୍ଚାୟତର କାଶୀପୁର ଖେଳପଡ଼ିଆରେ ମା’ ଭୈରବୀ ଯୁବସଂସଦ ଆନୁକୂଲ୍ୟରେ ଚାଲିଥିବା ୪୧ତମ ରାଜ୍ୟସ୍ତରୀୟ କାଶୀପୁର ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରଘୁନାଥ ଫୁଟବଲ କ୍ଲବ ଟାଙ୍ଗୀ ଓ କୁସୁମାଟି ଫୁଟବଲ କ୍ଲବ ଜଟଣୀ ମଧ୍ୟରେ ମ୍ୟାଚ୍‌ ଅନୁଷ୍ଠିତ ହୋଇଥିଲା। ଖେଳ ସଂଘର୍ଷମୟ ହୋଇଥିଲେ ସୁଦ୍ଧା ୩–୦ଗୋଲରେ କୁସୁମାଟିକୁ ହରାଇ ଟାଙ୍ଗୀ ଦଳ ଫାଇନାଲକୁ ପ୍ରବେଶ କରିଛି। ଅବିନାଶ ପଟ୍ଟନାୟକ, ସୁକାନ୍ତ ପ୍ରଧାନ, ଏମ୍‌ଡି ଖେଳ ପରିଚାଳନା କରିଥିବା ବେଳେ ମ୍ୟାଚ କମିଶନର ଭାବେ ହୃଦାନନ୍ଦ ମହତରାୟ ରହିଥିଲେ। ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ, କବି ଆର୍ତ୍ତତ୍ରାଣ ସାହୁ, ଜଗନ୍ନାଥ ମନ୍ଦିର ସମ୍ପାଦକ ରାମକୃଷ୍ଣ ପଟ୍ଟନାୟକ, ଲକ୍ଷ୍ମୀଧର ସାମନ୍ତରାୟ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷାବିତ୍‌ କମଳଲୋଚନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାପତି ପ୍ରଦୀପ୍ତ କୁମାର ଷଡ଼ଙ୍ଗୀ, ସମ୍ପାଦକ ନୃସିଂହ ଦଳେଇ, ସାମାଜିକ କର୍ମୀ ସନ୍ତୋଷ ଦଳେଇ, ସୋମନାଥ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ମହିଳା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଗମ୍ଭାରୀମୁଣ୍ଡା,୩୧।୧(ଦିଲୀପ ସ୍ୱାଇଁ)**

ଖୋର୍ଦ୍ଧା ଜିଲା ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ମହିଳା ଆତ୍ମରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ଶିବିରରେ ୧୫୦ ଜଣ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରରେ ତାଲିମ ନେଇଥିଲେ। ଉକ୍ତ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ରଶ୍ମିତା ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଆୟୋଜିତ ଉଦ୍‌ଯାପନୀ ଦିବସରେ ଅଧ୍ୟାପକ ପ୍ରଶାନ୍ତ ଦାଶ, ଅଧ୍ୟାପିକା ସୁଚିତ୍ରା ଦାଶ, ରୋଜାଲିନ ଦାଶ, କସ୍ତୁରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଆଜିର ସମାଜରେ ନାରୀ କିପରି ବିପଦ ସମୟରେ ନିଜେ ନିଜକୁ ସୁରକ୍ଷା ଦେଇପାରିବେ ଏହି ତାଲିମ ଶିବିରର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଶିବିରକୁ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ବିଭୁଧେନ୍ଦୁ ମାନସିଂ ପରିଚାଳନା କରିଥିଲେ। ଏହି ତାଲିମ ଶିବିରରେ କଳ୍ପଶ୍ରୀ ପ୍ରଧାନ ତାଲିମ ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ନେଇଥିବା ବିଦ୍ୟାଳୟର ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ସରକାରୀ ଜମି ଜବରଦଖଲ

**ପୁରୁଣା ଭୁବନେଶ୍ୱର,୩୧।୧ (ସୁବାସ ଚନ୍ଦ୍ର ପ୍ରଧାନ)**

ସାମନ୍ତରାପୁରସ୍ଥିତ ପୁରୁଣା ଚେକ ଗେଟ୍‌ ଛକ ତାରିଣୀ ବିହାରକୁ ଥିବା ପ୍ରବେଶ ପଥର ଡାହାଣ ପାର୍ଶ୍ୱରେ ନୂଆ ଗାଁ ମୌଜାରେ ପାଖାପାଖି ୩ ଏକର ଜମି ରହିଛି। ସେଥିରୁ ୯୦ ଭାଗ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଜବରଦଖଲରେ ଥିଲା। ଜବରଦଖଲ ମୁକ୍ତ ଅବଶିଷ୍ଟାଂଶ ଜମିକୁ ଏବେ କୌଣସି ବ୍ୟକ୍ତି ନିଜ ଦଖଲକୁ ନେଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଏହି ଅଞ୍ଚଳରେ ସ୍ଥାନ ଅଭାବ କାରଣରୁ କ୍ଷୁଦ୍ର ବ୍ୟବସାୟୀ ରାସ୍ତାରେ ବସି ବେପାର କରନ୍ତି, ଫଳରେ ଟ୍ରାଫିକ ସମସ୍ୟା ଉପୁଜୁଛି।

## କାର୍ଯ୍ୟରେ ଯୋଗଦେଲେ ଜିଲାପାଳ ଚଞ୍ଚଲ ରାଣା

- ତ୍ୱରିତ ସେବା, ଶୃଙ୍ଖଳିତ ନିର୍ବାଚନ ପରିଚାଳନାକୁ ଗୁରୁତ୍ୱ
- ବିଭିନ୍ନ ଯୋଜନା କାର୍ଯ୍ୟକାରିତା ନେଇ ସମୀକ୍ଷା କଲେ

**ଖୋର୍ଦ୍ଧା,୩୧।୧(ପ୍ରଭାତ ପାଣିଗ୍ରାହୀ)**



ଖୋର୍ଦ୍ଧା ଜିଲାର ନୂତନ ଜିଲାପାଳ ଭାବେ ୨୦୧୪ ବ୍ୟାଚ୍‌ର ଆଇଏଏସ୍‌ ଅଧିକାରୀ ଚଞ୍ଚଲ ରାଣା ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଗଣମାଧ୍ୟମକୁ ସେ କହିଛନ୍ତି, ଓଡ଼ିଶାରେ ଖୋର୍ଦ୍ଧାର ସ୍ଥାନ ସ୍ୱତନ୍ତ୍ର। ଆଗକୁ ସାଧାରଣ ନିର୍ବାଚନ ରହିଛି। ଅବାଧ, ନିରପେକ୍ଷ, ଶୃଙ୍ଖଳିତ ନିର୍ବାଚନ ପରିଚାଳନାକୁ ଗୁରୁତ୍ୱ ଦିଆଯିବ। ଲୋକାଭିମୁଖୀ ଯୋଜନା ତ୍ୱରାନ୍ୱିତ ସହ ନିର୍ମାଣାଧୀନ ପ୍ରକଳ୍ପର ଅଗ୍ରଗତି, ଲୋକଙ୍କୁ ତ୍ୱରିତ ସେବା ଯୋଗାଇବା, ଜନଶୁଣାଣି ଶିବିରକୁ ଅଧିକ କ୍ରିୟାଶୀଳ କରାଯିବା ସହ ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦିଆଯିବ ବୋଲି ରାଣା ପ୍ରକାଶ କରିଛନ୍ତି।

କାର୍ଯ୍ୟରେ ଯୋଗଦାନ ପରେ ରାଣା ଜିଲାର ବିଭିନ୍ନ ଯୋଜନା କାର୍ଯ୍ୟକାରିତା ଏବଂ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏ ନେଇ ସେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକ ଏବଂ ଅନ୍ୟ ଅଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଜିଲାପାଳ ଆଲୋଚନା କରିଥିବା ଜଣାପଡ଼ିଛି। ଶ୍ରୀମନ୍ଦିର ପ୍ରଶାସନ ଲଘୁ ଖଣିଜ ସମ୍ପଦର ସୁରକ୍ଷା, ଶିଳ୍ପ ଅଭିବୃଦ୍ଧି, ପର୍ଯ୍ୟଟନ କ୍ଷେତ୍ରର ବିକାଶ, ଜିଲାକୁ ନିଶାମୁକ୍ତ କରିବା ପ୍ରଭୃତି ପ୍ରସଙ୍ଗ ଜିଲାପାଳଙ୍କ ପାଇଁ ଚ୍ୟାଲେଞ୍ଜ ରହିବ।

ସୂଚନାଯୋଗ୍ୟ, ବଲାଙ୍ଗୀର ଜିଲାରେ ରାଣା ଜିଲାପାଳ ଭାବେ କାର୍ଯ୍ୟ କରିବା ସମୟରେ ବହୁ ପ୍ରତୀକ୍ଷିତ ପ୍ରକଳ୍ପ ଲୋୟର ସୁକତେଲ ଡ୍ୟାମ୍‌ ନିର୍ମାଣ କାମ ଶେଷ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ୮୦ ବର୍ଷ ପୁରୁଣା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପ୍ରାୟ ୫୦ ଏକର ଜମିର ପଟ୍ଟା କରାଇଥିଲେ। ୨୦୨୨ ମସିହାରେ ବଲାଙ୍ଗୀରରେ ରାଜ୍ୟର ପ୍ରଥମ ଗୋ ସମ୍ମିଳନୀ କରି ଜାତୀୟ ସ୍ତରରେ ଚର୍ଚ୍ଚିତ ହୋଇଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ଜିଲାକୁ ମର୍ଯ୍ୟାଦାଜନକ ସ୍କଚ୍‌ ଆୱାର୍ଡ ମିଳିଥିଲା।

## ବୌଦ୍ଧିକ, ଆଧ୍ୟାତ୍ମିକ ଦୃଷ୍ଟିରୁ ପୂର୍ଣ୍ଣ ବିକଶିତ ହୁଅନ୍ତୁ ଯୁବପିଢ଼ି



ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

**ଟାଙ୍ଗୀ, ୩୧।୧(ରଘୁନାଥ ସାହୁ)**

**ଚାନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିରର ୨୧ତମ ବାର୍ଷିକ ଉତ୍ସବ**

ଚାନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିରର ୨୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅକ୍ଷୟ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ରଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ବନଲତା ବେହେରା, ମୁଖ୍ୟ ବକ୍ତା ଶିକ୍ଷା ବିକାଶ ପରିଷଦ ନୟାଗଡ ଜିଲା ପ୍ରମୁଖ ହରେକୃଷ୍ଣ ମୁଦୁଲି, ସମ୍ମାନିତ ଅତିଥି ପ୍ରାକ୍ତନ ଖାଉଟି ଅଦାଲତ ବିଚାରପତି ନାରାୟଣ ମହାପାତ୍ର ଏବଂ ସମ୍ପାଦକ କିଶୋର ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ କହିଥିଲେ ଯୁବ ସମାଜ ଏପରି ଭାବେ ହେବା ଉଚିତ ଯେପରିକି ହିନ୍ଦୁନିଷ୍ଠ ଏବଂ ରାଷ୍ଟ୍ରଭକ୍ତି ରେ ଓତଃପ୍ରୋତ ଭାବେ ଜଡ଼ିତ ହୋଇ ଶାରୀରିକ, ମାନସିକ, ବୌଦ୍ଧିକ, ଆତ୍ମିକ ଏବଂ ଆଧ୍ୟାତ୍ମିକ ଦୃଷ୍ଟିରୁ ପୂର୍ଣ୍ଣ ବିକଶିତ ହୋଇପାରିବ। ପ୍ରଧାନ ଆଚାର୍ଯ୍ୟ ସୁବାସ ଚନ୍ଦ୍ର ସାମନ୍ତରାୟ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଖେଳକୁଦରେ ସ୍ୱାଧିନ ପ୍ରଧାନ ଚାମ୍ପିୟନ ଓ ସର୍ବଗୁଣ ସମ୍ପନ୍ନରେ ନିର୍ମଳା ପରିଡ଼ାଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରୀକୃଷ୍ଣ ବେଶ ଓ ଚିତ୍ରାଙ୍କନରେ ସ୍ୱସ୍ତିକରାଜ ଦଳାଇ, ରାଧା ବେଶରେ ଜିଜ୍ଞାସା ପ୍ରିୟଦର୍ଶିନୀ, ବଳରାମ ବେଶରେ ଅଦିତି ପାଇକରାୟ, ଯଶୋଦା ବେଶରେ ସୁଭଦ୍ରା ଯାଦବ ପ୍ରଥମ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ତର୍କରେ ନିର୍ମଳା ପରିଡ଼ା, ପ୍ରବନ୍ଧ ଲିଖନରେ ପ୍ରତ୍ୟପ୍ରୀତମ ପଲାଇ, ଝୋଟିରେ ସ୍ୱୟଂମ୍ପିକା ରାଜନନ୍ଦିନୀ, ଗଳ୍ପ କଥନରେ ଆଦର୍ଶ ପାତ୍ର, ଚିତ୍ରାଙ୍କନରେ ଅନ୍ୱୟୀ ଅଙ୍କିତା, ଅନିରୁଦ୍ଧ ସାମନ୍ତରାୟ, ପାୟଲ ପ୍ରଧାନ, ଶୂନ୍ୟସିକ୍ତା ମହାପାତ୍ର, ସଙ୍ଗୀତରେ ଅଙ୍କିତା ମଲ୍ଲିକ, ଅମୃତା ଭାରତୀ, ହର୍ଷିତା ପରିଡା, ମନିଷ ମହାରଣା, ପାୟଲ ପ୍ରଧାନ ପ୍ରଥମ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ପ୍ରଣତି ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ରଙ୍ଗମଞ୍ଚ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା। ବିଭିନ୍ନ ଦେଶାତ୍ମବୋଧକ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଓ ଶିଶୁ ନୃତ୍ୟ ସହ ଭଜନ ପରିବେଷଣ କରାଯାଇଥିଲା। କ୍ଷୁଦ୍ର ନାଟକ ଝାନ୍ସିରାଣୀ ଲକ୍ଷ୍ମୀବାଈ ଦର୍ଶକଙ୍କ ଦ୍ୱାରା ଖୁବ ଆଦୃତ ହୋଇଥିଲା।

## ‘ବରିଷ୍ଠ ନାଗରିକ ସମାଜର ପଥ ପ୍ରଦର୍ଶକ’

- ବରିଷ୍ଠ ନାଗରିକଙ୍କ ଜନ୍ମଦିନ ପାଳନ
- ସହାୟତା ପାଇଁ ଜାରି ହେବ ହେଲ୍ପଲାଇନ ନମ୍ବର

**ଖୋର୍ଦ୍ଧା,୩୧।୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଅନୁଷ୍ଠାନର ବରିଷ୍ଠ ସଦସ୍ୟଙ୍କ ଜନ୍ମଦିନ ପାଳନ କରାଯାଇଛି। ଏହି ଉପଲକ୍ଷେ ଏକ ନିରାଡମ୍ବର ଉତ୍ସବର ଆୟୋଜନ କରାଯାଇଥିଲା। ରବିନ୍‌ କୁମାର ପଟ୍ଟନାୟକ, ରମାକାନ୍ତ ମିଶ୍ର, ନବକିଶୋର ମହାପାତ୍ର, ବଳରାମ ପଟ୍ଟନାୟକ, କ୍ଷେତ୍ରବାସୀ ସାହୁ, ସୁରେନ୍ଦ୍ର ନାଥ ମହାନ୍ତି, ରବୀନ୍ଦ୍ରନାଥ ସାହୁ, ଶାନ୍ତିଲତା ପ୍ରଧାନ, ବସନ୍ତ କୁମାର କାନୁନ୍‌ଗୋ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଭୀମସେନ ପ୍ରଧାନ, ରଜନୀକାନ୍ତ ପଟ୍ଟନାୟକଙ୍କ ଜନ୍ମଦିବସ ପାଳନ କରାଯାଇଛି। ସମସ୍ତଙ୍କୁ ଗୋଲାପ ଫୁଲ ଦେଇ ଅନ୍ୟ ସଦସ୍ୟମାନେ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଏଥିସହିତ ଅନ୍ୟ ସଦସ୍ୟ ଜାଗେଶ୍ୱର ପାଲଟାସିଂହ, ଦିବାକର ମୁଦୁଲି, ମନମୋହନ ରଣସିଂହ, ଜନ୍ମେଜୟ ପଟ୍ଟନାୟକ, ବିଜୟଲକ୍ଷ୍ମୀ ସାହୁଙ୍କୁ ଜନ୍ମଦିନର ଶୁଭେଚ୍ଛା ବାର୍ତ୍ତା ପଠାଇଥିଲେ। ବରିଷ୍ଠ ନାଗରିକ ପରିବାର ଅଥବା ସମାଜର ବୋଝ ନୁହନ୍ତି। ସେମାନେ ସମାଜର ପଥ ପ୍ରଦର୍ଶକ। ପରିବାରରେ ବରିଷ୍ଠ ନାଗରିକଙ୍କ ପ୍ରେରଣା, ଆର୍ଶୀବାଦ ପିଲାଙ୍କୁ ଉଚିତ ମାର୍ଗଦର୍ଶନ କରିଥାଏ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ମଞ୍ଚ ସଭାପତି ଦେବପ୍ରସାଦ ମଜୁମଦାର ସଭାପତିତ୍ୱ କରିଥିଲେ। ବୈକୁଣ୍ଠନାଥ ରାଜଗୁରୁ, ଅଖିଳ ଚନ୍ଦ୍ର ପ୍ରଧାନ, ବିପ୍ରଚରଣ ବେହୁରା, ହାଜି ନସିମ୍‌ଉଦ୍ଦିନ୍‌ ଖାଁ, ବୈକୁଣ୍ଠ ମହାପାତ୍ର, ସନ୍ତୋଷ କୁମାର ଦାସ, ରବୀନ୍ଦ୍ର କୁମାର ସାହୁ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ସତ୍ୟବ୍ରତ ଦାସ, ଦିଲ୍ଲୀପ କୁମାର ପଟ୍ଟନାୟକ, କୃଷ୍ଣଚନ୍ଦ୍ର ସାହୁ, ସୌଦାମିନି ପଟ୍ଟନାୟକ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକଙ୍କ ସହାୟତା ପାଇଁ ମଞ୍ଚ ପକ୍ଷରୁ ଏକ ହେଲ୍ପଲାଇନ୍‌ ନମ୍ବର ଜାରି କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସମ୍ପାଦକ ରାମଶଙ୍କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁଗ୍ମସମ୍ପାଦକ ବସନ୍ତ କୁମାର ଦାଶ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନେ।

## ଦାବି ପୂରଣ କରୁନାହାନ୍ତି ସରକାର: ଓଷ୍ଟା

**୩ରେ ଡିଇଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା**

**ଖୋର୍ଦ୍ଧା,୩୧।୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଓଷ୍ଟା କାର୍ଯ୍ୟକାରୀ ବୈଠକ ବୁଧବାର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଓଷ୍ଟା ସଭାପତି ଗଣେଶ୍ୱର ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ୧୯୪ ବିଦ୍ୟାଳୟକୁ ଅନୁଦାନ, ୨୨୬ ଓ ୩୯୯ ବିଦ୍ୟାଳୟକୁ ୭ମ ବେତନ, ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀଙ୍କୁ ପେନସନ, ବୟସ ସୀମା ୬୨ବର୍ଷକୁ ବୃଦ୍ଧି ନେଇ ବାରମ୍ବାର ଦାବି ସତ୍ତ୍ୱେ ସରକାର ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଡିସେମ୍ବର ସୁଦ୍ଧା ବିଜ୍ଞପ୍ତି ପ୍ରକାଶ ପ୍ରତିଶ୍ରୁତି ଦେଇ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି।



ବୈଠକରେ ଓଷ୍ଟାର କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

ଏନେଇ ମନ୍ତ୍ରୀମଣ୍ଡଳ ଓ ବିଭାଗ ସ୍ତରରେ ବୈଠକ ବସୁଥିଲେ ମଧ୍ୟ ଦାବି ପ୍ରତି କୌଣସି ନିଷ୍ପତ୍ତି ନିଆଯାଇନାହିଁ। ଏହା ପ୍ରତିବାଦରେ ଆସନ୍ତା ୩ତାରିଖରୁ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଓଷ୍ଟା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ ଓ ସମ୍ପାଦକ ସୁଧାକର ମହାପାତ୍ର ସୂଚନା ଦେଇଛନ୍ତି। ଏଥିସହିତ ୭ତାରିଖରେ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଥିବା ବିଶାଳ ସମାବେଶରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଯୋଗଦାନ କରିବାକୁ କୁହାଯାଇଛି। ଆଗକୁ ନିର୍ବାଚନ ରହିଛି। ଯେ କୌଣସି ସମୟରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇପାରେ। ଚଳିତ ବର୍ଷର ଏହା ଶେଷ ଆନ୍ଦୋଳନ ହୋଇଥିବାରୁ ଏହାକୁ ସଫଳ କରିବା ପାଇଁ ଓଷ୍ଟା ପକ୍ଷରୁ ଆହ୍ୱାନ କରାଯାଇଛି। ବୈଠକରେ ଓଷ୍ଟା ଜିଲା ଉପସଭାପତି ପ୍ରକାଶ କୁମାର ପଲାଇ, ରମେଶ ଚନ୍ଦ୍ର ପ୍ରଧାନ, ଶରତ ଚନ୍ଦ୍ର ରାଉତ, ବେଣୁଧର ପ୍ରଧାନ, ନରହରି ନନ୍ଦ, ଦିଲୀପ ପଟ୍ଟନାୟକ, କପିଳ ସ୍ୱାଇଁ, ମାନସ ରଞ୍ଜନ ଶତପଥୀ, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୧।୧।୨୦୨୪

| | |
|---|---|
| ୫,୬୬,୬୫୫ ଟଙ୍କା | |
| ସୁନା | ୧.୩୪୦ ଗ୍ରାମ୍ |
| ରୁପା | ୫୭.୩୦୦ ଗ୍ରାମ୍ |

# ମହାପ୍ରଭୁଙ୍କୁ ଦର୍ଶନ କଲେ, ପରିକ୍ରମା ପ୍ରକଳ୍ପ ବୁଲିଲେ

## ସୁଖଦ ଅନୁଭୂତି ନେଲେ ଭକ୍ତ



ପରିକ୍ରମା ପ୍ରକଳ୍ପ ବୁଲି ଦେଖିବା ପାଇଁ ପୁରୀ ଆସିଥିବା ଶ୍ରଦ୍ଧାଳୁ।

ପୁରୀ,୩୧।୧(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରେ ପୁରୀକୁ ସାରା ରାଜ୍ୟରୁ ଭକ୍ତଙ୍କ ସୁଅ ଛୁଟିବାରେ ଲାଗିଛି। ଭକ୍ତ ଯେପରି ପରିକ୍ରମା ପ୍ରକଳ୍ପ ବୁଲି ସୁଖଦ ଅନୁଭୂତ ନେଇ ଫେରିବେ ସେ ନେଇ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ବୁଧବାର ପୁରୀ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ଝାରସୁଗୁଡା ଓ ସୁବର୍ଣ୍ଣପୁର ଜିଲାର ଭକ୍ତ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ ବୁଲିଛନ୍ତି। ପୁରୀ ଜିଲା ନିମାପଡ଼ା ବ୍ଲକ୍ ବାମନାଳ ପଞ୍ଚାୟତର ପ୍ରମିଳା ପରିଡ଼ା କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସି ବହୁତ ଭଲ ଲାଗୁଛି। ସରକାର ଭକ୍ତଙ୍କ ପାଇଁ ଭଲ ବ୍ୟବସ୍ଥା କରିଛନ୍ତି। ଏଠାରୁ ଯିବାରୁ ମନ ହେଉନି। ସେହିପରି ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ପଲସରା ଗ୍ରାମରୁ ଆସିଥିବା ରାଧାକାନ୍ତ ମେହେର କହିଛନ୍ତି, ସରକାରଙ୍କ ପକ୍ଷରୁ କରାଯାଇଥିବା ବସ୍ ଯୋଗେ ଆସି ପୁରୀରେ ପହଞ୍ଚିଲୁ। ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ମାର୍ଗ ପରିକ୍ରମା କଲୁ। ଅନୁଭୂତି ଭଲ ରହିଛି। ପ୍ରଶାସନର ବ୍ୟବସ୍ଥା ବହୁତ ଭଲ। ୨୦ ଜଣ ଲୋକ ଆସିଛୁ। ସବୁ କଥା ପ୍ରଶାସନ ବୁଝୁଛି। ସେହିପରି ସୁବର୍ଣ୍ଣପୁରରୁ ଆସିଥିବା ଜୟନ୍ତୀ ଓ ଶ୍ୟାମସୁନ୍ଦର କହିଛନ୍ତି, ପୂର୍ବରୁ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରୁଥିଲୁ। କିନ୍ତୁ ଏଥର ପୁରୀ ସମ୍ପୂର୍ଣ୍ଣ ନିଆରା ଲାଗୁଛି। ବହୁତ କିଛି ପରିବର୍ତ୍ତନ ହୋଇଛି। ଭଲ ଲାଗୁଛି। ପ୍ରଶାସନ ପକ୍ଷରୁ ବସ୍‌ରେ ଆସି ଶ୍ରୀମନ୍ଦିରରେ ଠାକୁରଙ୍କୁ ଦର୍ଶନ କରି ଖୁସି ହେଲୁ। ଏବେ ଶ୍ରୀମନ୍ଦିର ଚାରିପାଖରେ ଚଉଡା ସ୍ଥାନ କରାଯାଇଛି। ଫଳରେ ଭକ୍ତମାନେ ଭଲଭାବେ ଶ୍ରୀମନ୍ଦିର ଚାରିପାଖରେ ପରିକ୍ରମା କରିପାରୁଛନ୍ତି। ବ୍ୟାରିକେଡ ଭିତରେ ବସିବାର ସୁବିଧା ରହିଛି। ତେଣୁ ବେଶୀ ସମୟ ଠିଆ ହେବାକୁ ପଡୁନାହିଁ।

# ଏସ୍‌ପି ଭାବେ ଦାୟିତ୍ୱ ନେଲେ ପିନାକ ମିଶ୍ର

### ଆଇନଶୃଙ୍ଖଳା, ଶ୍ରୀମନ୍ଦିର ସୁରକ୍ଷା, ଶୃଙ୍ଖଳିତ ନିର୍ବାଚନ ପରିଚାଳନା ଉପରେ ଫୋକସ

ପୁରୀ, ୩୧।୧(ଅଜିତ୍ ମହାନ୍ତି)



ଆଇପିଏସ୍ ଅଧିକାରୀ ପିନାକ ମିଶ୍ର ବୁଧବାର ବିଧିବଦ୍ଧ ଭାବେ ପୁରୀର ନୂତନ ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପରେ ମିଶ୍ର କହିଛନ୍ତି, ମହାପ୍ରଭୁଙ୍କ କୃପାରୁ ପୁରୀ ଏସ୍‌ପି ଭାବେ ଗୁରୁ ଦାୟିତ୍ୱ ମିଳିଛି। ଏଥିପାଇଁ ଅତ୍ୟନ୍ତ ଖୁସି ଅଛି। ମହାପ୍ରଭୁଙ୍କ ଆଶୀର୍ବାଦ ନେଇ କାର୍ଯ୍ୟ ଆରମ୍ଭ କରିଛି। ପ୍ରଥମେ ପୁରୀବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ଗୁରୁଜନମାନଙ୍କୁ ପ୍ରଣାମ ଜଣାଉଛି। ପୁରୀ ଭାରତ ବର୍ଷର ଆସ୍ଥାର କେନ୍ଦ୍ର ହୋଇଥିବାବେଳେ ସାରା ଓଡ଼ିଆଙ୍କ ପ୍ରାଣର କେନ୍ଦ୍ରବିନ୍ଦୁ। ଆସ୍ଥା ଓ ବିଶ୍ୱାସର ସ୍ଥାନ ହେଉଛି ପୁରୀ। ତେଣୁ ଏଠାରେ ଯେପରି କାର୍ଯ୍ୟକୁ ସୁଚାରରୂପେ ତୁଲାଇପାରିବି ସେଥିପାଇଁ ମହାପ୍ରଭୁଙ୍କ ଆଶୀର୍ବାଦ ସହ ପୁରୀ ଜନସାଧାରଣଙ୍କ ସହଯୋଗ କାମନା କରୁଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରତିଦିନ ରାଜ୍ୟ ଓ ରାଜ୍ୟ ବାହାରୁ ଭକ୍ତମାନେ ଶ୍ରୀମନ୍ଦିରକୁ ଆସୁଛନ୍ତି। ତେଣୁ ପ୍ରାଥମିକତା ଦୃଷ୍ଟିରୁ ଶ୍ରୀମନ୍ଦିର ଉପରେ ଗୁରୁତ୍ୱ ରହିବ। ଶ୍ରୀମନ୍ଦିର ଓ ଭକ୍ତଙ୍କ ସୁରକ୍ଷା ସହ ଶୃଙ୍ଖଳିତ ଦର୍ଶନ ଉପରେ ପୋଲିସ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯିବ। ଏଥିପାଇଁ ସୁରକ୍ଷା ବାତାବରଣ ସୃଷ୍ଟି କରିବାକୁ ପଡ଼ିବ। ଅପରାଧ ନିୟନ୍ତ୍ରଣ, ନିରାପତ୍ତା ବଜାୟ ରଖିବା, ଲୋକଙ୍କ ଅଭିଯୋଗର ତ୍ୱରିତ ସମାଧାନ କରିବା, ପୋଲିସ ଆହୁରି ଲୋକଙ୍କ ନିକଟତର ହେବା ଲାଗି ପଦକ୍ଷେପ ନିଆଯିବ। ଆସନ୍ତା ସାଧାରଣ ନିର୍ବାଚନ କିପରି ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରାଯିବ ସେ ନେଇ ପୋଲିସ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ନିର୍ବାଚନକୁ ସମ୍ମୁଖୀନ ହେବା ପାଇଁ ପୋଲିସ ପ୍ରଶାସନ ପ୍ରସ୍ତୁତ ରହିଛି। ଆଇନଶୃଙ୍ଖଳା, ପୋଲିସ ବ୍ୟବସ୍ଥା ଆଦିକୁ ଆହୁରି ତ୍ୱରାନ୍ୱିତ କରାଯିବା ସହ ଶୃଙ୍ଖଳିତ ଭାବେ ନିର୍ବାଚନ ପରିଚାଳନା ଫୋକସ୍‌ରେ ରହିବ। ମହାପ୍ରଭୁଙ୍କ ରଥଯାତ୍ରା ପରିଚାଳନା କରିବାକୁ ସୁଯୋଗ ମିଳିଛି, ଯାହା ସୌଭାଗ୍ୟର କଥା। ରଥଯାତ୍ରା ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ସମସ୍ତ ଅଭିଜ୍ଞ ପୋଲିସ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ସେବାୟତ, ଜିଲା ପ୍ରଶାସନ ଓ ସବୁ ବର୍ଗର ଲୋକଙ୍କ ସହାୟତା ନିଆଯାଇ କାର୍ଯ୍ୟ ହେବ। ରାଜ୍ୟରେ ସାଇବର କ୍ରାଇମ ବଢିଚାଲିଛି। ତେଣୁ ପୁରୀ ଜିଲାରେ ସାଇବର କ୍ରାଇମ୍ ରୋକିବା ପାଇଁ ସଚେତନତା ସୃଷ୍ଟି ସହ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥାରେ ସୁଧାର ଆସୁ ନ ଥିବା ପ୍ରଶ୍ନର ଉତ୍ତରରେ ମିଶ୍ର କହିଥିଲେ, ବର୍ତ୍ତମାନ ସେ ନେଇ ମନ୍ତବ୍ୟ ଦେବା ଠିକ୍ ହେବନାହିଁ। ବ୍ୟବସ୍ଥା ଅନୁଧ୍ୟାନ କରିବା ପାଇଁ କିଛି ସମୟ ଲାଗିବ। ବ୍ୟବସ୍ଥା ଓ ସ୍ଥିତି ଅନୁଧ୍ୟାନ ପରେ ଗହଳି ମ୍ୟାନେଜମେଣ୍ଟ ଉପରେ ମତ ଦେଇହେବ ବୋଲି ଏସ୍‌ପି ମିଶ୍ର କହିଛନ୍ତି। ପୋଲିସ ଜନସାଧାରଣଙ୍କ ଅଭିଯୋଗ ଶୁଣି ସମାଧାନ କରିବା ପାଇଁ ୨୪ ଘଣ୍ଟା ତତ୍ପର ରହିବ। ଲୋକଙ୍କ ସମସ୍ୟା ସମାଧାନ ଦିଗରେ ପୋଲିସ ଗୁରୁତ୍ୱ ଦେବ। ପୁରୀ ଭଳି ପବିତ୍ର ସ୍ଥାନରେ ଅପରାଧି ଓ ଅପରାଧର କୌଣସି ସ୍ଥାନ ନାହିଁ। ଯଦି କୌଣସି ବ୍ୟକ୍ତି ଅପରାଧ କରୁଛନ୍ତି, ତେବେ ଆଇନ ଅନୁଯାୟୀ ତାଙ୍କ ବିରୋଧରେ ପୋଲିସ ନିର୍ଭୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

## ହନୁମାନ ବାବାଙ୍କ ଆକ୍ରମଣରେ ଯୁବକ ଗୁରୁତର

ନିମାପଡ଼ା,୩୧।୧(ରଞ୍ଜନ ପଟ୍ଟନାୟକ)

ପୂର୍ବ ବିବାଦକୁ କେନ୍ଦ୍ର କରି ନିମାପଡ଼ା ଥାନା ଅଧୀନ ନାଗବସ୍ତ ଗ୍ରାମର ଜଣେ ଯୁବକଙ୍କୁ ସେଠାକାର ତଥାକଥିତ ଭଣ୍ଡ ହନୁମାନ ବାବା ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବାବାଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଆକ୍ରମଣରେ ଯୁବକ ଆହତ ହୋଇ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସୂଚନା ମୁତାବକ, ବାବା ଏବଂ ଗ୍ରାମର ଉକ୍ତ ଯୁବକଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ବୁଧବାର ବାବା, ତାଙ୍କ ସ୍ତ୍ରୀ ଏବଂ ସହଯୋଗୀ ମିଶି ଉକ୍ତ ଯୁବକଙ୍କ ଘର ଆଗରେ ଗାଳିଗୁଲଜ କରିଥିଲେ। ଏଥିରେ ଉକ୍ତ ଯୁବକଙ୍କ ସ୍ତ୍ରୀ ପ୍ରତିବାଦ କରିବାରୁ ତାଙ୍କ ଘରେ ପଶି ବାବା ଏବଂ ତାଙ୍କ ସହଯୋଗୀ ଗଣ୍ଡଗୋଳ କରିଥିଲେ। ବାବା ସାଙ୍ଗରେ ଆଣିଥିବା କଟୁରୀରେ ଉକ୍ତ ବ୍ୟକ୍ତିଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଆହତ ଯୁବକଙ୍କ ସ୍ତ୍ରୀ ଏ ଘଟଣା ସମ୍ପର୍କରେ ବାବା ଏବଂ ତାଙ୍କ ସହଯୋଗୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ପ୍ରଥମେ ଉକ୍ତ ଯୁବକଙ୍କ ପରିବାର ଗାଳିଗୁଲଜ କରିବା ସହିତ ଆକ୍ରମଣ କରିଥିବା ନେଇ ବାବାଙ୍କ ସ୍ତ୍ରୀ ପାଲଟା ଅଭିଯୋଗ କରିଛନ୍ତି।

# ବିଦ୍ୟାଳୟ ଉତ୍ତମ ଛାତ୍ରୀଛାତ୍ର ନିର୍ମାଣ କରିବାର ମନ୍ଦିର


ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

### ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ସମାରୋହ

କୋଣାର୍କ,୩୧।୧(ଜ୍ୟୋତିରାଜ ମହାନ୍ତି)

ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିହାର ପ୍ରସାଦ ଲେଙ୍କା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଶରତ ଚନ୍ଦ୍ର ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ପୁରୀ ଜିଲା ଶିକ୍ଷା ଅଧିକାରୀ ଡ. ବିଶ୍ୱଜିତ୍ ଘୋଷ, ପୁରୀ ଜିଲା ମଙ୍ଗଳ ଅଧିକାରୀ ବିକାଶ ମହାନ୍ତି, ଅବସରପ୍ରାପ୍ତ ବରିଷ୍ଠ ପ୍ରଧାନ ଶିକ୍ଷକ ରମେଶଚନ୍ଦ୍ର ପଣ୍ଡା, ଗୋପ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରମେଶ ଚନ୍ଦ୍ର ଜେନା, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ରଥ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ହେଉଛି ଏକ ଉତ୍ତମ ଛାତ୍ରୀଛାତ୍ର ନିର୍ମାଣ କରିବାର ମନ୍ଦିର। କାର୍ଯ୍ୟକ୍ରମରେ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲେଙ୍କା ବାର୍ଷିକ ବିବରଣୀ ପାଠ ଓ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବର ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରି ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ଓଡ଼ିଶୀ, ପାଇକ ଆଖଡ଼ା, ସାନ୍ତାଳି ନୃତ୍ୟ, ଆଦିବାସୀ ନୃତ୍ୟ ସହ ସଚେତନତା ଧର୍ମୀ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟ ସଙ୍ଗୀତ ଶିକ୍ଷକ ଭାଗୀରଥି ପାଇକରାୟ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିକ୍ଷକ ସୂର୍ଯ୍ୟ ନାରାୟଣ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସତ୍ୟ ସୁନ୍ଦର ମିଶ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଅଭୟ ମଲ୍ଲ, ଶିକ୍ଷକ ଅର୍ଜ୍ଜୁନ ଦଳାଇ, ଗୌରୀ ଶଙ୍କର ଜେନା, ଶିକ୍ଷୟିତ୍ରୀ ଶିଲ୍ପା ଭଞ୍ଜ, ସୁଲୋଚନା ବେହେରା, ଦୀପିକା ଜେନା ଓ ଆଶାଲତା ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ୨ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ପିପିଲି,୩୧।୧(ଦୁର୍ଗା ମାଧବ ମିଶ୍ର/ ପ୍ରଭାତ ମହାପାତ୍ର)

ଆରୁହା ୟୁଜିୟୁପି ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ କବିତା କୁମାରୀ ତ୍ରିପାଠୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ଚିନ୍ତାମଣି ଓଝା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଇଓ ରବୀନ୍ଦ୍ର ନାଥ ନନ୍ଦ, ସମ୍ମାନିତ ଅତିଥି ଭାବେ ସମଗ୍ର ଶିକ୍ଷା, ପୁରୀଙ୍କ ବିତ୍ତ ଅଧିକାରୀ ବିଚିତ୍ରାନନ୍ଦ ଜେନା, ଏବିଇଓ ସ୍ୱପ୍ନାରାଣୀ ପରିଡ଼ା, ବିଇଓ ଅଫିସର ମୁଖ୍ୟ କିରାଣି ଶଙ୍କର ମହାପାତ୍ର, ଗୋବିନ୍ଦପୁର ସରପଞ୍ଚ ସୌଦାମିନୀ ଦାସ, ସମିତି ସଭ୍ୟା କବିତା ଖଟେଇ, ରାଜ୍ୟ ସଂଘ ମହାସଚିବ ବିକ୍ରମ ରଥ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ସନ୍ତୋଷ ନାୟକ ସଭା ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ଶକ୍ତି ପ୍ରସନ୍ନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ପିପିଲି ଜଗନ୍ନାଥପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁନନ୍ଦା ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ଶିକ୍ଷକ ସଂଘର ପିପିଲି ବ୍ଲକ ସଭାପତି ସୁକାନ୍ତ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ନନ୍ଦ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଗୁଣ ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଏବିଇଓ ସ୍ୱପ୍ନାରାଣୀ ପରିଡ଼ା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଜୟପ୍ରକାଶ ପ୍ରଧାନ, ଜିଲା ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ନାୟକ, ରାଜ୍ୟ ଶିକ୍ଷକ ସଂଘ ମହାସଚିବ ବିକ୍ରମ ରଥ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଦାସଙ୍କୁ ସମସ୍ତ ଅତିଥି ଓ ସହକର୍ମୀ ଉପଢୌକନ, ପୁଷ୍ପଗୁଚ୍ଛ ଓ ମାନପତ୍ର ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ରଶ୍ମିତା ମହାରଥୀ, ସିପ୍ରା ସ୍ୱାଇଁ ପରିଚାଳନା କରିଥିଲେ।

## ବିଶ୍ୱମ୍ଭର ବିଦ୍ୟାପୀଠର ବାର୍ଷିକ ଉତ୍ସବ 'ଉନ୍ମେଷ'

ପୁରୀ, ୩୧।୧(ଅଜିତ୍ ମହାନ୍ତି)

ବିଶ୍ୱମ୍ଭର ବିଦ୍ୟାପୀଠର ବାର୍ଷିକ ଉତ୍ସବ 'ଉନ୍ମେଷ-୨୦୨୪' ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ରୀଡ଼ା, ଶିକ୍ଷା ଆଦି କ୍ଷେତ୍ରରେ ପାରଦର୍ଶିତା ଲାଭକରିଥିବା ବିଭିନ୍ନ ବର୍ଗର ପ୍ରଥମ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପଦକ ଦିଆଯାଇ ପୁରସ୍କୃତ କରାଯାଇଥିଲା। ଏତଦ୍ ବ୍ୟତୀତ ବିଦ୍ୟାଳୟର ବିଭିନ୍ନ କ୍ଲବ ଯଥା-ସୃଜନୀ, କୌଶଳୀ, କ୍ରୀଡ଼ାଙ୍ଗନ, ଜିଜ୍ଞାସା ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ଅତିଥି ଭାବେ ପୁରୀ ପୌରସଂସ୍ଥାର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ତହସିଲଦାର ଅଭିଷେକ ଦାସ, ମୋ ସ୍କୁଲ ସଭାପତି ରମାବଲ୍ଲଭ ମହାପାତ୍ର, ଏସ୍‌ଏମ୍‌ସି ସଭାପତି ବୀରେନ୍ଦ୍ର ମିଶ୍ର, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର ଓ ହିମାଂଶୁ ଭୂଷଣ ସାମର୍ଥ୍ୟ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ଦାଶ ବାର୍ଷିକ ବିବରଣୀ ପାଠ କରିବା ସହ ଉତ୍ସବରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷାକର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ସୁରେଶ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀରେ ନିମାପଡ଼ା ଛାତ୍ର ପ୍ରଥମ

ନିମାପଡ଼ା,୩୧।୧(ରଞ୍ଜନ ପଟ୍ଟନାୟକ)

ଭୁବନେଶ୍ୱରଠାରେ ପାଣିପଞ୍ଚାୟତ ପକ୍ଷ ପାଳନ ଅବସରରେ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ନାଗବସ୍ତ ନୋଡାଲ ଉଚ୍ଚବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ର ଶ୍ରୀକାନ୍ତ ଜେନା 'ଜଳ ସଂରକ୍ଷଣ ନିରନ୍ତର କୃଷି' ସମ୍ବନ୍ଧୀୟ ପ୍ରକଳ୍ପ ପ୍ରଦର୍ଶନ କରି ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପୂର୍ବରୁ ଜେନା ବ୍ଲକ ଓ ଜିଲା ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଥିଲେ। ଲୋକସେବା ଭବନରେ ଆୟୋଜିତ ଉତ୍ସବରେ ଜଳସମ୍ପଦ ବିଭାଗ ମନ୍ତ୍ରୀ ଟୁକୁନି ସାହୁ, ବିଭାଗୀୟ ସଚିବ ଅନୁ ଗର୍ଗଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୁନି ବୈଜ୍ଞାନିକ ଜେନାଙ୍କୁ ପ୍ରଥମ ପୁରସ୍କାର ସ୍ୱରୂପ ପ୍ରମାଣପତ୍ର, ଟ୍ରଫି ଏବଂ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରା ଗାଇଡ୍ ଶିକ୍ଷୟିତ୍ରୀ ପ୍ରୀତିପୁଷ୍ପା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ପ୍ରକଳ୍ପ ନିର୍ମାଣ କରି ନିଜ ବିଦ୍ୟାଳୟ ସହିତ ନିମାପଡ଼ା ପାଇଁ ଗୌରବ ଆଣି ଦେଇଛନ୍ତି। ଏହି ସଫଳତା ପାଇଁ ଶ୍ରୀକାନ୍ତ ନିଜର ମାତାପିତା, ସନ୍ଧ୍ୟାରାଣୀ ଜେନା ଓ ପ୍ରତାପ ଜେନା ଏବଂ ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# 'ଜଗନ୍ନାଥ ସଂସ୍କୃତିର ସୁରକ୍ଷା କବଚ ସାଜନ୍ତୁ ଛାତ୍ରୀଛାତ୍ର'



ପୁରୀ,୩୧।୧(ଅଜିତ୍ ମହାନ୍ତି)

ବ୍ରାହ୍ମଣ ଆଳନ୍ଦିଆସ୍ଥିତ ରଘୁନାଥ ସଂସ୍କୃତ ମହାବିଦ୍ୟାଳୟରେ ବୁଧବାର ଓଡିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କମଳାକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଅଧ୍ୟାପିକା ରାଜଶ୍ରୀ ଦଳେଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଉଦ୍‌ଯାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ନୀଳାଚଳ ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଡ. ବଳରାମ ଦାଶ ଯୋଗଦେଇ କହିଥିଲେ, ଜଗନ୍ନାଥ ସଂସ୍କୃତି ସମଗ୍ର ବିଶ୍ୱ ପାଇଁ ଦିଗ୍‌ଦର୍ଶକ। ଭକ୍ତି ଓ ଭାବର ସହିତ ମହାପ୍ରଭୁଙ୍କ ନିକଟରେ ସମର୍ପିତ ହେଲେ ପରମ ତୃପ୍ତି ସହିତ ପୂଣ୍ୟ ମିଳିଥାଏ। ଛାତ୍ରୀଛାତ୍ରମାନେ ଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ସୁରକ୍ଷା କବଚ ହୋଇ ଏହାର ପ୍ରଚାର ପ୍ରସାର କରିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଜିଲା କଳା ସଂସ୍କୃତି ସଂଘର ଉପସଭାପତି ବସନ୍ତ କୁମାର ପ୍ରଧାନ ଶ୍ରୀଜଗନ୍ନାଥଙ୍କ ଅନନ୍ୟ ମହାପ୍ରସାଦ ବିଷୟରେ ଆଲୋକପାତ କରିଥିଲେ। ମହାପ୍ରଭୁ ସ୍ୱୟଂ ପରବ୍ରହ୍ମ ଓ ଅବତାରୀ ଏବଂ ତାଙ୍କଠାରୁ ସବୁ ସୃଷ୍ଟି ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଚାରକ ରାଜକିଶୋର ମୁଦୁଲି ଯୋଗଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହନୀୟତା ବିଷୟରେ ଉପସ୍ଥାପନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଶୁଭ ନାରାୟଣ ସ୍ୱାଇଁ, ଅଧ୍ୟାପିକା କୃଷ୍ଣପ୍ରିୟା ପ୍ରଧାନ. ଅଧ୍ୟାପିକା ସୁପ୍ରିୟା ମିଶ୍ର ପ୍ରମୁଖ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ବ୍ରଜବନ୍ଧୁ ବେହେରା, ଗୋବିନ୍ଦ ଚନ୍ଦ୍ର ମୁଦୁଲି, ଗଙ୍ଗାଧର ମହାରଣା, ବିଷ୍ଣୁ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ବିଜୟଲକ୍ଷ୍ମୀ ଦାଶ ଧନ୍ୟବାଦ ଦେଇଥିଲେ।

# କିନ୍ନରଙ୍କ ଅଧିକାର ସଂକ୍ରାନ୍ତ ଆଇନ ସଚେତନତା କର୍ମଶାଳା

ପୁରୀ, ୩୧।୧(ଅଜିତ୍ ମହାନ୍ତି)

ପୁରୀ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ପ୍ରାଧିକରଣ ସଚିବ ଅମିତ୍ କୁମାର ବାରିକ୍‌ଙ୍କ ଅଧ୍ୟକ୍ଷତାରେ ଆଇନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ସୁପ୍ରିମକୋର୍ଟ ରାୟର ଅନୁବାଦ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି ଦ୍ୱାରା ଇଂଲିଶ ଭାଷାରୁ ଆଞ୍ଚଳିକ ଭାଷାକୁ ଅନୁବାଦ କରିବା ସଫ୍ଟୱେର ଏବଂ ଭିଡିଓ କନେକ୍ଟିଂ ଉପରେ ଦ୍ୱିତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ଆଲୋଚନା କରିଥିଲେ। ପରେ ସମ୍ମିଳନୀ କକ୍ଷରେ କିନ୍ନର ଅଧିକାର ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସାଥି ଅନୁଷ୍ଠାର ସମ୍ପାଦିକା ଶର୍ମିଷ୍ଠା ଦାସ କିନ୍ନରମାନଙ୍କୁ କୌଣସି ପ୍ରକାର ନିର୍ଯାତନା ନ ଦେବା ପାଇଁ ପରାମର୍ଶ ଦେଇଥିଲେ। ପୁରୁଷ ଓ ମହିଳାଙ୍କ ପରି କିନ୍ନରମାନଙ୍କର ସମାଜରେ ମର୍ଯ୍ୟାଦାର ସହ ବଞ୍ଚିବାର ଅଧିକାର ରହିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଦେବକୀ କିନ୍ନର ଯୋଗଦେଇ ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାର ସମ୍ପର୍କରେ ସୂଚନା ଦେବା ସହ ସମାଜରେ ରହିଥିବା ମାନସିକତା ପରିବର୍ତ୍ତନ ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ କିନ୍ନରଙ୍କ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ସ୍ଥାୟୀ ଅଦାଲତର ଅଧ୍ୟକ୍ଷା ସୁଶ୍ରୀ ପ୍ରତିମା ପଣ୍ଡା, ପରିବାର ଅଦାଲତ ବିଚାରପତି ସୁମିତା ଜେନା, ପୋକ୍ସୋ ବିଚାରପତି ଆର୍.ଏନ୍. ପଣ୍ଡା, ପ୍ରଥମ ଅତିରିକ୍ତ ଜିଲା ଓ ଦୌରାଜଜ୍ ଅମୀୟ ରଞ୍ଜନ ଜେନା, ଦ୍ୱିତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ଚିନ୍ମୟ ମିଶ୍ର, ମୁଖ୍ୟ ବିଚାରପତି ସୁଶାନ୍ତ କୁମାର ମିଶ୍ର, ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଦିଗବିଜୟ ଦାସ, ଦେୱାନୀ ବିଚାରପତି ମନିନ୍ଦ୍ର ଭୂଷଣ ସାହୁ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପତିତପାବନ ପଣ୍ଡା, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ତନ୍ମୟ ରଞ୍ଜନ ଦାସ ଓ ଶ୍ରୁତକୀର୍ତ୍ତି ଆଚାର୍ଯ୍ୟ ପ୍ରମୁଖ ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମୁଖ୍ୟ ଶାସନ ସଚିବଙ୍କୁ ଚିଠି

ପୁରୀ, ୩୧।୧(ଅଜିତ୍ ମହାନ୍ତି)

ପୁରୀ ଜିଲାରେ ୩ବର୍ଷରୁ ଉର୍ଦ୍ଧ୍ୱ ସମୟ ରହି କାର୍ଯ୍ୟ କରୁଥିବା ସରକାରୀ ଅଧିକାରୀମାନଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ସାମାଜିକ କର୍ମୀ ଦିଲୀପ ବରାଳ ଦାବି କରିଛନ୍ତି। ଏ ନେଇ ସେ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି। ବରାଳ ଦର୍ଶାଇଛନ୍ତି ଯେ, ଅନେକ ଅଧିକାରୀ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟହେବ ପୁରୀରେ ରହି କାର୍ଯ୍ୟ କରୁଛନ୍ତି। ଆଗକୁ ସାଧାରଣ ନିର୍ବାଚନ ଆସୁଛି। ଜିଲାରେ ସ୍ୱଚ୍ଛ, ଅବାଧ ନିର୍ବାଚନ ପରିଚାଳନା ନିମନ୍ତେ ସମ୍ପୃକ୍ତ ଅଧିକାରୀମାନଙ୍କୁ ଅନ୍ୟତ୍ର ବଦଳି କରାଯିବାକୁ ବରାଳ ଦାବି କରିଛନ୍ତି।

# 'ମୋଦିଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଅ'


ପ୍ରଶିକ୍ଷଣ ଶିବିରରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଏବଂ ଅନ୍ୟମାନେ।

### ଭାଜପା ପକ୍ଷରୁ ଗାଁକୁ ଚାଲ ପ୍ରଶିକ୍ଷଣ ଶିବିର

ପୁରୀ,୩୧।୧(ଅଜିତ୍ ମହାନ୍ତି)

ପୁରୀ ସଂସ୍କୃତି ଭବନରେ ଜିଲା ଭାଜପା ପକ୍ଷରୁ ଗାଁକୁ ଚାଲ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ମୁଖପାତ୍ର ଡା. ସମ୍ବିତ ପାତ୍ର, ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ପୂର୍ବତନ ବିଧାୟକ ବାଇଧର ମଲିକ, ରମା ବଳିଆରସିଂ, ପ୍ରଭାତୀ ପରିଡା, ଅନିତା ପଟ୍ଟନାୟକ, ସୁରଥ ବିଶ୍ୱାଳ, ଓମ୍‌ପ୍ରକାଶ ମିଶ୍ର, ଦେବେନ୍ଦ୍ର ନାଥ ତରେଇ, ଶଙ୍କର ପରିଡା, ଉମାକାନ୍ତ ନାୟକ, ଅଧିକାର ନାୟକ, ନାରାୟଣ ପାତ୍ର, ପୂର୍ଣ୍ଣ ଓଝା, ରତିକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗରିବ କଲ୍ୟାଣ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଜିଲାର ସମସ୍ତ ନେତୃବୃନ୍ଦଙ୍କୁ ଦାୟିତ୍ୱ ଦିଆଯାଇଛି। ନେତାମାନେ ଲୋକଙ୍କୁ ଏ ବିଷୟରେ ସଚେତନ କରିବା ସହ ରାଜ୍ୟ ଶାସକ ଦଳର ଦୁର୍ନୀତି ଉଜାଗର କରିବା ପାଇଁ ବୈଠକରେ ପରାମର୍ଶ ଦିଆଯାଇଛି। କାର୍ଯ୍ୟକ୍ରମ ସମ୍ପର୍କରେ ଜିଲା ସଭାପତି ପଟ୍ଟନାୟକ କହିଛନ୍ତି, କେନ୍ଦ୍ରୀୟ ନେତୃତ୍ୱରେ ଗାଁକୁ ଚାଲ ଅଭିଯାନ କରାଯାଉଛି। ଏହି କାର୍ଯ୍ୟକ୍ରମ ଜିଲାର ୩୮ଟି ମଣ୍ଡଳୀ ସାମିଲ ହୋଇଛି। ଭାଜପା ନେତୃବୃନ୍ଦ ପ୍ରତ୍ୟେକ ଗାଁକୁ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ରାଜ୍ୟ ସରକାରଙ୍କ ଭ୍ରଷ୍ଟ ଶାସନ ବିରୋଧରେ ଜନମତ ସୃଷ୍ଟି କରିବେ। ଆଗାମୀ ଦିନରେ ରାଜ୍ୟରେ ଭାଜପା ସରକାର ଗଢି ଡବଲ ଇଞ୍ଜିନ୍‌ର ଶାସନ ଆଣିବା ପାଇଁ ତୃଣମୂଳ ସ୍ତରରେ ଯେପରି କାର୍ଯ୍ୟ ଆରମ୍ଭ କରିବ ସେ ନେଇ କର୍ମୀଙ୍କୁ ପରାମର୍ଶ ଦିଆଯାଉଛି। କେନ୍ଦ୍ର ସରକାରଙ୍କ ଯୋଜନା ଯେପରି ଲୋକମାନେ ପାଇବେ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ରାଜ୍ୟରେ ହରିଲୁଟ କରାଯାଉଛି ତାହାକୁ ବିରୋଧ କରି ଭାଜପା ଲଢେଇ ଜାରି ରଖିବ ବୋଲି ପଟ୍ଟନାୟକ କହିଛନ୍ତି।

# ପ୍ରତି ଷ୍ଟଲ୍‌ରେ ଆଦିବାସୀ ସଶକ୍ତିର କାହାଣୀ



ଆଦିବାସୀ ମେଳାର ଏକ କୁଡ଼ିଆରେ ଦୁଇ ଆଦିବାସୀ ମହିଳା।

## ଆଦିବାସୀଙ୍କ ସହ ସେଲ୍ଫି

ଆଦିବାସୀଙ୍କ ବେଶଭୂଷା ଲୋକଙ୍କୁ ଆକର୍ଷିତ କରୁଛି। ମେଳା ବୁଲିବାକୁ ଆସୁଥିବା ଲୋକମାନେ ନିଜ ମୋବାଇଲ୍ ଫୋନ୍ ଓ କ୍ୟାମେରାରେ ଆଦିବାସୀଙ୍କ ସହ ସେଲ୍‌ଫି ନେବାକୁ ପସନ୍ଦ କରୁଛନ୍ତି। ସନ୍ଧ୍ୟାରେ ନୃତ୍ୟ ପ୍ରଦର୍ଶନ ପାଇଁ ପ୍ରସ୍ତୁତ ହୋଇ ମଞ୍ଚ ପାଖରେ ଥିବା ଆଦିବାସୀ କଳାକାର ଦଳ, ମେଳାରେ ଉପସ୍ଥିତ ଥିବା ଆଦିବାସୀଙ୍କ ସହ ଫଟୋ ଉଠାଇ ଖୁସି ହେଉଛନ୍ତି। ସେହିପରି ସେଠାରେ ଆଦିବାସୀ ଲୋକଙ୍କ



୨ଟି ପୋଷ୍ଟର ରଖାଯାଇଛି, ଯେଉଁଠାରେ ଦର୍ଶକମାନେ ନିଜ ମୁହଁକୁ ରଖି ଫଟୋ ଉଠାଇ ନେଉଥିବା ଦେଖିବାକୁ ମିଳୁଛି।

ଭୁବନେଶ୍ୱର,୩୧।୧
(ଶର୍ମିଷ୍ଠା ପାଣିଗ୍ରାହୀ)

ଏବେ ରାଜଧାନୀର ମୁଖ୍ୟ ଆକର୍ଷଣ ପାଲଟିଛି ଆଦିବାସୀ ମେଳା। ଅପରାହ୍ନଠୁ ନେଇ ରାତି ୯ଟା ଯାଏ ମେଳାରେ ଲୋକଙ୍କ ସମାଗମ ଲାଗି ରହୁଛି। ଆଦିବାସୀ ସଂସ୍କୃତି, ପରମ୍ପରା ସହ ବିଶୁଦ୍ଧ ମସଲା, ଘରକରଣା ସାମଗ୍ରୀ ଏବଂ ସନ୍ଧ୍ୟାରେ ସାଂସ୍କୃତିକ ଆସରକୁ ଉପଭୋଗ କରୁଛନ୍ତି ଲୋକେ। ମେଳାରେ ଥିବା ପ୍ରତ୍ୟେକ ଷ୍ଟଲ କହୁଛି ଆଦିବାସୀ ସଶକ୍ତିର କାହାଣୀ। ଆଜିର ଆଧୁନିକ ଦୁନିଆରେ ରାଜ୍ୟର ବିକାଶ ଦିଗରେ ସେମାନେ ମଧ୍ୟ ସାମିଲ ହେଉଛନ୍ତି। ବ୍ୟବସାୟଠୁ ନେଇ ଲୋକଙ୍କ ସହ ସୁସମ୍ପର୍କ ସ୍ଥାପନ କରିବାର କୌଶଳ ସେମାନେ ଶିଖିସାରିଛନ୍ତି। ତେବେ ଏଭଳି କିଛି ନୂଆ ଦେଖିବାକୁ, ନୂଆ ଜାଣିବାକୁ ଆଦିବାସୀ ମେଳାକୁ ଧାଡ଼ି ଲାଗିଛି।

### କୁଡ଼ିଆ ଦେଖିବାକୁ ଲମ୍ବା ଲାଇନ୍

ଛୋଟ ଛୋଟ ସୁନ୍ଦର କୁଡ଼ିଆ। ହେଲେ କଳା, ସଂସ୍କୃତିରେ ପରିପୂର୍ଣ୍ଣ। ଯିଏ ଦେଖୁଛି ଆଖି ଲାଖି ଯାଉଛି। ଲୋକଙ୍କ ଭିଡ଼ ଜମୁଛି ଏହି ଆଦିବାସୀଙ୍କ ଘରେ। ମେଳାରେ ଟ୍ରାଇବାଲ୍ ଭିଲେଜ୍ ନାମକ ଏକ ଭାଗ ସ୍ଥାନ ରଖାଯାଇଛି। ଯେଉଁଠି ବିଭିନ୍ନ ଆଦିବାସୀଙ୍କ କୁଡ଼ିଆ ଘରସବୁ ଆଦିବାସୀ ଗାଁର ଜୀବନ୍ତ ଚିତ୍ର ପ୍ରଦାନ କରୁଛି। ଛଣ ଆଉ ବାଉଁଶ ଛପର ଥିବା ଏହି ଘର ଚାରିପାଖେ ମଚା, ବଡ଼ମା ଶାଳ, ମାଙ୍କଡ଼ିଆ ଘର, ଛେଳି ଘର ଆଦି ରହିଛି। ସେହିଭଳି ପରିବା ଚାଷ ସହ ଆଦିବାସୀଙ୍କ ପାଇଁ ହୋଇଥିବା ଉନ୍ନୟନ ମୂଳକ ଯୋଜନା ମଧ୍ୟ ସେଠାରେ ସ୍ଥାନିତ କରାଯାଇଛି। ମେଳା ବୁଲିବାକୁ ଆସୁଥିବା ଛୋଟ ପିଲାଙ୍କୁ ସେମାନଙ୍କ ମା'ବାପା ଆଦିବାସୀଙ୍କ ଜୀବନ ଓ ସଂସ୍କୃତି ସମ୍ପର୍କରେ ବୁଝାଉଥିବା ଦେଖିବାକୁ ମିଳୁଛି।

## ମହିଳାଙ୍କୁ ପରିଚୟ ଦେଇଛି କନ୍ଧମାଳ ଷ୍ଟ୍ରବେରି



ଆଦିବାସୀ ମେଳାରେ କନ୍ଧମାଳ ଷ୍ଟ୍ରବେରି ଷ୍ଟଲ୍‌ରେ ବେଶ୍ ଭିଡ଼ ଜମୁଛି। ଗୋଟିଏ ପ୍ୟାକେଟର ମୂଲ୍ୟ ୧୦୦ଟଙ୍କା ରହିଛି। ଯିଏ ଯାଉଛି, ସିଏ କିଣୁଛି। ଜଣେ ଗ୍ରାହକ କହିଥିଲେ, ଆମ ମାଟିରେ ଷ୍ଟ୍ରବେରି ଫଳୁଛି। ଆମେ ଯଦି ଏହାକୁ କିଣି ସେମାନଙ୍କୁ ଲାଭ ନ ଦେବା ତା' ହେଲେ ସେମାନଙ୍କ ବ୍ୟବସାୟ ହେବ କିଭଳି। ଆଉ ଏହି ଷ୍ଟ୍ରବେରି ସୁସ୍ୱାଦୁ ମଧ୍ୟ। ବଜାରରରେ ଏଭଳି ପ୍ୟାକେଟ ୭୦ କି ୫୦ ଟଙ୍କାରେ ମିଳୁଛି। ମାତ୍ର ତା'ଠାରୁ ଏହା ଢେର ଅଲଗା। ଷ୍ଟ୍ରବେରି ଚାଷୀ ମିଙ୍କୁଲତା ପ୍ରଧାନ କହିଛନ୍ତି, ଆମେ ଆଗରୁ ଅଲଗା ପରିବା ଚାଷ କରୁଥିଲୁ। ମାତ୍ର ଗତବର୍ଷ ସରକାରଙ୍କ ପକ୍ଷରୁ ଚାରା ମିଳିବାରୁ ଆମେ ଷ୍ଟ୍ରବେରି ଚାଷ ଆରମ୍ଭ କଲୁ। ନଭେମ୍ବରରେ ଚାରା ଲାଗିଲେ ଜାନୁଆରୀ, ଫେବୃଆରୀ ଭିତରେ ଫଳ ଆସିଯାଏ। ପ୍ରତି ଗଛରୁ ପ୍ରାୟ ୫୦୦ଗ୍ରାମରୁ ଅଧିକ ଷ୍ଟ୍ରବେରି ଫଳିଥାଏ। ତେବେ ଏଥର ମେଳାରେ ଷ୍ଟଲ ପକାଇଛୁ। ମାଲ୍ ଆସି ପହଞ୍ଚୁ ପହଞ୍ଚୁ ବିକ୍ରି ହୋଇଯାଉଛି। ପ୍ରାୟ ୫୦ହଜାର ଟଙ୍କାର ବିକ୍ରି ହୋଇସାରିଲାଣି। ଆମର ସେଠି ୫ଟି ଗ୍ରୁପ୍ ମିଶି ଏହି ଷ୍ଟ୍ରବେରି ଚାଷ କରୁଛୁ। ପ୍ରତି ଗ୍ରୁପ୍‌ରେ ୧୦ଜଣ ମହିଳା ରହିଛନ୍ତି। ଏହି ଚାଷ ଅଧିକ ଦି ପଇସା ରୋଜଗାର ଦେଉଛି। ଷ୍ଟ୍ରବେରି ଚାଷ ମହିଳାଙ୍କ ଆର୍ଥିକ ସ୍ଥିତିକୁ ମଜବୁତ କରିଛି ବୋଲି ଉକ୍ତ ଷ୍ଟଲ୍‌ରେ ଥିବା ବିଜୟଲକ୍ଷ୍ମୀ ପ୍ରଧାନ ଓ ପୁଷ୍ପାବତୀ ପ୍ରଧାନ କହିଛନ୍ତି।

## ଇଡବ୍ଲ୍ୟୁଏସ୍ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ ମିଳିବ ଆର୍ଥିକ ସହାୟତା

**ଭୁବନେଶ୍ୱର, ୩୧।୧(ଅସମାପିକା ସାହୁ):** ଆର୍ଥିକ ଅନଗ୍ରସର ବର୍ଗ(ଇଡବ୍ଲ୍ୟୁଏସ୍) ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ପାଇଁ ଆଉ ଅର୍ଥ ବାଧକ ହେବନାହିଁ। ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଉଚ୍ଚଶିକ୍ଷା ବିଭାଗ ପଦକ୍ଷେପ ନେଇଛି। ଦୁଇ ଲକ୍ଷରୁ କମ୍ ବାର୍ଷିକ ଆୟ କରୁଥିବା ଇଡବ୍ଲ୍ୟୁଏସ୍ ବର୍ଗର ପିଲାଙ୍କୁ ଏହି ବୃତ୍ତିରାଶି ପ୍ରଦାନ କରାଯିବ। ଏଥିପାଇଁ ଛାତ୍ରୀଛାତ୍ର ରାଜ୍ୟର ସରକାରୀ ଅନୁଦାନପ୍ରାପ୍ତ ଓ ଅଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟରେ ପଢୁଥିବା ଆବଶ୍ୟକ। ମୁକ୍ତ ବିଶ୍ୱବିଦ୍ୟାଳୟ ବା ସେଲ୍ଫ ଫାଇନାନ୍ସ ପାଠ୍ୟକ୍ରମରେ ପଢୁଥିଲେ ଏହି ବୃତ୍ତି ମିଳିବ ନାହିଁ। ଛାତ୍ରୀଛାତ୍ରମାନେ ଷ୍ଟେଟ ସ୍କଲାରଶିପ୍ ପୋର୍ଟାଲରେ ଏହାର ଆବେଦନ କରିପାରିବେ। ବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହେଲେ ସିଧାସଳଖ ଡିବିଟି ମାଧ୍ୟମରେ ଆକାଉଣ୍ଟକୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ତେବେ ବୃତ୍ତିକୁ ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ ପୂର୍ବରୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ବିଭାଗର ମତାମତ ଲୋଡ଼ାଯାଇଛି।

## ୭ ବାଇକ୍ ଜବତ, ୨ ଗିରଫ

**ଫୁଲନଖରା,୩୧।୧(ସତ୍ୟରଞ୍ଜନ ଦାସମହାପାତ୍ର):** ବାଇକ୍ ଚୋରି ଅଭିଯୋଗରେ ପାହାଳ ଥାନା ପୋଲିସ ୨ ଜଣ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମର ଅମିତାଭ ସ୍ୱାଇଁ ଓ ତିର୍ତ୍ତୋଲ ଥାନା ଅଧୀନ ଗୋପିଆକୁଦ ଗ୍ରାମର ରାଜେନ୍ଦ୍ର ନାୟକ। ସେମାନଙ୍କଠାରୁ ୭ଟି ବାଇକ ଜବତ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଜାନୁଆରୀ ୧୫ ତାରିଖରେ କଟକ ସଦର ଅଞ୍ଚଳର ପ୍ରଶାନ୍ତ କୁମାର ସାମଲ ପାହାଳସ୍ଥିତ ଉତ୍କଳ ହୁଣ୍ଡାଇ କାର୍ ଶୋ'ରୁମ୍‌ର କର୍ମଚାରୀମାନଙ୍କ ସହ ବ୍ରହ୍ମପୁର ବଣଭୋଜି କରିବା ପାଇଁ ଯାଇଥିଲେ। ସେଥିପାଇଁ ପ୍ରଶାନ୍ତ ତାଙ୍କ ବାଇକ୍‌କୁ ଶୋ'ରୁମ୍ ନିକଟରେ ତାଲା ପକାଇ ରଖି ଯାଇଥିଲେ। ବଣଭୋଜିରୁ ଫେରିବା ପରେ ବାଇକ୍ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (୨୧/୨୪)ରୁଜୁ କରିଥିଲା। ତଦନ୍ତବେଳେ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ ମଙ୍ଗଳବାର ଗିରଫ କରିଥିଲା। ପଚରାଉଚରା କରି ପୂର୍ବରୁ ଚୋରି କରିଥିବା ଆଉ ୬ଟି ବାଇକକୁ ପୋଲିସ ତିର୍ତ୍ତୋଲ, ପାରାଦୀପ ଓ ସଦର ଥାନା ଅନ୍ତର୍ଗତ ଗଙ୍ଗେଶ୍ୱରଗଡ ଅଞ୍ଚଳରୁ ଜବତ କରିଥିଲା।




ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ କ୍ରିଏଟିଭ ଆର୍ଟିଷ୍ଟ ଗ୍ରୁପ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ପକ୍ଷରୁ ବୁଧବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଚିତ୍ରକଳା ପ୍ରଦର୍ଶନୀକୁ ଯୁବତୀମାନେ ଦେଖୁଛନ୍ତି।

## ରାଜଧାନୀରେ ୨ ନାବାଳିକା ନିଖୋଜ

### ଭରତପୁର ଥାନାରେ ଏତଲା

ଭୁବନେଶ୍ୱର,୩୧।୧(ସତ୍ୟଜିତ୍ ରାଉତ)

ରାଜଧାନୀରେ ଦୁଇ ନାବାଳିକା ବୁଧବାର ନିଖୋଜ ହୋଇଯାଇଛନ୍ତି। ଉଭୟ ଭରତପୁର ଥାନା ଅନ୍ତର୍ଗତ ଖଣ୍ଡଗିରିବାରି ବସ୍ତି ଅଞ୍ଚଳର ହୋଇଥିବା ବେଳେ ଘାଟିକିଆସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ। ଉଭୟଙ୍କ ବୟସ ୧୨ ବର୍ଷ ହୋଇଥିବାବେଳେ ଜଣେ ସପ୍ତମ ଓ ଜଣେ ଷଷ୍ଠ ଶ୍ରେଣୀର ଛାତ୍ରୀ। ତେବେ ସପ୍ତମ ଶ୍ରେଣୀରେ ପଢୁଥିବା ନାବାଳିକାଙ୍କ ମା' ଏ ସଂକ୍ରାନ୍ତରେ ଭରତପୁର ଥାନାରେ ରାତି ପ୍ରାୟ ୮ଟା ବେଳେ ଏତଲା ଦେଇଛନ୍ତି। ଏତାକୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରିଛି।

ଏତଲା ଅନୁଯାୟୀ, ନାବାଳିକାଦ୍ୱୟଙ୍କ ବିଦ୍ୟାଳୟ ପ୍ରତିଦିନ ୪ଟାରେ ଛୁଟି ହେଉଥିବା ବେଳେ ସେମାନେ ୪ଟା ୩୦ରେ ଘରେ ପହଞ୍ଚି ଯାଇଥାନ୍ତି। ହେଲେ ବୁଧବାର ସନ୍ଧ୍ୟା ପର୍ଯ୍ୟନ୍ତ ସେମାନେ ଘରେ ପହଞ୍ଚି ନ ଥିଲେ। ଏନେଇ ପରିବାର ଲୋକ ସ୍କୁଲରେ ଯାଇ ପଚରାଉଚରା କରିଥିଲେ। ଏଥିସହ ଟିଉସନ୍ କର୍ତ୍ତୃପକ୍ଷଙ୍କ ସାଙ୍ଗମାନଙ୍କୁ ମଧ୍ୟ ଝିଅ ବିଷୟରେ ପଚାରି ବୁଝିଥିଲେ। ତେବେ ସ୍କୁଲ ଛୁଟି ହେବା ପରେ ଉଭୟ ସାଇକେଲ୍ ଯୋଗେ ଘର ଅଭିମୁଖେ ଯାଇଥିଲେ ବୋଲି ସେମାନେ କହିଥିଲେ। ତେବେ ଘରେ ଉଭୟ ପହଞ୍ଚି ନ ଥିବାରୁ ପରିବାର ଲୋକ ଚିନ୍ତାରେ ପଡ଼ିଛନ୍ତି। ନାବାଳିକାଦ୍ୱୟଙ୍କୁ ଖୋଜିବା ପାଇଁ ପରିବାର ଲୋକ ଶେଷରେ ପୋଲିସ ଉପରେ ଭରସା କରିଛନ୍ତି। ଥାନାଧିକାରୀ ଦୀନବନ୍ଧୁ ମିଶ୍ରଙ୍କ କହିବା କଥା, ଦୁଇଝିଅଙ୍କୁ ଠାବ କରିବା ପାଇଁ ଆମ ପକ୍ଷରୁ ଉଦ୍ୟମ ଜାରି ରହିଛି। ସ୍କୁଲ ଏବଂ ଏହାର ଆଖାପାଖ ଅଞ୍ଚଳର ଲୋକଙ୍କୁ ପଚରାଉଚରା ସହ ସିସିଟିଭି ଫୁଟେଜ୍ ଯାଞ୍ଚ ଜାରି ରହିଥିବା ସେ କହିଛନ୍ତି। ଅଭିଯୋଗ କରିଥିବା ମା'ଙ୍କ କହିବା ଅନୁଯାୟୀ, ତାଙ୍କ ଝିଅ ଠାବ ହୋଇନଥିବା ବେଳେ ସାଇକେଲ୍ ମଧ୍ୟ ମିଳିପାରିନାହିଁ। ସେମାନେ ଚିନ୍ତାରେ ଥିବା କହିଛନ୍ତି। ତେବେ ଖବର ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଦୁଇ ଝିଅଙ୍କୁ ପରିବାର ଲୋକ ଓ ପୋଲିସ ଖୋଜାଖୋଜି କରୁଥିବା ସୂଚନା ମିଳିଛି।

## ଆଦିବାସୀ ମେଳାରେ ୩ ଦିନିଆ ବହୁଭାଷୀ ନାଟକ ମହୋତ୍ସବ

ଭୁବନେଶ୍ୱର,୩୧।୧(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଆଦିବାସୀ ମେଳାରେ ଆସନ୍ତା ୩ରୁ ୫ ତାରିଖ ମଧ୍ୟରେ ସାନ୍ତାଳୀ, ଦେଶିଆ, ହୋ ଓ ମୁଣ୍ଡାରୀ ଭାଷାରେ ତିନିଦିନ ଧରି ବହୁଭାଷୀ ନାଟକ ମହୋତ୍ସବ ଅନୁଷ୍ଠିତ ହେବ। ପ୍ରଥମ ଦିନରେ ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଉଲିଡିହିର ଆୟା ବାବା ଗୟାନ ସେମଲେଡ୍ ସାନ୍ତାଳୀ ନାଟକ ପରିବେଷଣ କରିବାକୁ ଥିବାବେଳେ କୋରାପୁଟ ଜିଲାର କୋରାପୁଟିଆ ଦେଶିଆ ଡ୍ରାମାଟିକ କ୍ଲବ ଦେଶିଆ ଭାଷାରେ ନାଟକ ପରିବେଷଣ କରିବେ। ଦ୍ୱିତୀୟ ଦିନରେ ମୟୂରଭଞ୍ଜ ଜିଲା କରଞ୍ଜିଆ ବାଲିଭୋଇସ୍ଥିତ ପଣ୍ଡିତ ଲୋକୋବଦ୍ରା ଡ୍ରାମାଟିକ କ୍ଲବ୍ ପକ୍ଷରୁ ହୋ ଭାଷାରେ ନାଟକ ପରିବେଷଣ କରାଯିବ ଓ ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଷ୍ଟଝରଣାର ବାବା ଚିନ୍ତାମଣି ଡ୍ରାମାଟିକ କ୍ଲବ ୪ ତାରିଖରେ ମୁଣ୍ଡାରୀ ଭାଷାରେ ନାଟକ ପରିବେଷଣ କରିବ। ସେହିପରି ମୟୂରଭଞ୍ଜ ଜିଲା ଉଦଳା ନିକଟ ଖଡିଆବାସାରୁ ଗଙ୍ଗାମଣ୍ଡିଲ ଡ୍ରାମାଟିକ କ୍ଲବ ପକ୍ଷରୁ ୫ ତାରିଖରେ ଆଦିବାସୀ ମେଳାରେ ମୁଣ୍ଡାରୀ ଭାଷାରେ ନାଟକ ପରିବେଷଣ କରାଯିବ। ଏହି ବହୁଭାଷୀ ନାଟକ ମହୋତ୍ସବରେ ଅନୁସୂଚିତ ଜନଜାତି ନାଟକ ଦିବସ ପାଳନ କରାଯିବ। ଉକ୍ତ କାର୍ଯ୍ୟକ୍ରମ ଆଦିବାସୀ ବହୁଭାଷୀ ସଂସ୍କୃତି ବିଷୟରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ।

## ଆତ୍ମହତ୍ୟା ଉଦ୍ୟମ: ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ଭୁବନେଶ୍ୱର,୩୧।୧(ସୂର୍ଯ୍ୟକାନ୍ତ ବେହେରା)

ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ରଘୁନାଥ ନଗରରେ ଏକ ଅଭାବନୀୟ ଘଟଣା ଘଟିଛି। ମଙ୍ଗଳବାର ଭୋର ସମୟରେ ଏକ ଦମ୍ପତି ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଥିଲେ। ଏହି ଘଟଣାରେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ତ୍ରୀ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ମୃତ ସ୍ୱାମୀ ହେଲେ କଟକ ଆଠଗଡ଼ ଅଞ୍ଚଳର ପପୁ ମଲ୍ଲିକ (୩୫)। ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିବା ତାଙ୍କ ସ୍ତ୍ରୀ ହେଲେ ପୂଜା ମଲ୍ଲିକ। ଖବର ପାଇ ଖଣ୍ଡଗିରି ଥାନା ପୋଲିସ ଘଟଣାସ୍ଥଳରେ



ପହଞ୍ଚି ପପୁଙ୍କ ମୃତଦେହ ଜବତ କରିଛି। ପୂଜାଙ୍କୁ ଉଦ୍ଧାର କରାଯାଇ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ତେବେ ଆତ୍ମହତ୍ୟା ପଛର କାରଣ ଜଣାପଡ଼ି ନ ଥିବାବେଳେ ପୂଜାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବା ପରେ ଘଟଣା ସମ୍ପର୍କରେ ଜଣାପଡ଼ିବ ବୋଲି ପୋଲିସ କହିଛି।

ସୂଚନା ଅନୁସାରେ ଆଠଗଡ ଅଞ୍ଚଳର ଦମ୍ପତି ପପୁ ଓ ପୂଜା ଉଭୟ ଡୁମୁଡୁମା ରଘୁନାଥ ନଗରର ଶୁକ ବିହାରରେ ଗତ ୨ ମାସରୁ ଅଧିକ ସମୟ ଭଡ଼ାରେ ରହୁଥିଲେ। ଗତ ଆଠ ବର୍ଷ ହେଲା ସେମାନଙ୍କ ବିବାହ ହୋଇଥିଲେ ମଧ୍ୟ କୌଣସି ସନ୍ତାନ ନ ଥିଲା। ତେଣୁ ଅନେକ ସମୟରେ ସ୍ୱାମୀ ସ୍ତ୍ରୀ ମାନସିକ ଚାପରେ ରହୁଥିଲେ। କିଛି ଦିନ ହେବ ପୂଜା ଗାଁକୁ ଯାଇଥିଲେ ମଧ୍ୟ ଗତ ୩ଦିନ ପୂର୍ବରୁ ଡୁମୁଡୁମା ଭଡାଘରକୁ ଫେରିଥିଲେ। ପଡ଼ିଶାଙ୍କ କହିବା ଅନୁସାରେ ମଙ୍ଗଳବାର ରାତିରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ଭୋର ପ୍ରାୟ ୪ଟା ବେଳେ ପପୁ ଓ ପୂଜା ନିଜ ଶୋଇବା ଘରେ ବେକରେ ଲୁଗା ବାନ୍ଧି ପଙ୍ଖାରେ ଝୁଲିପଡିଥିଲେ। ପପୁଙ୍କ ମୃତ୍ୟୁ ଘଟିଥିବା ବେଳେ ଲୁଗା ଛିଣ୍ଡି ପଡିବାରୁ ପୂଜା ତଳେ ପଡିଯାଇଥିଲେ। ଏହାପରେ ପୂଜା ପ୍ରାଣ ବିକଳରେ ଉଠି ଦୌଡ଼ି ଯାଇ ପଡୋଶୀ ଘରକୁ ଡାକି ସେଠାରେ ସଂଜ୍ଞାହୀନ ହୋଇ ପଡ଼ିଯାଇଥିଲେ। ପାଟି ଶୁଣି ପାଖ ପଡ଼ୋଶୀ ଘରକୁ ଆସି ଦେଖିବା ବେଳକୁ ପପୁ ପଙ୍ଖାରେ ଝୁଲୁଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକ ଖଣ୍ଡଗିରି ଥାନାକୁ ଖବର ଦେଇଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଶ୍ୱିନୀ



@ ସୋଫି



@ ରାଜେଶ



@ ଶିବ



@ ସଂଗ୍ରାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ୫ରୁ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଆନ୍ଦୋଳନ

ଭୁବନେଶ୍ୱର, ୩୧।୧(ଅସମାପିକା ସାହୁ)

ଏକଦଫା ଦାବି ନେଇ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ୫ତାରିଖରୁ ଆନ୍ଦୋଳନ୍ନୁ ଓହ୍ଲାଇବ। ସଂଘ ତରଫରୁ ବୁଧବାର ଗୋଦାବରୀଶ ସାହିତ୍ୟ ସଂସଦଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାସ ଏହି ସୂଚନା ଦେଇଛନ୍ତି। ସଂଘର ଏକଦଫା ଦାବି ହେଉଛି ୨୦୦୮ ଜୁନ୍ ୧ରୁ ୨୦୧୮ ଜୁନ ୧ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ରାଜ୍ୟ ସରକାର ସରକାରୀ ଅନୁଦାନ(ଜିଆଇଏ) ପରିସରଭୁକ୍ତ କରନ୍ତୁ। ଏହି ଦାବି ପୂରଣ ପାଇଁ ସଂଘ ଦୀର୍ଘ ୪୫୫ଦିନ ହେଲା ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ ଅହୋରାତ୍ର ଧାରଣା ଓ ବହୁବାର ବିକ୍ଷୋଭ ଆଦି ଆନ୍ଦୋଳନ କରି ସରକାରଙ୍କ ଦୃଷ୍ଟି କରିଥିଲା। ଏ ନେଇ ସରକାରଙ୍କ ସହ ଆଲୋଚନା ହୋଇଥିଲେ ମଧ୍ୟ ବାରମ୍ବାର ପ୍ରତିଶ୍ରୁତି ଦେଇ ଦାବି ପୂରଣ କରୁ ନ ଥିବାରୁ ସଂଘ ଉଦ୍‌ବେଗ ପ୍ରକାଶ କରିଛି। ଏପରିକି ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟିରେ ଏହି ଦାବି ସମ୍ପର୍କରେ ଆଲୋଚନା କରାଯିବ ବୋଲି ବାରମ୍ବାର ସରକାରଙ୍କ ପକ୍ଷରୁ କୁହାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତେଣୁ ଆଗକୁ ବିଧାନସଭା ଅଧିବେଶନ ରହିଥିବାରୁ ଆସନ୍ତା ୫ ତାରିଖରୁ ହଜାର ହଜାର ଅଧ୍ୟାପକ ଏବଂ କର୍ମଚାରୀ ଗାନ୍ଧୀ ମାର୍ଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା, ରାଲି, ବିକ୍ଷୋଭ ଏବଂ ଆଇନ ଅମାନ୍ୟ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି।

**କଂଗ୍ରେସର 'ଜୟ ଯବାନ' ଅଭିଯାନ ଆରମ୍ଭ**

ନୂଆଦିଲ୍ଲୀ,୩୧।୧: କଂଗ୍ରେସ ନେତା ରାହୁଲ ଗାନ୍ଧୀ ବୁଧବାର ଦଳ ପକ୍ଷରୁ 'ଜୟ ଯବାନ' ଅଭିଯାନ ଆରମ୍ଭ କରିଛନ୍ତି। ଭାରତୀୟ ସେନା ପାଇଁ ମନୋନୀତ ହେବା ପରେ ମଧ ୧.୫ ଲକ୍ଷ ଯୁବକଙ୍କୁ ଅଗ୍ନିବୀର ସ୍କିମ୍ ଯୋଗୁ କେନ୍ଦ୍ର ସରକାର ନିଯୁକ୍ତି ଦେଇନାହାନ୍ତି। ଏହି ପ୍ରାର୍ଥୀମାନଙ୍କୁ ନ୍ୟାୟ ଦେବା ପାଇଁ ଏହି ଅଭିଯାନ ଆରମ୍ଭ ହୋଇଛି।

# ଲଦାଖରେ ଚାଇନାର ଦାଦାଗିରି



## ମେଷ ପାଳକ, ପିଏଲ୍ଏ ସୈନ୍ୟ ମୁହାଁମୁହିଁ

ନୂଆଦିଲ୍ଲୀ,୩୧।୧

ଭାରତ-ଚାଇନା ସୀମାନ୍ତ ଲଦାଖରେ ସ୍ଥାନୀୟ ଲୋକେ ମେଣ୍ଢା ଚରାଇଲେ ପଡ଼ୋଶୀ ଦେଶର ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍ଏ) ବାଧା ସୃଷ୍ଟି କରୁଛି। ପୂର୍ବ ଲଦାଖର ନ୍ୟୋମା ଅଞ୍ଚଳର କାକ୍‌ଜଙ୍ଗ ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି) ପାଖରେ ମେଷ ପାଳକମାନେ ମେଣ୍ଢା ଚରାଉଥିବାବେଳେ ପିଏଲ୍ଏ ସୈନ୍ୟଙ୍କ ଏକ ଭ୍ୟାନ୍ ସାଇରନ୍ ବଜାଇ ସେଠାକୁ ଆସିଥିଲା। ଚାଇନା ସୈନ୍ୟମାନେ ସେମାନଙ୍କୁ ସେଠାରୁ ଫେରିଯାଇ ଅନ୍ୟତ୍ର ମେଣ୍ଢା ଚରାଇବାକୁ କହିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ। ଗତ ୨ ତାରିଖରେ ଭାରତୀୟ ସଶସ୍ତ୍ର ବଳର ଶିବିରଠାରୁ ମାତ୍ର ୭ କି.ମି. ଦୂରରେ ଘଟିଥିବା ଏହି ଘଟଣାର ୯ ମିନିଟ୍ ବିଶିଷ୍ଟ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି।

# ଅଧିବେଶନ ଆରମ୍ଭ, ଆଜି ବଜେଟ

ନୂଆଦିଲ୍ଲୀ,୩୧।୧

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ପାର୍ଲାମେଣ୍ଟର ଉଭୟ ସଦନକୁ ସମ୍ବୋଧିତ କରିବା ସହ ବଜେଟ୍ ଅଧିବେଶନ ଆରମ୍ଭ ହୋଇଛି। ନୂଆ ସଂସଦ ଭବନରେ ପ୍ରଥମ ଥର ପାଇଁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି, ଅଯୋଧ୍ୟାରେ ଶତାବ୍ଦୀ ପୁରୁଣା ରାମମନ୍ଦିର ବର୍ତ୍ତମାନ ଏକ ବାସ୍ତବତା ହୋଇଥିବାବେଳେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ନେଇ ଉପୁଜିଥିବା ଆଶଙ୍କା ଏକ ଇତିହାସ। ରାଷ୍ଟ୍ରପତି ଭାରତୀୟ ଅର୍ଥନୀତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ମୋଦି ସରକାରଙ୍କ ୧୦ ବର୍ଷର ଶାସନ କାଳରେ ମିଳିଥିବା ସଫଳତା ସମ୍ପର୍କରେ ନିଜ ବକ୍ତବ୍ୟରେ ଅବତାରଣା କରିଛନ୍ତି। ତାଙ୍କ ବକ୍ତବ୍ୟର ଏକ କପିକୁ ଲୋକ ସଭାରେ ଉପସ୍ଥାପିତ କରାଯାଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଗୁରୁବାର ଲୋକ ସଭାରେ ୨୦୨୪ ଆର୍ଥିକ ବର୍ଷର ଅନ୍ତରୀଣ ବଜେଟ୍ ଉପସ୍ଥାପନ କରିବେ। ଏହା ହେବ ସୀତାରାମନ୍‌ଙ୍କ ଷଷ୍ଠ ଏବଂ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ଚୂଡ଼ାନ୍ତ ବାର୍ଷିକ ବଜେଟ୍। ଆସନ୍ତା ଏପ୍ରିଲ-ମେ'ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ନୂଆ ସରକାର ଗଠନ ପରେ ଜୁଲାଇରେ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରାଯିବ। ଭାରତରେ ଆର୍ଥିକ ବର୍ଷ ଏପ୍ରିଲ ୧ରେ ଆରମ୍ଭ ହୋଇ ପରବର୍ତ୍ତୀ ବର୍ଷ ମାର୍ଚ୍ଚ ୩୧ରେ ଶେଷ ହୋଇଥାଏ।

ବଜେଟ୍ ଅଧିବେଶନ ଆରମ୍ଭରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ଅଧିବେଶନରେ ହଟ୍ଟଗୋଳ କରିଥିବା ବିରୋଧୀ ସଦସ୍ୟମାନଙ୍କୁ ଟାର୍ଗେଟ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, ଗୃହରେ ହଙ୍ଗାମା କରି ୧୪୬ ବିରୋଧୀ ଏମ୍‌ପି ନିଲମ୍ବିତ ହୋଇଥିଲେ। ସେମାନେ ଗୃହକୁ ଚଳାଇ ନ ଦେଇ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ନ୍ୟୁନ କରିଦେଉଛନ୍ତି। ସେମାନଙ୍କ ବକ୍ତବ୍ୟ ଇତିହାସର ଏକ ଅଂଶ ହୋଇ ରହିବ। ଏଭଳି ଅଭ୍ୟାସଗତ ବ୍ୟାଘାତ ସୃଷ୍ଟିକାରୀ ଏମ୍‌ପିମାନେ ଆତ୍ମସମୀକ୍ଷା କରନ୍ତୁ। ଏହାର ଜବାବରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ମୋଦି ସରକାର ଏକଛତ୍ରବାଦ ଶାସନ ଚଳାଇ ସଂସଦୀୟ ଗଣତନ୍ତ୍ରର ଅବକ୍ଷୟ ଘଟାଉଛନ୍ତି। ସରକାର ସମ୍ବିଧାନର ଉଲ୍ଲଂଘନ ଓ ବିରୋଧୀଙ୍କ କଣ୍ଠରୋଧ କରିବା ଦୁର୍ଭାଗ୍ୟଜନକ। ୧୪୬ ଏମ୍‌ପିଙ୍କୁ ନିଲମ୍ବନ କରି ୩ ଦିନ ଭିତରେ ୧୪ଟି ବିଲ୍ ଗୃହୀତ କରାଇନେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପ୍ରକାଶ ଯେ, ଏହା ପୂର୍ବରୁ ମଙ୍ଗଳବାର ଲୋକ ସଭା ଓ ରାଜ୍ୟ ସଭାର ୧୪ ସଦସ୍ୟଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରାଯାଇଥିଲା।



ସଂସଦର ଉଭୟ ସଦନକୁ ସମ୍ବୋଧିତ କରୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ନିକଟରେ ଉପସ୍ଥିତ ଉପରାଷ୍ଟ୍ରପତି ଜଗଦୀପ ଧନକର।

### କଂଗ୍ରେସ ଉଠାଇବ ବେକାରି, ଦରବୃଦ୍ଧି, ମଣିପୁର ପ୍ରସଙ୍ଗ

ପାର୍ଲାମେଣ୍ଟର ବଜେଟ ଅଧିବେଶନରେ କଂଗ୍ରେସ ବେକାରି, ମୁଦ୍ରାସ୍ଫୀତି ଓ ମଣିପୁର ହିଂସା ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିବ। କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀଙ୍କ ଅଧ୍ୟକ୍ଷତାରେ ବୁଧବାର ଏକ ବୈଠକ କରାଯାଇଥିଲା। ଉକ୍ତ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ମଧ ଉପସ୍ଥିତ ଥିଲେ। ବୈଠକ ପରେ ରାଜ୍ୟ ସଭାରେ କଂଗ୍ରେସ ଉପନେତା ପ୍ରମୋଦ ତିୱାରୀ ଏନେଇ ସୂଚନା ଦେଇଛନ୍ତି।

# ଆଜି ଝାଡ଼ଖଣ୍ଡ ବନ୍ଦ

## ସୋରେନ୍‌ଙ୍କ ଗିରଫର ପ୍ରତିବାଦ

ରାଞ୍ଚି,୩୧।୧

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ଗିରଫଦାରି ପ୍ରତିବାଦରେ ଗୁରୁବାର ରାଜ୍ୟରେ ବନ୍ଦ ପାଳନ ପାଇଁ ଅନେକ ଆଦିବାସୀ ସଙ୍ଗଠନ ପକ୍ଷରୁ ଡାକରା ଦିଆଯାଇଛି। କେନ୍ଦ୍ରୀୟ ସର୍ନା ସମିତି ଅଧ୍ୟକ୍ଷ ଅଜୟ ତିର୍କୀ ଏନେଇ କହିଛନ୍ତି, ରାଜ୍ୟର ୧୫-୨୦ ଆଦିବାସୀ ସଙ୍ଗଠନ ଝାଡ଼ଖଣ୍ଡ ବନ୍ଦ ଡାକରା ଦେଇଛନ୍ତି। ହେମନ୍ତ ଇଡି ତଦନ୍ତରେ ସହଯୋଗ କରୁଥିବାବେଳେ ତାଙ୍କୁ ଗିରଫ କରାଯିବା ଦୁର୍ଭାଗ୍ୟଜନକ। ଆମେ ଏହାର ପ୍ରତିବାଦ କରିବୁ। ତେବେ ବନ୍ଦ ଯୋଗୁ ଜରୁରୀ ସେବା ବ୍ୟାଘାତ ହେବା ଅନୁଚିତ।

# ଷୋଡ଼ଶ ଅର୍ଥ କମିଶନରେ ୪ ନୂଆ ସଦସ୍ୟ ନିଯୁକ୍ତ

ନୂଆଦିଲ୍ଲୀ, ୩୧।୧

ଷୋଡଶ ଅର୍ଥ କମିଶନର ୪ ଜଣ ନୂତନ ସଦସ୍ୟଙ୍କୁ କେନ୍ଦ୍ର ସରକାର ନିଯୁକ୍ତ କରିଛନ୍ତି। ଅରବିନ୍ଦ ପାନଗାରିଆଙ୍କୁ ଅର୍ଥ କମିଶନର ଚେୟାରମ୍ୟାନ ଭାବେ ନିଯୁକ୍ତ କଲା ପରେ ବୁଧବାର ୩ ଜଣ ପୂର୍ଣ୍ଣକାଳୀନ ସଦସ୍ୟଙ୍କ ସହ ସମୁଦାୟ ୪ ଜଣ ସଦସ୍ୟଙ୍କୁ ନିଯୁକ୍ତ କରିଛି କେନ୍ଦ୍ର। ଅର୍ଥ ବିଭାଗର ପୂର୍ବତନ ସଚିବ ଅଜୟ ନାରାୟଣ ଝା ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ସେହିପରି ବ୍ୟୟ ବିଭାଗର ପୂର୍ବତନ ସ୍ୱତନ୍ତ୍ର ସଚିବ ଜର୍ଜ ମାଥ୍ୟୁ ଏବଂ ଅର୍ଥ ଗ୍ଲୋବାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ରାଜଧ୍ୟକଶା ମଧ ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ସେହିପରି ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଗ୍ରୁପ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ସୌମ୍ୟକାନ୍ତ ଘୋଷଙ୍କୁ ମଧ ଅନ୍ୟତମ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି।

# ରାଜସ୍ଥାନରେ ଖୁବ୍‌ଶୀଘ୍ର ସମାନ ଡ୍ରେସ୍ କୋଡ୍

ଜୟପୁର, ୩୧।୧

ରାଜସ୍ଥାନରେ ଚାଲିଥିବା ହିଜାବ ବିବାଦ ମଧ୍ୟରେ ବଡ଼ ବୟାନ ଦେଇଛନ୍ତି ରାଜ୍ୟ ଶିକ୍ଷାମନ୍ତ୍ରୀ ମଦନ ଦିଲାୱାର। ସବୁ ଧର୍ମର ଛାତ୍ରୀଛାତ୍ରଙ୍କ ପାଇଁ ଖୁବଶୀଘ୍ର ରାଜ୍ୟରେ ସମାନ ଡ୍ରେସ୍ କୋଡ୍ ଲାଗୁ ହେବ। ସେହିପରି ରାଜ୍ୟର ସମସ୍ତ ବିଦ୍ୟାଳୟରେ ଦେବୀ ସରସ୍ୱତୀଙ୍କର ମୂର୍ତ୍ତି ରଖିବାକୁ ବାଧ୍ୟତାମୂଳକ କରାଯିବ ବୋଲି ସେ କହିଛନ୍ତି। ସେପଟେ ଖୁବଶୀଘ୍ର ରାଜ୍ୟର ବିଦ୍ୟାଳୟଗୁଡ଼ିକର ମାହୋଲ କିପରି ରହିଛି ସେନେଇ ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ଯାଞ୍ଚ କରାଯିବା ନେଇ ଶିକ୍ଷା ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ଚଳିତ ଗଣତନ୍ତ୍ର ଦିବସ ଅବସରରେ ରାଜ୍ୟର ଏକ ବିଦ୍ୟାଳୟରେ ଚାଲିଥିବା କାର୍ଯ୍ୟକ୍ରମରେ ଜଣେ ଛାତ୍ରୀ ହିଜାବ ପିନ୍ଧି ଆସିବାକୁ ନେଇ ଭାଜପା ବିଧାୟକ ବାଲମୁକୁନ୍ଦ ଆଚାର୍ଯ୍ୟ ଆପତ୍ତି ଜଣାଇଥିଲେ। ଏହାକୁ ରାଜ୍ୟର ମୁସଲମାନ୍ ଛାତ୍ରୀମାନେ ବିରୋଧକରି ସୁଭାଷଚୌକ ଥାନା ସମ୍ମୁଖରେ ପ୍ରତିବାଦ କରିଥିଲେ। ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଥିଲେ। ଯଦି ଗୋଟିଏ ଶ୍ରେଣୀରେ କେତେଜଣ ଛାତ୍ରୀ ହିଜାବ ପିନ୍ଧି ଆସିବେ ବିଦ୍ୟାଳୟ ମଧ୍ୟରେ ଦୁଇ ପ୍ରକାରର ବାତାବରଣ ଦେଖିବାକୁ ମିଳିବ ବୋଲି ବାଲମୁକୁନ୍ଦ କହିଥିଲେ।

# ଇମ୍ରାନ, ବୁଶରାଙ୍କୁ ୧୪ ବର୍ଷ ଜେଲ

ଇସ୍‌ଲାମାବାଦ, ୩୧।୧

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଓ ତାଙ୍କ ସ୍ତ୍ରୀ ବୁଶରା ବିବିଙ୍କୁ ବୁଧବାର ଇସ୍‌ଲାମାବାଦର ଏକ ଦୁର୍ନୀତି ନିରୋଧୀ କୋର୍ଟ ୧୪ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଇମ୍ରାନ ପ୍ରଧାନମନ୍ତ୍ରୀ ଥିବା ସମୟରେ ଦେଶବିଦେଶରୁ ମିଳିଥିବା ବିଭିନ୍ନ ଉପହାରରେ ଦୁର୍ନୀତି ହୋଇଥିବା ଅଭିଯୋଗର ଶୁଣାଣି କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ଏହାପୂର୍ବରୁ ଦେଶର ଗୁପ୍ତ ତଥ୍ୟ ପ୍ରଘଟ କରୁଥିବା ଅଭିଯୋଗରେ ମଙ୍ଗଳବାର ପାକିସ୍ତାନର ଏକ ସ୍ୱତନ୍ତ୍ର ଅଦାଲତ ଇମ୍ରାନଙ୍କୁ ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। ପାକିସ୍ତାନରେ ସାଧାରଣ ନିର୍ବାଚନକୁ ଆଉ ସପ୍ତାହେରୁ କମ ସମୟ ବାକିଥିବାବେଳେ ଇମ୍ରାନ ଏବଂ ତାଙ୍କ ଦଳ ପାକିସ୍ତାନ ତେହେରିକ୍ ଏ ଇନସାଫ୍ (ପିଟିଆଇ)କୁ ଲାଗିଛି ବଡ଼ ଝଟକା। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଥିବା ସମୟରେ ଦେଶ ବିଦେଶରୁ ମିଳିଥିବା ଉପହାରକୁ ବେଆଇନ ଭାବେ ବିକ୍ରି କରିଥିବା ଅଭିଯୋଗରେ ଉଭୟ ଇମ୍ରାନ୍ ଓ ବୁଶରାଙ୍କୁ ଦଣ୍ଡିତ କରାଯାଇଛି।

# ସୋସାଇଟି ଛାଡ଼ିବାକୁ ମଣିଶଙ୍କର ଝିଅଙ୍କୁ ନୋଟିସ

## ରାମମନ୍ଦିର ବିରୋଧରେ ବ୍ରତ ରଖିଥିଲେ

ନୂଆଦିଲ୍ଲୀ, ୩୧।୧

ଅଯୋଧ୍ୟାରେ ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ସାମାଜିକ ଗଣମାଧ୍ୟମରେ ବିରୋଧ କରିଥିବାରୁ ବରିଷ୍ଠ କଂଗ୍ରେସ ନେତା ମଣିଶଙ୍କର ଆୟାରଙ୍କର ଝିଅ ସୁରନ୍ୟା ଆୟାରଙ୍କୁ ସୋସାଇଟି ଛାଡ଼ିବା ପାଇଁ ନିର୍ଦ୍ଦେଶ ମିଳିଛି। ଦିଲ୍ଲୀର ଜଙ୍ଗପୁରା ଅଞ୍ଚଳରେ ସୁରନ୍ୟା ରହୁଥିବା ସୋସାଇଟିର ରେସିଡେଣ୍ଟସ୍ ୱେଲଫେୟାର ଆସୋସିଏଶନ (ଆରଡବ୍ଲ୍ୟୁଏ) ପକ୍ଷରୁ ଏକ ନୋଟିସ ଜାରି ହୋଇଛି। ଯେଉଁଥିରେ ସୁରନ୍ୟା କ୍ଷମା ମାଗନ୍ତୁ ନଚେତ ସୋସାଇଟି ଛାଡ଼ନ୍ତୁ ବୋଲି କୁହାଯାଇଛି। ତେବେ ଏହି ନୋଟିସ ନେଇ ପ୍ରତିକ୍ରିୟା ରଖିଛନ୍ତି ସୁରନ୍ୟା। ସମ୍ପୃକ୍ତ ଆରଡବ୍ଲ୍ୟୁଏ ଯେଉଁ ସୋସାଇଟିର ସେ ସେଠି ଆଉ ରହୁ ନ ଥିବା କହିଛନ୍ତି ସୁରନ୍ୟା। ସୂଚନାଯୋଗ୍ୟ, ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ବିରୋଧ କରି ରାଷ୍ଟ୍ରବାଦ ଓ ହିନ୍ଦୁତ୍ୱ ନାମରେ ଦେଶରେ ଅରାଜକତା ଚାଲିଥିବା ଅଭିଯୋଗ କରି ଏହା ବିରୋଧରେ ଜାନୁୟାରୀ ୨୦ରୁ ୨୩, ତିନି ଦିନ ଧରି ବ୍ରତ ରଖିଥିବା ନେଇ ସେ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରିଥିଲେ।



ସୁରନ୍ୟା ଆୟାର

## ଫୁରସତ

# ଦେଶର ସୁରକ୍ଷା ପ୍ରହରୀ

ଇଣ୍ଡିଆନ କୋଷ୍ଟଗାର୍ଡ (ଆଇସିଜି) ହେଉଛି ଭାରତର ଏକ ସାମୁଦ୍ରିକ ଆଇନ ପ୍ରଣୟନ ଓ ସର୍ଚ୍ଚ ଏବଂ ଉଦ୍ଧାରକାରୀ ସଂସ୍ଥା, ଯାହା ଏହାର ସଂଲଗ୍ନ ଜୋନ୍ ଏବଂ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ସହିତ ଏହାର ଆଞ୍ଚଳିକ ଜଳ ଉପରେ ଅଧିକାର ସାବ୍ୟସ୍ତ କରିଥାଏ। ଭାରତ ସଂସଦର କୋଷ୍ଟଗାର୍ଡ ଆକ୍ଟ, ୧୯୭୮ ଦ୍ୱାରା ୧ ଫେବୃଆରୀ ୧୯୭୭ରେ ଏହା ଆନୁଷ୍ଠାନିକ ଭାବରେ ପ୍ରତିଷ୍ଠିତ ହୋଇଥିଲା। ଏହା ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରିଥାଏ। କୋଷ୍ଟଗାର୍ଡ ଭାରତୀୟ ନୌସେନା, ମତ୍ସ୍ୟ ବିଭାଗ, ରାଜସ୍ୱ ବିଭାଗ ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ତଥା ରାଜ୍ୟ ପୋଲିସ ସେବା ସହ ଘନିଷ୍ଠ ସହଯୋଗରେ କାର୍ଯ୍ୟ କରିଥାଏ। ସେମାନଙ୍କ କାର୍ଯ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଫେବୃୟାରୀ ୧ରେ ଭାରତୀୟ ତଟରକ୍ଷୀ ବାହିନୀ ଦିବସ ପାଳନ କରାଯାଇଥାଏ। ଇଣ୍ଡିଆନ କୋଷ୍ଟଗାର୍ଡ ୧ ଫେବୃୟାରୀ ୨୦୨୪ରେ ଏହାର ୪୮ତମ ଦିବସ ପାଳନ କରୁଛି। ୧୯୭୮ରେ ମାତ୍ର ୭ ଭୂପୃଷ୍ଠ ପ୍ଲାଟଫର୍ମରୁ ଏକ ସାମାନ୍ୟ ଆରମ୍ଭ ହୋଇଥିବା ତଟରକ୍ଷୀ ବାହିନୀ ପାଖରେ ସମ୍ପ୍ରତି ୧୫୮ ଜାହାଜ ଏବଂ ୭୦ଟି ବିମାନ ସହିତ ଏକ ଶକ୍ତିଶାଳୀ ସୁରକ୍ଷାଶକ୍ତିରେ ପରିଣତ ହୋଇଛି। ୨୦୨୫ ସୁଦ୍ଧା ଏହା ୨୦୦ ଭୂପୃଷ୍ଠ ପ୍ଲାଟଫର୍ମ ଏବଂ ୮୦ ବିମାନ ହାସଲ କରିବା ଲକ୍ଷ୍ୟ ଧାର୍ଯ୍ୟ କରିଛି। ଭାରତୀୟ ତଟରକ୍ଷୀ ବାହିନୀ ଗଠନ ସମୟରେ ଦୁଇଟି ଛୋଟ କର୍ଭେଟ ଏବଂ ପାଞ୍ଚଟି ପାଟ୍ରୋଲିଂ ଡଙ୍ଗା ଭାରତୀୟ ନୌସେନାରୁ ସ୍ଥାନାନ୍ତରିତ ହୋଇଥିଲା। ଏହାର କର୍ତ୍ତବ୍ୟ ଏବଂ କାର୍ଯ୍ୟଗୁଡିକ ଆନୁଷ୍ଠାନିକ ଭାବରେ କୋଷ୍ଟଗାର୍ଡ ଅଧିନିୟମରେ ବ୍ୟାଖ୍ୟା କରାଯାଇଥିଲା, ଯାହା ଭାରତର ସଂସଦ ଦ୍ୱାରା ୧୮ ଅଗଷ୍ଟ ୧୯୭୮ରେ ପାରିତ ହୋଇଥିଲା।

ପୂର୍ବରୁ ସମୁଦ୍ର ମାର୍ଗରେ ସାମଗ୍ରୀ ଚୋରା ଚାଲାଣ ଯୋଗୁ ଭାରତର ଘରୋଇ ଅର୍ଥନୀତି ପ୍ରତି ବିପଦ ସୃଷ୍ଟି ହୋଇଥିଲା। ଭାରତୀୟ କଷ୍ଟମ୍ସ ବିଭାଗ ବାରମ୍ବାର ଭାରତୀୟ ନୌସେନାକୁ ପାଟ୍ରୋଲିଂ ତଥା ଚୋରା ଚାଲାଣ ବିରୋଧୀ କାର୍ଯ୍ୟରେ ହସ୍ତକ୍ଷେପ ପାଇଁ ଅନୁରୋଧ କରିଥିଲା। ଏହି ସମସ୍ୟାକୁ ଅନୁଧ୍ୟାନ କରିବା ପାଇଁ ଭାରତୀୟ ନୌସେନା ଏବଂ ଭାରତୀୟ ବାୟୁସେନା ଦ୍ୱାରା ଏକ କମିଟି ଗଠନ କରାଯାଇଥିଲା। ଅଗଷ୍ଟ ୧୯୭୧ ରେ, କମିଟି ଭାରତର ବିସ୍ତୃତ ଉପକୂଳବର୍ତ୍ତୀ ଅଞ୍ଚଳକୁ ପାଟ୍ରୋଲିଂ କରିବା, ବେଆଇନ କାର୍ଯ୍ୟକଳାପ ଚିହ୍ନଟ କରିବା ପାଇଁ ଅଫଶୋର ମତ୍ସ୍ୟଜୀବୀ ଜାହାଜର ଏକ ରେଜିଷ୍ଟ୍ରି ସ୍ଥାପନ କରିବା ଏବଂ ବେଆଇନ କାର୍ଯ୍ୟକଳାପରେ ନିୟୋଜିତ ଜାହାଜକୁ ଅଟକାଇବା ପାଇଁ ଏକ ଦକ୍ଷ ତଥା ସୁସଜ୍ଜିତ ଶକ୍ତି ପ୍ରତିଷ୍ଠା କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲା।

୧୯୭୩ ସୁଦ୍ଧା ଭାରତ ଏହି ଉପକରଣ ହାସଲ କରିବା ପାଇଁ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲା ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ଅଧିନିୟମ ଅନୁଯାୟୀ ଏହି ଚୋରା ଚାଲାଣ ତଥା ଆଇନ ପ୍ରଣୟନ କାର୍ଯ୍ୟ ପାଇଁ ଭାରତୀୟ ନୌସେନାର କର୍ମଚାରୀମାନଙ୍କୁ ନିୟୋଜିତ କରିବା ଆରମ୍ଭ କରିଥିଲା। ୩୧ ଅଗଷ୍ଟ ୧୯୭୪ରେ, ପ୍ରତିରକ୍ଷା ସଚିବ ଆଡମିରାଲ କୋହଲିଙ୍କ ସୁପାରିସ ଉପରେ କ୍ୟାବିନେଟ କାର୍ଯ୍ୟାନୁଷ୍ଠାନ ପ୍ରସ୍ତାବ ଦେଇ କ୍ୟାବିନେଟ ସଚିବଙ୍କ ପାଖରେ ଏକ ନୋଟ୍ ଦାଖଲ କରିଥିଲେ। ଫଳସ୍ୱରୂପ, ସେପ୍ଟେମ୍ବର ୧୯୭୪ରେ, ଖୁସ୍ରୋ ଫାରାମୁରଜ ରୁସ୍ତାମଜୀଙ୍କ ଅଧ୍ୟକ୍ଷତାରେ ଭାରତୀୟ ମନ୍ତ୍ରିମଣ୍ଡଳ ରୁସ୍ତମଜୀ କମିଟି ଗଠନ କରି ନୌସେନା, ବାୟୁସେନା ଏବଂ ରାଜସ୍ୱ ବିଭାଗର ଅଂଶଗ୍ରହଣକୁ ଗୁରୁତ୍ୱାରୋପ କରିଥିଲେ। ୨୦୦୮ ମୁମ୍ବାଇ ଆକ୍ରମଣ ପରେ ଭାରତ ସରକାର ଆଇସିଜି ଫୋର୍ସ, ସମ୍ପତ୍ତି ଏବଂ ଭିତ୍ତିଭୂମିବିସ୍ତାର ପାଇଁ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ।

### ତଟରକ୍ଷୀ ବାହିନୀ ଦିବସ



# ଶିଳ୍ପାଙ୍କୁ ଚାମ୍ପିୟନ୍ସ ଅଫ୍ ଚେଞ୍ଜ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ତଥା ଡ୍ୟାନ୍ସର ଶିଳ୍ପା ଶେଟ୍ଟୀ କୁନ୍ଦ୍ରା ମଙ୍ଗଳବାର ମହାରାଷ୍ଟ୍ରରେ ଚାମ୍ପିୟନ୍ସ ଅଫ୍ ଚେଞ୍ଜ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଏନେଇ ସେ ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କ ପ୍ରଶଂସକଙ୍କ ସହ ଏହି ଖୁସି ଖବର ବାଣ୍ଟିଛନ୍ତି। ସେ ତାଙ୍କ ପୁରସ୍କାର ସହିତ କିଛି ଫଟୋ ମଧ ପୋଷ୍ଟ କରିଛନ୍ତି। ମହାରାଷ୍ଟ୍ରର ଜଷ୍ଟିସ୍ କେ.ଜି. ବାଲକ୍ରିଷ୍ଣନ ଏବଂ ଜଷ୍ଟିସ ଜ୍ଞାନସୁଧା ମିଶ୍ରାଙ୍କଠାରୁ ଶିଳ୍ପା ଏହି ସ୍ୱତନ୍ତ୍ର ପୁରସ୍କାର ଗ୍ରହଣ କରିଛନ୍ତି। ଫଟୋରେ ଅଭିନେତ୍ରୀ ଶାଢ଼ି ପିନ୍ଧିଥିବା ନଜର ଆସିଛନ୍ତି ଏବଂ ତାଙ୍କୁ ପୁରସ୍କାର ପ୍ରଦାନ କରୁଥିବା ଦେଖିବାକୁ ମିଳିଛି। ସେ କ୍ୟାପ୍‌ଶନରେ ଲେଖିଛନ୍ତି, ମହାରାଷ୍ଟ୍ରରେ ଜଷ୍ଟିସ୍ କେ.ଜି. ବାଲକ୍ରିଷ୍ଣନ ଏବଂ ଜଷ୍ଟିସ ଜ୍ଞାନସୁଧା ମିଶ୍ରା ଜୀଙ୍କଠାରୁ 'ଚାମ୍ପିୟନ୍ସ ଅଫ୍ ଚେଞ୍ଜ ୨୦୨୩' ପୁରସ୍କାର ପାଇ ମୁଁ ଅତ୍ୟଧିକ କୃତଜ୍ଞ ଏବଂ ଗୌରବାନ୍ୱିତ। ତାଙ୍କ ସହିତ ଅର୍ଜୁନ ରାମପାଲ, ଫରାନ ଖାନ୍‌ଙ୍କୁ ମଧ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଶିଳ୍ପା ୧୯୯୩ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଶେଷଥର ପାଇଁ ତାଙ୍କୁ ସିନେମା 'ସୁଖୀ'ରେ ଦେଖିବାକୁ ମିଳିଥିଲା।



# ଟିଭି ସିରିଏଲ ଦେଖିବାରୁ ୧୨ ବର୍ଷ ଦଣ୍ଡ



**ସିଓଲ:** ଉତ୍ତର କୋରିଆର ଶକ୍ତ ଆଇନକାନୁନ ବାବଦରେ ସମସ୍ତେ ଜାଣନ୍ତି। ସବୁଥର ଖବରରେ ଆଶ୍ଚର୍ଯ୍ୟ କରିବା ଭଳି କିଛି ନୂଆ ତଥ୍ୟ ରହିଥାଏ। ନିକଟରେ ୨ ଜଣ ନାବାଳକଙ୍କୁ ଟିଭି ସିରିଏଲ ଦେଖିବାକୁ ନେଇ ଭୟଙ୍କର ଦଣ୍ଡ ମିଳିଥିବା ଜଣାପଡ଼ିଛି। ଦକ୍ଷିଣ କୋରିଆର କେ-ଡ୍ରାମା ଦେଖିବା ଏବଂ ଶେୟାର କରିବାରେ ୨ ଜଣ ୧୬ ବର୍ଷୀୟଙ୍କୁ ୧୨ ବର୍ଷ ପର୍ଯ୍ୟନ୍ତ କଡ଼ା ଶ୍ରମିକ ହେବାର ଦଣ୍ଡ ମିଳିଛି। ରିପୋର୍ଟ ମୁତାବକ, ଦେଖିବାକୁ ମିଳିଥିବା ଏକ ଭିଡିଓରେ ମଞ୍ଚକୁ ଘେରି ରହିଥିବା ବହୁ ଲୋକଙ୍କ ମଧ୍ୟରେ ଥିବା ୨ ଜଣ ନାବାଳକଙ୍କୁ ଦେଖିବାକୁ ମିଳିଛି। ଯେଉଁଠାରେ ସେମାନଙ୍କୁ ଦଣ୍ଡ ଦିଆଯାଉଛି। ୨୦୨୦ ହର୍ମିଟ କିଙ୍ଗଡମ ଦ୍ୱାରା ପ୍ରଚଳିତ ଆଇନ ଅନୁସାରେ, ଉତ୍ତର କୋରିଆରେ ଟେଲିଭିଜନ କାର୍ଯ୍ୟକ୍ରମ ସହିତ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟରେ ପ୍ରତିବନ୍ଧକ ଲଗାଯାଇଛି। ଅର୍ଥାତ୍ ଦକ୍ଷିଣ କୋରିଆରେ ମନୋରଞ୍ଜନ ଦେଖିବା ଏବଂ ତାକୁ ଶେୟାର କରିବା ଏକପ୍ରକାର ଦଣ୍ଡ। ତେବେ କେତେଜଣ ପଡ଼ୋଶୀ ଦେଶର ଝଲକ ଦେଖିବାକୁ ଜୀବନକୁ ଖାତିର କରନ୍ତିନି। ଏଠାରେ ଏକ ମଜାଦାର ଆଇନ ମଧ ରହିଛି, ଯଦି ଲୋକ ଆମେରିକାର ସିରିଏଲ ଦେଖି ଧରାପଡ଼ନ୍ତି, ତେବେ ସେମାନେ ମୋଟା ଅଙ୍କର ଟଙ୍କା ଦେଇ ସେଠାରୁ ଖସିଯାଇପାରନ୍ତି। ଉତ୍ତର କୋରିଆ ମୁତାବକ, ନାଟକ ଏକ ଡ୍ରଗ୍, ଯାହା ସେମାନଙ୍କୁ ବାସ୍ତବିକତାରୁ ଦୂର କରିଦିଏ।

# 'ଫ୍ରୋଜେନ୍ କୋବେ ବିଫ୍ କ୍ରୋକ୍ୟୁଟିଜ୍' ପାଇଁ ୪୩ ବର୍ଷର ଅପେକ୍ଷା



**ମୁମ୍ବାଇ:** ଦୁନିଆରେ ଏପରି କିଛି ଖାଦ୍ୟ ରହିଛି, ଯେଉଁଥିପାଇଁ ଲୋକେ ରେଷ୍ଟୁରାଣ୍ଟରେ ଲାଇନ ଲଗାଇ ଅପେକ୍ଷା ମଧ କରନ୍ତି। କିଛି ସ୍ଥାନରେ ଏହି ଅପେକ୍ଷା ୨, ୩ ଦିନ କିମ୍ବା ମାସେ ପର୍ଯ୍ୟନ୍ତ ହୋଇଥାଏ। ହେଲେ ଏପରି ଏକ ଖାଦ୍ୟ ରହିଛି, ଯାହା ପାଇଁ ଲୋକେ ୪୩ ବର୍ଷ ଧରି ଅପେକ୍ଷା କରିଥାନ୍ତି। ପ୍ରକୃତରେ ଜାପାନର ତାକାସୋଗିର ଏକ ରେଷ୍ଟୁରାଣ୍ଟରେ ପ୍ରସ୍ତୁତ ହେଉଥିବା ଏକ ଖାଦ୍ୟ ସହିତ ଏପରି କିଛି ହୋଇଥାଏ। ଏଠାକାର ସବୁଠୁ ଲୋକପ୍ରିୟ ଖାଦ୍ୟ ହେଉଛି 'ଫ୍ରୋଜେନ କୋବେ ବିଫ୍ କ୍ରୋକ୍ୟୁଟିଜ୍'। ଲୋକେ ଏହି ଖାଦ୍ୟର ଆନନ୍ଦ ଉଠାଇବାକୁ ଦୀର୍ଘ ୪୩ ବର୍ଷ ଅପେକ୍ଷା କରିଥାନ୍ତି। ଏହି ଖାସ୍ ଖାଦ୍ୟର ମୂଲ୍ୟ ୨.୦୫ ଡଲାର ଅର୍ଥାତ୍ ୧୭୦ ଟଙ୍କା ଧାର୍ଯ୍ୟ କରାଯାଇଛି। ହେଲେ ଏହି ଖାଦ୍ୟ ଅପେକ୍ଷାରେ ଥିବା ଲୋକଙ୍କୁ ସବୁଠୁ ଅଧିକ ଚିନ୍ତାରେ ପକାଇଥାଏ। ଏକ ରିପୋର୍ଟ ମୁତାବକ, 'ଫ୍ରୋଜେନ କୋବେ ବିଫ୍ କ୍ରୋକ୍ୟୁଟିଜ୍' ପାଇଁ ୪୦ ବର୍ଷ ଧରି ୬୩ ହଜାର ଲୋକ ୱେଟିଂ ତାଲିକାରେ ଅଛନ୍ତି। ଏହି ଖାଦ୍ୟରେ ଆଳୁ ଏବଂ ଗୋମାଂସର ଚାହିଦା ବେଶ୍ ଅଧିକ। ୧୯୨୬ ମସିହାରେ ହୋଇଥିବା ଏକ ଦୋକାନରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ କ୍ରୋକେଟ୍ ବିକ୍ରି କରିବା ଆରମ୍ଭ କରାଗଲା। ୧୯୯୯ ମସିହା ସୁଦ୍ଧା ଏହି ଖାଦ୍ୟ ଅନ୍‌ଲାଇନରେ ବିକ୍ରି ହେଲା। ଏହା ସତ୍ତ୍ୱେ ପ୍ରତି ସପ୍ତାହରେ ଏହି ଡିସ୍ ମାତ୍ର ୨ଶହ ପ୍ଲେଟ ପ୍ରସ୍ତୁତ ହୋଇପାରିଲା। ୨୦୦୦ ମସିହା ପରେ ଏହା ଅଧିକ ଲୋକପ୍ରିୟ ଖାଦ୍ୟ ହୋଇଗଲା। ଏଥିପାଇଁ ଅଧିକ ଲୋକଙ୍କ ଅର୍ଡର ମିଳିବା ଫଳରେ ଦୋକାନ ବନ୍ଦ କରିବାକୁ ପଡ଼ିଥିଲା। ୨୦୧୬ ପର୍ଯ୍ୟନ୍ତ ଏହାର ୱେଟିଂ ତାଲିକା ୧୪ ବର୍ଷରୁ ଅଧିକ ଥିଲା।

# ଲିଫ୍ଟ ଅଚଳ, ବିଦ୍ୟୁତ୍ ସେବା ଫେଲ୍



ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା।


ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ରୋଗୀ।

ବରଗଡ଼,୩୧।୧(ପ୍ରେମାନନ୍ଦ ଖମାରୀ)

ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୪ଘଣ୍ଟିଆ ବିଦ୍ୟୁତ ସେବା ଯୋଗାଣ ପାଇଁ ସରକାର ୨୦୧୨ରୁ ଉଦ୍ୟମ ଆରମ୍ଭ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ତାହା ଦିବାସ୍ୱପ୍ନ ପାଲଟିଛି। ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଦ୍ୟୁତ୍ ସେବା ବ୍ୟାହତ ଯୋଗୁ ରୋଗୀ ଅନ୍ଧାରରେ ରହୁଥିବା ସାଧାରଣରେ ପରିଣତ ହୋଇଥିବାବେଳେ ମୋବାଇଲ ଟର୍ଚ୍ଚ କିମ୍ବା ଟର୍ଚ୍ଚ ଲାଇଟ୍‌ରେ ରୋଗୀଙ୍କ ଚିକିତ୍ସା ଚାଲୁଥିବା ଭଳି ଅଭିଯୋଗ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨ଦିନ ତଳେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି।

ସୂଚନା ଅନୁଯାୟୀ, ବିଷକ୍ରିୟା ଯୋଗୁ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିବା ବରଗଡ଼ ଜିଲା ଗାଇସିଲେଟ ବ୍ଲକ କନ୍ଦାଗାଡ଼ ଗ୍ରାମର ଦୁର୍ବାସା ବରିହାଙ୍କୁ ପରିବାର ଲୋକେ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ତାଙ୍କୁ ଭେଷଜ ବିଭାଗରେ ଭର୍ତ୍ତି କରାଯିବା ସହିତ ଅକ୍ସିଜେନ ଦିଆଯାଉଥିଲା। ତେବେ ବୈଦ୍ୟୁତିକ ମେଶିନରେ ଅକ୍ସିଜେନ ଦିଆଯାଉଥିବାବେଳେ ସୋମବାର ସନ୍ଧ୍ୟାରେ ହଠାତ୍ ବିଦ୍ୟୁତ ସେବା ବ୍ୟାହତ ହୋଇ ପଡ଼ିଥିଲା। ଏହା ପରେ ଅସୁସ୍ଥ ଦୁର୍ବାସା ପୂର୍ବାପେକ୍ଷା ଅଧିକ ଧଇଁସଇଁ ହୋଇ ପଡ଼ିଥିଲେ। ଦୁର୍ବାସାଙ୍କ ପୁଅ ରାଜେଶ ସୂଚନା ଦେବା ପରେ ଡାକ୍ତରଖାନା ସ୍ୱାସ୍ଥ୍ୟକର୍ମୀମାନେ ଅନ୍ୟଏକ ଅକ୍ସିଜେନ ସିଲିଣ୍ଡର ଧରି ପହଞ୍ଚିଥିଲେ। ସେଥିରୁ ଅକ୍ସିଜେନ ଦିଆଯାଇଥିଲା ବୋଲି ରାଜେଶ କହିଛନ୍ତି।

ତେବେ ଜିଲା ମୁଖ୍ୟ ଡାକ୍ତରଖାନାରେ ଏହା ନୂଆ ନୁହେଁ। ଗତ କିଛିଦିନ ତଳେ ବିଦ୍ୟୁତ ସେବା ବ୍ୟାହତ ହେବା ପରେ ମୋବାଇଲ ଟର୍ଚ୍ଚ ଲାଇଟ୍ ଯୋଗେ ଜଣେ ରୋଗୀଙ୍କୁ ଇଞ୍ଜେକ୍ସନ ଦିଆଯାଇଥିବା ଚର୍ଚ୍ଚା ଚାଲିଛି। ଏଠାରେ ରହିଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ଅଟୋମେଟିକ୍ ସିଷ୍ଟମ ହୋଇ ନ ଥିବା ଯୋଗୁ ସେଭଳି ସମସ୍ୟା ବାରମ୍ବାର ଉପୁଜି ଆସୁଛି ବୋଲି ସ୍ୱେଚ୍ଛାସେବୀ ବିକାଶ ଅଗ୍ରୱାଲ କହିଛନ୍ତି। ଜିଲା ମୁଖ୍ୟ ଡାକ୍ତରଖାନାରେ ଯେଉଁ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଛି, ତାହା ମାନୁଆଲ ଟ୍ରାନ୍ସଫର୍ମର। ନିୟୋଜିତ କର୍ମଚାରୀ ସବୁବେଳେ ସେଠାରେ ଉପସ୍ଥିତ ରହିବା କଥା। ମାତ୍ର ବିଦ୍ୟୁତ୍ ସରବରାହ ବ୍ୟାହତ ହେବାର କିଛି ସମୟ ପରେ ସମ୍ପୃକ୍ତ କର୍ମଚାରୀ ମାନୁଆଲ ଟ୍ରାନ୍ସଫର୍ମରକୁ ଷ୍ଟାର୍ଟ କରିବା ପାଇଁ ଆସୁଥିବା ଯୋଗୁ ସେଭଳି ବିଳମ୍ବ ଘଟୁଛି ବୋଲି ଅଗ୍ରୱାଲ କହିଛନ୍ତି।

କେବଳ ବିଦ୍ୟୁତ୍ ସମସ୍ୟା ନୁହେଁ, ୭ମହଲା ବିଶିଷ୍ଟ ଡାକ୍ତରଖାନାର ଉପର ମହଲାଗୁଡ଼ିକୁ ଚଢ଼ିବା ପାଇଁ ୭ଟି ଲିଫ୍ଟ ବ୍ୟବସ୍ଥା ରହିଛି। ମାତ୍ର ସେଥିରୁ ୬ଟି ଅଚଳ ହୋଇ ପଡ଼ିଥିବା ସୂଚନା ମିଳିଛି। ୨୦୨୦ ଜାନୁଆରୀ ୩୦ରେ ଉକ୍ତ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟ ଉଦ୍‌ଘାଟିତ ହୋଇଥିଲା। ତେବେ ଡାକ୍ତରଖାନାରେ ଲିଫ୍ଟ ନିର୍ମାଣ ଏକ ଘରୋଇ କମ୍ପାନୀ କରିଥିଲା ଏବଂ ୫ବର୍ଷ ପର୍ଯ୍ୟନ୍ତ ସମ୍ପୃକ୍ତ କମ୍ପାନୀ ଏହାର ରକ୍ଷଣାବେକ୍ଷଣ କରିବା କଥା। ମାତ୍ର ସମ୍ପୃକ୍ତ କମ୍ପାନୀ ସେଥିପ୍ରତି ଆଉ ଦୃଷ୍ଟି ଦେଉ ନ ଥିବାବେଳେ ଅଚଳ ଲିଫ୍ଟ ଯୋଗୁ ରୋଗୀଙ୍କୁ ବହୁ ହଟହଟା ହେବାକୁ ପଡୁଥିବା ଅଭିଯୋଗ ହୋଇଛି। ତେବେ ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଜିତେନ୍ଦ୍ର ମୋହନ ବେବର୍ତ୍ତାଙ୍କୁ ପଚାରିବରୁ ସେ ବାହାରେ ଅନ୍ୟକାମରେ ବ୍ୟସ୍ତ ଅଛନ୍ତି, ପରେ ତାଙ୍କ ପ୍ରତିକ୍ରିୟା ଦେବେ ବୋଲି କହିଥିଲେ।

### ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା

### ରୋଗୀଙ୍କୁ ମିଳୁନି ୨୪ଘଣ୍ଟିଆ ବିଦ୍ୟୁତ୍ ସେବା

# ବାଇକ୍ ଚୋରି କରୁଥିଲେ ମୋମୋ ଦୋକାନୀ

### ୧୫ ବାଇକ୍ ଜବତ, ଅଭିଯୁକ୍ତ ଗିରଫ





ଭୁବନେଶ୍ୱର,୩୧।୧
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରର ବିଭିନ୍ନ ପାର୍କ ଓ ଜନଗହଳିପୂର୍ଣ୍ଣ ସ୍ଥାନରୁ ବାଇକ ଚୋରି କରୁଥିବା ଅଭିଯୁକ୍ତକୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରିବା ସହ ର୍‍ୟାକେଟର ପର୍ଦ୍ଦାଫାଶ କରିଛି। ସେ ହେଲେ ୟୁନିଟ-୮ ଅଞ୍ଚଳରେ ରହୁଥିବା କନ୍ଧମାଳ ଜି.ଉଦୟଗିରିର ରାକେଶ କୁମାର ନାୟକ। ସେ ଏଠାରେ ମୋମୋ ଦୋକାନ ଦେଇଥିଲେ। ସମୟ ସୁଯୋଗ ଦେଖି ବାଇକ ଚୋରି କରୁଥିଲେ। ପରେ ସେହି ବାଇକଗୁଡିକୁ ଗ୍ରାମାଞ୍ଚଳରେ କମ୍ ଟଙ୍କାରେ ବିକ୍ରି କରିଦେଉଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ତେବେ ତାଙ୍କଠାରୁ ବିଭିନ୍ନ କମ୍ପାନୀର ୧୫ଟି ବାଇକ, ୨୦ଟି ନକଲି ଚାବି ଓ ଗୋଟିଏ ମୋବାଇଲ ଫୋନ୍ ଜବତ କରାଯାଇଛି। ରାଜେଶ ପାତ୍ରଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ଗ୍ରହଣ କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଅଭିଯୁକ୍ତଙ୍କ ସହଯୋଗୀଙ୍କୁ ଧରିବା ପାଇଁ ତଦନ୍ତ ଚାଲିଥିବା ପୋଲିସ କହିଛି।

# ଭୋଜିଭାତ ଖାଇ ଶତାଧିକ ଅସୁସ୍ଥ


ଏସ୍. ଡୁମ୍ବେରପାଲିରେ ଡାକ୍ତରୀ ଟିମ୍ ଲୋକଙ୍କୁ ଔଷଧ ଦେଉଛନ୍ତି।

ବରଗଡ଼,୩୧।୧
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ସଦର ବ୍ଲକ ଅନ୍ତର୍ଗତ ଏସ୍. ଡୁମ୍ବେରପାଲି ଗ୍ରାମରେ ମଙ୍ଗଳବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମର ଭୋଜିଭାତ ଖାଇ ଶତାଧିକ ଗ୍ରାମବାସୀ ଅସୁସ୍ଥ ହୋଇପଡ଼ିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଖବର ପାଇ ବୁଧବାର ଜିଲା ସ୍ୱାସ୍ଥ୍ୟ ବିଭାଗର ଡାକ୍ତରୀ ଟିମ୍ ଗ୍ରାମରେ ପହଞ୍ଚି ଅସୁସ୍ଥଙ୍କ ଚିକିତ୍ସା କରିଥିଲେ। ଲୋକଙ୍କୁ ଔଷଧ ବଣ୍ଟନ କରିଥିଲେ। ତେବେ କାହାରିକୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇନାହିଁ। ଚିକିତ୍ସା ପରେ ସମସ୍ତେ ସୁସ୍ଥ ଅଛନ୍ତି ବୋଲି ବିଭାଗୀୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ଜେ. ସେନାପତି କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଏସ୍. ଡୁମ୍ବେରପାଲିର ଶତାଧିକ ଗ୍ରାମବାସୀ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ସରିବା ପରେ ସେମାନେ ଭୋଜିଭାତ ଖାଇଥିଲେ। ରାତିରେ ଗ୍ରାମର ପ୍ରାୟ ୩୦୦ ଲୋକଙ୍କୁ ଝାଡ଼ାବାନ୍ତି ହୋଇଥିବା ଗ୍ରାମବାସୀ କହିଛନ୍ତି।

# ଅସୁସ୍ଥ ଯାତ୍ରୀଙ୍କ ଜୀବନ ରକ୍ଷା କଲେ ବସ୍ ଚାଳକ

### ଗୁରୁତରଙ୍କୁ ସିଧା ପହଞ୍ଚାଇଲେ ମେଡିକାଲରେ

ଅନୁଗୋଳ,୩୧।୧
(ଅମିତ କୁମାର ସାମଲ)

ବସ୍‌ରେ ଘରକୁ ଫେରୁଥିବା ବେଳେ ଗୁରୁତର ଅସୁସ୍ଥ ହୋଇପଡ଼ିଥିବା ଜଣେ ଯାତ୍ରୀଙ୍କ ଜୀବନ ରକ୍ଷା କରିଛନ୍ତି ବସ୍ ଚାଳକ ଓ କଣ୍ଡକ୍ଟର। ବିନା ଷ୍ଟପେଜରେ ବସ୍‌କୁ ୧୦ କି.ମି. ଦୂରରେ ଥିବା ମେଡିକାଲ ପରିସରକୁ ନେଇ ଆସିବାରୁ ସମ୍ପୃକ୍ତ ଗୁରୁତରଙ୍କ ତତ୍କାଳ ଚିକିତ୍ସା ସମ୍ଭବ ହୋଇପାରିଛି। ଏପରି କି କେଇ ଘଣ୍ଟାର ଚିକିତ୍ସା ପରେ ଅସୁସ୍ଥ ଯାତ୍ରୀ ଜଣକ ନୂଆ ଜୀବନ ପାଇ ଘରକୁ ଫେରିବା ବୁଧବାର ଅନୁଗୋଳ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ମାନବିକତାର ଉଦାହରଣ ଦେଇଥିବା ବସ୍ ଚାଳକ ଓ କଣ୍ଡକ୍ଟରଙ୍କୁ ଚାରିଆଡୁ ପ୍ରଶଂସା କରାଯାଇଛି।

ପ୍ରକାଶ ଯେ, ଅନୁଗୋଳ ଜିଲା ନିଶା ଥାନା ଅଞ୍ଚଳରେ ଥିବା ଏକ ଶିଳ୍ପ ସଂସ୍ଥାରେ କାମ କରୁଥିବା ଭଦ୍ରକ ଅଞ୍ଚଳର ରଞ୍ଜନ ନାୟକ(୩୨) ସହର ଉପକଣ୍ଠ ବଡ଼ କେରଜାଙ୍ଗ ଅଞ୍ଚଳରେ ରହୁଛନ୍ତି। ସକାଳେ କୌଣସି କାର୍ଯ୍ୟରେ ସେ ବଅଁରପାଳ ଯାଇଥିଲେ। ପରେ ସେଠାରୁ ଲକ୍ଷ୍ମୀଶ୍ରୀ (ନଂ. ଓଡି ୧୯ ଡବ୍ଲ୍ୟୁ ୩୩୭୭) ବସ୍‌ରେ ଘରକୁ ଫେରୁଥିଲେ। ବସ୍‌ଟି ନାଲ୍‌କୋ ନିକଟରେ ପହଞ୍ଚିଥିବା ବେଳେ ରଞ୍ଜନ ହଠାତ୍ ଅସୁସ୍ଥ ଅନୁଭବ କରିବା ସହ ଚେତା ହରାଇଥିଲେ। ତାଙ୍କ ଅବସ୍ଥା ଗୁରୁତର ଦେଖି ପାଖରେ ବସିଥିବା ଯାତ୍ରୀମାନେ ପାଟି କରିବା ସହ ବସ୍ କଣ୍ଡକ୍ଟର ଗୁଡ଼ିଆକାଟେଣିର ଲକ୍ଷ୍ମୀଧର ପୃଷ୍ଟି ଓ ଚାଳକ ରାସୋଳ ବଡ଼ବାହାଳର ଅଶୋକ କୁମାର ନାୟକଙ୍କୁ ଜଣାଇଥିଲେ। ଏହାପରେ ଚାଳକ ଆଉ କେଉଁଠାରେ ଗାଡ଼ି ନ ଅଟକାଇ ସିଧା ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ମଧ୍ୟକୁ ବସ୍‌କୁ ନେଇ ଆସିଥିଲେ। ତୁରନ୍ତ ଗୁରୁତର ରଞ୍ଜନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସନ୍ଧ୍ୟାରେ ସୁସ୍ଥ ଅନୁଭବ କରିବାରୁ ମେଡିକାଲ ପକ୍ଷରୁ ରଞ୍ଜନଙ୍କୁ ପରିବାର ଲୋକଙ୍କ ସହ ଘରକୁ ପଠାଇ ଦିଆଯାଇଛି। ତାଙ୍କ ଜୀବନ ବଞ୍ଚାଇବାରେ ସହାୟତା କରିଥିବାରୁ ବସ୍ ଚାଳକ ଓ କଣ୍ଡକ୍ଟରଙ୍କୁ ରଞ୍ଜନ ଧନ୍ୟବାଦ ଜଣାଇବା ସହ ଦେବଦୂତ ବୋଲି କହିଛନ୍ତି। ବସ୍ ଚାଳକ ଉପସ୍ଥିତ ବୁଦ୍ଧି ଖଟାଇଥିବାରୁ ସେ ନୂଆ ଜୀବନ ପାଇଥିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବସ୍ ଚାଳକ ଅଶୋକ ଓ କଣ୍ଡକ୍ଟର ଲକ୍ଷ୍ମୀଧର କହିଛନ୍ତି, ରଞ୍ଜନଙ୍କ ଅବସ୍ଥା ବିଷୟରେ ଜାଣିବା ପରେ ପ୍ରଥମେ ଭୟ ଲାଗିଥିଲା। ତାଙ୍କୁ ବଞ୍ଚାଇବାକୁ ହେଲେ ତୁରନ୍ତ ଚିକିତ୍ସାର ଆବଶ୍ୟକତା ରହିଥିବା ବିଚାର କରି ଦୁହେଁ ଯଥାଶୀଘ୍ର ମେଡିକାଲରେ ପହଞ୍ଚାଇବାକୁ ନିଷ୍ପତ୍ତି ନେଇଥିଲୁ। ସେଥିପାଇଁ ଯାତ୍ରୀଙ୍କୁ କେଉଁଠାରେ ନ ଓହ୍ଲାଇ ଦ୍ରୁତଗତିରେ ଗାଡ଼ି ଆଣି ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚାଇ ଦେଇଥିଲୁ। ରଞ୍ଜନଙ୍କ ଜୀବନ ରକ୍ଷା ହୋଇପାରିଥିବାରୁ ଏହା ନିଶ୍ଚିତ ଖୁସିର ବିଷୟ।


ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ବସ୍ ପହଞ୍ଚିବା ପରେ ଗୁରୁତର ଯାତ୍ରୀଙ୍କୁ ଷ୍ଟ୍ରେଚରରେ ନିଆଯାଉଛି।

# ଏକାଠି ଜଳିଲା ଜେଜେ, ନାତିଙ୍କ ଜୁଇ

ପାଟଣା,୩୧।୧(ବୀର କିଶୋର ଦାଶ)

ଅସୁସ୍ଥ ଜେଜେ ଓ ଜେଜେ ମା'ଙ୍କୁ ଦେଖିବାକୁ ଆସୁଥିବା ବେଳେ ବାଟରେ ଦୁର୍ଘଟଣାର ଶିକାର ହେଲେ। ଏପଟେ ଦୁର୍ଘଟଣାରେ ନାତିଙ୍କ ମୃତ୍ୟୁ ଖବର ଶୁଣି ରୋଗଗ୍ରସ୍ତ ଜେଜେଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା। ଏଭଳି ଦୁଃଖଦ ହୃଦୟ ବିଦାରକ ଘଟଣା କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ତେଣ୍ଡରା ପଞ୍ଚାୟତ ଖିଲାରିପାଟ ନୂଆଗାଁରେ ଘଟିଛି। ଆଗ ପଛ ହୋଇ ଗାଁ ଶ୍ମଶାନରେ ବୁଧବାର ଜେଜେ ଓ ନାତିଙ୍କ ଜୁଇ ଏକାଠି ଜଳିଛି। ସୂଚନା ଅନୁଯାୟୀ, ଗ୍ରାମର ରାଧୁ ଦେହୁରୀ ଏବଂ ତାଙ୍କ ସ୍ତ୍ରୀ ସୁଭଦ୍ରା ଦେହୁରୀ ରୋଗଗ୍ରସ୍ତ ହୋଇ ଶଯ୍ୟାଶାୟୀ ଥିଲେ। ସେମାନଙ୍କୁ ଦେଖିବା ପାଇଁ ଯୋଡ଼ାରେ ରହି କାମ କରୁଥିବା ୨ ନାତି ମଙ୍ଗଳବାର ରାତିରେ ବାଇକ୍ ଯୋଗେ ଫେରୁଥିଲେ। ବାରିଆ ଥାନା ଭଣ୍ଡା ନିକଟରେ ତାଙ୍କ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଘଟଣାସ୍ଥଳରେ ସାନ ନାତି ରଞ୍ଜନ ଦେହୁରୀଙ୍କ ମୃତ୍ୟୁ ଘଟିଥିବା ବେଳେ ବଡ଼ ବିଜୟ ଦେହୁରୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

# ବ୍ଲକ, ପଞ୍ଚାୟତସ୍ତରରେ ଏକା ସମୟରେ ବନ୍ଦେ ଉତ୍କଳ ଜନନୀ ଗାନ ହେବ

ଭୁବନେଶ୍ୱର,୩୧।୧(ଅନିଲ ଦାସ)

### ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପ୍ରସ୍ତୁତି

### ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଆସନ୍ତା ୩ ତାରିଖରୁ ୫ ଯାଏ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ପ୍ରସ୍ତୁତି ସମ୍ପର୍କରେ ବୁଧବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସମୀକ୍ଷା କରିଛନ୍ତି। ବିଭିନ୍ନ ଦିବସରେ ଅତିଥିଙ୍କ ରହଣି, ସୁବିଧାରେ ଯାତାୟାତ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଛି। ସମ୍ମିଳନୀ ଆୟୋଜନ ସମୟରେ ସମ୍ମିଳନୀ ସ୍ଥଳ ଓ ଭୁବନେଶ୍ୱର ସହରକୁ ପରିଷ୍କାର ପରିଚ୍ଛନ୍ନ ରଖାଯିବା ପ୍ରତି ଦୃଷ୍ଟିଦେବାକୁ ସେ ଗୁରୁତ୍ୱ ଦେଇଛନ୍ତି। କାର୍ଯ୍ୟକ୍ରମ ସ୍ଥଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଆଲୋକୀକରଣ, ପ୍ରମୁଖ ଅତିଥିମାନଙ୍କ ବସିବା ସ୍ଥାନକୁ ସ୍ୱତନ୍ତ୍ର ଭାବେ ବ୍ୟବସ୍ଥିତ କରାଯିବା ସମ୍ପର୍କରେ ସେ ପରାମର୍ଶ ଦେଇଛନ୍ତି। ସମ୍ମିଳନୀରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଯୋଗଦେଉଥିବା ଛାତ୍ରୀଛାତ୍ରମାନେ କିପରି ନିରାପଦରେ ଓ ଶୃଙ୍ଖଳିତ ଭାବେ ଆସିବେ, ବସିବେ ଓ କାର୍ଯ୍ୟକ୍ରମ ସରିବା ପରେ ଯିବେ, ସେ ସମ୍ପର୍କରେ ଆଲୋଚନା କରାଯାଇଛି। ଏଥିପାଇଁ ପ୍ରତି ବସ୍ ଦାୟିତ୍ୱରେ ଜଣେ ନୋଡାଲ ଅଧିକାରୀ ରହିବେ। ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସମ୍ମିଳନୀ ସ୍ଥଳରେ ଅଗ୍ନି ନିର୍ବାପକ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ, ୩ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଏକାମ୍ର ଉତ୍ସବ ଆୟୋଜନ, ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଥିବା ସ୍କୁଲ, କଲେଜ ଏବଂ ବିଭିନ୍ନ ଅନୁଷ୍ଠାନରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିବା ବ୍ୟବସ୍ଥା, ବିଭିନ୍ନ ସ୍ଥାନରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଓଡ଼ିଶାର ବରପୁତ୍ର, ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତାରେ ଯୋଗଦାନ ଥିବା ବିଶିଷ୍ଟ ବ୍ୟକ୍ତି ଆଦିଙ୍କର ପ୍ରତିମୂର୍ତ୍ତିସ୍ଥଳ ସଫେଇ ଓ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଓଡ଼ିଆ ଭାଷାର ସ୍ମୃତିବହନ କରୁଥିବା ବିଭିନ୍ନ ଐତିହ୍ୟ ସ୍ଥଳୀର ସଫେଇ କରାଯିବା ଆଦି ସମ୍ପର୍କରେ ସେ ଆବଶ୍ୟକ ପରାମର୍ଶ ଦେଇଥିଲେ।

ସମ୍ମିଳନୀକୁ ୩ ତାରିଖ ପୂର୍ବାହ୍ନ ୧୧ଟା ୩୦ରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବାକୁ ଥିବାବେଳେ ଏହି ସମୟରେ ବ୍ଲକ, ପଞ୍ଚାୟତସ୍ତରରେ ହେବାକୁ ଥିବା ସମାରୋହରେ ଏକା ସମୟରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯିବ। ଏ ସମ୍ପର୍କିତ ପ୍ରସ୍ତୁତି ନେଇ ସେ ଆଲୋଚନା କରିଥିଲେ। ବୈଠକରେ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବଙ୍କ ସମେତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଉପାଧ୍ୟକ୍ଷ, ଭୁବନେଶ୍ୱର ମହାନଗର ନିଗମ କମିଶନର, ଅନ୍ୟ ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ, ନିର୍ଦ୍ଦେଶକ ଏବଂ ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ। ପରେ ମୁଖ୍ୟ ଶାସନ ସଚିବ ଏକ ସ୍ୱତନ୍ତ୍ର ବୈଠକରେ ରାଜ୍ୟର ସମସ୍ତ ଜିଲାପାଳଙ୍କ ସହିତ ବିଭିନ୍ନ ବ୍ଲକ ଓ ଗ୍ରାମ ପଞ୍ଚାୟତରେ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ପରିପ୍ରେକ୍ଷୀରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଉପସ୍ଥିତ ଥିଲେ।

# ନାବାଳିକା ବଳାତ୍କାର ଘଟଣାକୁ ନେଇ ଏନ୍‌ଏଚ୍‌ଆର୍‌ସିରେ ମାମଲା

କଟକ,୩୧।୧ (କାର୍ତ୍ତିକ ସାହୁ)

ମାଲଗୋଦାମ ଥାନା ଅଞ୍ଚଳର ଚତୁର୍ଥ ଶ୍ରେଣୀରେ ପଢୁଥିବା ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିବା ନେଇ ଜାତୀୟ ମାନବାଧିକାର ଆୟୋଗ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ ହୋଇଛି। ନ୍ୟାୟ ପାଇଁ ଲଢ଼େଇ ପରିବାର ଅନୁଷ୍ଠାନର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶଙ୍କ ଏତଲାକ୍ରମେ ଏନ୍‌ଏଚ୍‌ଆର୍‌ସିରେ ଏକ ମାମଲା(ନଂ.୧୬୬୨/୨୪) ରୁଜୁ ହୋଇଛି। ଏହି ମାମଲାରେ ମୁଖ୍ୟମନ୍ତ୍ରୀ, ଡିଜିପି, ରାଜ୍ୟ ଗୃହ ସଚିବ ଓ କଟକ ଡିସିପିଙ୍କୁ ପକ୍ଷଭୁକ୍ତ କରାଯାଇଛି। ଏନ୍‌ଏଚ୍‌ଆର୍‌ସି ଏହି ମାମଲାର ବିଚାର କରି ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସମ୍ପୃକ୍ତା ଛାତ୍ରୀଙ୍କ ଚିକିତ୍ସା ବ୍ୟବସ୍ଥା କରିବା ଓ କ୍ଷତିପୂରଣ ଯୋଗାଇ ଦେବାକୁ ନିବେଦନ କରାଯାଇଛି। ମାମଲାର ବିବରଣୀ ଅନୁସାରେ, ମାଲଗୋଦାମ ଓଭରବ୍ରିଜ ଅଞ୍ଚଳରେ ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିବା ଜଣେ ୯ ବର୍ଷୀୟା ନାବାଳିକା ସ୍କୁଲରୁ ଫେରିବା ବାଟରେ ବଳାତ୍କାରର ଶିକାର ହୋଇଛନ୍ତି। ମା'ଙ୍କ ମୃତ୍ୟୁ ପରେ ମାଲଗୋଦାମ ଅଞ୍ଚଳର ଏକ ଶିଶୁଯତ୍ନ କେନ୍ଦ୍ରରେ ସେ ରହୁଥିଲେ। ନାବାଳିକାଙ୍କ ବାପା ଏକ ମାମଲାରେ ଜେଲ୍‌ରେ ଅଛନ୍ତି। ପ୍ରତିଦିନ ଭଳି ସୋମବାର ନାବାଳିକା ଜଣକ ସ୍ଥାନୀୟ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ଶିଶୁଯତ୍ନ କେନ୍ଦ୍ରର କର୍ତ୍ତୃପକ୍ଷ ବିଭିନ୍ନ ଜାଗାରେ ତାଙ୍କୁ ଖୋଜାଖୋଜି କରିଥିଲେ। ହେଲେ ତାଙ୍କର ସନ୍ଧାନ ପାଇ ନ ଥିଲେ। ପରେ ନାବାଳିକା ଜଣଙ୍କ କାନ୍ଦି କାନ୍ଦି କେନ୍ଦ୍ରରେ ପହଞ୍ଚିଥିଲେ। ବାଟରେ ଜଣେ ଯୁବକ ତାଙ୍କୁ ବଳାତ୍କାର କରିଥିବା ନେଇ କେନ୍ଦ୍ରର କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ନାବାଳିକାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଏସ୍‌ସିବି ମେଡିକାଲରେ ଚିକିତ୍ସା କରାଯାଉଛି। ଏଭଳି ଅମାନୁଷିକ ଘଟଣାକୁ ନେଇ ବିଭିନ୍ନ ମହଲରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ନେଇ ଅଭିଯୋଗ ହେବାପରେ ଜିଆର୍‌ପି ଥାନାରେ ଏକ ମାମଲା ରୁଜୁ ହୋଇଛି। ଜିଆର୍‌ପି ସିସିଟିଭି ଫୁଟେଜ ଯାଞ୍ଚ କରିଛି। ହେଲେ ଅଭିଯୁକ୍ତଙ୍କର ପତ୍ତା ଏପର୍ଯ୍ୟନ୍ତ ମିଳିପାରିନାହିଁ। ପୋଲିସ ପୀଡ଼ିତା ନାବାଳିକାଙ୍କ ଡାକ୍ତରୀମାଇନା କରାଇଥିବା ଜିଆର୍‌ପି ପକ୍ଷରୁ ସୂଚନା ମିଳିଛି।

# ଏଟିଏମ୍ ଲୁଟ୍: ୫ ଅଭିଯୁକ୍ତ ଜଙ୍ଗଲରୁ ଗିରଫ

ନବରଙ୍ଗପୁର/ଡାବୁଗାଁ,୩୧।୧
(ସଦାଶିବ ପ୍ରହରାଜ/ପ୍ରଜ୍ଞାରଞ୍ଜନ ପରିଡ଼ା)





ପୋଲିସ ଜବତ କରିଥିବା ଗାଡ଼ି ଓ ଟଙ୍କା।

ନବରଙ୍ଗପୁର ବ୍ଲକ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା ଏକ ଏଟିଏମ୍‌ରୁ ଲୁଟ୍ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୨ଟା ୨୮ରେ ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି। ରାତି ସାରା ପୋଲିସ ଯାଞ୍ଚକରି ଡାବୁଗାଁର ସିକିଲି ସଂରକ୍ଷିତ ଜଙ୍ଗଲରୁ ୫ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ୪ଜଣଙ୍କ ଘର ହରିୟାଣାରେ ଓ ଜଣେ ଛତିଶଗଡ଼ ରାୟପୁରରୁ ବୋଲି ସୂଚନା ମିଳିଛି।

ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଏଟିଏମ୍ ଭାଙ୍ଗି ଚୋରି କରାଯାଇଥିବା ସମ୍ପର୍କରେ ନବରଙ୍ଗପୁର ଏସ୍‌ପି ରୋହିତ ବର୍ମା ଖବର ପାଇଥିଲେ। ଏହାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଗ୍ୟାସ୍ କଟରରେ ଏଟିଏମ୍ କଟାଯାଇ ସେଥିରୁ ଟଙ୍କା ନିଆଯାଇଥିଲା। ଏହି ସମୟରେ କେତେକ ଅଧା ଜଳା ଟଙ୍କା ଏଟିଏମ୍ କାଉଣ୍ଟର ଚଟାଣରେ ପଡ଼ିଥିଲା। ଗ୍ୟାସ୍ କଟରରେ କାଟିବାବେଳେ ଶର୍ଟ ସର୍କିଟ କାରଣରୁ ସେଥିରେ ନିଆଁ ଲାଗି ଯାଇଥିବା ଅନୁମାନ କରାଯାଉଛି। ଏହାପରେ ନବରଙ୍ଗପୁର, ପାପଡ଼ାହାଣ୍ଡି ଓ ଡାବୁଗାଁ ପୋଲିସକୁ ସତର୍କ କରାଯାଇଥିଲା। ପୋଲିସ ପ୍ରଥମେ ସୀମା ସିଲ୍ କରିଥିଲା। ନବରଙ୍ଗପୁରରୁ ଉମରକୋଟକୁ ଯାଉଥିବା ଏକ ଧଳା ରଙ୍ଗ କାର(ସିଜି-୦୭ ବିପି-୩୩୧୯)କୁ ସନ୍ଦେହରେ ପୋଲିସ ପିଛା କରିଥିଲା। ଗାଡ଼ିଟି ପଙ୍କଚର ହୋଇଯିବାରୁ ଡାବୁଗାଁ ଆଦର୍ଶ ବିଦ୍ୟାଳୟ ଆଗରେ ଥିବା ସିକିଲି ସଂରକ୍ଷିତ ଜଙ୍ଗଲ ଭିତରେ ଅଭିଯୁକ୍ତମାନେ କାର୍‌ଟିକୁ ଭର୍ତ୍ତି କରିଥିଲେ। ଏହାପରେ ସେମାନେ ଉକ୍ତ ଜଙ୍ଗଲରେ ଲୁଚି ରହିଥିଲେ। ପୋଲିସ ଜଙ୍ଗଲ ଭିତରେ ଖୋଜାଖୋଜି ଆରମ୍ଭ କରି ୫ଜଣଙ୍କୁ ଧରିବାରେ ସଫଳ ହୋଇଛି। ଅଭିଯୁକ୍ତମାନଙ୍କୁ ଡାବୁଗାଁ ଥାନାକୁ ଆଣି ପଚରାଉଚରା କରାଯାଇଛି। ସେମାନଙ୍କଠାରୁ ଗୋଟିଏ କାର୍ ଓ କିଛି ଟଙ୍କା ଜବତ ହୋଇଛି। ଜବତ ଟଙ୍କା ଗଣତି ହୋଇ ନ ଥିବା ଏସ୍‌ପି ବର୍ମା କହିଛନ୍ତି। ଘଟଣାର ଅଧିକ ତଦନ୍ତ ଚାଲିଛି। ଗୁରୁବାର ଖବରଦାତା ସମ୍ମିଳନୀରେ ଅଧିକ ସୂଚନା ଦିଆଯିବ ବୋଲି ଏସ୍‌ପି କହିଛନ୍ତି। ଝରିଗାଁ ବ୍ଲକ ଉମରକୋଟ ଥାନା ଅଧୀନ ଧୋଡ୍ରାରେ ଗତବର୍ଷ ମଧ୍ୟ ସମାନ ଢଙ୍ଗରେ ଏଟିଏମ୍‌ରୁ ଟଙ୍କା ଲୁଟ କରାଯାଇଥିଲା। ଉକ୍ତ ଘଟଣାରେ ଗିରଫ ୫ ଜଣଙ୍କ ସମ୍ପୃକ୍ତି ରହିଛିକି ନାହିଁ ତାହାର ମଧ୍ୟ ତଦନ୍ତ ଚାଲିଛି ବୋଲି ପୋଲିସ କହିଛି।

### ନିଆଁ ଲାଗି ଜଳିଯାଇଛି କିଛି ଟଙ୍କା

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ଯାଜପୁର ଟାଉନ,୩୧।୧
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ମଙ୍ଗଳପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଯାଜପୁର ଫାଷ୍ଟଟ୍ରାକ୍ ଆଡହକ୍ ପୋକ୍ସୋ କୋର୍ଟ ବିଚାରପତି ଶରତ ଚନ୍ଦ୍ର ଦେହୁରି ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟରେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଦର୍ଶାଯାଇଛି। ଏଥିସହିତ ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୦ ନଭେମ୍ବର ୮ ତାରିଖ ଅପରାହ୍ନ ୩ଟାରେ ୧୩ ବର୍ଷୀୟା ନାବାଳିକା ଘରବାରି ଘେରାରେ କାମ କରୁଥିବା ତାଙ୍କ ବାପାଙ୍କୁ ଖାଦ୍ୟ ଦେଇ ଫେରୁଥିଲେ। ଏହି ସମୟରେ ଉକ୍ତ ଅଞ୍ଚଳର ଜ୍ଞାନରଞ୍ଜନ ଦାସ (୨୮)ତାଙ୍କୁ ଘରକୁ ନେଇ ବଳାତ୍କାର କରିଥିଲେ। ପୀଡ଼ିତା ଘରକୁ ଫେରି ଘଟଣା ସମ୍ପର୍କରେ ତାଙ୍କ ମା'ଙ୍କୁ ଜଣାଇଥିଲେ। ପରଦିନ ପୀଡ଼ିତାଙ୍କ ବାପା ମଙ୍ଗଳପୁର ଥାନାରେ ଲିଖିତ ଏତଲା ଦାୟର କରିଥିଲେ। ପୋଲିସ ଏକ ମାମଲା ନଂ. ୫୦୪/୨୦ ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ୍ ପଠାଇଥିଲା। ସେହିଦିନରୁ ଜ୍ଞାନରଞ୍ଜନ ଜେଲର ଅଛନ୍ତି। ମାମଲାର ଚୂଡ଼ାନ୍ତ ବିଚାର ଚାଲିଥିବାବେଳେ ବିଚାରପତି ୧୩ ସାକ୍ଷୀଙ୍କ ବୟାନ ଓ ମେଡିକାଲ ରିପୋର୍ଟକୁ ଆଧାର କରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ମାମଲାକୁ ଶୈଳେନ୍ଦ୍ର ସାମଲ ପରିଚାଳନା କରୁଥିଲେ।

**ଧର୍ମ ନାଁରେ ଘୃଣା ସୃଷ୍ଟି କରୁଛି ଭାଜପା: ଅଜୟ କୁମାର**

ଭୁବନେଶ୍ୱର, (ସୁନିତ୍ ମିଶ୍ର): ଜାତି, ଧର୍ମ ନାଁରେ ଭାଜପା ଦେଶରେ ଘୃଣା ସୃଷ୍ଟି କରୁଛି। ଧର୍ମ ନାଁରେ ଭାଜପା ଏତେମାତ୍ରାରେ ଘୃଣା ଖେଳାଇ ଦେଲାଣି ଯେ ବହୁ ଯୁବପିଢ଼ି ଜାଣିପାରୁନାହାନ୍ତି ଏହାଦ୍ୱାରା ସେମାନଙ୍କ ଜୀବନ ନଷ୍ଟ ହେଉଛି। ଭଗବାନ ରାମଙ୍କ ନାଁ ନେଇ ଏହି ଦଳ ନିଜ ରାଜନୈତିକ ଫାଇଦା ହାସଲ କରିବାକୁ ଯାଇ ଲୋକମାନଙ୍କୁ ବୋକା ବନାଉଛି ବୋଲି ଗୁରୁବାର କଂଗ୍ରେସ ରାଜ୍ୟ ପ୍ରଭାରୀ ଅଜୟ କୁମାର କହିଛନ୍ତି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରାର୍ଥୀ ଚୟନରେ ନିର୍ଣ୍ଣାୟକ ହେବ ସାଙ୍ଗଠନିକ ଦକ୍ଷତା

ବ୍ରହ୍ମପୁର,୩୧।୧(ଅଶୋକ କୁମାର ସାହୁ)

## ବ୍ରହ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀ



ଆସନ୍ତା ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ଗଞ୍ଜାମ ଜିଲାର ବ୍ରହ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀରେ କିଏ କେଉଁ ଦଳରୁ ପ୍ରାର୍ଥୀ ହେବେ, ସେଥିନେଇ କସରତ ଆରମ୍ଭ ହୋଇଗଲାଣି। ଏଠାରେ ଆଞ୍ଚଳିକ ଦଳ ହିସାବରେ ବିଜେଡି ଥିବାବେଳେ ଜାତୀୟ ଦଳ ଭାବେ ଭାଜପା ଓ କଂଗ୍ରେସ ସକ୍ରିୟ। ବିଜେଡିକୁ ଭାଜପା କଡ଼ା ଟକ୍କର ଦେବ ବୋଲି କୁହାଯାଉଥିବା ବେଳେ କଂଗ୍ରେସ ମଧ୍ୟ ତା'ର ରଣନୀତି ପ୍ରସ୍ତୁତ କରୁଛି।

ବ୍ରହ୍ମପୁର ବିଧାନସଭା ଆସନ ମହାନଗର ନିଗମର ୪୨ ମଧ୍ୟରୁ ୩୬ଟି ୱାର୍ଡକୁ ନେଇ ଗଠିତ। ଏଠାରୁ ପ୍ରାର୍ଥୀ ହେବା ପାଇଁ ୩ ପ୍ରମୁଖ ଦଳ ପକ୍ଷରୁ ଆଶାୟୀଙ୍କ ଭିତିରିଆ ଲବି ଆରମ୍ଭ ହୋଇଯାଇଛି। ଏଭଳି ସ୍ଥିତିରେ ବିଜେଡି ନିଜ କର୍ମୀମାନଙ୍କୁ ନେଇ ସଙ୍ଗଠନ ଦୃଢ଼ କରିବାରେ ଲାଗିପଡ଼ିଛି। ସେହିପରି ଭାଜପା ବି ନିଜ ସଂଗଠନ ସଜାଡ଼ିବାରେ ପ୍ରାଣପଣେ ଉଦ୍ୟମ ଆରମ୍ଭ କରିଛି। ବିଜେଡି ମୁଖ୍ୟମନ୍ତ୍ରୀଙ୍କୁ ଆଧାର କରି ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଯୁବ ଭୋଟରଙ୍କୁ ଆକୃଷ୍ଟ କରୁଥିବାବେଳେ ଭାଜପା ପ୍ରଧାନମନ୍ତ୍ରୀଙ୍କ ସ୍ଲୋଗାନ ଦେଇ ଭାରତ ସଂକଳ୍ପ ଯାତ୍ରା କରି ନିଜ ପ୍ରଭାବ ବିସ୍ତାର କରିବାରେ ଲାଗିଛି। ତେବେ କଂଗ୍ରେସରୁ ଆସି ବିଜେଡିରେ ମିଶି ବିକ୍ରମ ପଣ୍ଡା ୨୦୧୯ରେ ବିଧାୟକ ହୋଇଥିବାବେଳେ ତାଙ୍କୁ ଏବେ ଗୋପାଳପୁର ନିର୍ବାଚନମଣ୍ଡଳୀର ସଂଗଠନ ଦାୟିତ୍ୱ ଦିଆଯାଇଛି। ତେଣୁ ସେ ଗୋପାଳପୁର ସହିତ ବ୍ରହ୍ମପୁର ନିର୍ବାଚନମଣ୍ଡଳୀରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଉଥିବା ଦେଖାଯାଉଛି। ଯଦିଓ କର୍ମୀଙ୍କ ସମର୍ଥନ ରହିଛି, ତଥାପି ଜଣେ ବିଧାୟକ ହିସାବରେ ୨ ନିର୍ବାଚନମଣ୍ଡଳୀର ସଙ୍ଗଠନ କିଭଳି ସଜାଡୁଥିବେ ତାକୁ ନେଇ ସାଧାରଣରେ ଭିନ୍ନ ଚର୍ଚ୍ଚା ଚାଲିଛି। ବିକ୍ରମ କଂଗ୍ରେସରୁ ଆସି ହଠାତ୍ ବିଜେଡି ଟିକେଟ ପାଇଥିବାରୁ ସେହି ସମୟରେ ବିଜେଡିରେ କେତେଜଣ ନେତା ଅସନ୍ତୋଷ ବ୍ୟକ୍ତ କରିଥିବା ଦେଖିବାକୁ ମିଳିଥିଲା। ପର ମୁହୂର୍ତ୍ତରେ ଦଳ ଏକ ହୋଇ କାର୍ଯ୍ୟ କରିଥିଲା। ତେବେ ସେ ବିଧାୟକ ହେବାର ୫ ବର୍ଷ ପୂରିବାକୁ ଯାଉଥିବାବେଳେ ତାଙ୍କ ଉପରେ ଭରସା କରି ବିଜେଡି ଗୁରୁଦାୟିତ୍ୱ ଲଦିଥିବା କୁହାଯାଉଛି। ଏଭଳି ସ୍ଥିତିରେ ଦୀର୍ଘଦିନରୁ ବିଜେଡିରେ ଥାଇ ଦଳ ପ୍ରତି ଆନୁଗତ୍ୟ ରଖିଥିବା ତଥା ଦଳ ପାଇଁ କାମ କରି ଆସିଥିବା ନେତାମାନେ ବ୍ରହ୍ମପୁର ବିଧାନସଭା ଆସନ ପାଇଁ ଆଶାୟୀ ରହିବା ସାଧାରଣ କଥା ବୋଲି ରାଜନୈତିକ ବିଶେଷଜ୍ଞମାନେ କହୁଛନ୍ତି। ଟାଣୁଆ ନେତା ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଏଠାରୁ ଦୀର୍ଘବର୍ଷ ବିଧାୟକ ଥିବାରୁ ତାଙ୍କ ନାମକୁ ମଧ୍ୟ ସହଜରେ ଅଗ୍ରାହ୍ୟ କରାଯାଇ ନ ପାରେ। ସେହିପରି ବିଜେଡିର ଜଣେ ଏମ୍‌ପି ଓ ଓଡ଼ିଶା କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାଷ ମହାରଣାଙ୍କୁ ମଧ୍ୟ ଅଣାଦେଖା କରାଯାଇ ନ ପାରେ। ତେବେ ଏ ସଂକ୍ରାନ୍ତରେ ଦଳର ମୁଖପାତ୍ର ତୁମ୍ବନାଥ ପଣ୍ଡା କୁହନ୍ତି, ବିଜେଡିର ସଙ୍ଗଠନ ମଜଭୁତ ରହିଛି। ଦଳ ଲୋକଙ୍କ ନିକଟତର ହୋଇଛି। ଯାହାଙ୍କୁ ଚୟନ କରାଯିବ ତାଙ୍କ ପାଇଁ ସମସ୍ତେ କାମ କରିବ। ବିଜେଡି ପୁଣି ବ୍ରହ୍ମପୁର ଦଖଲ କରିବ ବୋଲି ସେ କହିଛନ୍ତି।

ଭାଜପାର ନବନିଯୁକ୍ତ ଜିଲା ସଭାପତି ସୁବାସ ସାହୁଙ୍କ ରଣନୀତି କ'ଣ ହେବ କିଛି କହି ହେଉନାହିଁ। ଗତ ନିର୍ବାଚନରେ ଭାଜପା କାହ୍ନୁଚରଣ ପତିଙ୍କୁ ଟିକେଟ ଦେଇଥିବାବେଳେ ସେ ଦ୍ୱିତୀୟ ସ୍ଥାନରେ ଥିଲେ। କିଛି ଦିନ ତଳେ ମହୁରୀକାଳୁଆ ପୀଠରେ ଦଳର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତିମାନେ କାହ୍ନୁ ପତି ତାଙ୍କ ନେତା ବୋଲି ଦାବି କରିଥିଲେ। ଏଭଳି ସ୍ଥିତିରେ ବିଜେଡିରୁ ବହିଷ୍କୃତ ଜଣେ ନେତା ସେ ବି ଭାଜପାକୁ ଆସି ଉକ୍ତ ଆସନ ପାଇଁ ଆଖି ରଖିଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ଭାଜପା ଛାଡ଼ି ଗତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିବା ଶିବ ଶଙ୍କର ଦାସ ଚଳିତବର୍ଷ ନିର୍ବାଚନ ମଇଦାନକୁ ଆସିବେ କି ନାହିଁ କହି ହେଉନି। ଯଦି ସେ ଆସନ୍ତି, ତେବେ ତାଙ୍କ ରଣନୀତି ଏହି ନିର୍ବାଚନରେ ଭାଜପା ଓ ବିଜେଡିକୁ ପ୍ରଭାବିତ କରିବା ଆଶଙ୍କା ରହିଛି। ସଙ୍ଗଠନ ସଜାଡ଼ିବାରେ ଯାହାଙ୍କର ପ୍ରଭାବ ରହିଛି ତାଙ୍କୁ ଦଳ ଗୁରୁତ୍ୱ ଦେବା ଶୁଣାଯାଉଛି। ଗତ ମେୟର ନିର୍ବାଚନରେ ବିଜେଡି ୬୬,୦୬୮ ଭୋଟ ପାଇଥିବାବେଳେ ଭାଜପା ୪୫,୬୮୨ ଭୋଟ ପାଇଥିଲା। ଭାଜପାର ଭୋଟ ହାର ବଢ଼ିଥିବାରୁ ମୋଦିଙ୍କ ସ୍ଲୋଗାନ ଦେଇ ଲୋକଙ୍କ ପାଖକୁ ଦଳ ଯିବ ଓ ଜିତିବ ବୋଲି ଆଶା ରଖିଥିବା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁଚରଣ ପତି କହିଛନ୍ତି।

ଅନୁରୂପ ଭାବେ ଦେଖିଲେ ଦୀର୍ଘଦିନ ତଳେ ବ୍ରହ୍ମପୁର ବିଧାନସଭା ଆସନ କଂଗ୍ରେସର ଗଡ଼ ଥିଲା। ବିଜେଡିର ଆବିର୍ଭାବ ପରେ କଂଗ୍ରେସର ସେଭଳି ପ୍ରଭାବ ଆଉ ଦେଖିବାକୁ ମିଳୁନାହିଁ। ଗତ ନିର୍ବାଚନରେ କଂଗ୍ରେସ ଲିଙ୍ଗରାଜ ଚୌଧୁରୀଙ୍କୁ ଟିକେଟ ଦେଇଥିଲା। ସେ ୫,୩୮୧ ଭୋଟ ପାଇ ପରାଜୟ ବରଣ କରିଥିଲେ। ଏବେ ଓଡ଼ିଶା ପାଇଁ ନୂଆ ପ୍ରଭାରୀଙ୍କୁ କଂଗ୍ରେସ ନିଯୁକ୍ତ କରିଛି। ଅଜୟ କୁମାର ପ୍ରଭାରୀ ହୋଇ ଆସିବା ପରେ ପୁରୁଣା କର୍ମୀଙ୍କୁ ଦଳକୁ ଫେରାଇ ଆଣିବାର ରଣହୁଙ୍କାର ଦେଇଛନ୍ତି। ଫଳରେ ଏହି ନିର୍ବାଚନରେ ନିଶ୍ଚିତ ଭାବେ କଂଗ୍ରେସର ପ୍ରଭାବ ରହିବ ବୋଲି କୁହାଯାଉଛି। ତେବେ ଦଳର ଯେଉଁ ନେତାଙ୍କ ପ୍ରତି ଜନସମର୍ଥନ ଥିବ, ତାଙ୍କୁ ହିଁ କଂଗ୍ରେସ ବାଛିପାରେ ବୋଲି କୁହାଯାଉଥିଲେ ମଧ୍ୟ ଅନେକ ଆଶାୟୀ ଧାଡ଼ିରେ ଅଛନ୍ତି। ଏ ବିଷୟରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ପୀତବାସ ପଣ୍ଡାଙ୍କୁ ଚଳିତ ନିର୍ବାଚନରେ କଂଗ୍ରେସ ତା'ର ପୁରୁଣା ଗଡ଼ ଫେରିପାଇବ କି ବୋଲି ପଚାରିବାରୁ ସେ କହିଛନ୍ତି, ୨୦୧୪ ପର୍ଯ୍ୟନ୍ତ କଂଗ୍ରେସର ସ୍ଥିତି ଠିକ ଥିଲା। ଆମେ ଦ୍ୱିତୀୟ ଦଳ ଭାବେ ଉଭା ହୋଇଥିଲୁ। ଗତ ନିର୍ବାଚନରେ କଂଗ୍ରେସ ସ୍ଥିତି ବଦଳି ଯାଇଥିଲେ ମଧ୍ୟ ଏଥର ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଦଳ ଲୋକଙ୍କ ନିକଟତର ହେବାରେ ଲାଗିଛି। ଚଳିତ ଥର ଦଳ ତା'ର ପୁରୁଣା ଗଡ଼ ଫେରିପାଇବା ଆଶା ରହିଛି ବୋଲି ପଣ୍ଡା କହିଛନ୍ତି।

# ମୋଦିଙ୍କ ୩ ଘଣ୍ଟା ୪୫ ମିନିଟ୍‌ର କାର୍ଯ୍ୟକ୍ରମ

## ୩ରେ ଆସୁଛନ୍ତି

ଭୁବନେଶ୍ୱର, ୩୧।୧(ସୁନିତ୍ ମିଶ୍ର)



ନରେନ୍ଦ୍ର ମୋଦି

୨୦୨୪ ସାଧାରଣ ନିର୍ବାଚନ ଯେକୌଣସି ସମୟରେ ଘୋଷଣା ହୋଇପାରେ। ତେବେ ଏହା ପୂର୍ବରୁ କେନ୍ଦ୍ରୀୟ ନେତାମାନଙ୍କ ଏକାଧିକ ଥର ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଆରମ୍ଭ ହେବାର ଆଭାସ ମିଳିଲାଣି। ଆସନ୍ତା ସପ୍ତାହରେ ଉଭୟ ଭାଜପା ଏବଂ କଂଗ୍ରେସର ଶୀର୍ଷ ନେତୃତ୍ୱଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଏହାର ପ୍ରମାଣ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୩ରେ ଦିନିକିଆ ଓଡ଼ିଶା ଗସ୍ତରେ ଆସୁଥିବା ବେଳେ ୬ରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଅଢେଇ ଦିନିଆ ରାଜ୍ୟ ଗସ୍ତ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ଉଭୟ ନେତା ନିର୍ବାଚନ ପୂର୍ବରୁ ପ୍ରଥମେ ପଶ୍ଚିମ ଓଡ଼ିଶା ଉପରେ ଫୋକସ କରିଛନ୍ତି। ପ୍ରଧାନମନ୍ତ୍ରୀ ଆସନ୍ତା ୩ ତାରିଖରେ ୧ଟା ୪୫ ମିନିଟ୍ ସମୟରେ ଆସି ଝାରସୁଗୁଡା ବିମାନବନ୍ଦରଠାରେ ପହଞ୍ଚିବେ। ସେଠାରୁ ଆଇଆଇଏମ୍ ସମ୍ବଲପୁର ବିଲ୍ଡିଂର ଲୋକାର୍ପଣ କରିବେ। ଏଥିସହ ସେ ଆଉ କିଛି ପ୍ରକଳ୍ପର ଲୋକାର୍ପଣ କରିବା କାର୍ଯ୍ୟକ୍ରମ ରହିଛି। ଏହାପରେ ରେମେଡଠାରେ ଏକ ସାଧାରଣ ସଭାରେ ସେ ୩ଟା ୪୫ ମିନିଟ୍ ସମୟରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହାପରେ ସେ ୪ଟା ୩୦ରେ ପୁଣି ଝାରସୁଗୁଡା ଅଭିମୁଖେ ବାହାରିଯିବେ। ୫ଟା ୩୦ ମିନିଟ୍ ସମୟରେ ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ବିମାନଯୋଗେ ଦିଲ୍ଲୀ ଫେରିଯିବା କାର୍ଯ୍ୟକ୍ରମ ରହିଥିବା ସରକାରୀ ସୂତ୍ରରୁ ଜଣାପଡିଛି।

# ଦୈତାରି ପଣ୍ଡାଙ୍କ ନାଁରେ ଏତଲା ଦେଲା କଂଗ୍ରେସ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୩୧।୧ (ପ୍ରଦୀପ୍ତ କୁମାର ପୃଷ୍ଟି/ଗିରିଜା ପ୍ରସାଦ ସାହୁ)

ଯାତ୍ରା ଅଭିନେତା ଦୈତାରି ପଣ୍ଡା ବିଜେଡିରେ ମିଶିବା ପରେ ବିବାଦୀୟ ହୋଇ ପଡ଼ିଛନ୍ତି। ସେ ଗଣମାଧ୍ୟମକୁ ନବୀନ ପଟ୍ଟନାୟକ ହେଉଛନ୍ତି ଜଗନ୍ନାଥ ବୋଲି କହିଛନ୍ତି। ଏକଥା କହିବାର ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଦଳ ପକ୍ଷରୁ ତାହାକୁ ଖଣ୍ଡନ କରାଯାଇ ନ ଥିବାରୁ ବୁଧବାର ଯାଜପୁର ଜିଲା ବଡ଼ଚଣା କଂଗ୍ରେସ ପକ୍ଷରୁ ବାଲିଚନ୍ଦ୍ରପୁର ଥାନାରେ ଦୈତାରୀ ପଣ୍ଡାଙ୍କ ନାଁରେ ଏତଲା ଦିଆଯାଇଛି। ସ୍ଥାନୀୟ କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ବାଲିଚନ୍ଦ୍ରପୁର ବଜାରରୁ ଶୋଭାଯାତ୍ରାରେ ଯାଇ ଥାନାରେ ଏତଲା ପ୍ରଦାନ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ଜାତିର ଆରାଧ୍ୟ ଦେବତା। ତାଙ୍କୁ ନେଇ ବିଜୁ ଜନତା ଦଳ ଅର୍ପଣ ରଥ ବୁଲାଇବା ଓ ଶେଷରେ ଜଣେ ଯାତ୍ରା ଅଭିନେତା ଦଳରେ ଯୋଗଦେବା ସମୟରେ ମହାପ୍ରଭୁଙ୍କୁ ନେଇ ଏପରି କହିବା ପରିତାପର ବିଷୟ। ତତ୍‌ସହିତ ବିଜେଡି ପକ୍ଷରୁ ଏହାକୁ ଖଣ୍ଡନ ନ କରାଯିବା ଦୁର୍ଭାଗ୍ୟଜନକ ବୋଲି ଏତଲାରେ ଦର୍ଶାଯାଇଛି। ଏତଲା ପ୍ରଦାନ ସମୟରେ ଜିଲା ଯୁବ କଂଗ୍ରେସର ପ୍ରାକ୍ତନ ସଭାପତି ବିଶ୍ୱପ୍ରକାଶ ସାମଲ, ପୂର୍ବତନ ସରପଞ୍ଚ ଅଜୟ ଜେନା, ନାରାୟଣ ଚନ୍ଦ୍ର ଦାସ, ସମ୍ପଦ ଦାସ, ଅଶୋକ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ବାଲିଚନ୍ଦ୍ରପୁର ଥାନାରେ ଏତଲା ପ୍ରଦାନ କରାଯାଉଛି।

# ବନ୍ଧୁମିଳନ ଆଳରେ ଶକ୍ତି ପ୍ରଦର୍ଶନ




ବନ୍ଧୁମିଳନ କାର୍ଯ୍ୟକ୍ରମରେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଓ ଅନ୍ୟମାନେ।

ରେମୁଣା, ୩୧।୧(ରବୀନ୍ଦ୍ର ମହାକୁଡ଼)

ବନ୍ଧୁମିଳନ ଆଳରେ ଶକ୍ତି ପ୍ରଦର୍ଶନ କରିଛନ୍ତି ବାଲେଶ୍ୱର ଜିଲା ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା। ବୁଧବାର ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ପଡ଼ିଆରେ ୪ ହଜାରରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ଉପସ୍ଥିତିରେ ବିଧାୟକ ପରିଡ଼ା ବିଜେଡିରୁ ବହିଷ୍କାର କରାଯିବାର କାରଣ ବଖାଣିଛନ୍ତି। ତାଙ୍କର ଲୋକପ୍ରିୟତାକୁ ସହ୍ୟ କରି ନ ପାରି ନ୍ୟସ୍ତ ସ୍ୱାର୍ଥବାଦୀ ତଥା ଚକ୍ରାନ୍ତକାରୀମାନେ ଦଳର ମୁଖ୍ୟମାନଙ୍କୁ ପ୍ରବର୍ତ୍ତାଇ ତାଙ୍କ ବିରୋଧରେ ଷଡଯନ୍ତ୍ର ରଚିଥିବା ପ୍ରକାଶ କରିଛନ୍ତି।

ସେ କହିଛନ୍ତି, ୨୦୧୯ ପୂର୍ବରୁ ଏକ ଘରୋଇ କମ୍ପାନୀର କୋ-ପାର୍ଟନର ଥିବାବେଳେ ଦୁର୍ନୀତି ଅଭିଯୋଗ ହୋଇଥିଲା। ସେ କେବେ ବି ଦୁର୍ନୀତି କରି ନ ଥିଲେ କି କରିନାହାନ୍ତି କିମ୍ବା କରିବେ ନାହିଁ ବୋଲି ଉପସ୍ଥିତ ରେମୁଣାବାସୀଙ୍କ ଆଗରେ ଶପଥ ନେଇଥିଲେ। ବନ୍ଧୁମିଳନ କାର୍ଯ୍ୟକ୍ରମରେ ତାଙ୍କୁ ସମର୍ଥନ ଜଣାଇ ମଙ୍ଗଳପୁର ପଞ୍ଚାୟତର ସରପଞ୍ଚ, ବଡ଼ପାଳ, ପତ୍ରିପାଳ, ମହାରାଜପୁର, କରଞ୍ଜିଆ, ହରିପୁର, କଲ୍ୟାଣପୁର, ଇଞ୍ଚୁଡ଼ି, ସାରଗାଁ, ରଣସାହି, ପଦ୍ମପୁରର ସରପଞ୍ଚଙ୍କ ସମେତ ୨୮ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୪ ଜିଲା ପରିଷଦ, ରେମୁଣା ଏନ୍‌ଏସି ୬ ଜଣ କାଉନ୍‌ସିଲର ଯୋଗଦେଇଥିଲେ। ଏଥିସହିତ ରେମୁଣା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଗୌରମଣି ବେହେରା, ବିଜେଡିର ସଦର ବ୍ଲକ ଉପସଭାପତି ଚୈତନ ମାଝି, ରେମୁଣା ବ୍ଲକ ଉପସଭାପତି ସୁମତି ବେହେରା, ରେମୁଣା ଏନ୍‌ଏସି ଉପସଭାପତି ଆୟିସାନ୍ ଖାଁ, ସଦର ବ୍ଲକ ମହିଳା ସଭାପତି ଜ୍ୟୋତିରାଣୀ ମାଝି, ରେମୁଣା ବ୍ଲକ ମହିଳା ସଭାପତି ସଂଯୁକ୍ତା ରାଉତ, ରେମୁଣା ଏନ୍‌ଏସି ମହିଳା ସଭାପତି ବିଦ୍ୟୁତ୍ ଲତା ସାହୁ, ସଦର ବ୍ଲକ ଉପସଭାପତି ଲକ୍ଷ୍ମୀଧର ସ୍ୱାଇଁ, ରେମୁଣା ବ୍ଲକ ଯୁବ ସଭାପତି ହିମାଂଶୁ ମହାନ୍ତି, ରେମୁଣା ଏନ୍‌ଏସି ଯୁବ ସଭାପତି ମାଧବାନନ୍ଦ ବେହେରାଙ୍କ ସମେତ ସାମାଜିକ କର୍ମୀ ପ୍ରଶାନ୍ତ କୁମାର ବରାଳ ଓ ଦିଲ୍ଲୀପ ନାୟକ ଉପସ୍ଥିତ ରହି ବିଧାୟକଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ।

# ବିଜେଡି ଛାଡ଼ିଲେ ଜିଲା ପରିଷଦ ସଭ୍ୟ ଜଗନ୍ନାଥ

ବାରିପଦା,୩୧।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ନିର୍ବାଚନ ମଣ୍ଡଳୀ ଅଧୀନ ୨୪ନଂ. ଜୋନ ଜିଲାପରିଷଦ ସଦସ୍ୟ ଜଗନ୍ନାଥ ମଲ୍ଲିକ(ଜଗା)ଙ୍କୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି। ବିଜେଡି ଛାଡ଼ି ସେ ଏବେ ଭାଜପା ଶିବିରରେ। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସେ ଗେରୁଆ ଟୋପି ପିନ୍ଧିବା ପରେ ତାଙ୍କ ଅନୁଗତଙ୍କ ମଧ୍ୟରେ ନୈରାଶ୍ୟ ଭାବ ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କୁ ବିଜେଡି ଟିକଟ ଦେଲେ ନିର୍ବାଚନରେ ଅସହଯୋଗ କରିବେ ବୋଲି କେତେଜଣ ବିଜେଡି କର୍ମୀ ମହାପ୍ରସାଦ ଧରି ଶପଥ କରିଛନ୍ତି। ତେବେ ସେହି ଅସନ୍ତୁଷ୍ଟ ଗୋଷ୍ଠୀର କେତେଜଣ କର୍ମକର୍ତ୍ତା ଜଗନ୍ନାଥଙ୍କୁ ଭାଜପାରେ ଯୋଗଦେବାକୁ କହି ଦଳ ପରିବର୍ତ୍ତନ କରାଇଛନ୍ତି ବୋଲି ଚର୍ଚ୍ଚା ହେଉଛି।

୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମୟୂରଭଞ୍ଜ ଜିଲାରେ ବିଜେଡି ଅଭୂତପୂର୍ବ ସଫଳତା ହାସଲ କରିଥିଲା। ବଡ଼ସାହି ନିର୍ବାଚନ ମଣ୍ଡଳୀର ସମସ୍ତ ଜିଲାପରିଷଦ ଆସନ ବିଜେଡି ଖାତାକୁ ଯାଇଥିଲା। ଭୋଟରଙ୍କ ବିପୁଳ ସମର୍ଥନରେ ୨୪ନଂ. ଜୋନ ଜିଲାପରିଷଦ ସଦସ୍ୟ ଜଗନ୍ନାଥ ଶଙ୍ଖ ଚିହ୍ନରେ ନିର୍ବାଚନ ଲଢ଼ି ସାଢେ ୮ହଜାର ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ତେବେ ନିର୍ବାଚନୀ ବୈତରଣୀ ପାର ହେବା ପରେ ଦଳୀୟ ନେତୃବୃନ୍ଦଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ଦଳ ପରିତ୍ୟାଗ କରିଥିଲେ। ମାତ୍ର ସେ ଦେଇଥିବା ଇସ୍ତଫାପତ୍ରକୁ ଅଦ୍ୟାବଧି ବିଜେଡି ପକ୍ଷରୁ ଗ୍ରହଣ କରାଯାଇଛି କି ନାହିଁ ତାହା ସନ୍ଦେହ ଘେରରେ ରହିଛି। ଯଦି ଦଳ ପକ୍ଷରୁ ଏହାକୁ ଗ୍ରହଣ କରାଯାଇଛି ତେବେ ତାଙ୍କ ଜିଲା ପରିଷଦ ସଦସ୍ୟ ପଦ ରଦ୍ଦ ହେବ ନା କାଏମ ରହିବ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଜଗନ୍ନାଥ ବିଜେଡି ଛାଡ଼ିବା ପରେ ଦଳ ଉପରେ କି ପ୍ରଭାବ ପଡୁଛି ତାହା ଦେଖିବାକୁ ବାକି ରହିଲା।


# Classified Everyday

0674-2580101, 2549949



REAL ESTATE

SALE

ହଂସପାଳ ଶିବଶକ୍ତିନଗରରେ Sqft. 2800/-, CV Raman College Frontରେ Sqft. 1800/- yellow zone ସ୍ଥିତିବାନ ପ୍ଲଟ୍ ବିକ୍ରିହେବ। 9776866520. D-75901

**Semifurnished 3BHK flat at Jharpada 80' road side near Ganesh Mandap Chhak. Contact No.- 9437307086, 7978209277.** D-2362

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର bypass sqft-500/-. 9348232008. D-75298




400sqft. commercial space (Swain Complex) on NH-316 near Pallavi Mandap, Mangaraj Point. M- 9348194296, 7978076354. D-75194

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




Spa Kerala body Massage best Therapist @699/- Bhubaneswar. kajal-9337672475. D-2397

Newly open SPA positively health benefits (Expert therapist). Contact: 9124527170. D-75197

Newly open health benefits SPA special offer @ 999 Bapujinagar. 8018429809. D-75195

Full body massage relax body mind by trend lady therapist. 8327754443. D-75192

**Body massage by experience, good looking therapist @999/-, (Bhubaneswar). 9078484455.** D-2282

Positively health benefited SPA expert therapist at Nayapalli. Contact: 7846814019. D-75196

**Relax, Refresh your body, Mind at Saikrupa Spa with best therapies. 8984068077.** D-2369

Refreshments Body massage Therapy with experienced Therapists, Ashirvad Panchakarma Spa, Keshari Mall, Bhubaneswar, 8926173473. D-67128

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

By virtue of an affidavit sworn before the Executive Magistrate, Lephripara, I Shanti Kido, W/o- Sanatan Kido, R/o- Village- Sahabdera, P.O.-Laikera, Dist.- Sundargarh declare that before Marriage I was known as Santi Soreng but after marriage I am known as Shanti Kido. That Santi Soreng and Shanti Kido is one and the same person. Hence my correct name and surname is Shanti Kido which will be used for all purposes. D-2398

By virtue of an affidavit sworn before the Executive Magistrate, Bhubaneswar date 30.01.2024, I Smt. Kusum Kumari Dhir, W/o Late Gatikrushna Dhir Resident of Plot No.- M-49, Rajiv Nagar, At/ P.O.- Aiginia, Bhubaneswar, Odisha-751019 declare that I have changed my name from Ratanmani Dhir to Kusum Kumari Dhir. Henceforth I shall be known as Kusum Kumari Dhir for all purposes. D-75703

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ସଞ୍ଜୟ କୁମାର ପ୍ରଧାନ**

ପୁଟିବନ୍ଧ, ଧନୁପାଳି, ସମ୍ବଲପୁର

ଆବିର୍ଭାବ: ୦୪।୦୨।୧୯୪୭

ତିରୋଧାନ: ୨୧।୦୧।୨୦୨୪

ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମାଁ ସମଲେଶ୍ୱରୀଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ ପରିବାରବର୍ଗ: ପତ୍ନୀ: ଶୋଭାଗିନୀ, ପୁଅ-ବୋହୂ: ପିଣ୍ଟୁ-ଅନିତା, ରିଣ୍ଟୁ-ଲିସା, ଝିଅ-ଜ୍ୱାଇଁ: ପିଙ୍କି-କୁନା, ନାତି-ନାତୁଣୀ: ଇଶା, ମିଠି, ଦିୟା, କ୍ରିଷ୍ଣା ଏବଂ ଅନ୍ୟ ପ୍ରଧାନ ପରିବାରବର୍ଗ ଓ ବନ୍ଧୁବର୍ଗ।

ଧ-୨୩୯୯

# ରେକର୍ଡ ପରିମାଣର ଜିଏସ୍‌ଟି ସଂଗ୍ରହ

- ଜାନୁଆରୀରେ ୧,୭୨,୧୨୯ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ
- ବାର୍ଷିକ ଭିତ୍ତିରେ ୧୦.୪% ବୃଦ୍ଧି
- ଚଳିତ ଆର୍ଥିକ ବର୍ଷରେ ୨ୟ ଥର ପାଇଁ ୧.୭ କୋଟିରୁ ଅଧିକ ଟିକସ ଆଦାୟ




ନୂଆଦିଲ୍ଲୀ,୩୧।୧: (ଅଭୟ ଦାଶ)

ଚଳିତ ଆର୍ଥିକ ବର୍ଷର ୧୦ମ ମାସରେ ରେକର୍ଡ ପରିମାଣର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍‌ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ ବା ଜିଏସ୍‌ଟି) ସଂଗ୍ରହ କରାଯାଇଛି ବୋଲି ବୁଧବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩-୨୪ ଆର୍ଥିକ ବର୍ଷର ଜାନୁଆରୀରେ ଦେଶର ଜିଏସ୍‌ଟି ସଂଗ୍ରହ ୧.୭୨(୧,୭୨,୧୨୯) ଲକ୍ଷ କୋଟି ଟଙ୍କାରୁ ଅଧିକ ପରିମାଣର ଟିକସ ରାଜସ୍ୱ ଆକାରରେ ସଂଗ୍ରହ କରାଯାଇଛି। ବିଶେଷକରି ୨୦୨୨-୨୩ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ସଂଗ୍ରହ ହୋଇଥିବା ଟିକସ ପରିମାଣଠାରୁ ଏହା ୧୦.୪% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷର ଜାନୁଆରୀରେ ସଂଗୃହୀତ ଟିକସ ପରିମାଣ ୧,୫୫, ୯୨୨ଲକ୍ଷ କୋଟିଠାରୁ ୨୦୨୩-୨୪ ଆର୍ଥିକ ବର୍ଷର ଜାନୁଆରୀରେ ୧୦.୪% ଅଧିକ ଟିକସ ସଂଗୃହୀତ ହୋଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଅପରପକ୍ଷରେ ୨୦୨୩-୨୪ ଆର୍ଥିକ ବର୍ଷ ( ଏପ୍ରିଲରୁ ଜାନୁଆରୀ) ରେ ମୋଟ ୧୬.୬୯ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ଆକାରରେ ସଂଗ୍ରହ କରାଯାଇଥିଲାବେଳେ ୨୦୨୨-୨୩ ଆର୍ଥିକ ବର୍ଷ (ଏପ୍ରିଲରୁ ଜାନୁଆରୀ) ରେ ମୋଟ ୧୪.୯୬ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ଆକାରରେ ସଂଗ୍ରହୀତ ହୋଇଥିଲା। ଏପରିକି ବାର୍ଷିକ ଭିତ୍ତିରେ ଚଳିତ ଆର୍ଥିକ ବର୍ଷର ମୋଟ ଟିକସ ସଂଗ୍ରହ ୧୧.୬% ବୃଦ୍ଧି ହୋଇଛି।

ଉଲ୍ଲେଖଯୋଗ୍ୟ, କ୍ରମାଗତ ୨୩ ମାସ ପାଇଁ ଦେଶର ଜିଏସ୍‌ଟି ସଂଗ୍ରହ ୧.୪ ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଥିବାବେଳେ ଚତୁର୍ଦ୍ଦଶ ଥର ପାଇଁ ୧.୫ଲକ୍ଷ କୋଟିରୁ ଅଧିକ ପରିମାଣର ଟିକସ ଆଦାୟ ହୋଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷରେ ୮ମ ଥର ଲାଗି ଜିଏସ୍‌ଟି ସଂଗ୍ରହ ୧.୬ ଲକ୍ଷ କୋଟିରୁ ଅଧିକ ରହିଥିବାବେଳେ ୩ୟ ଥର ଲାଗି ୧.୭ ଲକ୍ଷ କୋଟିରୁ ଅଧିକ ଏବଂ ଚଳିତ ଆର୍ଥିକ ବର୍ଷରେ ୨ୟ ଥର ପାଇଁ ୧.୭ ଲକ୍ଷ କୋଟିରୁ ଅଧିକ ଟିକସ ରାଜସ୍ୱ ଆକାରରେ ଆଦାୟ କରାଯାଇଥିବା ମନ୍ତ୍ରଣାଳୟ ୱେବ୍‌ସାଇଟ୍‌ରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ସେହିପରି ସରକାର ସିଜିଏସ୍‌ଟି ବାବଦରେ ୪୩,୫୫୨କୋଟି ଟଙ୍କା ଏବଂ ଆଇଜିଏସ୍‌ଟିରୁ ଏସ୍‌ଜିଏସ୍‌ଟି ବାବଦରେ ୩୭,୨୫୭ କୋଟି ଟଙ୍କା ପରିଶୋଧ କରିଛନ୍ତି।

## ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୩୧।୧

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୧୨ (୬୧୨.୨୧) ପଏଣ୍ଟ ବଢ଼ି ୭୧,୭୫୨ (୭୧,୭୫୨.୧୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୦୪ (୨୦୩.୬୦) ପଏଣ୍ଟ ବୃଦ୍ଧି ଘଟି ୨୧,୭୨୬ (୨୧,୭୨୫.୭୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ବୃଦ୍ଧି ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ହୋଣ୍ଡା କାର୍ସର ନୂତନ ସମାଧାନ ଉନ୍ମୋଚିତ




ନୂଆଦିଲ୍ଲୀ,୩୧।୧

ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍)ର ବହୁ ପ୍ରତୀକ୍ଷିତ ଗୁଣାତ୍ମକ ଉତ୍ପାଦ ତଥା ନୂତନ ସମାଧାନ 'ଅଲ୍‌ଟ୍ରା ବଡି କୋଟିଂ'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ବିଶେଷକରି ବ୍ରାଣ୍ଡର ଏହି ଉତ୍ପାଦ ନୂତନ ଗାଡ଼ିର ସୁରକ୍ଷା ସହ ଚମକକୁ ସତେଜ କରିଥାଏ। ଏ ସମ୍ପର୍କରେ ଏଚ୍‌ସିଆଇଏଲ୍‌ର ଉପସଭାପତି (ମାର୍କେଟିଂ ଆଣ୍ଡ ସେଲ୍‌ସ) କୁନାଲ ବେହଲ କହିଛନ୍ତି, ଆମେ ସର୍ବଦା ଆମର ଗ୍ରାହକଙ୍କର ଆବଶ୍ୟକତା ସହିତ ବଜାର ଚାହିଦାକୁ ପୂରଣ କରିବାକୁ ପ୍ରୟାସ କରିଥାଉ। ଏପରିକି ବ୍ରାଣ୍ଡର ନୂତନ ସମାଧାନ ଗ୍ରାହକଙ୍କୁ ଗୁଣାତ୍ମକ ସେବା ଓ ଗାଡ଼ିର ଯତ୍ନରେ ବେଶ୍ ସହାୟକ ହେବ। ଏହି ଉତ୍ପାଦ ଗାଡ଼ିର ଚମକକୁ ନୂଆ ଭଳି କରି ରଖିଥାଏ। ଉଲ୍ଲେଖଯୋଗ୍ୟ, ଦେଶର ସମସ୍ତ ହୋଣ୍ଡା କାର୍ସ ଡିଲର୍ସ ପଏଣ୍ଟ ବା ଶୋ'ରୁମ୍‌ରେ ଏହି ନୂତନ ଉତ୍ପାଦ ଉପଲବ୍ଧ। ଏହାର ମୂଲ୍ୟ ୨୮,୯୦୦ ଟଙ୍କା ରହିଥିଲାବେଳେ ସ୍ୱତନ୍ତ୍ର ଭାବେ ଏହି ଉତ୍ପାଦ ହୋଣ୍ଡା ମଡେଲଗୁଡିକ ପାଇଁ ବ୍ୟବହାର ଯୋଗ୍ୟ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

## ମୋବାଇଲର ଅନ୍ୟାନ୍ୟ ସାମଗ୍ରୀ ଉପରେ କଷ୍ଟମ୍ ଡ୍ୟୁଟି ହ୍ରାସ

ଭୁବନେଶ୍ୱର,୩୧।୧(ଅନୁରାଧା ମହାରଣା)

ମୋବାଇଲ ଫୋନ୍ ଉତ୍ପାଦନରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଉପରେ ଲାଗୁ କରାଯାଇଥିବା ୧୫ ପ୍ରତିଶତ କଷ୍ଟମ ଡ୍ୟୁଟି ୧୦ ପ୍ରତିଶତକୁ ହ୍ରାସ ପାଇଛି। କଷ୍ଟମ ଡ୍ୟୁଟିରେ କେନ୍ଦ୍ର ସରକାର ୩ଟି ବର୍ଗରେ ବିଜ୍ଞପ୍ତି ମାଧ୍ୟମରେ ପରିବର୍ତ୍ତନ ଆଣିଛନ୍ତି। ଏହି କ୍ରମରେ ଅବଶିଷ୍ଟ ବର୍ଗରେ ମୋବାଇଲ ଫୋନ ଉତ୍ପାଦନରେ ବ୍ୟବହାର ପାଇଁ ସାମଗ୍ରୀ ପାଇଁ ପ୍ରଯୁଜ୍ୟ କଷ୍ଟମ୍ସ ଡ୍ୟୁଟି ହ୍ରାସ କରାଯାଇଛି। ପୂର୍ବରୁ 'ଅନ୍ୟାନ୍ୟ ଦ୍ରବ୍ୟ' ଭାବରେ ବିବେଚନା କରାଯାଉଥିବା ମୋବାଇଲ୍ ବ୍ୟାଟେରି କଭର, ଫ୍ରଣ୍ଟ କଭର, ମିଡିଲ କଭର, ମୁଖ୍ୟ (ମେନ୍) ଲେନ୍ସ, ବ୍ୟାକ୍ କଭର, ଜିଏସ୍‌ଏମ୍ ଆଣ୍ଟେନା, ପିୟୁ କେସ୍, ସିଲ୍ ଗ୍ୟାସ୍କେଟ, ସିମ୍ ସକେଟ, ସ୍କ୍ରୁ ଏବଂ ପ୍ଲାଷ୍ଟିକ ଓ ଧାତୁର ଅନ୍ୟାନ୍ୟ ଯାନ୍ତ୍ରିକ ସାମଗ୍ରୀ ଉପରେ ଏହି ଡ୍ୟୁଟି ହ୍ରାସ କରାଯାଇଛି। ଏହି ବିଜ୍ଞପ୍ତିରେ ତାଲିକାଭୁକ୍ତ ସାମଗ୍ରୀର ଉତ୍ପାଦନରେ ବ୍ୟବହାର ପାଇଁ ଇନ୍‌ପୁଟ କିମ୍ବା ଅଂଶ ଉପରେ କଷ୍ଟମ ଡ୍ୟୁଟି ନିଆଯିବ ନାହିଁ । ଶିଳ୍ପ ପାଇଁ କଷ୍ଟମ ଶୁଳ୍କ ହ୍ରାସ କରିବାକୁ ସରକାରଙ୍କ ପଦକ୍ଷେପକୁ ମୋବାଇଲ ଇଣ୍ଡଷ୍ଟ୍ରି ଅତ୍ୟଧିକ ସ୍ୱାଗତ କରିଛି। ରପ୍ତାନି ନେତୃତ୍ୱ ଅଭିବୃଦ୍ଧି, ନୀତିର ସ୍ଥିରତା ସୁନିଶ୍ଚିତ କରିବା ଏବଂ ଉତ୍ପାଦନରେ ପ୍ରତିଦ୍ୱନ୍ଦ୍ୱିତାକୁ ସମାଧାନ କରିବା କ୍ଷେତ୍ରରେ ଏହି ସଂଶୋଧନ ଏକ ଗୁରୁତ୍ୱପୂର୍ଣ୍ଣ ନୀତି ପରିବର୍ତ୍ତନ ବୋଲି କୁହାଯାଇଛି। ଏହି ଶୁଳ୍କ ହ୍ରାସ ନେଇ କେନ୍ଦ୍ର ରେଳ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଇଣ୍ଡିଆ ସେଲୁଲାର ଆଣ୍ଡ ଇଲେକ୍ଟ୍ରୋନିକ୍ସ ଆସୋସିଏସନ (ଆସିଇଏ)ର ଅଧ୍ୟକ୍ଷ ପଙ୍କଜ ମହିନ୍ଦ୍ରୋ କହିଛନ୍ତି, ଭାରତରେ ମୋବାଇଲ ଉତ୍ପାଦନ ଓ ରପ୍ତାନିକୁ ପ୍ରତିଯୋଗିତାମୂଳକ କରିବା ଦିଗରେ ସରକାରଙ୍କ ଦ୍ୱାରା ଏହା ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ସ୍ୱାଗତଯୋଗ୍ୟ ପଦକ୍ଷେପ।

## 'ଯକୃତରୋଗ ଦୂରକରେ ଗିଲୋୟ'

ଭୁବନେଶ୍ୱର,୩୧।୧(ଅନୁରାଧା ମହାରଣା)

ଗିଲୋୟ (ଟିନୋସପୋରା କର୍ଡିଫୋଲିଆ)ର ହେପାଟୋପ୍ରୋଟେକ୍ଟିଭ ବା ଯକୃତକୁ ସୁସ୍ଥ ରଖିବାର କ୍ଷମତା ଏବଂ ଅନ୍ୟାନ୍ୟ ଉପକାରିତାକୁ ୟୁକେ ପକ୍ଷରୁ ଗ୍ରହଣ କରାଯାଇଛି। ୟୁକେର ପ୍ରସିଦ୍ଧ ଗବେଷଣା ପତ୍ରିକା 'ଜର୍ନାଲ ଅଫ୍ ଦି ରୟାଲ ଫାର୍ମାସ୍ୟୁଟିକାଲ ସୋସାଇଟି ଅଫ୍ ଗ୍ରେଟ୍ ବ୍ରିଟେନ'ରେ ପ୍ରକାଶିତ ହୋଇଛି। ଅକ୍ସଫୋର୍ଡ ୟୁନିଭର୍ସିଟି ଦ୍ୱାରା 'ଜର୍ନାଲ ଅଫ୍ ଫାର୍ମାସି ଏବଂ ଫାର୍ମାକୋଲୋଜି'ରେ ପ୍ରକାଶିତ ହୋଇଛି। ଗିଲୋୟ ଉପରେ ହୋଇଥିବା ଗବେଷଣାରୁ ଜଣାପଡିଛି ଯେ ଏହା ଯକୃତକୁ ସୁସ୍ଥ ରଖିବା ସହିତ ଶରୀରର କୋଷଗୁଡ଼ିକର ଅବକ୍ଷୟକୁ ରୋକିବାରେ ଏବଂ ଯକୃତକୁ ସୁରକ୍ଷା ଯୋଗାଇବାରେ ସହାୟକ ହୋଇଥାଏ। ଗିଲୋୟ ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ାଇଥାଏ। ଦୈନିକ ଗିଲୋୟ ଆହାର କରି ଅନେକ ରୋଗରୁ ମୁକ୍ତି ମିଳିପାରେ। ଏହି ଅବସରରେ ଆଚାର୍ଯ୍ୟ ବାଲକ୍ରିଷ୍ଣା ଜୀ ମହାରାଜ କହିଛନ୍ତି, ପ୍ରାଚୀନ କାଳରୁ ରକ୍ତ ଶୁଦ୍ଧତା ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଗିଲୋୟ ପାରମ୍ପରିକ ଭାବରେ ବ୍ୟବହୃତ ହେଉଥିଲା। ଆଚାର୍ଯ୍ୟ କହିଛନ୍ତି, ପତଞ୍ଜଳି ଆୟୁର୍ବେଦକୁ ସର୍ବଦା ପ୍ରାଧାନ୍ୟ ଦେଇଥାଏ। କରୋନା ଅବଧିରେ, ଗିଲୋୟ ବିଷୟରେ ଭୁଲ୍ ଧାରଣା ସୃଷ୍ଟି କରିବାକୁ ଚେଷ୍ଟା କରାଯାଇଥିଲା ଯେ ଗିଲୋୟର ଅତ୍ୟଧିକ ବ୍ୟବହାର ଯକୃତ ଉପରେ ଖରାପ ପ୍ରଭାବ ପକାଇଥାଏ। ମାତ୍ର ପତଞ୍ଜଳି ଅନୁସନ୍ଧାନ ପ୍ରତିଷ୍ଠାନର ବୈଜ୍ଞାନିକମାନେ ଗିଲୋୟ ଉପରେ ଅନୁସନ୍ଧାନ କରିଥିଲେ ଏବଂ ଏହାକୁ ପ୍ରମାଣ ସହିତ ଉପସ୍ଥାପନ କରିଥିଲେ। ଗିଲୋୟ କରୋନିଲର ଏକ ପ୍ରମୁଖ ଉପାଦାନ ହୋଇଥିବାବେଳେ କରୋନା ମୁକାବିଲାରେ ଏହା ସହାୟକ ହୋଇପାରିଛି।




## ବିଦ୍ୟୁତ୍ ଶୁଳ୍କ ନବଢ଼ାଇବାକୁ ଗ୍ରୀଡ୍‌କୋର ପ୍ରସ୍ତାବ

ଭୁବନେଶ୍ୱର,୩୧।୧(ଅନୁରାଧା ମହାରଣା)

### ଓଇଆର୍‌ସିଙ୍କ ଜନଶୁଣାଣି

ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି)ଙ୍କ ଜନଶୁଣାଣୀରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ନ କରିବା ପାଇଁ ଗ୍ରୀଡକୋ ନିଜର ପକ୍ଷ ରଖିଛି। ବୁଧବାର ଅନୁଷ୍ଠିତ ବାର୍ଷିକ ରାଜସ୍ୱ ଆବଶ୍ୟକତା ସମ୍ପର୍କିତ ଜନଶୁଣାଣୀରେ ଗ୍ରୀଡ଼କୋ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ନିଜର ବିସ୍ତୃତ ଯୋଜନା ସମ୍ପର୍କରେ ତଥ୍ୟ ରଖିଥିଲା। ଆକଳନ ଅନୁସାରେ ୨୦୨୪-୨୫ ଆର୍ଥିକ ବର୍ଷ ୩୭,୪୫୭ ନିୟୁତ ମିଲିୟନ ୟୁନିଟ ବିଦ୍ୟୁତ ଆବଶ୍ୟକତା ଥିବାବେଳେ ଗ୍ରୀଡକୋ ନିଜର ବିଭିନ୍ନ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥା ସହ ଦୀର୍ଘ ମିଆଦୀ ଚୁକ୍ତି ଅନୁସାରେ ୩୯୬୫୨ ମିଲିୟନ ୟୁନିଟ ବିଦ୍ୟୁତ୍ ଉପଲବ୍ଧ କରାଇବାକୁ ପ୍ରସ୍ତୁତ ଅଛି। ଏହା ସହିତ ଜରୁରୀକାଳୀନ ଆବଶ୍ୟକତା ପାଇଁ ୨୧୯୬ ମିଲିୟନ ୟୁନିଟ ବିଦ୍ୟୁତ୍ ସଂରକ୍ଷିତ ରଖିବାର ଯୋଜନା ରହିଛି। ଜରୁରୀକାଳୀନ ଆବଶ୍ୟକତା ପୂରଣ କରିବା ପାଇଁ ବିଭିନ୍ନ କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ ସହ ସ୍ୱଳ୍ପ ମିଆଦ ଓ ମଧ୍ୟମ ମିଆଦ ଚୁକ୍ତି ନେଇ ଗ୍ରୀଡକୋ ନିଜ ଯୋଜନା ସମ୍ପର୍କରେ ମଧ୍ୟ ତଥ୍ୟ ରଖିଥିଲା। ଶକ୍ତି ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଗ୍ରୀଡକୋ ଅକ୍ଷୟଶକ୍ତି ଉତ୍ପାଦନ ବିକଳ୍ପର ବ୍ୟବସ୍ଥା କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଉପଭୋକ୍ତା ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ନ କରି ଶକ୍ତି ବାବଦକୁ ଖର୍ଚ୍ଚ ମେଣ୍ଟାଇ ହେବ ବୋଲି ଗ୍ରୀଡକୋ ଏହି ଜନଶୁଣାଣୀରେ ମତ ଦେଇଛି। ଜରୁରୀ ପଡ଼ିଲେ ବିତରକ କମ୍ପାନିଗୁଡ଼ିକ ପାଖରେ ଥିବା ବିଗତ ବର୍ଷର ରେଗୁଲେଟୋରୀ ସରପ୍ଲସ ଏବଂ ବର୍ଦ୍ଧିତ ବିଦ୍ୟୁତ୍ ଚାହିଦା ଯୋଗୁ ଅତିରିକ୍ତ ରାଜସ୍ୱ ଆୟରୁ ବିଦ୍ୟୁତ୍ କ୍ରୟ ପାଇଁ ଆବଶ୍ୟକ ଅତିରିକ୍ତ ଖର୍ଚ୍ଚ ତୁଲାଇ ହେବ ବୋଲି ସୂଚନା ଦିଅଯାଇଛି।

## ନୁଭୋକୋ ଭିସ୍ତାସ୍‌ର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୩୧।୧

ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡ୍‌ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକଳାପ ସହ ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ୩ୟ ତ୍ରୈମାସରେ କମ୍ପାନୀର ମୋଟ ସିମେଣ୍ଟ ବିକ୍ରି ୪.୦୨ ଏମ୍‌ଏମ୍‌ଟି ରହିଥିବା ବେଳେ ପରିଚାଳନାରୁ ମିଳିଥିବା ରାଜସ୍ୱ ୨୪୨୧କୋଟି ଟଙ୍କା ରହିଛି। ସେହିପରି ଏହି ଅବଧିରେ ଏବିଟଡା ବାର୍ଷିକ ଆଧାରରେ ୫୫% ବୃଦ୍ଧି ହୋଇ ୪୨୧ କୋଟି ଟଙ୍କା ରହିଛି। ଯାହା ଏହାର ମୋଟ ସିମେଣ୍ଟ କ୍ଷମତାକୁ ୨୫ ଏମ୍‌ଏମ୍‌ଟିପିଏରେ ପହଞ୍ଚାଇଛି। ସେହିପରି କମ୍ପାନୀ ପାଇଁ ପ୍ରିମିୟମ ପ୍ରଡକ୍ଟଗୁଡିକ ଏକ ପ୍ରମୁଖ କେନ୍ଦ୍ର ଭାବେ ବଜାୟ ରହିଛି ଏବଂ ଏହା ୩ୟ ତ୍ରୈମାସରେ କମ୍ପାନୀର ସିମେଣ୍ଟ କାରବାର ପରିମାଣରେ ୩୬%ର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛି। ଏ ସମ୍ପର୍କରେ ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିଃର ପରିଚାଳନା ନିର୍ଦ୍ଦେଶକ ଜୟାକୁମାର କ୍ରିଷ୍ଣାସ୍ୱାମୀ କହିଛନ୍ତି, ଆହ୍ୱାନପୂର୍ଣ୍ଣ ଚାହିଦା ପରିବେଶ ସତ୍ତ୍ୱେ କମ୍ପାନୀ ଏବିଟଡାରେ ମଜଭୁତ ଅଭିବୃଦ୍ଧି ପ୍ରଦାନ କରିବା ଜାରି ରଖିଛି। ଆମେ ଗତ ୧୦ଟି ତ୍ରୈମାସ ତୁଳନାରେ ସର୍ବୋଚ୍ଚ ଏବିଟଡା ହାସଲ କରିଛୁ, ଯାହା ଆମର ପରିଚାଳନାଗତ ଉତ୍କର୍ଷର ଏକ ପ୍ରମାଣ । ଆମେ ପୂର୍ବାଞ୍ଚଳରେ ନିଜର ନେତୃତ୍ୱ ସ୍ଥିତିକୁ ବଜାୟ ରଖି ଉତ୍ତର ଭାରତରେ ବୃହତ୍ ବଜାର ଅଂଶ ହାସଲ କରିବା ଏବଂ ଗୁଣବତ୍ତା ଓ ଉଦ୍ଭାବନ ଉପରେ ଗୁରୁତ୍ୱ ଦେବା ଜାରି ରଖିବୁ। ଆମେ ଚଳିତ ଆର୍ଥିକ ବର୍ଷରେ ୫ଟି ନୂଆ ପ୍ଲାଣ୍ଟ କାର୍ଯ୍ୟକାରୀ କରିଛୁ, ଯାହା ଭାରତରେ ଆମର ମୋଟ ପ୍ଲାଣ୍ଟ ସଂଖ୍ୟାକୁ ୫୬ରେ ପହଞ୍ଚାଇଛି।

## ବ୍ୟବସାୟିକ ବିକାଶ ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର,୩୧।୧




ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ଓଡ଼ିଶା ୟୁନିଟ୍ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଓଆଇର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଜନୀଶ କର୍ନାଟକ ସମ୍ମାନିତ ଅତିଥି ଭାବେ ଯୋଗଦେବା ସହ ୟୁନିଟ୍‌ର ବିଭିନ୍ନ ଦିଗ ଓ ବ୍ୟାଙ୍କର କାରବାର ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏପରିକି କର୍ନାଟକ ଭୁବନେଶ୍ୱରର ଜୟଦେବ ବିହାରସ୍ଥିତ ବିଓଆଇର ଷ୍ଟାର ହାଉସ୍‌କୁ ପରିଦର୍ଶନ କରିବା ସହ ନ୍ୟାଶନାଲ ବ୍ୟାଙ୍କିଙ୍ଗ୍ ଗ୍ରୁପ୍(ଏନ୍‌ବିଜି) ଓଡ଼ିଶା ଏବଂ ବିଓଆଇ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ସମ୍ବୋଧନ କରି ରାଜ୍ୟ ଏବଂ ବ୍ୟାଙ୍କରେ ବ୍ୟବସାୟିକ ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଏନ୍‌ବିଜି ଓଡ଼ିଶାର ମହାପ୍ରବନ୍ଧକ ବିକାଶ କ୍ରିଷ୍ଣା, ଏନ୍‌ବିଜି ଓଡ଼ିଶାର ଉପ-ମହାପ୍ରବନ୍ଧକ ରବୀନ୍ଦ୍ରନାଥ ସରକାର, ବିଓଆଇ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ଏସ୍. ମଳୟ ଦାସ, ବାରିପଦା ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ରମେଶ ଚନ୍ଦ୍ର ଦାସ, କେନ୍ଦୁଝର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ହିମାଦ୍ରି ଶେଖର ଦାସ ଏବଂ ସମ୍ବଲପୁର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ଶ୍ରୀଜିତ୍ ଶଙ୍କର ବେହେରାଙ୍କ ସମେତ ସମସ୍ତ ୪ଟି ଅଞ୍ଚଳର ଉପ-ଆଞ୍ଚଳିକ ମୁଖ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଅଫିସର୍ସ ଆସୋସିଏସନ ଏବଂ ଏମ୍ପ୍ଲୟିଜ୍ ୟୁନିୟନ କର୍ନାଟକଙ୍କୁ ସ୍ୱାଗତ ଜଣାଇଥିଲେ। ଅପରପକ୍ଷରେ କର୍ନାଟକ କିଟ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସକୁ ଏକ ଆମ୍ବୁଲାନ୍ସ ପ୍ରଦାନ କରିଥିଲେ, ଯାହା ଆବଶ୍ୟକ ସ୍ଥଳେ ଲୋକମାନଙ୍କୁ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସାହାଯ୍ୟ କରିବ। ଏହି ପଦକ୍ଷେପ ସମାଜର କଲ୍ୟାଣ ପାଇଁ ବ୍ୟାଙ୍କର ଆଉ ଏକ ପ୍ରତିବଦ୍ଧତା ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

## ରିଲାଏନ୍ସ ଜିଓର ସୁରକ୍ଷା ସଚେତନତା ଅଭିଯାନ

ଭୁବନେଶ୍ୱର,୩୧।୧

ରିଲାଏନ୍ସ ଜିଓ ପକ୍ଷରୁ ୩୫ତମ ଜାତୀୟ ସଡ଼କ ସୁରକ୍ଷା ମାସ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ୟୁନିଟ୍ ପକ୍ଷରୁ ୩୫ତମ ଜାତୀୟ ସଡ଼କ ସୁରକ୍ଷା ମାସ ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟ ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ଶାଖା କାର୍ଯ୍ୟାଳୟ ଓ କ୍ଷେତ୍ର ସ୍ତରୀୟ ସ୍ଥଳଗୁଡିକରେ ମଧ୍ୟ ପାଳନ କରାଯାଇଥିଲା। ଏହି ଅବସରରେ ରିଲାଏନ୍ସ ଜିଓର ଓଡ଼ିଶା ବ୍ୟବସାୟ ମୁଖ୍ୟ ପ୍ରଦୀପ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ୩୫ତମ ଜାତୀୟ ସଡ଼କ ସୁରକ୍ଷା ମାସକୁ ବିଧିବଦ୍ଧ ଭାବେ ଶୁଭାରମ୍ଭ କରିବା ସହିତ ସଡ଼କ ନିରାପତ୍ତା ଅଭ୍ୟାସ ଉପରେ ଅନେକ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ। ଏପରିକି ମାସବ୍ୟାପୀ ପାଳନ କରାଯାଉଥିବା ଉକ୍ତ କାର୍ଯ୍ୟକ୍ରମ ୨୦୨୪ ଫେବୃଆରୀ ୧୦ରେ ଉଦ୍‌ଯାପନ ହେବ। ଅପରପକ୍ଷରେ 'ଜଣେ ସଡ଼କ ସୁରକ୍ଷା ହିରୋ ହୁଅନ୍ତୁ' ବିଷୟବସ୍ତୁ ଉପରେ ଆଧାରିତ ଏହି ଜାତୀୟ ସଡ଼କ ସୁରକ୍ଷା ମାସ ପାଳନର ମୁଖ୍ୟ ଲକ୍ଷ୍ୟ ହେଉଛି, ସଡ଼କ ସୁରକ୍ଷା, ନିରାପଦ ଗାଡି ଚାଳନା ଜୀବନ ରକ୍ଷା ଏବଂ ସଡ଼କ ଦୁର୍ଘଟଣା ହ୍ରାସ ଆଦି ସମ୍ପର୍କରେ ସଚେତନତା ସୃଷ୍ଟି କରିବା। ସେହିଭଳି ଗମନାଗମନର ପ୍ରମୁଖ ନିରାପତ୍ତାମୂଳକ ପଦକ୍ଷେପଗୁଡ଼ିକର ଗୁରୁତ୍ୱକୁ ଏହି ସୁରକ୍ଷା ସଚେତନତା ଅଭିଯାନ ଅବସରରେ ପୁନଃ ସୁଦୃଢ଼ୀକରଣ ସହ ସଡ଼କ ସୁରକ୍ଷା ନିମନ୍ତେ ଶପଥ ପାଠ ଏବଂ ସମଗ୍ର ଓଡ଼ିଶାରେ ତାଲିମ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ସେହିପରି ଦୀର୍ଘ ମାସେବ୍ୟାପୀ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମଗୁଡିକ ମଧ୍ୟରେ ସଡ଼କ ସୁରକ୍ଷା ଉପରେ ରୋଡ ଶୋ, ଚଳଚ୍ଚିତ୍ର ପ୍ରଦର୍ଶନ, ଗୀତ, ସ୍ଲୋଗାନ୍ ଲେଖିବା ପ୍ରତିଯୋଗିତା, ଚିତ୍ରାଙ୍କନ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତା, ଯାନବାହନଗୁଡିକର ଯାଞ୍ଚ ଏବଂ ସଡ଼କ ସୁରକ୍ଷା ହିରୋମାନଙ୍କୁ ପୁଷ୍ପ, ଚକୋଲେଟ ଏବଂ ବ୍ୟାଜ୍ ବଣ୍ଟନ ଆଦି ସାମିଲ ରହିଛି।

## ଡିକାର୍ବୋନାଇଜେଶନ ରଣନୀତି ଉପରେ ଜାତୀୟ ସମ୍ମିଳନୀ




ଭୁବନେଶ୍ୱର,୩୧।୧

ଇଣ୍ଡିଆନ ଚ୍ୟାମ୍ବର ଅଫ୍ କମର୍ସ (ଆଇସିସି) ଓ ବସୁଧା ଫାଉଣ୍ଡେଶନର ମିଳିତ ସହଯୋଗରେ ଏକ ଦିନିକିଆ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଡିକାର୍ବୋନାଇଜେଶନ ରଣନୀତି ଉପରେ କ'ଣ ପଦକ୍ଷେପ ନିଆଯାଇପାରିବ, ତାହାକୁ ନେଇ ଏକ ଜାତୀୟ ସମ୍ମିଳନୀ ଓଡ଼ିଶାରେ ଆୟୋଜିତ ହୋଇଥିଲା। ଏହି ଅବସରରେ ଆଇସିସି ରାଜ୍ୟ ପରିଷଦର ଅଧ୍ୟକ୍ଷ ଜେ.ବି . ପାଣି ଅଧ୍ୟକ୍ଷତାକରି କହିଥିଲେ, ବର୍ତ୍ତମାନ ଦେଶରେ ଅକ୍ଷୟ ଶକ୍ତି କ୍ଷମତାକୁ ୩ ଗୁଣ ବୃଦ୍ଧି କରିବାକୁ ଯୋଜନା କରାଯାଉଛି। ୨୦୩୦ ସୁଦ୍ଧା ଅତି କମ୍‌ରେ ୧୧,୦୦୦ ଗିଗା ୱାଟ (ଜିଡବ୍ଲ୍ୟୁ) ପାଇଁ ଲକ୍ଷ୍ୟ ରଖିଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଓ ରାଜ୍ୟ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ନିର୍ଦ୍ଦେଶକ ଡ. କେ. ମୁରୁଗେସନ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ପାଇଁ ରାଜ୍ୟ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରିଥିବା ଓଡ଼ିଶା ରାଜ୍ୟ ହେଉଛି ପ୍ରଥମ ରାଜ୍ୟ। ବର୍ତ୍ତମାନ ଓଡ଼ିଶା ରାଜ୍ୟ ପାଇଁ ନେଟ୍ ଜିରୋ ରଣନୀତି ଲାଗି ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରୁଛି। ବସୁଧା ଫାଉଣ୍ଡେଶନ ସିଇଓ ଶ୍ରୀନିବାସ କ୍ରିଷ୍ଣାସ୍ୱାମୀ କହିଥିଲେ, ପ୍ରତ୍ୟେକ ଅନନ୍ୟ ସାମାଜିକ-ଅର୍ଥନୈତିକ ପ୍ରୋଫାଇଲ୍, ଶକ୍ତି ବ୍ୟବହାର ଢାଞ୍ଚା, ସମ୍ବଳ, ପ୍ରାକୃତିକ ସମ୍ପଦ ଏବଂ ଅନ୍ୟମାନଙ୍କ ମଧ୍ୟରେ ଏହାର ପରିଚାଳନା ରହିଛି। ସମ୍ମାନିତ ଅତିଥି ଭାବେ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ତଥା ଆଇସିସି ରାଜ୍ୟ ପରିଷଦ ଇଏସ୍‌ଏଚ୍ କମିଟିର ପ୍ରମୁଖ ଉପଦେଷ୍ଟା ଡ. ମଳୟ କୁମାର ପ୍ରଧାନ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସିଇଇ ତଥା ଆଇସିସି ରାଜ୍ୟ ପରିଷଦ ଇଏସ୍‌ଏଚ୍ କମିଟିର ଆାବହକ ଡ. ଏନ୍. ଆର୍ .ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଇସିସି ରାଜ୍ୟ ପରିଷଦ ଇଏସ୍‌ଏଚ୍ କମିଟିର ସହ ଆବାହକ ଇଂ ରାଜେଶ କାନୁନ୍‌ଗୋ ଧନ୍ୟବାଦ ଅର୍ପଣ କରିଥିଲେ।

## କିଟ୍ ଟିବିଆଇକୁ ଇନ୍‌କ୍ୟୁବେଟର ଅଫ୍ ଦି ଇୟର ସମ୍ମାନ

ଭୁବନେଶ୍ୱର,୩୧।୧




ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ମାଇକ୍ରୋ, ସ୍ମଲ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ୍ ବା ଏମ୍‌ଏସ୍‌ଏମ୍‌ଇ) ଅଧୀନରେ କାର୍ଯ୍ୟ କରୁଥିବା ଷ୍ଟାର୍ଟଅପ୍ ଓଡ଼ିଶା ପକ୍ଷରୁ ବୁଧବାର ଷ୍ଟାର୍ଟଅପ୍ ଉତ୍ସବ-୨୦୨୪ର ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ କିଟ୍ ଟେକ୍ନୋଲୋଜି ବିଜ୍‌ନେସ୍ ଇନ୍‌କ୍ୟୁବେଟର (କିଟ୍ ଟିବିଆଇ)କୁ ସଫଳ ଇନ୍‌କ୍ୟୁବେଟର ଅଫ୍ ଦି ଇୟରର ପୁରସ୍କାର ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଷ୍ଟାର୍ଟଅପ୍ ଓଡ଼ିଶା ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍ ଟିବିଆଇକୁ ସଫଳ ଇନ୍‌କ୍ୟୁବେଟର ଅଫ୍ ଦି ଇୟରର ସମ୍ମାନ ଦିଆଯାଇଛି। ଏହି ଅବସରରେ ବିଭାଗୀୟ ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ସମେତ ରାଜ୍ୟ ସରକାରଙ୍କ ମୁଖ୍ୟ ଉପଦେଷ୍ଟା ସୁବ୍ରତ ବାଗ୍‌ଚୀ, ଷ୍ଟାର୍ଟଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ (ଚେୟାରମ୍ୟାନ) ଡ. ଓମ୍‌କାର ରାୟ ଏବଂ ଷ୍ଟାର୍ଟଅପ୍ ଏବଂ ଉଦ୍ୟୋଗ ଜଗତର ଅନ୍ୟାନ୍ୟ ପ୍ରତିଷ୍ଠିତ ବ୍ୟକ୍ତି ତଥା ଷ୍ଟାର୍ଟଅପ୍ ଯାତ୍ରା ଏବଂ ଏକ୍ସପ୍ରେସର ଶ୍ରେଷ୍ଠ ୧୦ ଛାତ୍ର ଉଦ୍ଭାବକ, ମହିଳା ଉଦ୍ୟୋଗୀ, ମିଲେଟ୍ ଇନୋଭେଶନ ଚ୍ୟାଲେଞ୍ଜର ବିଜେତା, ଫଣ୍ଡ ଷ୍ଟ୍ୟାକ୍ ୩.୦ର ଟପ୍ ୨୦ ଷ୍ଟାର୍ଟଅପ୍ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ଭବିଷ୍ୟତ ପାଇଁ ଉଦ୍ୟୋଗୀମାନଙ୍କର ଏକ ଶକ୍ତିଶାଳୀ ପାଇପଲାଇନ ଯୋଗାଇବା ପାଇଁ ଷ୍ଟାର୍ଟଅପ୍ ଓଡ଼ିଶା ଯଥାକ୍ରମେ କଲେଜ ଏବଂ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ପାଇଁ ଓଡ଼ିଶା ଷ୍ଟାର୍ଟଅପ୍ ଯାତ୍ରା ଏବଂ ଓଡ଼ିଶା ଷ୍ଟାର୍ଟଅପ୍ ଏକ୍ସପ୍ରେସ ଆଦି ପରିଚାଳନା କରିଥିଲା। ଏପରିକି ଆମେ ରେକର୍ଡ ଭାଙ୍ଗିଥିବା ୪,୪୦୦ ଅଭିନବ ଚିନ୍ତାଧାରା ଗ୍ରହଣ କରି ୩୬,୦୦୦ ରୁ ଅଧିକ ଛାତ୍ରଙ୍କ ନିକଟରେ ପହଞ୍ଚିଛୁ। ଆଜି ଶ୍ରେଷ୍ଠ ୧୦୦ ଛାତ୍ର ଚିନ୍ତାଧାରାକୁ ମନୋନୀତ ଏବଂ ଉତ୍ସାହିତ କରାଯାଇଛି ଏବଂ ମୁଁ ଏହି ଭବିଷ୍ୟତର ଉଦ୍ୟୋଗୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ସେହିଭଳି ମନ୍ତ୍ରୀ ଦେବ କହିଛନ୍ତି, ଓଡ଼ିଶାର ପ୍ରାକୃତିକ ପ୍ରଚୁରତା ମଧ୍ୟରେ ମୁଁ ଆମର ଗତିଶୀଳ ଯୁବକମାନଙ୍କୁ ଚାକିରି ଖୋଜୁଥିବା ପାରମ୍ପରିକ ଧାରଣାକୁ ଅତିକ୍ରମ କରିବାକୁ ଏବଂ ନିଯୁକ୍ତି ସୃଷ୍ଟିର ସଶକ୍ତୀକରଣ ଭୂମିକା ଗ୍ରହଣ କରିବାକୁ ଉତ୍ସାହିତ କରୁଛି। ଯୁବ ଉଦ୍ୟୋଗ ପାଇଁ ଦୃଢ଼ ସମର୍ଥନ ବିସ୍ତାର କରିବାରେ ସରକାର ସ୍ଥିର ଅଛନ୍ତି। ସେହିପରି ଷ୍ଟାର୍ଟଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ (ଚେୟାରମ୍ୟାନ୍) ଡ. ଓମ୍‌କର ରାୟ କହିଛନ୍ତି, ଷ୍ଟାର୍ଟଅପ୍ ଉତ୍ସବ-୨୦୨୪ ଓଡ଼ିଶାର ଷ୍ଟାର୍ଟଅପ୍ ଲ୍ୟାଣ୍ଡସ୍କେପ୍ ମଧ୍ୟରେ ବିଭିନ୍ନ ସଫଳତାର ଉତ୍ସବ ପାଳନ କରିଛି ଏବଂ ଷ୍ଟାର୍ଟଅପ୍ ଇକୋସିଷ୍ଟମର ଷ୍ଟାର୍ଟଅପ୍, ଉଦ୍ୟୋଗୀ, ନିବେଶକ, ଇନ୍‌କ୍ୟୁବେଟର ଏବଂ ଅନ୍ୟାନ୍ୟ ହିତାଧିକାରୀଙ୍କ ଦ୍ୱାରା ନିର୍ମିତ ସଫଳତାକୁ ଠିକ୍ ଭାବେ ସ୍ୱୀକୃତି ଦେଇଛି।

ପରଦାରେ..

# ଶାନ୍ତି ଆପାର୍ଟମେଣ୍ଟ

ଏକ ରହସ୍ୟ, ରୋମାଞ୍ଚକଭରା କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଶାନ୍ତି ଆପାର୍ଟମେଣ୍ଟ'। ଏହି ଫିଲ୍ମଟି ଚଳିତ ମାସ ୨ ତାରିଖରେ ପରଦା ଉପରକୁ ଆସୁଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଚିତ୍ରଟିର ପ୍ରଯୋଜନା କରିଛନ୍ତି ବିକ୍ରମ ଶଙ୍କର। ଅନ୍ୟପକ୍ଷରେ ଏହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଯୁବ ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ। ଏକ ଭିନ୍ନ ଧରଣର କାହାଣୀକୁ ନେଇ ଫିଲ୍ମଟିକୁ ନିର୍ମାଣ କରାଯାଇଛି। ଏଥିରୁ ଦର୍ଶକ ଭରପୂର ମନୋରଞ୍ଜନ ପାଇବେ ବୋଲି ଆଶା ରହିଛି। ଶୁଟିଂ ସମୟରେ କାହାଣୀକୁ ଠିକ୍ ଭାବରେ ଉପସ୍ଥାପନା କରିବାକୁ ଚେଷ୍ଟା କରାଯାଇଛି। କଳାକାରମାନେ ସେମାନଙ୍କର ବେଷ୍ଟ ଦେଇଛନ୍ତି ବୋଲି କହନ୍ତି ଅଶ୍ୱିନୀ। ଏହାର କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ଅଭିଜିତ। ଫିଲ୍ମଟିର କାହାଣୀ ଏବଂ ଚିତ୍ରନାଟ୍ୟ ମଧ୍ୟ ରଚନା କରିଛନ୍ତି ଅଶ୍ୱିନୀ। ସଂଳାପ ଦାୟିତ୍ୱ ତୁଲାଇଛନ୍ତି ଆଗଧାଡ଼ିର ସଂଳାପକାର ତଥା ନାଟ୍ୟକାର ଡ. ଦୀପକ ଜେନା। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ସନ୍ଦୀପ ପଣ୍ଡା। ଏହାର ବିଭିନ୍ନ ଭୂମିକାରେ ଦ୍ୱୀପନ୍ୱିତ ମହାପାତ୍ର, ଶୁଭାଶିଷ ଶର୍ମା ଓରଫ ମଣ୍ଟୁ, ରାଗିଣୀ, ଆଲିଆ, ବରଦା, ସନ୍ତୁ ପ୍ରସନ୍ନଜିତ, ଶକ୍ତି, ରାକ୍ଷୀ, ଅନୁଷ୍କା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଏହାପୂର୍ବରୁ ଅଶ୍ୱିନୀ 'ଡେଲିଭରି ବୟ' ଏବଂ 'ଡଟପେନ୍' ଫିଲ୍ମର ନିର୍ଦ୍ଦେଶନା ଦେଇସାରିଛନ୍ତି। ତେବେ 'ଶାନ୍ତି ଆପାର୍ଟମେଣ୍ଟ' ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଖୁବ୍ ଶୀଘ୍ର ଜଣାପଡ଼ିଯିବ।


'ଶାନ୍ତି ଆପାର୍ଟମେଣ୍ଟ' ଫିଲ୍ମରେ (ବାମରୁ) ଦ୍ୱୀପନ୍ୱିତ, ରାଗିଣୀ, ଶୁଭାଶିଷ

## ପଚିଶ ବର୍ଷ ପରେ...


ଜ୍ୟୋତିକା

ତେଲୁଗୁ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଜ୍ୟୋତିକା ଦୀର୍ଘ ୨୫ ବର୍ଷ ପରେ ପୁଣି ଥରେ ହିନ୍ଦୀ ସିନେମାରେ ଅଭିନୟ କରିଛନ୍ତି। ଫିଲ୍ମଟି ହେଲା 'ବ୍ଲାକ୍ ମ୍ୟାଜିକ୍'। ଏହି ଫିଲ୍ମର ଲିଡ୍ ରୋଲ୍‌ରେ ଅଜୟ ଦେବଗନ ଏବଂ ଆର. ମାଧବନ ଅଭିନୟ କରୁଛନ୍ତି। ଏହି ଫିଲ୍ମ ବିଷୟରେ ଜ୍ୟୋତିକା କହନ୍ତି, 'ଯେତେବେଳେ ମୋତେ ଏହି ଅଫରଟି ମିଳିଲା ସେତେବେଳେ ତାହାକୁ ଗ୍ରହଣ କରିଥିଲି। କାରଣ ବେଶ୍ କେତୋଟି ତେଲୁଗୁ, ତାମିଲ ସିନେମାରେ ଅଭିନୟ କରିବା ପରେ ପୁଣି ଥରେ ବଲିଉଡ୍‌କୁ ଫେରିବାକୁ ଆଶା ରଖିଥିଲି। ଯାହାହେଉ ପ୍ରଯୋଜକ-କମ୍-ନିର୍ଦ୍ଦେଶକ ବିକାଶ ବହଲ ମୋର ଏହି ଆଶା ପୂରଣ କରିଛନ୍ତି।' ଖାସ୍ କଥା ହେଲା ପ୍ରଥମ ଥର ପାଇଁ ଅଜୟ ଦେବଗନ ଏବଂ ଆର୍.ମାଧବନ ଏକାଠି ଅଭିନୟ କରିଛନ୍ତି। ଫିଲ୍ମଟି ଚଳିତ ବର୍ଷ ଜୁଲାଇରେ ପରଦା ଉପରକୁ ଆସିବାର ସମ୍ଭାବନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

## ଜୀ-ସାର୍ଥକର ସମସ୍ତ ମେଗା ଧାରାବାହିକ ଏବେ ସପ୍ତାହର ସାତ ଦିନ

ଓଡ଼ିଶାର ଅନ୍ୟତମ ଲୋକପ୍ରିୟ ମନୋରଞ୍ଜନ ଚ୍ୟାନେଲ ଜୀ-ସାର୍ଥକ ଓଡ଼ିଶାର ସାଂସ୍କୃତିକ ଐତିହ୍ୟରେ ଅନୁପ୍ରାଣିତ ଓ ପ୍ରଗତିଶୀଳ ଓଡ଼ିଆ ମହିଳାମାନଙ୍କ ସହ ଦୀର୍ଘ ଦିନର ସୁସମ୍ପର୍କକୁ ମଜଭୁତ କରିବା ପାଇଁ ସବୁବେଳେ ଚେଷ୍ଟାରତ। ଯେଉଁଥି ପାଇଁ ଦର୍ଶକ ଜୀ-ସାର୍ଥକକୁ ସବୁବେଳେ ଏକ ନମ୍ବର ମନୋରଞ୍ଜନ ଚ୍ୟାନେଲ ଭାବରେ ଅଗ୍ରାଧିକାର ଦେଇଛନ୍ତି। ସେହି ପରିପ୍ରେକ୍ଷୀରେ ଦର୍ଶକଙ୍କ ପସନ୍ଦକୁ ଆଖି ଆଗରେ ରଖି ଏହି ଚ୍ୟାନେଲର ସମସ୍ତ ଲୋକପ୍ରିୟ ମେଗା ଧାରାବାହିକ ସପ୍ତାହର ସାତଦିନ ପର୍ଯ୍ୟନ୍ତ ପ୍ରସାରିତ ହେବ। ଅର୍ଥାତ୍, ରବିବାର ଦିନ ମଧ୍ୟ ଦର୍ଶକ ଏହି ଚ୍ୟାନେଲରେ ଧାରାବାହିକର ମଜା ନେଇପାରିବେ। ଜୀ-ସାର୍ଥକ ତା'ର ସମସ୍ତ ଦର୍ଶକଙ୍କୁ ସର୍ବଦା ନୂଆ କାହାଣୀ ଓ ନୂଆ ରିଆଲିଟି ଶୋ ଦେଖାଇବା ପାଇଁ ପ୍ରତିଶ୍ରୁତିବଦ୍ଧ। ମନୋରଞ୍ଜନ ମାଧ୍ୟମରେ ସବୁବେଳେ ଜୀ-ସାର୍ଥକ ତା'ର ଦର୍ଶକଙ୍କ ଭଲ ପାଇବା ସାଉଁଟିବା ପାଇଁ ଚେଷ୍ଟାରତ। ସଦ୍ୟ ଆରମ୍ଭ ହୋଇଥିବା ମେଗା ଧାରାବାହିକ 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ, 'ଜୀ-ସାର୍ଥକ ସଂସାର ଡବଲ୍ସ ଲିଗ', 'ଶ୍ରୀ' ଓ 'ମଧୁର ସଂସାର' ପ୍ରଥମ ମାସରେ ହିଁ ଦର୍ଶକଙ୍କ ଭଲପାଇବା ପାଇଛି । ଜୀ-ସାର୍ଥକକୁ ସବୁବେଳେ ଏକ ନମ୍ବର ମନୋରଞ୍ଜନ ଚ୍ୟାନେଲ କରିଥିବାରୁ, ଜୀ-ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ୍ ଜୀ-ସାର୍ଥକର ସମସ୍ତ ଦର୍ଶକଙ୍କୁ ଧନ୍ୟବାଦ ଜଣାଇଛନ୍ତି ।




ମାନୁଷୀ ଚିଲ୍ଲାର

## ତଥାପି ଆଶାରେ...

ମିସ୍ ୱାର୍ଲ୍ଡ ଟାଇଟଲ ବିଜୟିନୀ ମାନୁଷୀ ଚିଲ୍ଲାର। ଇତିମଧ୍ୟରେ ସେ ଅଭିନୟ ଜଗତରେ ପ୍ରବେଶ କରିସାରିଛନ୍ତି। ପୁଣି ଯଶରାଜ ଫିଲ୍ମସ ପରି ନାମୀ ବ୍ୟାନରରୁ ସେ ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିଲେ। ଫିଲ୍ମଟିର ଟାଇଟଲ ଥିଲା 'ସମ୍ରାଟ ପୃଥୀରାଜ'। ଏଥିରେ ତାଙ୍କୁ କନୌଜର ରାଜକୁମାରୀ ଭୂମିକାରେ ଦେଖିବାକୁ ମିଳିଥିଲା। ପୁଣି ଟାଇଟଲ ରୋଲ୍‌ରେ ଅଭିନୟ କରିଥିଲେ ଅକ୍ଷୟ କୁମାର। କିନ୍ତୁ ଫିଲ୍ମଟି ବକ୍ସ ଅଫିସରେ ଆଶାନୁରୂପ ବିଜ୍‌ନେସ କରିପାରି ନ ଥିଲା। ଏହାପରେ ମାନୁଷୀଙ୍କୁ 'ଦ ଗ୍ରେଟ୍ ଇଣ୍ଡିଆନ୍ ଫ୍ୟାମିଲି' ଶୀର୍ଷକ ଏକ କମେଡି ସିନେମାରେ ଦେଖିବାକୁ ମିଳିଥିଲା। କିନ୍ତୁ ଏହା ମଧ୍ୟ ତାଙ୍କର କ୍ୟାରିୟର ପାଇଁ ମାଇଲେଜ ସାବ୍ୟସ୍ତ ହୋଇପାରି ନ ଥିଲା। ଏବେ ପୁଣି ଥରେ ତାଙ୍କୁ ବଡ଼ ପରଦାରେ ଦେଖିବାକୁ ମିଳିବ। ଏହାର ଟାଇଟଲ ରହିଛି 'ତେହେରାନ୍'। ଏଥିରେ ତାଙ୍କର ନାୟକ ଭୂମିକାରେ ଅଭିନୟ କରିଛନ୍ତି ଜନ୍ ଆବ୍ରାହମ୍। ଏ ସମ୍ପର୍କରେ ମାନୁଷୀ କହନ୍ତି, 'ଏହି ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶାବାଦୀ ରହିଛି। ଏଥିରେ ନିଜ ରୋଲ୍ ପାଇଁ ବେଶ୍ ପରିଶ୍ରମ କରିଛି। ଆଶା ରଖିଛି, ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିବେ।' ଫିଲ୍ମଟି ଚଳିତ ବର୍ଷ ଏପ୍ରିଲ ୨୬ରେ ରିଲିଜ ହେବାର ଯୋଜନା ରହିଛି।

## କ୍ଷଣକୋପୀ ଦିଶା

ନିଜକୁ ଯେତେ କୁଲ୍ ରଖିଲେ କ'ଣ ହେବ ବେଳେବେଳେ ପରିସ୍ଥିତି କ୍ରୋଧିତ ହେବାକୁ ବାଧ କରିଥାଏ। ଆଉ ସେଥିରୁ ବା ଦିଶା ବାଦ୍ ପଡିବେ କେମିତି ? ନିକଟରେ ସେ କିଛି ସମୟ ପାଇଁ ଟିକେ ରାଗିଗଲେ। କିନ୍ତୁ କାଳ ବିଳମ୍ବ ନ କରି ନିଜକୁ ନିୟନ୍ତ୍ରଣକୁ ଆଣିଥିଲେ। କଥା କ'ଣ କି ଏକ ନୂଆ ସିନେମାର କାହାଣୀ ଶୁଣୁ ଶୁଣୁ ସେ ଟିକେ ରିଆକ୍ଟିଭ ହୋଇଉଠିଥିଲେ। ଏ ନେଇ ଦିଶା ପଟାନୀ କହନ୍ତି, 'ନିକଟରେ ଜଣେ ନୂଆ ପ୍ରଯୋଜକ ମୋତେ ତାଙ୍କ ସିନେମାରେ ସାଇନ୍ କରାଇବାକୁ ଚାହିଁଲେ। ଫଳତଃ ନିର୍ଦ୍ଦିଷ୍ଟ ଦିନ ସେ ମୋତେ କାହାଣୀ ଏବଂ ମୋ ଭୂମିକା ବିଷୟରେ ସୂଚନା ଦେବାକୁ ଭେଟିଲେ। କଥାବାର୍ତ୍ତା ସମୟରେ ମୁଁ ଟିକେ ନିଜର ନିୟନ୍ତ୍ରଣ ହରାଇ ରାଗିଗଲି। ହେଲେ ଖୁବ୍ ଶୀଘ୍ର ମୋ ଭୁଲ ବୁଝିପାରି ତାଙ୍କୁ 'ସରି' ବୋଲି କହିଥିଲି। କାରଣ କାହାଣୀ ଶୁଣିବା ସମୟରେ ହଠାତ୍ ମୋ ମନକୁ ଆଉ ଏକ କଥା ଆସିଯାଇଥିଲା। କିନ୍ତୁ ମୋର ଏଭଳି ରାଗିବାକୁ ପ୍ରଯୋଜକ ବେଶ୍ ହାଲୁକା ଭାବରେ ନେଇଥିଲେ।' ଦିଶାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ଏମ.ଏସ.ଧୋନୀ : ଦ ଅନଟୋଲ୍ଡ ଷ୍ଟୋରି'ରୁ। ତାଙ୍କ ଅଭିନୀତ 'ଯୋଦ୍ଧା' ଚଳିତ ବର୍ଷ ମାର୍ଚ୍ଚ ୧୫ରେ ରିଲିଜ ହେବାକୁ ଯାଉଛି। ଏଥିରେ ତାଙ୍କର ନାୟକ ସାଜିଛନ୍ତି ସିଦ୍ଧାର୍ଥ ମାଲହୋତ୍ରା।


ଦିଶା ପଟାନୀ

## ପ୍ରଥମେ ନା, ପରେ ହଁ

ଭିକି କୌଶଳ ଅଭିନୟ କରିଥିବା ସିନେମାଗୁଡ଼ିକ ମଧ୍ୟରୁ ଅନ୍ୟତମ ଚର୍ଚ୍ଚିତ ଫିଲ୍ମ ହେଉଛି 'ଉରି : ଦ ସର୍ଜିକାଲ ଷ୍ଟ୍ରାଇକ୍'। ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ ଏହି ପ୍ରଥମ ସିନେମା ୨୦୧୯ ଜାନୁଆରୀ ୧୧ରେ ରିଲିଜ ହୋଇଥିଲା। ଏହି ଫିଲ୍ମରେ ଭିକି ନିଜର ଅଭିନୟ ଦକ୍ଷତା ଏଭଳି ପରିଚୟ ଦେଇଥିଲେ ଯାହାଦ୍ୱାରା ସେ ସାଉଁଟିଥିଲେ ଅନେକ ପ୍ରଶଂସା। କିନ୍ତୁ ଏହାର କାଷ୍ଟିଂ ସମୟର ଘଟଣାକୁ ଏବେ ବି ମନେ ପକାନ୍ତି ଏହି ଅଭିନେତା। ଏ ବିଷୟରେ ସେ କହନ୍ତି,'ପ୍ରଥମେ ଯେତେବେଳେ ମୋତେ ଏହି ଅଫର ମିଳିଲା ସେତେବେଳେ ମୁଁ ରାଜି ହୋଇ ନ ଥିଲି। କିନ୍ତୁ ମୋ ପାପା ଶ୍ୟାମ କୌଶଳ ମୋତେ ପାଖାପାଖି ଦୁଇ ଘଣ୍ଟା ବୁଝାଇଥିଲେ। ତା'ପରେ ମୁଁ ମୋ ନିଷ୍ପତ୍ତିରେ ପରିବର୍ତ୍ତନ କରିଥିଲି। ସେହି ସମୟରେ ମୁଁ ଆଉ ଏକ ସିନେମା 'ରାଜି'ର ଶୁଟିଂରେ ବ୍ୟସ୍ତ ଥିଲି। ପରେ ମୁଁ 'ଉରି : ଦ ସର୍ଜିକାଲ ଷ୍ଟ୍ରାଇକ୍'ରେ ଅଭିନୟ କରିବାକୁ ରାଜି ହୋଇଥିଲି।' ଏହି ଫିଲ୍ମରେ ଭିକିଙ୍କ ବ୍ୟତୀତ ୟାମି ଗୌତମ, ପରେଶ ରାୱଲ ପ୍ରମୁଖ କଳାକାର ଅଭିନୟ କରିଥିଲେ।


ଭିକି କୌଶଳ


ଆକାଶ

## କଥା ସମ୍ପର୍କର

ସମ୍ପର୍କ ଏଭଳି ଏକ ଶବ୍ଦ ଯାହାର ମହତ୍ତ୍ୱ କେତେ ରହିଛି ତାହା ପ୍ରାୟ ସମସ୍ତେ ଜାଣନ୍ତି। ସବୁ ଠିକ୍ ଠାକ୍ ଥିଲେ ଏହି ସମ୍ପର୍କର ସ୍ୱାଦ ବେଶ୍ ମଧୁର ଆଉ ତାହା ମଧ୍ୟ ଦୀର୍ଘସ୍ଥାୟୀ ହୋଇଥାଏ। ହେଲେ ଯେତେବେଳେ ସେଥିରେ ଅବିଶ୍ୱାସର ବାଦଲ ଘୋଟିଆସେ ସେତେବେଳେ ସବୁକିଛି ଓଲଟ ପାଲଟ ହୋଇଯାଏ। ସମ୍ପର୍କର ଭିନ୍ନ ଭିନ୍ନ ରୂପକୁ ନେଇ ଗତିଶୀଳ କାହାଣୀକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ସିନେମା 'କେମିତି ଏ ସମ୍ପର୍କ'। ଏହାର କାହାଣୀରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା, ଆକ୍ସନ ସବୁ କିଛି ରହିଛି। ଖାସ୍ କଥା ହେଲା, ଏହି ଚିତ୍ରର ନାୟକ ସାଜିଛନ୍ତି ଆକାଶ ଦାସ ନାୟକ। ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଦୁଇ ଜଣ ନାୟିକା-ଏଲିନା ସାମନ୍ତରାୟ ଏବଂ ଲିପ୍‌ସା ମିଶ୍ର। ଉକ୍ତ ସିନେମାର ପ୍ରଯୋଜନା କରିଛନ୍ତି ନବାଗତ ତଥା ଆମେରିକାରେ ରହୁଥିବା ରୂପେଶ କୁମାର। ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡିର ନିର୍ଦ୍ଦେଶକ ହିମାଂଶୁ ପରିଜା (ଚଣ୍ଡୀ)। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ରୂପେଶ କୁମାରଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଚିନ୍ମୟ ଦାସ ପଟ୍ଟନାୟକ। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି କାହ୍ନୁ ନନ୍ଦ। ଗୀତଗୁଡିକୁ କୋରିଓଗ୍ରାଫି କରିଛନ୍ତି ଲୁବୁନ୍-ଟୁବୁନ୍। ଆକାଶ, ଏଲିନା ଏବଂ ଲିପସାଙ୍କ ବ୍ୟତୀତ ପ୍ରଦ୍ୟୁମ୍ନ ଲେଙ୍କା, ଅସୀତ ପତି, ଜୀବନ ପଣ୍ଡା, ଉଷଶୀ ମିଶ୍ର, ନମିତା ଦାସ, ଗୁଣ୍ଡୁ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

# ଦ୍ୱିତୀୟ ଟେଷ୍ଟ ନେଇ ଆଶଙ୍କାରେ ଲିଚ୍



ବୁଧବାର ନେଟ୍ ସେସନରେ ଇଂଲଣ୍ଡ ଦଳର ଜ୍ୟାକ୍ ଲିଚ୍ ଓ ବେନ୍ ଷ୍ଟୋକ୍ସ।

**ବିଶାଖାପାଟଣା, ୩୧।୧ (ପି.ଟି.)**

ଇଂଲଣ୍ଡର ଅଭିଜ୍ଞ ସ୍ପିନର ଜ୍ୟାକ୍ ଲିଚ୍‌ଙ୍କ ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଖେଳିବାକୁ ନେଇ ଆଶଙ୍କା ଦେଖାଦେଇଛି। ବାମ ଆଣ୍ଠୁରେ ଆଘାତ କାରଣରୁ ସେ ଅଭ୍ୟାସ କରି ନ ଥିବା ବେଳେ ଦ୍ୱିତୀୟ ଟେଷ୍ଟରେ ଖେଳି ନ ପାରିବାର ଆଶଙ୍କା ଦେଖା ଦେଇଛି। ବୁଧବାର ଦଳର ଟ୍ରେନିଂ ସେସନରେ ସେ ଅଭ୍ୟାସ କରି ନ ଥିବା ବେଳେ ସାଇଡ୍ ଲାଇନରେ ବସି ଫିଜିଓଙ୍କ ଦ୍ୱାରା ଚିକିତ୍ସିତ ହେଉଥିବାର ଦେଖିବାକୁ ମିଳିଥିଲା। ଇଂଲଣ୍ଡ ଦଳର ଓପନର ଜ୍ୟାକ୍ କ୍ରଲି ଖବରଦାତା ସମ୍ମିଳନୀରେ ଆହତ ସମସ୍ୟା ସମ୍ପର୍କରେ କହିଥିଲେ ହେଁ ଲିଚ୍ ଖେଳିବେ କି ନାହିଁ ତାହା ସ୍ପଷ୍ଟ କରି ନ ଥିଲେ। ଲିଚ୍ ଜଣେ ଦୃଢ଼ମନା ଖେଳାଳି। ବିଗତ କିଛି ଦିନ ହେବ ସେ ସୁସ୍ଥ ନ ଥିଲେ ମଧ୍ୟ ମ୍ୟାଚ୍ ପୂର୍ବରୁ ଫିଟ୍ ହେବାର ସମ୍ଭାବନା ରହିଥିବା କହିଥିଲେ କ୍ରଲି। ହାଇଦ୍ରାବାଦରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ମଧ୍ୟ ଲିଚ୍ ସମ୍ପୂର୍ଣ୍ଣ ଫିଟ୍ ନ ଥିଲେ। ତେବେ ଯନ୍ତ୍ରଣାକୁ ପଛରେ ପକାଇ ସେ ୩୬ ଓଭର ବୋଲିଂ କରିବା ସହ ଇଂଲଣ୍ଡ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ବୁଧବାର ଟ୍ରେନିଂ ସେସନରେ ମଧ୍ୟ ଲିଚ୍ ଛୋଟେଇ ଛୋଟେଇ ଚାଲୁଥିବା ଦେଖିବାକୁ ମିଳିଥିଲା। ତେବେ ଲିଚ୍ ଆହତ ହୋଇଥିବା ବେଳେ ଦଳରେ ଯୋଗ ଦେଇଥିବା ଯୁବ ସ୍ପିନର ଶୋଏବ୍ ବଶିରଙ୍କୁ ପଦାର୍ପଣ କରିବାର ସୁଯୋଗ ମିଳିପାରେ। ଯଦି ଲିଚ୍ ନ ଖେଳନ୍ତି ତେବେ ବଶିର ତାଙ୍କ ସ୍ଥାନରେ ଭଲ ପ୍ରଦର୍ଶନ କରିପାରିବେ ବୋଲି କ୍ରଲି କହିଛନ୍ତି।

କେବଳ ଇଂଲଣ୍ଡ ନୁହେଁ ଭାରତ ମଧ୍ୟ ଆହତ ସମସ୍ୟାରେ ଜର୍ଜରିତ। ଭାରତର ରବୀନ୍ଦ୍ର ଜାଡେଜା ଓ ଲୋକେଶ ରାହୁଲ ଆହତ ହୋଇ ଏହି ମ୍ୟାଚରୁ ବାଦ୍ ପଡି ସାରଛନ୍ତି। ବିରାଟ କୋହଲି ପୂର୍ବରୁ ଓହରି ସାରିଥିବା ବେଳେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ପାଇଁ ଆଶଙ୍କାରେ ପଡିଛି ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ। କୋହଲିଙ୍କ ସ୍ଥାନରେ ରଜତ ପାଟିଦାର ଓ ସର୍ଫରାଜ ଖାନଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିବାର ସମ୍ଭାବନା ରହିଛି।

## କୋହଲି କ୍ୟାପଟେନ୍ ଥିଲେ ଭାରତ ଜିତଥାନ୍ତା: ଭନ୍

**ଲଣ୍ଡନ,୩୧।୧(ପି.ଟି.):** ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟକୁ ଭାରତ ୨୮ ରନ୍‌ରେ ହାରିଥିଲା। ଏହି ପରାଜୟ ପାଇଁ ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କୁ ଦାୟୀ କରିଛନ୍ତି ପୂର୍ବତନ ଇଂଲଣ୍ଡ ଅଧିନାୟକ ମାଇକେଲ୍ ଭନ୍। ବିରାଟ କୋହଲି ଅଧିନାୟକ ଥିଲେ ହାଇଦ୍ରାବାଦ ଟେଷ୍ଟର ଫଳାଫଳ ଭିନ୍ନ ହୋଇଥାନ୍ତା ବୋଲି କହିଛନ୍ତି ଭନ୍। ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ କୋହଲିଙ୍କ ସ୍ପାର୍କ ଦେଖିବାକୁ ମିଳିନଥିଲା ବୋଲି ଭନ୍ କହିଛନ୍ତି। ପ୍ରଥମ ଇନିଂସରେ ଭାରତ ୧୯୦ ରନ୍‌ରେ ଆଗୁଆ ରହିଥିଲେ ମଧ୍ୟ ରୋହିତ ରକ୍ଷାଣାତ୍ମକ ଶୈଳୀର କ୍ୟାପଟେନ୍ସି କରିଥିଲେ। ରୋହିତ ଜଣେ କିମ୍ବଦନ୍ତୀ ଖେଳାଳି ଏହା ନିସନ୍ଦେହ। ତେବେ କୋହଲିଙ୍କ ଆଗ୍ରେସିଭ୍ ଆପ୍ରୋଚ୍ ରୋହିତଙ୍କ ପାଖରେ ଦେଖିବାକୁ ମିଳି ନଥାଏ। ଏପରିକି ପ୍ରଥମ ଟେଷ୍ଟରେ ବିରାଟ କୋହଲି ଦଳରେ ଥିଲେ ଫଳାଫଳ ଭିନ୍ନ ହୋଇଥାନ୍ତା ବୋଲି ମଧ୍ୟ ଭନ୍ କହିଛନ୍ତି। ରୋହିତଙ୍କ କ୍ୟାପଟେନ୍ସି ଆଭରେଜ ରହିଥିବା ବେଳେ ବୋଲିଂ ତୁଳନାରେ ଫିଲ୍ଡିଂ ପରିବର୍ତ୍ତନ ମଧ୍ୟ ଦେଖିବାକୁ ମିଳି ନ ଥିଲା। ସେହିପରି ଓଲି ପୋପ୍ ଆକ୍ରମଣାତ୍ମକ ବ୍ୟାଟିଂ କରୁଥିବା ବେଳେ ଏହାର କୌଣସି ଜବାବ ରୋହିତଙ୍କ ନିକଟରେ ନ ଥିଲା ବୋଲି ଭନ୍ କହିଛନ୍ତି। ବିଶାଖାପଟନମରେ ଶୁକ୍ରବାର ଭାରତ ଦ୍ୱିତୀୟ ଟେଷ୍ଟ ଖେଳିବାକୁ ଥିବା ବେଳେ କୋହଲି ଏଥିରେ ମଧ୍ୟ ଖେଳିବେ ନାହିଁ। ଜାଡେଜାଙ୍କ ସ୍ଥାନରେ ୱାଶିଂଟନ୍ ସୁନ୍ଦର ଖେଳିବା ସମ୍ଭାବନା ଥିବାବେଳେ ରଜତ ପାଟିଦାର ଓ ସର୍ଫରାଜ ଖାନଙ୍କ ମଧ୍ୟରୁ ଜଣଙ୍କୁ ସାମିଲ କରାଯାଇପାରେ।



ବିଶାଖାପାଟଣାରେ ଭାରତୀୟ କ୍ରିକେଟ ଦଳର ଅଭ୍ୟାସ।

## ଥାଇଲାଣ୍ଡ ମାଷ୍ଟର୍ସ: ଶ୍ରୀକାନ୍ତ ଦ୍ୱିତୀୟ ରାଉଣ୍ଡରେ

**ବ୍ୟାଙ୍କକ୍, ୩୧।୧(ପି.ଟି.)**

ଚାଇନିଜ ତାଇପେର ୱାଙ୍ଗ୍ ଜୁଙ୍କ ବିପକ୍ଷରେ ସିଧାସଳଖ ଗେମ୍‌ରେ ବିଜୟ ହାସଲ କରି ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି କିଡାମ୍ବି ଶ୍ରୀକାନ୍ତ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ବିଶ୍ୱର ପୂର୍ବତନ ନମ୍ବର ୱାନ ଖେଳାଳି ପ୍ରଥମ ରାଉଣ୍ଡରେ ୱାଙ୍ଗଙ୍କୁ ୨୨-୨୦, ୨୧-୧୯ରେ ପରାସ୍ତ କରିବା ଲାଗି ୪୫ ମିନିଟ ସମୟ ନେଇଥିଲେ। ବର୍ତ୍ତମାନ ସେ ନିଜ ଦେଶର ମିଥୁନ ମଞ୍ଜୁନାଥଙ୍କ ସହ ମୁକାବିଲା କରିବେ, ଯିଏକି ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ହଂକଂର ଜାସନ ଗୁନାୱାନଙ୍କୁ ୨୧-୧୭, ୨୧-୮ରେ ପରାସ୍ତ କରିଛନ୍ତି। ଏସ୍. ଶଙ୍କର ମୁଥୁସ୍ୱାମୀ ସୁବ୍ରମଣ୍ୟନ ମଧ୍ୟ ତାଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ସେ ମାଲେସିଆର ଲିଅଙ୍ଗ୍ ଜୁନ୍ ହାଓଙ୍କୁ ୨୧-୧୪, ୨୧-୧୭ରେ ପରାସ୍ତ କରିଛନ୍ତି। ଭାରତର ସମୀର ବର୍ମା କିନ୍ତୁ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ସେ କିରଣ ଜର୍ଜଙ୍କଠାରୁ ୧୪-୨୧, ୧୮-୨୧ରେ ପରାଜିତ ହୋଇଥିବା ବେଳେ ୧୭-୨୧ରେ ପଛୁଆ ଥିବା ଅବସ୍ଥାରେ ସେ ଚାଇନାର ଲି ଲାନ୍ ଜିଙ୍କ ବିପକ୍ଷ ମ୍ୟାଚରେ ହାରିଯାଇଛନ୍ତି। ଅନ୍ୟପକ୍ଷରେ ମାଳବିକା ବନସୋଡ୍ ଓ ଅସ୍ମିତା ଛଲିହା ମହିଳା ସିଙ୍ଗଲ୍ସ ଇଭେଣ୍ଟ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଅସ୍ମିତା ୨୧-୧୦, ୨୧-୧୬ରେ ଓଙ୍ଗ୍ ଲିଙ୍ଗ୍ ଚିଙ୍ଗ୍‌ଙ୍କୁ ହରାଇ ଦେଇଥିବା ବେଳେ ପେରୁର ଲୁସିଆ କାଷ୍ଟିଲୋ ସାଲାଜାରଙ୍କ ବିପକ୍ଷ ମ୍ୟାଚକୁ ମାଳବିକା ୨୨-୨୦, ୨୧-୮ରେ ଜିତି ନେଇଛନ୍ତି। ମାଳବିକା ବର୍ତ୍ତମାନ ଥାଇଲାଣ୍ଡର ବୁସାନାନ ଓଙ୍ଗବାମ୍‌ରଙ୍ଗ୍‌ଫାନ୍‌ଙ୍କୁ ଭେଟିବେ, ଯିଏକି ଭାରତର ଇମାଦ୍ ଫାରୁକିଙ୍କୁ ୨୧-୧୪, ୨୧-୧୮ରେ ପରାସ୍ତ କରିଛନ୍ତି।

## ଦେବାଶିଷଙ୍କୁ ସିଙ୍ଗଲ୍ସ ବ୍ରୋଞ୍ଜ



ଦେବାଶିଷ ସାହୁ

**ଭୁବନେଶ୍ୱର,୩୧।୧(ସରୋଜ ଜେନା)**

**ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ**

ଚେନ୍ନାଇରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ସିଙ୍ଗଲ୍ସ ଇଭେଣ୍ଟରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି ଦେବାଶିଷ ସାହୁ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ପ୍ରଥମ ଓଡ଼ିଆ ଖେଳାଳି ଭାବରେ ଦେବାଶିଷ ଏଭଳି ସଫଳତା ହାସଲ କରିଛନ୍ତି। ସେହିପରି ଓଡ଼ିଶା ବାଳକ ଫୁଟବଲ୍ ଦଳ ମଧ୍ୟ ଏକ ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶା ୬ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ସହ ୧୯ ପଦକ ସହ ୧୫ ତମ ସ୍ଥାନରେ ରହିଛି। ମହରାଷ୍ଟ୍ର ୫୩ ସ୍ୱର୍ଣ୍ଣ, ୪୬ ରୌପ୍ୟ ଓ ୫୧ ବ୍ରୋଞ୍ଜ ପଦକ ସହ ୧୫୦ ପଦକ ହାସଲ କରି ପ୍ରଥମ ସ୍ଥାନରେ ରହି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ହରିଆଣା ୩୫ ସ୍ୱର୍ଣ୍ଣ ସହିତ ୧୦୩ ପଦକ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି।



ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ବ୍ରୋଞ୍ଜ ପଦକ ବିଜେତା ଓଡ଼ିଶା ବାଳକ ଫୁଟ୍‌ବଲ ଦଳ।

## ସର୍ବିୟା ବିପକ୍ଷ ମ୍ୟାଚ ଆୟୋଜନ କରିବ ରୁଷିଆ

**ନିଅନ୍, ୩୧।୧ (ଏପି):** ମାର୍ଚ୍ଚରେ ମସ୍କୋଠାରେ ସର୍ବିୟା ବିପକ୍ଷରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚର ଆୟୋଜନ କରିବ ରୁଷିଆ। ୨୦୨୨ରେ ୟୁକ୍ରେନ୍ ଉପରେ ଆକ୍ରମଣ ପରେ ପୁରୁଷ ଜାତୀୟ ଫୁଟ୍‌ବଲ ଦଳ ପ୍ରଥମ ଥର ଏକ ୟୁରୋପୀୟ ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ଖେଳିବ। ରଷିଆନ ଫୁଟ୍‌ବଲ ୟୁନିୟନ ସୋସିଆଲ ବୁଧବାର ସୋସିଆଲ ମିଡିଆରେ ଦେଇଥିବା ଏକ ସୂଚନା ଅନୁସାରେ ଏହି ମ୍ୟାଚଟି ମାର୍ଚ୍ଚ ୨୧ରେ ଡାଇନାମୋ ମସ୍କୋ ଷ୍ଟାଡିୟମରେ ଖେଳାଯିବ। ମ୍ୟାଚ ପାଇଁ ଅନୁମତି ଦିଆଯାଇଥିବା ୟୁନିୟନ ଅଫ୍ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ (ୟୁଫା) ସ୍ପଷ୍ଟ କରିଛି। ୟୁକ୍ରେନ ଉପରେ ଆକ୍ରମଣପରଠାରୁ ରୁଷୀୟ ଜାତୀୟ ଦଳ ଏବଂ କ୍ଲବଗୁଡ଼ିକୁ ୟୁଫା ପ୍ରତିଯୋଗିତାରୁ ବାସନ୍ଦ କରାଯାଇଛି। କିନ୍ତୁ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିବା କ୍ଷେତ୍ରରେ କୌଣସି କଟକଣା ନାହିଁ। ୟୁକ୍ରେନ୍ ଉପରେ ଆକ୍ରମଣପରଠାରୁ ରୁଷିଆକୁ ଅନ୍ତର୍ଜାତୀୟ ଫୁଟ୍‌ବଲ ପ୍ରତିଯୋଗିତାରେ ଅଂଶଗ୍ରହଣରୁ ବଞ୍ଚିତ କରାଯାଇଛି। ଫଳତଃ ରୁଷୀୟ ଜାତୀୟ ଦଳ ବିଶେଷ କରି ଏସିଆ ଓ ଆଫ୍ରିକାର ଫୁଟ୍‌ବଲ ଟିମ୍ ବିପକ୍ଷରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଆୟୋଜନ କରିଛି। ନଭେମ୍ବରରେ ସେମାନେ କ୍ୟୁବା ବିପକ୍ଷରେ ମଧ୍ୟ ଏକ ମ୍ୟାଚ ଖେଳିଛନ୍ତି। ୨୦୨୨ ଶେଷ ଭାଗରେ ବୋସନିଆ-ହର୍ଜଗୋଭିନା ବିପକ୍ଷରେ ଏକ ମ୍ୟାଚର ଆୟୋଜନ କରାଯାଇଥିଲା। ମାତ୍ର ବୋସିନିଆର କେତେଜଣ ଖେଳାଳି ଆପତ୍ତି ଉଠାଇବା ପରେ ମ୍ୟାଚ ସମ୍ଭବ ହୋଇପାରି ନ ଥିଲା। ରୁଷିଆର ମହିଳା ଦଳ ଗତବର୍ଷ ବେଲାରୁଷ, ଚାଇନା, ଇରାନ ଓ ପାରାଗୁଏ ବିପକ୍ଷରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିଛି।

## ଓଏଫ୍‌ସିରେ ଯୋଗଦେଲେ ହିତେଶ

**ଭୁବନେଶ୍ୱର,୩୧।୧(ସରୋଜ ଜେନା)**



ହିତେଶ ଶର୍ମା

ଓଡିଶା ଫୁଟବଲ କ୍ଲବ(ଓଏଫ୍‌ସି) ସହ ଯୋଗ ଦେଇଛନ୍ତି ପ୍ରତିଭାବାନ ମିଡ ଫିଲ୍ଡର ହିତେଶ ଶର୍ମା। ପୂର୍ବରୁ ଏଟିକେ ଓ ହାଇଦ୍ରାବାଦ ଏଫ୍‌ସି ପକ୍ଷରୁ ଖେଳି ସାରିଛନ୍ତି ହିତେଶ। ଟାଟା ଫୁଟବଲ ଏକାଡେମୀରେ ପ୍ରଶିକ୍ଷିତ ହିତେଶ ମୁମ୍ବାଇ ପକ୍ଷରୁ ଆଇ ଲିଗ୍ ଖେଳିଥିଲେ। ତେବେ ଏଟିକେ ପକ୍ଷରୁ ଇଣ୍ଡିଆନ ସୁପର ଲିଗ୍‌ରେ ଶର୍ମାଙ୍କୁ ପ୍ରଥମ ବ୍ରେକ୍ ମିଳିଥିଲା। ଏଟିକେ ପକ୍ଷରୁ ଶର୍ମା ୩୪ ମ୍ୟାଚ୍ ଖେଳିଥିଲେ। ଏହା ପରେ ୨୦୧୯-୨୦ ସିଜନ ପାଇଁ ହାଇଦ୍ରାବାଦ ଏଫ୍‌ସିରେ ଯୋଗ ଦେଇଥିଲେ ଶର୍ମା। ୨୦୨୧-୨୨ରେ ହାଇଦ୍ରାବାଦ ଏଫ୍‌ସିକୁ ଚାମ୍ପିୟନ କରିବାରେ ହିତେଶଙ୍କ ବଡ ଭୂମିକା ରହିଥିଲା।

ଓଏଫ୍‌ସିରେ ଯୋଗ ଦେବାକୁ ନେଇ ହିତେଶ ସନ୍ତୋଷ ପ୍ରକାଶ କରିଛନ୍ତି। କଳିଙ୍ଗ ୱାରିୟର୍ସ ପ୍ରତି ସିଜନରେ ସଫଳତାର ଏକ ନୂଆ ସୋପାନ ଅତିକ୍ରମ କରୁଛି। ଏଭଳି କ୍ଲବ ସହିତ ଯୋଡି ହେବା ମୋ ପାଇଁ ସୌଭାଗ୍ୟ ବୋଲି କହିଛନ୍ତି ହିତେଶ। ଅନ୍ୟ ପକ୍ଷରେ ହିତେଶଙ୍କୁ ଜଣେ ଚାଲାକ ଖେଳାଳି ଭାବେ ବର୍ଣ୍ଣନା କରିଛନ୍ତି ଓଏଫ୍‌ସି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା। ହିତେଶଙ୍କ ଗେମ୍ ସେନ୍ସ ଅତ୍ୟନ୍ତ ଚମତ୍କାର ରହିଥିବା ବେଳେ ସେ ଓଏଫ୍‌ସି ପାଇଁ ଭବିଷ୍ୟତରେ ଜଣେ ଭଲ ଖେଳାଳି ହୋଇ ପାରନ୍ତି ବୋଲି ଲୋବେରା କହିଛନ୍ତି।

## ମଞ୍ଜୁ ରାଣୀଙ୍କୁ ସ୍ୱର୍ଣ୍ଣ

**ନ୍ୟାଶନାଲ ଓପନ୍ ରେସ୍‌ୱାକ ଚାମ୍ପିୟନଶିପ୍**

**ଚଣ୍ଡିଗଡ଼, ୩୧।୧ (ପି.ଟି.):** ପଞ୍ଜାବର ନମ୍ବରନ୍ୟାଶନାଲ ରେସ୍ ୱାକର ମଞ୍ଜୁ ରାଣୀ ଏଠାରେ ଚାଲିଥିବା ନ୍ୟାଶନାଲ ଓପନ ରେସ୍ ୱାକ୍ ଚାମ୍ପିୟନଶିପ୍‌ରେ ଉତ୍ତମ ପ୍ରଦର୍ଶନ କରି ସିନିୟର ମହିଳା ୧୦ କିମି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଦିନକ ପୂର୍ବେ ସେ ମହିଳା ୨୦ କିମି ଇଭେଣ୍ଟ ଜିତିଥିଲେ। କ୍ରମାଗତ ଦୁଇଟି ଇଭେଣ୍ଟରେ ଭଲ ପ୍ରଦର୍ଶନ ଯୋଗୁ ୨୦୨୪ ପ୍ୟାରିସ ଅଲିମ୍ପିକ ଗେମ୍ସରେ ପ୍ରଥମ ଥର ଅନୁଷ୍ଠିତ ହେବାକୁଥିବା ମିକ୍ସଡ ରିଲେରେ ତାଙ୍କ ଅଂଶଗ୍ରହଣ ନେଇ ସମ୍ଭାବନା ଉଜ୍ଜ୍ୱଳ ହୋଇଛି। ମଞ୍ଜୁ ରାଣୀ ୪୫:୨୦.୦୦ ସେକେଣ୍ଡ ଟାଇମିଂରେ ୧୦ କିମିରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ପଞ୍ଜାବର ଏହି ଉଦୀୟମାନ ଆଥଲେଟ ରାମ ବାବୁଙ୍କୁ ସାଥୀ କରି ଗତବର୍ଷ ଅନୁଷ୍ଠିତ ହାଙ୍ଗ୍‌ଝୋ ଏସିଆନ ଗେମ୍ସ ୩୫ କିମି ମିକ୍ସଡ ରିଲେ ରେସ୍ ୱାକିଙ୍ଗ ଟିମ୍ ଇଭେଣ୍ଟରେ ଏକ ବ୍ରୋଞ୍ଜ ଜିତିଥିଲେ। ଚଳିତ ବର୍ଷ ତାଙ୍କର ବିଶେଷ ଧ୍ୟାନ ମିକ୍ସଡ ରିଲେ ଉପରେ ରହିବ। ଅଲିମ୍ପିକ ଗେମ୍ସରେ ଭାରତ ତରଫରୁ ପ୍ରତିନିଧିତ୍ୱ କରିବା ନେଇ ସେ ଆଶାବାଦୀ ଥିବା କଥା କହିଛନ୍ତି ମଞ୍ଜୁ ରାଣୀ।

## ନମ୍ବର ୱାନ ସ୍ଥାନ ବଜାୟ ରଖିଲେ ଅଶ୍ୱିନ

**ଦୁବାଇ,୩୧।୧(ପି.ଟି.)**



ଭାରତର ସିନିୟର ଅଫ୍-ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ବୁଧବାର ପ୍ରକାଶିତ ଆଇସିସି ଟେଷ୍ଟ ବୋଲିଂ ର୍ୟାଙ୍କିଙ୍ଗରେ ନମ୍ବର ୱାନ ସ୍ଥାନ ବଜାୟ ରଖିଥିବା ବେଳେ ଯଶପ୍ରୀତ ବୁମ୍‌ରା ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଇଂଲଣ୍ଡ ବିପକ୍ଷ ଭାରତର ୨୮ରନ ପରାଜୟ ଓପନିଂ ଟେଷ୍ଟ ମ୍ୟାଚରେ ଅଶ୍ୱିନ ୬ ଉଇକେଟ ଅକ୍ତିଆର କରିଥିଲେ। ତାଙ୍କ ରେଟିଂ ପଏଣ୍ଟ ବର୍ତ୍ତମାନ ୮୫୩ରେ ପହଞ୍ଚିଛି। ବୁମ୍‌ରାଙ୍କୁ ମଧ୍ୟ ୬ ଉଇକେଟ ସଫଳତା ମିଳିଛି। ସେ ଚତୁର୍ଥ ସ୍ଥାନକୁ ପଦୋନ୍ନତି ପାଇଛନ୍ତି। ଟପ୍ ଟେନ୍ ବୋଲିଂ ତାଲିକାରେ ସ୍ଥାନ ପାଇଥିବା ତୃତୀୟ ଭାରତୀୟ ହେଲେ ରବୀନ୍ଦ୍ର ଜାଡେଜା। ସେ ୬ଷ୍ଠ ସ୍ଥାନରେ ରହିଛନ୍ତି। ଜାଡେଜା କିନ୍ତୁ ଟେଷ୍ଟ ଅଲରାଉଣ୍ଡ ର୍ୟାଙ୍କିଙ୍ଗରେ ପ୍ରଥମ ସ୍ଥାନରେ ଅଛନ୍ତି। ଏହି ଫର୍ମାଟରେ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଥିବା ଜୋ ରୁଟ୍ ଖୁବ୍‌ଶୀଘ୍ର ହୁଏତ ତାଙ୍କୁ ଚ୍ୟାଲେଞ୍ଜ ଦେଇପାରନ୍ତି। ତେବେ ଇଂଲଣ୍ଡ ଭେଟେରାନଙ୍କୁ ବୋଲିଂରେ ସ୍ଥିର ପ୍ରଦର୍ଶନ ବଜାୟ ରଖିବାକୁ ହେବ। ରୁଟ୍ ପ୍ରଥମେ ତାଙ୍କ ବ୍ୟାଟିଂ ଦକ୍ଷତା ପାଇଁ ପରିଚିତ ଥିଲେ। ୩୩ବର୍ଷୀୟ ଖେଳାଳି ହାଇଦ୍ରାବାଦ ଟେଷ୍ଟରେ ଚମତ୍କାର ସ୍ପିନ ବୋଲିଂ କରି ୫ ଉଇକେଟ ଅକ୍ତିଆର କରିପାରିଛନ୍ତି। ଏପରି କି ଦ୍ୱିତୀୟ ଇନିଂସରେ ସେ ଇଂଲଣ୍ଡ ତରଫରୁ ବୋଲିଂ ଓପନ କରିଥିବା ଦେଖିବାକୁ ମିଳିଥିଲା। ଇଂଲଣ୍ଡର ଏହି ଏଭରଗ୍ରିନ୍ ଅଲରାଉଣ୍ଡର ଗୋଟିଏ ସ୍ଥାନ ଉପରକୁ ଉଠି ୪ର୍ଥ ସ୍ଥାନରେ ପହଞ୍ଚିଛନ୍ତି। ରୁଟ୍ ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ଥିବା ଅଶ୍ୱିନ ଓ ଶକିବ-ଅଲ-ହସନଙ୍କ ପଛରେ ଅଛନ୍ତି। ଅନ୍ୟପକ୍ଷରେ ଅକ୍ଷର ପଟେଲ ଗୋଟିଏ ସ୍ଥାନ ତଳକୁ ଖସି ୬ଷ୍ଠ ସ୍ଥାନରେ ଅଛନ୍ତି। ଟପ୍ ୧୦ ବ୍ୟାଟର ତାଲିକାରେ ଜଣେ ମାତ୍ର ଭାରତୀୟ ବିରାଟ କୋହଲି ୬ଷ୍ଠ ସ୍ଥାନରେ ଅଛନ୍ତି। ଅନ୍ୟପକ୍ଷରେ ଦ୍ୱିତୀୟ ଇନିଂସରେ ଚମକପ୍ରଦ ୧୯୬ ରନ କରିଥିବା ଓଲି ପୋପ୍‌ଙ୍କର ୨୦ସ୍ଥାନ ପଦୋନ୍ନତି ଘଟିଛି। ସେ ୧୫ତମ ସ୍ଥାନରେ ପହଞ୍ଚିଯାଇଛନ୍ତି। ପୋପ୍‌ଙ୍କ ସାଥୀ ଖେଳାଳି ବେନ୍ ଡକେଟଙ୍କ ର୍ୟାଙ୍କିଙ୍ଗରେ ମଧ୍ୟ ଉନ୍ନତି ଘଟିଛି। ଭାରତ ବିପକ୍ଷରେ ୩୫ ଓ ୪୭ ରନ ପାଇଁ ସେ ୫ ସ୍ଥାନ ଉପରକୁ ଉଠି ୨୨ତମ ସ୍ଥାନରେ ଅଛନ୍ତି। ଗାବାଠାରେ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଏକ ଅର୍ଦ୍ଧଶତକ ହାସଲ କରିବା ପରେ ଅଷ୍ଟ୍ରେଲିଆ ଓପନର ଉସ୍‌ମାନ ଖ୍ୱାଜା ଦୁଇ ସ୍ଥାନ ଉତ୍ତୀର୍ଣ୍ଣ ହୋଇ ୮ମ ସ୍ଥାନରେ ଅଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ କରିଥିବା ୱେଷ୍ଟଇଣ୍ଡିଜର ୩ ବୋଲରଙ୍କ ର୍ୟାଙ୍କିଙ୍ଗ ତାଲିକାରେ ଉନ୍ନତି ଘଟିଛି। ଅଲ୍‌ଜାରୀ ଯୋଶେଫ ୪ ସ୍ଥାନ ପଦୋନ୍ନତି ସହ ୩୩ ତମ ସ୍ଥାନରେ ରହିଥିବା ବେଳେ ଗାବାରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ଶମର ଯୋଶେଫ ୪୨ସ୍ଥାନ ଡେଇଁ କରି ୫୦ତମ ସ୍ଥାନରେ ପହଞ୍ଚିଛନ୍ତି।

## ସୁସ୍ଥହୋଇ ଫେରିଲେ ମୟଙ୍କ ଅଗ୍ରୱାଲ



**ଅଗରତାଲା,୩୧।୧(ପି.ଟି.)**

ବିଷାକ୍ତ ପାନୀୟ ପିଇ ଅସୁସ୍ଥ ହୋଇ ପଡିଥିବା କର୍ନାଟକ ଅଧିନାୟକ ମୟଙ୍କ ଅଗ୍ରୱାଲ ସୁସ୍ଥ ହୋଇ ହସ୍ପିଟାଲରୁ ଡିସଚାର୍ଜ ହୋଇଛନ୍ତି। ମଙ୍ଗଳବାର ଅଗରତାଲା ବିମାନ ବନ୍ଦରରେ କିଛି ବିଷାକ୍ତ ପାନୀୟ ପିଇ ଭାରତୀୟ କ୍ରିକେଟର ମୟଙ୍କ ଅଗ୍ରୱାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ବୁଧବାର ସେ ଡିସଚାର୍ଜ ହେବା ସହ ବେଙ୍ଗାଲୁରୁ ଅଭିମୁଖେ ଯାତ୍ରା କରିଛନ୍ତି। ଡିସଚାର୍ଜ ହେବା ପରେ ସେ ଟୁଇଟ୍ କରି ସୁସ୍ଥ ହୋଇଥିବା ନେଇ ସୂଚନା ଦେଇଛନ୍ତି। ମଙ୍ଗଳବାରର ଘଟଣା ପରେ ମୟଙ୍କଙ୍କ ମ୍ୟାନେଜର ପଶ୍ଚିମ ତ୍ରିପୁରା ଏସ୍‌ପି କିରଣ କୁମାରଙ୍କ ନିକଟରେ ଏକ ଅଭିଯୋଗ ଦାଖଲ କରିଛନ୍ତି। ବର୍ତ୍ତମାନ ଭାରତୀୟ ଦଳରୁ ବାହାରେ ରହିଥିବା ମୟଙ୍କ କର୍ନାଟକ ରଣଜୀ ଟ୍ରଫି ଦଳର ଅଧିନାୟକ ରହିଛନ୍ତି। ୩୨ ବର୍ଷୀୟ ମୟଙ୍କ ଭାରତ ପାଇଁ ୨୧ ଟେଷ୍ଟ ଖେଳିଥିବା ବେଳେ ବର୍ତ୍ତମାନ ସେ ଟିମ୍ ଇଣ୍ଡିଆରୁ ବାହାରେ ରହିଛନ୍ତି। ମୟଙ୍କଙ୍କ ମ୍ୟାନେଜରଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଇଣ୍ଡିଗୋ ବିମାନରେ ସମସ୍ତ ଖେଳାଳି ଯାତ୍ରା କରୁଥିଲେ। ମୟଙ୍କଙ୍କ ସିଟ୍ ସମ୍ମୁଖରେ ଏକ ବୋତଲ ରଖା ଯାଇଥିଲା। ସେ ପାଣି ବୋଲି ଭାବି ଏହାକୁ ପିଇବାରୁ ଅସହଜ ଅନୁଭବ କରିଥିଲେ। ପାଟିରେ ଘା ହୋଇଯିବା ସହ ସେ କଥାବାର୍ତ୍ତା କରିପାରିନ ଥିଲେ। ତୁରନ୍ତ ତାଙ୍କୁ ସ୍ଥାନୀୟ ଆଇଏଲ୍‌ଏସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

## ଜାପାନ କ୍ୱାର୍ଟରଫାଇନାଲରେ

**ଦୋହା, ୩୧।୧ (ଏପି)**



ବାହାରିନ୍ ବିପକ୍ଷରେ ବିଜୟ ପରେ ଜାପାନ ଦଳର ଖେଳାଳି।

ବାହାରିନ ବିପକ୍ଷରେ ୩-୧ ଗୋଲ୍‌ରେ ବିଜୟ ହାସଲ କରି ଜାପାନ ଏସିଆ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଫଳରେ ଦଳ ରେକର୍ଡ ୫ମ ଏସିଆ କପ୍ ଟାଇଟଲ ଆଡକୁ ଅଗ୍ରସର ହୋଇଛି। ପ୍ରି-ଟୁର୍ନାମେଣ୍ଟ ଫେଭରାଇଟ୍ ଏହି ଦଳ ଗ୍ରୁପ୍ ପର୍ଯ୍ୟାୟରେ ଆଶ୍ଚର୍ଯ୍ୟଜନକ ଭାବେ ଇରାନ ନିକଟରୁ ୨-୧ ଗୋଲ୍‌ରେ ହାରିଯାଇଥିଲା। ପରବର୍ତ୍ତୀ ରାଉଣ୍ଡରେ ଦଳ ଇରାନ କିମ୍ବା ସିରିଆକୁ ଭେଟିବ। ବିଜୟୀ ଦଳ ପକ୍ଷରୁ ରିତ୍ସୁ ଦୋଆନ ତାକେଫୁସା କୁବୋ ଏବଂ ଆୟାସେ ଇଏଦା ଏବଂ ଜିଅନ୍ ସୁଜୁକିଙ୍କ ଆତ୍ମଘାତୀ ଗୋଲ୍ ବାହାରିନ ପାଇଁ କେବଳ ସାନ୍ତ୍ୱନାମୂଳକ ଥିଲା। ସୂଚନାଯୋଗ୍ୟ, ଅନ୍ୟ ଏକ ପ୍ରି-ଟୁର୍ନାମେଣ୍ଟ ଫେଭରାଇଟ୍ ଦକ୍ଷିଣ ଆଫ୍ରିକା ଆଗରେ ଗ୍ରୁପ୍ 'ଇ'ର ବିଜେତା ଭାବେ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଥିଲା ବାହାରିନ୍।

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୧/୨୦୨୪ | Bhubaneswar, Thursday, February 1/ 2024

# ଜୟ ଶାହା ତୃତୀୟ ଥର ଏସିସି ସଭାପତି

**ନୂଆଦିଲ୍ଲୀ,୩୧।୧(ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା କ୍ରମାଗତ ତୃତୀୟ ଥର ପାଇଁ ଏସିଆନ୍ କ୍ରିକେଟ କାଉନସିଲ୍(ଏସିସି)ର ସଭାପତି ନିଯୁକ୍ତ ହୋଇଛନ୍ତି। ଶ୍ରୀଲଙ୍କା କ୍ରିକେଟର ସଭାପତି ଶାମି ସିଲଭା ଦ୍ୱିତୀୟ ଥର ପାଇଁ ଶାହାଙ୍କ ନାମ ପ୍ରସ୍ତାବ କରିଥିଲେ। ଏପରି କି ସମସ୍ତ ଏସିସି ସହଯୋଗୀ ରାଷ୍ଟ୍ର ଏହାକୁ ସର୍ବସମ୍ମତିକ୍ରମେ ସମର୍ଥନ କରିଥିଲେ। ଇଣ୍ଡୋନେସିଆର ବାଲିରେ ଅନୁଷ୍ଠିତ ଏସିସିର ବାର୍ଷିକ ସାଧାରଣ ବୈଠକରେ ଏହି ପ୍ରସ୍ତାବରେ ମୋହର ଲାଗିଥିଲା। ପ୍ରଥମ ଥର ପାଇଁ ଜାନୁଆରୀ ୨୦୨୧ରେ ଜୟ ଶାହା ଏସିସିର ସଭାପତି ନିଯୁକ୍ତ ହୋଇଥିଲେ। ବାଂଲାଦେଶ କ୍ରିକେଟ ବୋର୍ଡ ସଭାପତି ନଜମୁଲ ହସନଙ୍କ ସ୍ଥାନରେ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ଶାହାଙ୍କ ନେତୃତ୍ୱରେ ଏସିସି ସଫଳତାର ସହ ଏସିଆ କପ୍ ୨୦୨୨ ଓ ୨୦୨୩ ଆୟୋଜନ କରିଥିଲା। ୨୦୨୨ରେ ଏହା ଟି୨୦ ଫର୍ମାଟରେ ଖେଳାଯାଇଥିବା ବେଳେ ୨୦୨୩ରେ ଦିନିକିଆ ଫର୍ମାଟରେ ଖେଳା ଯାଇଥିଲା।



ପୁନଃନିଯୁକ୍ତି ପରେ ଶାହା ଏସିସି ବୋର୍ଡକୁ ଧନ୍ୟବାଦ ଜଣାଇଛନ୍ତି। ଏହା ସହିତ କ୍ରିକେଟର ଉନ୍ନତି ପାଇଁ ମିଳିତ ଭାବରେ ଉଦ୍ୟମ ଜାରିରଖିବା ପାଇଁ ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏସିଆର ଯେଉଁ ସ୍ଥାନରେ କ୍ରିକେଟ ଏବେ ବି ଅପହଞ୍ଚ ରହିଛି ସେଠାରେ କ୍ରିକେଟ ପହଞ୍ଚାଇବା ଏସିସିର ଏକମାତ୍ର ଲକ୍ଷ୍ୟ ରହିବା ଉଚିତ ବୋଲି ଶାହା କହିଛନ୍ତି। ଶାହାଙ୍କ ନେତୃତ୍ୱରେ ଏସୀୟ କ୍ରିକେଟ ଏକ ନୂତନ ସ୍ତରରେ ପହଞ୍ଚିଥିବା ବେଳେ ବାଂଲାଦେଶ, ଇଣ୍ଡିଆ, ପାକିସ୍ତାନ ଓ ଶ୍ରୀଲଙ୍କା କ୍ରିକେଟ ନୂଆ ସୁପର ପାୱାର ହୋଇଛି ବୋଲି ଶାମି ସିଲଭା କହିଥିଲେ। ଓମାନ କ୍ରିକେଟର ଚେୟାରମ୍ୟାନ୍ ତଥା ଏସିସି ଉପସଭାପତି ପଙ୍କଜ ଖିମଜି ମଧ୍ୟ ଶାହାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପୂର୍ବରୁ ଏସିସି ଆୟୋଜିତ ଟୁର୍ନାମେଣ୍ଟଗୁଡିକରେ ନିବେଶର ସମ୍ଭାବନା ଅଧିକ ନ ଥିବା ବେଳେ ଶାହାଙ୍କ ନେତୃତ୍ୱରେ ଏହା ବୃଦ୍ଧି ପାଇଛି। ବାଂଲାଦେଶ କ୍ରିକେଟ ବୋର୍ଡ ସଭାପତି ନଜମୁଲ ହସନ ମଧ୍ୟ ଜୟ ଶାହାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସେଲିଂରେ ବିଷ୍ଣୁଙ୍କୁ ଅଲିମ୍ପିକ ଯୋଗ୍ୟତା

**ଆଡିଲେଡ୍, ୩୧।୧(ପି.ଟି.)**

ଏସିଆନ ଗେମ୍ସ ବ୍ରୋଞ୍ଜ ବିଜେତା ବିଷ୍ଣୁ ସର୍ବାନନ ଏଠାରେ ଚାଲିଥିବା ବିଶ୍ୱ ସେଲିଂ ଚାମ୍ପିୟନଶିପ୍‌ରେ ପ୍ୟାରିସ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଫଳରେ କ୍ରମାଗତ ଦ୍ୱିତୀୟ ଥର ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବାରେ ସେ ପ୍ରଥମ ଭାରତୀୟ ସେଲର ବିବେଚିତ ହୋଇଛନ୍ତି। ମୁମ୍ବାଇସ୍ଥିତ ଆର୍ମି ୟାଟିଂ ନୋଡ୍‌ରେ ଜଣେ ସୁବେଦାର ଭାବେ କାର୍ଯ୍ୟରତ ୨୪ ବର୍ଷୀୟ ସର୍ବାନନ ଏଠାରେ ଚାଲିଥିବା ଆଇଏଲସିଏ-୭ ବିଶ୍ୱ ଚାମ୍ପିୟନଶିପ୍‌ରେ ୨୬ତମ ସ୍ଥାନ ଅଧିକାର କରି ଆଗାମୀ ପ୍ୟାରିସ ଗେମ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଚାମ୍ପିୟନଶିପ୍‌ରେ ସମଗ୍ର ବିଶ୍ୱରୁ ମୋଟ ୧୫୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ୟାରିସ ୨୦୨୪ ପାଇଁ ସେ ପ୍ରଥମ ଭାରତୀୟ ସେଲର ଭାବେ ଯୋଗ୍ୟତା ଅର୍ଜନ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୯ରେ ଅନୁଷ୍ଠିତ ୨୧ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ।



ବିଷ୍ଣୁ ସର୍ବାନନ

# ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ଟିକେଟ ବିକ୍ରି ଆରମ୍ଭ

**ଭୁବନେଶ୍ୱର, ୩୧।୧**

**(ବିଜୟ ରଣା)**

ଭୁବନେଶ୍ୱର ପର୍ଯ୍ୟାୟ ଏଫ୍‌ଆଇଏଚ୍ ପ୍ରୋଲ-ଲିଗ୍ ୨୦୨୩/୨୪ ପାଇଁ ହକି ଇଣ୍ଡିଆ ପକ୍ଷରୁ ଅଫ୍-ଲାଇନ୍ ଟିକେଟ ବିକ୍ରି ବୁଧବାରଠାରୁ ଆରମ୍ଭ ହୋଇଛି। ଏହି ମିନି ଟୁର୍ନାମେଣ୍ଟ ଫେବୃଆରୀ ୩ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରଥମ ଦିବସରେ ଭାରତୀୟ ମହିଳା ହକି ଦଳ ଏସିଆନ ଗେମ୍ସ ଚାମ୍ପିୟନ ଚାଇନା ସହ ମୁକାବିଲା କରିବ। ଏଥିରେ ବିଶ୍ୱର କେତୋଟି ଶ୍ରେଷ୍ଠ ଦଳ ଅଂଶଗ୍ରହଣ କରୁଥିବାରୁ ମ୍ୟାଚଗୁଡ଼ିକ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ସ୍ଥାନୀୟ କଳିଙ୍ଗ ହକି ଷ୍ଟାଡିୟମର ଗେଟ୍ ନମ୍ବର-୯ରେ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଟିକେଟ ବିକ୍ରି ହେଉଛି। ୱେଷ୍ଟ ଷ୍ଟାଣ୍ଡ ଓ ଇଷ୍ଟ ଷ୍ଟାଣ୍ଡ ପାଇଁ ଟିକେଟର ମୂଲ୍ୟ ଯଥାକ୍ରମେ ୫୦୦ ଟଙ୍କା ଓ ୨୦୦ ଟଙ୍କା ରଖାଯାଇଛି। ଅନ୍ୟପକ୍ଷରେ ନର୍ଥ ଷ୍ଟାଣ୍ଡ ଓ ସାଉଥ ଷ୍ଟାଣ୍ଡ ଟିକେଟର ମୂଲ୍ୟ ୧୦୦ ଟଙ୍କା ରହିଛି। କଳିଙ୍ଗ ହକି ଷ୍ଟାଡିୟମରେ ମହିଳା ଦଳଗୁଡ଼ିକର ୧୦ଟି ମ୍ୟାଚ ଫେବୃଆରୀ ୩ରୁ ଫେବୃଆରୀ ୯ ପର୍ଯ୍ୟନ୍ତ ହେବ। ପରେ ପୁରୁଷ ଦଳଗୁଡ଼ିକର ୧୦ଟି ମ୍ୟାଚ ଫେବୃଆରୀ ୧୦ରୁ ୧୬ ପର୍ଯ୍ୟନ୍ତ ହେବ। ମିନି ଟୁର୍ନାମେଣ୍ଟରେ ଭାଗ ନେଉଥିବା ମହିଳାଦଳଗୁଡ଼ିକ ହେଲେ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ), ଚାଇନା, ନେଦରଲାଣ୍ଡ୍ସ, ଅଷ୍ଟ୍ରେଲିଆ ଓ ଭାରତ। ଅଫ୍-ଲାଇନ୍ ଟିକେଟ ବିକ୍ରିର ଶୁଭାରମ୍ଭ ଅବସରରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି, ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଫେବୃଆରୀ ୩ରୁ ପୁଣି ଥରେ ରୋମାଞ୍ଚକ ହକି ଖେଳ ଦେଖିବାକୁ ମିଳିବ। ଏହି ସମ୍ମାନଜନକ ଲିଗ୍‌ରେ ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ଭାଗ ନେଉଥିବାରୁ ଏହାର ମଜା ନେବା ଲାଗି ସମସ୍ତ ଦେଶର ଖେଳପ୍ରେମୀମାନଙ୍କୁ ଆମେ ଆମନ୍ତ୍ରଣ କରୁଛୁ।

# ପ୍ୟାରିସ୍ ଉଦ୍‌ଘାଟନୀ ସମାରୋହରେ ୩ ଲକ୍ଷ ଦର୍ଶକ

**ନୂଆଦିଲ୍ଲୀ,୩୧।୧(ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ର ଉଦ୍‌ଘାଟନୀ ସମାରୋହ ପାଇଁ ଦର୍ଶକ ସଂଖ୍ୟା ହ୍ରାସ କରିଛି ଫ୍ରାନ୍ସ। ପୂର୍ବରୁ ୬ ଲକ୍ଷ ଦର୍ଶକ ଏଥିରେ ଯୋଗ ଦେବା ନେଇ ଯୋଜନା ରହିଥିବା ବେଳେ ବର୍ତ୍ତମାନ ଏହି ସଂଖ୍ୟାକୁ ଅଧା କରି ଦିଆଯାଇଛି। ଫ୍ରାନ୍ସର ଗୃହ ମନ୍ତ୍ରୀ ଜେରାଲ୍ଡ ଡାରମାନିନ ବୁଧବାର ଏହି ସୂଚନା ଦେଇଛନ୍ତି। ପ୍ରଥମ ଥର ପାଇଁ କୌଣସି ଷ୍ଟାଡିୟମ ବଦଳରେ ସିନ୍ ନଦୀ କୂଳରେ ଏହି ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଜୁଲାଇ ୨୬ ତାରିଖରେ ଏହା ଆୟୋଜିତ ହେବ। ବିଶ୍ୱରେ ପ୍ରଥମ ଥର ପାଇଁ ଏଭଳି ହେବାକୁ ଥିବା ବେଳେ ଏହାର ସୁରକ୍ଷା ବ୍ୟବସ୍ଥାକୁ ନେଇ ସମସ୍ୟା ସୃଷ୍ଟି କରିପାରେ। ଏହାକୁ ଦୃଷ୍ଟିରେ ରଖି ଫ୍ରାନ୍ସ ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ସିନ୍ ନଦୀରେ ୬ କିମି ଇଲାକାରେ ଆଥଲେଟଙ୍କ ପରେଡ୍ ଅନୁଷ୍ଠିତ ହେବ। ନଦୀର ଉଭୟ ପାର୍ଶ୍ୱରେ ଦର୍ଶକମାନେ ଛିଡା ହୋଇ ଏହାର ମଜା ନେଇପାରିବେ। ଏଥି ନିମନ୍ତେ ୧ ଲକ୍ଷ ଟିକେଟ ବିକ୍ରି କରାଯାଇଥିବା ବେଳେ ୨.୨ ଲକ୍ଷ ମାଗଣା ଟିକେଟ ବଣ୍ଟା ଯାଇଥିବା ନେଇ ସୂଚନା ଦେଇଛନ୍ତି ଜେରାଲ୍ଡ ଡାରମାନିନ । ପୂର୍ବରୁ ୬ ଲକ୍ଷ ଦର୍ଶକଙ୍କ ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ଅଚାନକ କାହିଁକି ପରିବର୍ତ୍ତନ କରାଗଲା ବୋଲି ପ୍ରଶ୍ନରେ ସେ କୌଣସି ଉତ୍ତର ଦେଇ ନ ଥିଲେ। ଏହା ସହ ସେ ଫ୍ରାନ୍ସର ସୁରକ୍ଷାକର୍ମୀଙ୍କୁ ପ୍ରଶଂସା କରିଥିଲେ। ଆମ ନିକଟରେ ବିଶ୍ୱର ଶ୍ରେଷ୍ଠ ସୁରକ୍ଷା ବ୍ୟବସ୍ଥା ରହିଥିବା ବେଳେ ଆମେ ସଫଳତାର ସହ ଏହି କ୍ରୀଡା ମହାକୁମ୍ଭ ଆୟୋଜନ କରିବୁ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ପୂର୍ବରୁ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ କହିଥିଲେ ଯଦି କଟରପନ୍ଥୀ ଆକ୍ରମଣ ହୁଏ ତେବେ ଆମେ ଏହି ଉଦ୍‌ଘାଟନୀ ସମାରୋହର ସ୍ଥାନ ପରିବର୍ତ୍ତନ କରିବୁ। ତେବେ ସମାନ କାରଣରୁ ଉଦ୍‌ଘାଟନୀ ସମାରୋହର ଦର୍ଶକ ସଂଖ୍ୟା ହ୍ରାସ କରାଯାଇଥିବା ଆଶଙ୍କା କରାଯାଉଛି।









4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ